DHARITRI
ଗୁରୁବାର, ମେ ୭/୨୦୨୦ (୨୦ ପୃଷ୍ଠା) Thursday, May 7/2020
୪୬ଶ ଭାଗ ୧୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## କୃତିଙ୍କ ତୁଳନା ନାହିଁ

ବଲିଉଡ୍ ଅଭିନେତ୍ରୀ କୃତି ଖରବନ୍ଦା ଅତୁଳନୀୟା। ତାଙ୍କ ଖଣ୍ଡାଚାଳନା ସମସ୍ତଙ୍କୁ ଭୁଲ୍ ପ୍ରମାଣିତ କରିଥିଲା ବୋଲି 'ହାଉସ୍‌ଫୁଲ-୪'ର ନିର୍ଦ୍ଦେଶକ ଫର୍‌ହଦ ଶାମଜୀ କହିଛନ୍ତି।

୦୯ ୨୦

## ଏମ୍‌ସିସିର ଦ୍ୱିତୀୟ ଥର ସଭାପତି ହେବେ ସଙ୍ଗକାରା

କୁମାର ସଙ୍ଗକାରା ଦ୍ୱିତୀୟ ଥର ପାଇଁ ମେରିଲ୍‌ବୋନ କ୍ରିକେଟ କ୍ଲବ (ଏମ୍‌ସିସି)ର ସଭାପତି ହେବେ।



# ଜୁନ୍ ୨୦ ପରେ ଯୁକ୍ତ ୩ ପରୀକ୍ଷା

- ଅଗଷ୍ଟ ୩୧ ସୁଦ୍ଧା ପରୀକ୍ଷାଫଳ
- ଅଗଷ୍ଟ ୨୦ ସୁଦ୍ଧା ସରିବ ପିଜି ପରୀକ୍ଷା
- ଅନ୍‌ଲାଇନ୍‌ରେ ଶିକ୍ଷାଦାନ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେବ

**ଭୁବନେଶ୍ୱର, ୬।୫(ବ୍ୟୁରୋ):** ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଯୁକ୍ତ୩ ମହାବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଶେଷବର୍ଷ ପରୀକ୍ଷା ଜୁନ୍ ୨୦ ପରେ ଆରମ୍ଭ ହେବ। ଜୁଲାଇ ୨୪ ସୁଦ୍ଧା ପରୀକ୍ଷା ଶେଷ ହେବ ଓ ଅଗଷ୍ଟ ୩୧ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ। ସେହିପରି ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପୁନର୍ଜନ୍ମ ଓ ପ୍ରାଣୀ ନିର୍ଯାତନା



ଓଡ଼ିଶା-ଆନ୍ଧ୍ର ସୀମାନ୍ତ କିରାଣ୍ଡୁଲ-କୋଟ୍‌ଭାଲ୍‌ସା ରେଳଲାଇନ ତଥା ଚିମିଡ଼ିପାଲି ଷ୍ଟେଶନ ସନ୍ନିକଟ ବୋରା କେଭ୍ ନିକଟରେ ପଥର ଧସିପଡ଼ିଛି। **(ରିପୋର୍ଟ: ପୃଷ୍ଠା-୩)**

# ଏନ୍‌କାଉଣ୍ଟରରେ ହିଜ୍‌ବୁଲ୍ କମାଣ୍ଡର ରିୟାଜ ନିହତ

ଶ୍ରୀନଗର,୬।୫(ପି.ଟି.)

- ହନ୍ଦୱାରା ଆକ୍ରମଣର ପ୍ରତିଶୋଧ ନେଲା ସେନା
- ଉପତ୍ୟକାରେ ମୋବାଇଲ ଇଣ୍ଟରନେଟ୍ ସେବା ବନ୍ଦ

ଜମ୍ମୁ-କଶ୍ମୀରର ହନ୍ଦୱାରାରେ ଗତ ରବିବାର ଆତଙ୍କବାଦୀଙ୍କ ଆକ୍ରମଣରେ ଦୁଇ ସେନା ଅଫିସରଙ୍କ ସମେତ ୫ ଯବାନ ଶହୀଦ ହୋଇଥିଲେ। ଏହାର ୩ ଦିନ ପରେ ସେନା ପ୍ରତିଶୋଧ ନେଇଛି। ପୁଲ୍‌ୱାମା ଜିଲାରେ ବୁଧବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ହିଜ୍‌ବୁଲ ମୁଜାହିଦ୍ଦିନ ସଂଗଠନର ଶୀର୍ଷ କମାଣ୍ଡର ରିୟାଜ୍ ନାଇକୁ ନିହତ ହୋଇଛନ୍ତି। ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ପ୍ରଶାସନ ପକ୍ଷରୁ ଉପତ୍ୟକାରେ ମୋବାଇଲ ଟେଲିଫୋନ ସେବା ଓ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ଉପତ୍ୟକାରେ ହିଜ୍‌ବୁଲ ମୁଜାହିଦ୍ଦିନର ପୋଷ୍ଟର ବୟ ଭାବେ ପରିଚିତ ରିଆଜ ନାଇକୁ ଓରଫ ମହମ୍ମଦ ବିନ୍ କାସିମ୍ ୧୧ଟି ଆତଙ୍କବାଦୀ ମାମଲାରେ ମୋଷ୍ଟ ୱାଣ୍ଟେଡ୍ ଥିଲେ। ତାଙ୍କୁ ଧରାଇଦେଲେ ୧୨ ଲକ୍ଷ ଟଙ୍କା ପୁରସ୍କାର ମିଳିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ସେ ହିଜ୍‌ବୁଲ୍‌ର ☞ପୃଷ୍ଠା-୪



ରିୟାଜ ନାଇକୁ

## ଅପରେଶନ ଜାକ୍‌ବୁଟ୍

ହିଜ୍‌ବୁଲ୍ ମୁଖ୍ୟ କମାଣ୍ଡର ରିୟାଜ ନାଇକୁ ନିହତ ହେବା ସହ ଅପରେଶନ 'ଜାକ୍‌ବୁଟ୍' ସଫଳ ହୋଇଛି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ତଦାରଖରେ ଦକ୍ଷିଣ କଶ୍ମୀରର ପୁଲୱାମା, କୁଲଗାମ, ଅନନ୍ତନାଗ ଓ ଶୋପିଆନ ଜିଲାରେ ଏହି ଅପରେଶନ କରାଯାଇଥିଲା। ସ୍ଥାନୀୟ ଆତଙ୍କବାଦୀମାନେ କୌଣସି ଏକ ଗ୍ରାମରେ ଏକାଠି ହେଲେ ସେମାନେ ନିର୍ଭୟରେ ଗୀତ ଗାଇ ପାର୍ଟି ମନାଇବା ଉପତ୍ୟକାରେ ସାଧାରଣ ଘଟଣା। ବୁରହାନ୍ ଗୋଷ୍ଠୀର ସବୁ ସଦସ୍ୟ ସ୍ଥାନୀୟ ଯୁବକ। ତେଣୁ ସେମାନେ ସ୍ଥାନୀୟ ସୂଚନାଦାତାଙ୍କୁ ନେଇ ଏକ ଶକ୍ତିଶାଳୀ ନେଟୱର୍କ ପ୍ରସ୍ତୁତ କରିଥିଲେ। ସେଥିପାଇଁ ଡୋଭାଲଙ୍କୁ ଏକ ବଡ଼ ଆହ୍ୱାନର ସମ୍ମୁଖୀନ ହେବାକୁ ପଡିଥିଲା। ତେବେ ଉକ୍ତ ଅଞ୍ଚଳ ସମ୍ପର୍କରେ ଡୋଭାଲ ଟିକ୍‌ନିଖ୍ ତଥ୍ୟ ସଂଗ୍ରହ କରିଥିଲେ, ଯାହାକି ସୁରକ୍ଷା ବଳର ଉଚ୍ଚ ପଦାଧିକାରୀଙ୍କ ପାଖରେ ନ ଥିଲା।

# କଷଟି ପଥରରେ ସଂଘୀୟ ସହଯୋଗିତା

## ରାଜ୍ୟଗୁଡ଼ିକର ହାତ ବାନ୍ଧିଦେଇଛି ଲକ୍‌ଡାଉନ୍ ରଣନୀତି

ନୂଆଦିଲ୍ଲୀ,୬।୫

ମହାମାରୀ କରୋନାର ପ୍ରଭାବ ସାରା ବିଶ୍ୱରେ ଦେଖିବାକୁ ମିଳିଛି। ଅଦ୍ୟାବଧି ୧୧୨ ରାଷ୍ଟ୍ରରେ ଆତଙ୍କ ସୃଷ୍ଟି କରିଥିବା ଏହି ଘାତକ ଭୂତାଣୁ ୩.୫ ନିୟୁତ ଲୋକଙ୍କୁ ସଂକ୍ରମିତ କରିସାରିଲାଣି। ଆକ୍ରାନ୍ତଙ୍କ ମଧ୍ୟରୁ ୩୩% ଆମେରିକାର ହୋଇଥିବାବେଳେ ୟୁରୋପରେ ୪୨% ଓ ଏସିଆରେ ୧୬% ଏହି ଭାଇରସ୍‌ରେ ସଂକ୍ରମିତ ହୋଇଛନ୍ତି। ପର୍ଯ୍ୟାପ୍ତ ଯାଞ୍ଚ ବ୍ୟବସ୍ଥାର ଅଭାବକୁ ନେଇ ଚିନ୍ତା ବଢୁଥିବାବେଳେ ସାରା ବିଶ୍ୱର ୧% ଓ ଏସିଆର ପ୍ରାୟ ୭.୫% ଆକ୍ରାନ୍ତ ଭାରତରେ ଥିବା ଜଣାପଡ଼ିଛି। ଦେଶରେ ମୋଟ ସଂକ୍ରମିତଙ୍କ ମଧ୍ୟରୁ ୮୫% କେବଳ ୯ଟି ରାଜ୍ୟରେ ରହିଛନ୍ତି। ସେଗୁଡ଼ିକ ହେଲା ମହାରାଷ୍ଟ୍ର, ଗୁଜରାଟ, ରାଜସ୍ଥାନ, ଉତ୍ତର ପ୍ରଦେଶ (ୟୁପି), ମଧ୍ୟପ୍ରଦେଶ (ଏମ୍‌ପି), ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ପଶ୍ଚିମବଙ୍ଗ ଓ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ। ଏହି ଭୂତାଣୁର ପ୍ରକୃତି, ସଂକ୍ରାମକତା, ଏଥିରୁ ମୁକ୍ତି ପାଇଁ ଚିକିତ୍ସା ଓ ଏହାର ମୁକାବିଲା ପାଇଁ ସମାଧାନ ସ୍ଥାନୀୟ ସ୍ତରରେ କରାଯିବା ଜରୁରୀ ହୋଇପଡ଼ିଛି। ଏଥିପାଇଁ ରାଜ୍ୟଗୁଡ଼ିକ ଏହି ସଙ୍କଟକୁ ଦୂର କରିବା ପାଇଁ ନିଜ ନିଜ ସ୍ତରରେ ଉପାୟ ଆପଣାଇବା ବିଧେୟ। ସ୍ୱାସ୍ଥ୍ୟସେବା ମଧ୍ୟ ରାଜ୍ୟ ସରକାରଙ୍କ ଅଧୀନ। ତେବେ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅନୁସାରେ ପ୍ରଥମ ୨୧ ଦିନିଆ ଲକ୍‌ଡାଉନ୍ ଜାରି ବେଳେ ସେମାନଙ୍କ ସହ ବିଶେଷ ଭାବେ ବିଚାରବିମର୍ଶ କରାଯାଇ ନ ଥିଲା। କେବଳ ମାର୍ଚ୍ଚ ୧୯ରେ ଦିନିକିଆ 'ଜନତା କର୍ଫ୍ୟୁ' ପାଇଁ ଘୋଷଣା ବେଳେ ଲକ୍‌ଡାଉନ୍ ସମ୍ପର୍କରେ ସଙ୍କେତ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର-ରାଜ୍ୟ ସମ୍ପର୍କକୁ ନେଇ ପ୍ରଶ୍ନ ଉଠିଛି।

କେନ୍ଦ୍ର-ରାଜ୍ୟ ମଧ୍ୟରେ ଏକ ସନ୍ତୁଳିତ ସମ୍ପର୍କ ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ନିଜ ପ୍ରଥମ ଭାଷଣରେ ଆବେଗପୂର୍ଣ୍ଣ ଭାବେ କହିଥିଲେ। ତାଙ୍କର ସେହି ପ୍ରତିଶ୍ରୁତି ଓ ସଂଘୀୟ ସହଯୋଗିତା ପାଇଁ ପ୍ରତିଶ୍ରୁତିବଦ୍ଧତା ଏବେ ସମସ୍ୟା ଭିତରେ ଫସିଯାଇଛି। ବିଶେଷକରି ଅର୍ଥନୈତିକ କାର୍ଯ୍ୟକଳାପକୁ ପୁଣିଥରେ ସ୍ୱାଭାବିକ କରିବା ସହ କରୋନା ମୁକାବିଲା ପରିପ୍ରେକ୍ଷୀରେ ଏହା ଜଳଜଳ ହୋଇ ଦେଖାଯାଉଛି।



**ଦାଦନ ଶ୍ରମିକ, ଆର୍ଥିକ ଗତିବିଧି ଓ ସ୍ୱାୟତ୍ତତାର ଆହ୍ୱାନ**

ଏକ ନୂଆ ଗାଇଡ୍‌ଲାଇନ୍ ସହ ମେ ୧୭ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଅବଧି ବୃଦ୍ଧି ନେଇ ଘୋଷଣା ମହାମାରୀର ଅର୍ଥନୈତିକ ଓ ସାମାଜିକ ପ୍ରଭାବକୁ ଦୂର କରିବାରେ ସରକାରୀ ବିଫଳତାକୁ ସୂଚାଏ। ବିଶେଷକରି ୨୦୧୭-୧୮ରେ ଭାରତର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୬୬% ଅବଦାନ ଉପରୋକ୍ତ ରାଜ୍ୟଗୁଡ଼ିକର ☞ପୃଷ୍ଠା-୪

# ୧୭ ଜିଲାରେ କରୋନା କାୟା

ଭୁବନେଶ୍ୱର, ୬।୫(ବ୍ୟୁରୋ)

ବାହାର ରାଜ୍ୟରେ ଫସି ରହିଥିବା ଓଡ଼ିଆ ଶ୍ରମିକଙ୍କ ଘର ବାହୁଡ଼ା ଜାରି ରହିଛି। ଆରମ୍ଭରୁ ଏମାନଙ୍କ ପାଇଁ ରାଜ୍ୟରେ କରୋନା ସ୍ଥିତି ବିଗିଡିବାରେ ଲାଗିଛି। ଦିନକୁ ଦିନ କୋଭିଡ୍-୧୯ ଭୂତାଣୁ କାୟା ବିସ୍ତାର କରିବା ସହ ଗୋଟିଏ ପରେ ଗୋଟିଏ ଜିଲାକୁ ମାଡ଼ି ଚାଲିଛି। ପୂର୍ବରୁ ୧୬ ଜିଲାକୁ ଛୁଇଁଥିବା ଏହି ଭାଇରସ୍ ଏବେ ପ୍ରଥମଥର ଜଗତ୍‌ସିଂହପୁର ଜିଲାକୁ ମାଡ଼ିଯାଇଛି। ଫଳରେ ରାଜ୍ୟରେ କରୋନା ସଂକ୍ରମିତ ଜିଲା ସଂଖ୍ୟା ୧୭ରେ ପହଞ୍ଚିଛି। ବୁଧବାର ରାଜ୍ୟରେ ଆଉ ୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜଗତ୍‌ସିଂହପୁର ଜିଲାର ୪ଜଣ, ଯାଜପୁରର ୨ଜଣ, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଗଞ୍ଜାମ ଜିଲାର ଜଣେ ଲେଖାଏ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୫ଜଣ ସୁରଟରୁ ଆସିଥିବାବେଳେ ୪ଜଣ ପଶ୍ଚିମବଙ୍ଗ ଫେରନ୍ତା ବୋଲି ଜଣାପଡିଛି।

## ଯୋଡ଼ିହେଲା ଜଗତ୍‌ସିଂହପୁର

- ୨୪ଘଣ୍ଟାରେ ଆଉ ୯ କରୋନା ଆକ୍ରାନ୍ତ ଚିହ୍ନଟ
- ୫ ସୁରଟ, ୪ ପଶ୍ଚିମବଙ୍ଗ ଫେରନ୍ତା
- ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୧୮୫କୁ ବୃଦ୍ଧି

ଜଗତ୍‌ସିଂହପୁର ଜିଲାରୁ ଚିହ୍ନଟ ୪ ଆକ୍ରାନ୍ତ ହେଉଛନ୍ତି ପୁରୁଷ। ସେମାନଙ୍କ ବୟସ ଯଥାକ୍ରମେ ୨୬, ୩୨, ୩୦ ଓ ୪୭ ବର୍ଷ। ଏମାନଙ୍କ ଘର ନାଉଗାଁ ଅଞ୍ଚଳରେ ହୋଇଥିବାବେଳେ ତିନିଜଣ ଗୋଟିଏ ପରିବାରର। ସମସ୍ତେ ନିକଟରେ ଗୁଜରାଟ ସୁରଟରୁ ଫେରି କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ସେମାନଙ୍କ ନମୁନା ପରୀକ୍ଷା ☞ପୃଷ୍ଠା-୪



## ରାଜ୍ୟରେ ଦ୍ୱିତୀୟ କରୋନା ମୃତ୍ୟୁ

ରାଜ୍ୟରେ ଆଉଜଣେ କରୋନା ଆକ୍ରାନ୍ତ ଆଖି ବୁଜିଛନ୍ତି। ଭୁବନେଶ୍ୱର ମଧୁସୂଦନନଗରର ଏହି ୭୭ ବର୍ଷୀୟ ଆକ୍ରାନ୍ତଙ୍କ ମଙ୍ଗଳବାର ରାତି ୧୦ଟାରେ ମୃତ୍ୟୁ ଘଟିଛି। ଉଚ୍ଚ ରକ୍ତଚାପ, ମଧୁମେହ ସହ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ଜଣେ କରୋନା ଆକ୍ରାନ୍ତଙ୍କ ଦ୍ୱାରା ସଂକ୍ରମିତ ହୋଇ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଆଡ଼ମିଶନର ଦିନକ ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଅଧିକ ଗୁରୁତର ହେବାରୁ ତାଙ୍କୁ ଏପ୍ରିଲ ୩୦ରୁ ଭେଣ୍ଟିଲେଟରରେ ରଖାଯାଇଥିଲା। ପରେ ତାଙ୍କର ☞ପୃଷ୍ଠା-୪

# ପେଟ୍ରୋଲ, ଡିଜେଲ ଉତ୍ପାଦ ଟିକସରେ ରେକର୍ଡ ବୃଦ୍ଧି

ନୂଆଦିଲ୍ଲୀ,୬।୫

- ରାଜକୋଷକୁ ଆସିବ ୧.୬ ଲକ୍ଷ କୋଟି
- ରିଟେଲ ମୂଲ୍ୟରେ କୌଣସି ବୃଦ୍ଧି ନାହିଁ
- ଅନ୍ତର୍ଜାତୀୟ ବଜାରରେ ତେଲ ଦର ହ୍ରାସରୁ ସରକାରଙ୍କୁ ଫାଇଦା

ବର୍ତ୍ତମାନ ରାଜକୋଷ ଉପରେ ଖର୍ଚ୍ଚଜନିତ ଚାପ ବଢ଼ିଥିବା ବେଳେ ସରକାର ଏହାକୁ ନେଇ ବିକଳ୍ପ ପନ୍ଥା ବାହାର କରିଛନ୍ତି। ଏହାକୁ ଧ୍ୟାନରେ ରଖି ସରକାର ମଙ୍ଗଳବାର ସନ୍ଧ୍ୟାରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଏକ୍ସାଇଜ ଡ୍ୟୁଟି ବା ଉତ୍ପାଦ ଟିକସରେ ରେକର୍ଡ ବୃଦ୍ଧି କରିଛନ୍ତି। ଫଳରେ ଏହି ଟିକସ ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୧୦ ଟଙ୍କା ଓ ୧୩ ଟଙ୍କାକୁ ବୃଦ୍ଧି ଘଟିଛି। ଇନ୍ଧନ ଉପରେ ଟିକସ କଥା ବିଚାର କଲେ ଉତ୍ପାଦ ଟିକସ ଏବଂ ଭାଟ୍ ବାବଦ ଅଂଶ ମୋଟ ମୂଲ୍ୟର ପ୍ରାୟ ୭୦% ଛୁଇଁଛି। ବର୍ତ୍ତମାନ ଅନ୍ତର୍ଜାତୀୟ ଅଶୋଧିତ ତୈଳ ବଜାରରେ ମୂଲ୍ୟ ପ୍ରାୟ ୨ ଦଶନ୍ଧି ତଳକୁ ଖସିଛି। ଏଥିରୁ ତୈଳ ବିପଣନ କମ୍ପାନୀଗୁଡିକ ଲାଭ ଉଠାଉଛନ୍ତି। କାରଣ ପେଟ୍ରୋଲ ଡିଜେଲ ଦରର ରିଟେଲ ମୂଲ୍ୟରେ କୌଣସି ହ୍ରାସ ଘଟିନାହିଁ। କମ୍ପାନୀଗୁଡ଼ିକର ଏହି ସ୍ଥିତିକୁ ବିଚାରକରି ସରକାର ଉତ୍ପାଦ ଟିକସ ବଢାଇଛନ୍ତି। ଫଳରେ ରାଜକୋଷକୁ ୧.୬ ଲକ୍ଷ କୋଟି ଟଙ୍କାର ରାଜସ୍ୱ ଆସିପାରିବ ବୋଲି ସୂଚନା ରହିଛି। ଉତ୍ପାଦ ଟିକସ ବୃଦ୍ଧି କରାଯାଇଥିଲେ ମଧ୍ୟ ☞ପୃଷ୍ଠା-୪

# ବକେୟା ବିଜ୍ଞାପନ ଦେୟ ପୈଠ କଲେ ଗୁଜରାଟ ସରକାର

ମୁମ୍ବାଇ,୬।୫

- ଛାପା ଗଣମାଧ୍ୟମକୁ ଆଶ୍ୱସ୍ତି
- କରୋନା ଯୋଗୁ ମାସିକ ୨୦୦୦ କୋଟି କ୍ଷତି ସହୁଛି ଖବରକାଗଜ ଶିଳ୍ପ

କୋଭିଡ୍-୧୯ ମହାମାରୀ ଯୋଗୁ ଦେଶର ଖବରକାଗଜ ଶିଳ୍ପ ମାସିକ ୨୦୦୦ କୋଟି ଟଙ୍କା କ୍ଷତି ସହୁଛି। ଏପରି ସମୟରେ ଗୁଜରାଟ ସରକାର ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମସ୍ତ ବକେୟା ବିଜ୍ଞାପନ ଦେୟ ପୈଠ କରିବା ସେଠାର ଛାପା ଗଣମାଧ୍ୟମ ପାଇଁ ସହାୟକ ହୋଇପାରିଛି। ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ହସ୍ତକ୍ଷେପ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ପାଣ୍ଠି ପ୍ରବାହ ସ୍ଥିର ରହିଲେ ଏପ୍ରିଲ ପର୍ଯ୍ୟନ୍ତ ପ୍ରକାଶିତ ସମସ୍ତ ବିଜ୍ଞାପନର ବକେୟା ଦେୟ ପୈଠ କରାଯିବ ବୋଲି ରୁପାନୀ କହିଛନ୍ତି।

ଏହି ଅବସରରେ ଗୁଜରାଟ ମୁଖ୍ୟମନ୍ତ୍ରୀ କହିଥିଲେ, ସତ୍ୟ, ଠିକ୍ ଓ ନିର୍ଭରଯୋଗ୍ୟ ସୂଚନାର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଉତ୍ସ ହେଉଛି ଖବରକାଗଜ। ଜନସାଧାରଣଙ୍କୁ ମିଛ ଖବରଠାରୁ ଦୂରେଇ ରଖି ସତ୍ୟ ଖବର ପରିବେଷଣ କରିବା ବର୍ତ୍ତମାନ ସମୟର ଆବଶ୍ୟକତା। ଏଭଳି ଏକ ପ୍ରତିକୂଳ ସମୟରେ ଖବରକାଗଜକୁ ସହାୟତା କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ସରକାର ବିଶ୍ୱାସ କରୁଥିବା ରୁପାନୀ କହିଥିଲେ। ବିଜ୍ଞାପନ ଦେୟ ପୈଠ ଫଳରେ ଗତ ଦୁଇମାସରେ ପ୍ରାୟ ୪୫୦୦ କୋଟି ଟଙ୍କା କ୍ଷତି ସହିଥିବା ଛାପା ଗଣମାଧ୍ୟମ ଉପକୃତ ହୋଇପାରିବ। ଖବରକାଗଜ ଶିଳ୍ପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୩୦ ଲକ୍ଷ ଲୋକ ନିୟୋଜିତ ହୋଇଛନ୍ତି।

ଗୁଜରାଟ ସରକାର ଭଳି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଏବଂ ଅନ୍ୟ ରାଜ୍ୟ ସରକାରମାନେ ଅନୁରୂପ ପଦକ୍ଷେପ ନେବା ସହିତ ଛାପା ଗଣମାଧ୍ୟମକୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ମାଧ୍ୟମରେ ସୁଦୃଢ଼ କରିବା ପାଇଁ ଗଣମାଧ୍ୟମ ବିଶେଷଜ୍ଞମାନେ ମତ ଦେଇଛନ୍ତି। କେନ୍ଦ୍ର ସରକାର ଓ ବିଭିନ୍ନ ବିଭାଗ ଉପରେ ଗଣମାଧ୍ୟମର ୧୫୦୦ରୁ ୧୮୦୦ କୋଟି ଟଙ୍କା ବକେୟା ରହିଛି। କେବଳ ଛାପା ଗଣମାଧ୍ୟମର ୮୦୦ କୋଟି ଟଙ୍କା ବକେୟା ଥିବା ଜଣାପଡିଛି। ସରକାର ବିଜ୍ଞାପନ ବିଲ୍ ପୈଠ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି ଓ ୧୩୫ କୋଟି ଟଙ୍କା ପୈଠ ସରିଲାଣି ବୋଲି ଗତ ସପ୍ତାହରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଥିଲେ।

କରୋନା ମହାମାରୀ ଯୋଗୁ ଛାପା ଗଣମାଧ୍ୟମ ଗୁରୁତର ପ୍ରଭାବିତ ହୋଇଛି। ଲକ୍‌ଡାଉନ ଯୋଗୁ ଖବରକାଗଜ ବିତରଣ ବାଧାପ୍ରାପ୍ତ ହେବା ସହ ବିଜ୍ଞାପନ ଯଥେଷ୍ଟ ହ୍ରାସ ପାଇଛି। ସରକାର ନ୍ୟୁଜ୍‌ପ୍ରିଣ୍ଟ ଉପରେ ୫ ପ୍ରତିଶତ ସୀମା ଶୁଳ୍କ ବସାଇଛନ୍ତି। ପରିଣାମ ସ୍ୱରୂପ ଅଧିକାଂଶ ଛୋଟ ଓ ମଧ୍ୟମ ଖବରକାଗଜ ସଂସ୍ଥା ପ୍ରକାଶନ ବନ୍ଦ କରିଦେଇଛନ୍ତି। ଅନ୍ୟମାନେ ପୃଷ୍ଠା ସଂଖ୍ୟା କମାଇଦେଇଛନ୍ତି। ଆଗାମୀ ୬/୭ ମାସ ପର୍ଯ୍ୟନ୍ତ ଏହି ହାରରେ କ୍ଷତି ଜାରି ରହିବା ଆଶଙ୍କା କରାଯାଉଥିବା ଇଣ୍ଡିଆନ ନ୍ୟୁଜ୍‌ପେପର ସୋସାଇଟି (ଆଇଏନ୍‌ଏସ୍) ପକ୍ଷରୁ କୁହାଯାଇଛି। ଯଦି ସରକାର କୌଣସି ସହାୟତା ପ୍ୟାକେଜ ନ ଆଣନ୍ତି, ତେବେ ଏହି ଶିଳ୍ପକୁ ଆହୁରି ୧୨,୦୦୦ରୁ ୧୫,୦୦୦ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିବ।

# ଛିଡୁନି ରଥ ନିର୍ମାଣ ଅଡୁଆ

ଭୁବନେଶ୍ୱର,୬।୫(ବ୍ୟୁରୋ)

- କେନ୍ଦ୍ରକୁ ଚିଠି ଲେଖିଲା ଆଇନ ବିଭାଗ
- ରାଜ୍ୟ ସରକାରଙ୍କୁ କଂଗ୍ରେସ, ଭାଜପାର ସମାଲୋଚନା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ହେବ କି ନାହିଁ ସେନେଇ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରୁ ନାହିଁ। ଯଦି ରଥଯାତ୍ରା ହେବ ତେବେ ରଥ ନିର୍ମାଣ କେବେ ଠାରୁ ହେବ ତାହା ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ସଙ୍କେତ ମିଳୁ ନାହିଁ। କରୋନା(କୋଭିଡ-୧୯) ସଂକ୍ରମଣକୁ ଦେଖି କେନ୍ଦ୍ର ସରକାର ସମସ୍ତ ପ୍ରକାର ଧାର୍ମିକ ଓ ସାମାଜିକ ସମାଗମ ଉପରେ କଟକଣା ଲଗାଇଛନ୍ତି। ତେବେ ଓଡ଼ିଆଙ୍କ ଭାବାବେଗ ସହ ଜଡ଼ିତ ଥିବା ରଥଯାତ୍ରା ହେବ କି ନ ହେବ ରାଜ୍ୟ ସରକାର ନିଷ୍ପତ୍ତି ନେଇ ପାରୁନାହାନ୍ତି। ଫଳରେ ରଥ ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଗତ ସୋମବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସହମତି ପ୍ରକାଶ ପାଇବା ପରେ ରଥ ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିବାକୁ ସୁପାରିସ କରାଯାଇଥିଲା। ମଙ୍ଗଳବାର ୩ରଥର ମହାରଣା ବହୁ ଆଶାରେ ରଥ ଖଳାରେ ପହଞ୍ଚି ନିର୍ଦ୍ଦେଶକୁ ଅପେକ୍ଷା କରିଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ନିର୍ଦ୍ଦେଶ ନ ଆସିବାରୁ ମହାରଣାମାନେ ଫେରିଯାଇଥିଲେ। ତଥାପି ଆଶା କରାଯାଉଥିଲା ବୁଧବାର ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ନିର୍ଦ୍ଦେଶ ଆସିବ। ହେଲେ ଲକ୍‌ଡାଉନ ସମୟରେ ରଥ ନିର୍ମାଣ ସମ୍ପର୍କରେ ରାଜ୍ୟ ଆଇନ ବିଭାଗ ଚିଠି ☞ପୃଷ୍ଠା-୪



## ଇନ୍‌ଷ୍ଟାଗ୍ରାମ୍ ଗ୍ରୁପ୍ ଆଡମିନ୍ ଗିରଫ

ଇନ୍‌ଷ୍ଟାଗ୍ରାମ ଗ୍ରୁପ୍ 'ବୋଇସ୍ ଲକର ରୁମ୍'ର ଆଡମିନ୍‌ଙ୍କୁ ଦିଲ୍ଲୀ ପୋଲିସର ସାଇବର ସେଲ୍ ଗିରଫ କରିଛି। ସୋସିଆଲ ମିଡିଆ ସାଇଟ୍‌ରେ କମ୍ ବୟସ୍କା ଅଶ୍ଳୀଳ ବାର୍ତ୍ତା ଓ ଝିଅମାନଙ୍କ ଫଟୋକୁ କମ୍ପ୍ୟୁଟରରେ ବଦଳାଯାଇ ଶେୟାର କରିବାରେ ଏହି ଗ୍ରୁପ୍‌କୁ ବ୍ୟବହାର କରାଯାଉଥିଲା। ସୋମବାର ଏହି ଗ୍ରୁପ୍‌ର ଜଣେ ନାବାଳକ ସଦସ୍ୟଙ୍କୁ ଧରାଯାଇଥିଲା। ଗ୍ରୁପ୍‌ର ୧୦ ସଦସ୍ୟଙ୍କୁ ଚିହ୍ନଟ କରାଯାଇଥିବା ପୋଲିସ କହିଛି।



ଉତ୍ତରପ୍ରଦେଶର ମୁଜାଫରନଗର ନିକଟସ୍ଥ ଏକ ଗାଁ ବିଲରେ ଜଣେ ଚାଷୀ ଆଖୁ କାଟି ନେଉଛନ୍ତି।

## ବିଶ୍ୱରେ କରୋନା ସ୍ଥିତି

| ଦେଶ | ମୋଟ ସଂକ୍ରମିତ | ବୁଧବାର ସଂକ୍ରମିତ | ମୋଟ ମୃତ୍ୟୁ | ବୁଧବାର ମୃତ୍ୟୁ | ଆରୋଗ୍ୟ ହୋଇଛନ୍ତି | ଚିକିତ୍ସାଧୀନ |
|---|---|---|---|---|---|---|
| ଆମେରିକା | ୧,୨୪୩,୯୯୩ | ୬,୩୬୦ | ୭୨,୮୪୨ | ୫୭୧ | ୨୦୨,୫୧୨ | ୯୬୮,୬୩୯ |
| ସ୍ପେନ | ୨୫୩,୬୮୨ | ୩,୧୨୧ | ୨୫,୮୫୭ | ୨୪୪ | ୧୫୯,୩୫୯ | ୬୮,୪୬୬ |
| ଇଟାଲୀ | ୨୧୪,୪୫୭ | ୧,୪୪୪ | ୨୯,୬୮୪ | ୩୬୯ | ୯୩,୨୪୫ | ୯୧,୫୨୮ |
| ଜର୍ମାନୀ | ୧୬୭,୩୭୨ | ୩୬୫ | ୬,୯୯୩ | | ୧୩୭,୪୦୦ | ୨୨,୯୭୯ |
| ଫ୍ରାନ୍ସ | ୧୭୦,୫୫୧ | | ୨୫,୫୩୧ | | ୫୨,୭୩୬ | ୯୨,୨୯୪ |
| ଚାଇନା | ୮୨,୮୮୩ | ୨ | ୪,୬୩୩ | | ୭୭,୯୧୧ | ୩୩୯ |
| ଇରାନ | ୧୦୧,୬୫୦ | ୧,୬୮୦ | ୬,୪୧୮ | ୭୮ | ୮୧,୫୮୭ | ୧୩,୬୪୫ |
| ବ୍ରିଟେନ | ୨୦୧,୧୦୧ | ୬,୧୧୧ | ୩୦,୦୭୬ | ୬୪୯ | | ୧୭୦,୬୮୧ |
| ଭାରତ | ୫୨,୩୪୦ | ୨,୯୪୦ | ୧,୭୬୮ | ୭୫ | ୧୪,୯୧୧ | ୩୫,୬୬୧ |
| ପାକିସ୍ତାନ | ୨୨,୫୫୦ | ୫୦୧ | ୫୨୬ | ୧୨ | ୬,୨୧୭ | ୧୫,୮୦୭ |
| ସାରା ବିଶ୍ୱ | ୩,୭୭୭,୪୧୧ | ୫୨,୮୯୩ | ୨୬୧,୧୮୧ | ୩,୧୫୪ | ୧,୨୭୪,୮୭୬ | ୨,୨୪୧,୩୫୪ |

✲ ବୁଧବାର ରାତି ୧୦ଟା ସୁଦ୍ଧା ମିଳିଥିବା ତଥ୍ୟ

# ପାକ୍ ରଚୁଛି ସାଂଘାତିକ ଷଡ଼ଯନ୍ତ୍ର

## ଅନୁପ୍ରବେଶ ଅପେକ୍ଷାରେ ୧୫୦ ଆତଙ୍କବାଦୀ

- ତାଲିମ ସହ ଅନୁପ୍ରବେଶରେ ସହାୟତା କରୁଛି ସେନା
- ଆକ୍ରମଣ ପାଇଁ ଡ୍ରୋନ୍ ବ୍ୟବହାର କରିପାରନ୍ତି

ନୂଆଦିଲ୍ଲୀ,୬।୫

ସାରା ବିଶ୍ୱ ଏବେ ଭୟଙ୍କର ମହାମାରୀ କୋଭିଡ୍-୧୯ ବିରୋଧରେ ଲଢୁଥିବା ବେଳେ ପାକିସ୍ତାନର ଏଥିପ୍ରତି ଭ୍ରୂକ୍ଷେପ ନାହିଁ। ଏହା ଜମ୍ମୁ-କଶ୍ମୀରରେ ଅସ୍ଥିରତା ସୃଷ୍ଟି ଲାଗି ସବୁ ପ୍ରକାର ଉଦ୍ୟମ ଜାରି ରଖିଛି। ପାକ୍ ସୈନ୍ୟ ସୀମାରେ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରି ଆତଙ୍କବାଦୀମାନଙ୍କୁ ଭାରତରେ ଅନୁପ୍ରବେଶ କରାଇବା ଲାଗି ପଥ ସୁଗମ କରୁଛନ୍ତି। ପାକିସ୍ତାନ ଦ୍ୱାରା ତାଲିମପ୍ରାପ୍ତ ୧୫୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ ଲାଗି ପାକ୍ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ବିଭିନ୍ନ ଲଞ୍ଚପ୍ୟାଡ୍‌ରେ ପ୍ରସ୍ତୁତ ହୋଇ ରହିଛନ୍ତି।

ଗତ ରବିବାର ହନ୍ଦୱାରାରେ ଆତଙ୍କବାଦୀମାନଙ୍କର ଏକ ରିସେପ୍ସନ ପାର୍ଟି ହେଉଥିବା ନେଇ ଗୋଇନ୍ଦା ସୂଚନା ମିଳିଥିଲା। ସୁରକ୍ଷା ବଳ ଘଟଣାସ୍ଥଳରେ ପହଞ୍ଚିବା ପରେ ତାହା ଏନ୍‌କାଉଣ୍ଟରର ରୂପ ନେଇଥିଲା, ଯେଉଁଥିରେ ଭାରତୀୟ ସେନାର ୨ ଅଫିସରଙ୍କ ସମେତ ୪ ଯବାନ ଏବଂ ଜମ୍ମୁ-କଶ୍ମୀର ପୋଲିସ୍‌ର ଜଣେ ଅଫିସର ଶହୀଦ ହୋଇଥିଲେ। ଏହା ପରଦିନ ଆତଙ୍କବାଦୀଙ୍କ ଆକ୍ରମଣରେ ୩ ଯବାନ ପ୍ରାଣ ହରାଇଥିଲେ। ଭାରତରେ ଅନୁପ୍ରବେଶ ଲାଗି ସୀମା ସେପାଖେ ୧୫୦ରୁ ଉର୍ଦ୍ଧ୍ୱ ପାକିସ୍ତାନୀ ଆତଙ୍କବାଦୀ ପ୍ରସ୍ତୁତ ହୋଇ ରହିଥିବା ଜମ୍ମୁ-କଶ୍ମୀର ପୋଲିସ ଡିଜି ଦିଲବାଗ୍ ସିଂ ଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତମାସ ୫ ତାରିଖରେ କୁପ୍‌ୱାରାର କେରନ ସେକ୍ଟରରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୫ ଦୁର୍ଦ୍ଧର୍ଷ ଆତଙ୍କବାଦୀ ନିହତ ହୋଇଥିଲେ। କେରନ ସମେତ ଏଲ୍‌ଓସି ଅନ୍ତର୍ଗତ ଅନ୍ୟ ଅଞ୍ଚଳ ଦେଇ ଆତଙ୍କବାଦୀମାନେ ଅନୁପ୍ରବେଶ ଲାଗି କ୍ରମାଗତ ଉଦ୍ୟମ ଜାରି ରଖିଥିବାବେଳେ ସୀମା ଉପରେ ସେନା କଡ଼ା ନଜର ରଖିଛି। ଏହା ସତ୍ତ୍ୱେ ମେ' ପ୍ରଥମ ସପ୍ତାହରେ ୮ ଯବାନ ଶହୀଦ ହେବା ଘଟଣାରୁ କେତେକ ଆତଙ୍କବାଦୀ ଅନୁପ୍ରବେଶ କରିଥିବା ଆଶଙ୍କା କରାଯାଉଛି। ଏଥିସହିତ ଉତ୍ତର କଶ୍ମୀରରୁ ଆତଙ୍କବାଦୀମାନେ ଦକ୍ଷିଣ କଶ୍ମୀରରେ ପ୍ରବେଶ କରି ଏକ ନୂଆ ବାହିନୀ ଗଠନ କରୁଥିବା ସୂଚନା ମିଳିଛି। ତେଣୁ ସୁରକ୍ଷା ବଳକୁ ରଣନୀତି ବଦଳାଇବାକୁ ହେବ ବୋଲି କୁହାଯାଉଛି।



ଗ୍ରୀଷ୍ମଋତୁ ଆରମ୍ଭ ହେବା ସହିତ ପାକିସ୍ତାନ ଏଲ୍‌ଓସି ଅନ୍ତର୍ଗତ ପୁଞ୍ଚ, ଉରି, କେରନ ସେକ୍ଟର ଏବଂ ଅନ୍ତର୍ଜାତୀୟ ସୀମା (ଆଇବି) ଅନ୍ତର୍ଗତ ସାମ୍ବା ଓ କଠୁଆ ସେକ୍ଟର ଦେଇ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାକୁ ଉଦ୍ୟମ କରୁଛି। କଶ୍ମୀରରେ କେତେ ବିଦେଶୀ ଆତଙ୍କବାଦୀ ଅଛନ୍ତି ତାହାର ସ୍ପଷ୍ଟ ସୂଚନା ନାହିଁ। ଉପତ୍ୟକାରେ ସେମାନେ ଆକ୍ରମଣ ପାଇଁ ଡ୍ରୋନ୍ ବ୍ୟବହାର କରିପାରନ୍ତି ବୋଲି ଏକ ଗୋଇନ୍ଦା ସୂଚନା ମିଳିଛି। ପିଓକେରେ ରମଜାନର ଦୁଇଦିନ ପୂର୍ବରୁ ଅନୁଷ୍ଠିତ ଏକ ବୈଠକରେ ହିଜ୍‌ବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ଡ୍ରୋନ ବ୍ୟବହାର କରିବା ନେଇ ନିଷ୍ପତ୍ତି ହୋଇଥିଲା। ସେମାନଙ୍କ ପାଇଁ ଲଶ୍କର-ଇ-ତୋଇବା ଡ୍ରୋନ୍ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଏହି ଡ୍ରୋନ୍ ୫ କିଲୋଗ୍ରାମ୍ ଆଇଇଡି ନେଇ ୩ କିଲୋମିଟର ଦୂରତା ପର୍ଯ୍ୟନ୍ତ ନେଇପାରିବ। ଡ୍ରୋନ୍‌ର ନିୟନ୍ତ୍ରକ ଏହାକୁ ତଳକୁ ଆଣି ବିସ୍ଫୋରଣ କରାଇପାରିବେ। ଆତଙ୍କବାଦୀମାନଙ୍କ ବୈଠକରେ ଜାକିଉର ରେହମନ, ହାମ୍‌ଜା ଆଦନାନ, ମୋସା ଭାଇ, ସୟେଦ ସଲାହୁଦ୍ଦିନ, ଖଲିଦ ସୈଫୁଲ୍ଲା ସାହିବ, ତାହିର ଐଜାଜ ସାହିବ, ନାଏବ ଅମିର ପ୍ରମୁଖ ଯୋଗ ଦେଇଥିଲେ।

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ଇତିମଧ୍ୟରେ ୯ ମାସ ହେଲାଣି। ଏକତରଫା ଭାବେ ଭାରତ ଜମ୍ମୁ-କଶ୍ମୀର ସମ୍ବିଧାନକୁ ବଦଳାଇପାରିବ ନାହିଁ ବୋଲି ପାକିସ୍ତାନ କହିଆସୁଛି। ଏଥିପାଇଁ ନୂଆଦିଲ୍ଲୀ ଉପରେ କୂଟନୈତିକ ଚାପ ପକାଇବାକୁ ଉଦ୍ୟମ କରି ବିଫଳ ହେବା ପରେ ପାକ୍ ସରକାର, ସେନା ଓ ଆତଙ୍କବାଦୀ ସଂଗଠନ ଉପତ୍ୟକାରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ ଚଳାଇଛନ୍ତି। ଚଳିତ ଗ୍ରୀଷ୍ମଋତୁ କଶ୍ମୀରରେ ପାକିସ୍ତାନ ପାଇଁ 'କର ବା ମର' ସ୍ଥିତି ସୃଷ୍ଟି କରିଥିବା କେନ୍ଦ୍ର ନିରାପତ୍ତା ପ୍ରତିଷ୍ଠାନର ଏକ ସୂତ୍ରରୁ ଜଣାପଡିଛି। କାରଣ ଭାରତରେ ଅନୁପ୍ରବେଶ ଲାଗି ଏହା ହେଉଛି ଆତଙ୍କବାଦୀଙ୍କ ପାଇଁ ପ୍ରକୃଷ୍ଟ ସମୟ। ସେମାନେ ଜମ୍ମୁ ଓ ପଞ୍ଜାବ ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମା ଦେଇ ଅନୁପ୍ରବେଶ କରିବାକୁ ଗତ କିଛିମାସ ହେଲା ଉଦ୍ୟମ ଚଳାଇଛନ୍ତି। ଏହାବ୍ୟତୀତ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ପ୍ରେରଣ ଲାଗି ଏଲ୍‌ଓସିକୁ ବ୍ୟବହାର କରାଯାଉଛି।

# ୫୨ ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

- ଦେଶରେ ଗଲାଣି ୧,୭୬୮ ଜୀବନ
- ୨୪ ଘଣ୍ଟାରେ ୨,୯୩୪ ନୂଆ ମାମଲା

ନୂଆଦିଲ୍ଲୀ, ୬।୫

ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୨, ୩୪୦ରେ ପହଞ୍ଚିଛି। ପ୍ରାଣ ହରାଇଲେଣି ୧,୭୬୮ ଲୋକ। ବିଭିନ୍ନ ରାଜ୍ୟରେ ସଂକ୍ରମଣ ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ସବୁଠାରୁ ବଡ଼କଥା ହେଲା ଗତ ୨୪ ଘଣ୍ଟା ମଧ୍ୟରେ ୨,୯୩୪ ନୂଆ ମାମଲା ସାମ୍ନାକୁ ଆସିବା ସହ ୭୫ ଜଣଙ୍କ ମୃତ୍ୟୁ ଘଟିଛି। କ୍ରମବର୍ଦ୍ଧିଷ୍ଣୁ ରୋଗୀସଂଖ୍ୟା ପରିସ୍ଥିତିକୁ ଜଟିଳ କରିପକାଉଛି। ମହାରାଷ୍ଟ୍ରରେ ସଂକ୍ରମିତଙ୍କ ସଂଖ୍ୟା ବୁଧବାର ସୁଦ୍ଧା ୧୬,୭୬୦ରେ ପହଞ୍ଚିଛି। ଅନେକ ସ୍ଥାନରେ ହଟ୍‌ସ୍ପଟ୍ ଚିହ୍ନଟ କରାଯାଇଛି। କେବଳ ବୁଧବାର ଏହି ରାଜ୍ୟରେ ୧,୨୩୪ ନୂଆ ମାମଲା ନଜରକୁ ଆସିଛି। ମହାରାଷ୍ଟ୍ରରେ ମୋଟ ୬୫୧ ବ୍ୟକ୍ତି ପ୍ରାଣ ହରାଇଲେଣି। ଗୁଜରାଟ ଦ୍ୱିତୀୟ ରାଜ୍ୟ ଭାବେ ସଂକ୍ରମିତ ତାଲିକାରେ ରହିଛି। ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୬,୬୨୫ରେ ପହଞ୍ଚିଥିବା ବେଳେ ୩୯୬ ଜଣ ପ୍ରାଣ ହରାଇଲେଣି। ସେହିଭଳି ରାଜଧାନୀ ଦିଲ୍ଲୀରେ ୫,୦୦୪ ବ୍ୟକ୍ତି ଆକ୍ରାନ୍ତ ରହିଥିବା ବେଳେ ୬୫ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ତାମିଲନାଡୁରେ ୪,୮୨୯ ସଂକ୍ରମିତ ଥିବାବେଳେ ମୃତ୍ୟୁସଂଖ୍ୟା ୩୫କୁ ବଢ଼ିଛି। ମଧ୍ୟପ୍ରଦେଶରେ ୧୭୬ ଜଣଙ୍କ ଜୀବନ ଯାଇଥିବା ବେଳେ ୩,୧୩୭ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇଛନ୍ତି। ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ମଧ୍ୟ ସଂକ୍ରମିତଙ୍କ ତାଲିକା ଲମ୍ବି ଲମ୍ବି ଚାଲିଛି। ଏହି ଦୁଇ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ଯଥାକ୍ରମେ ୨,୮୮୦ ଓ ୩,୨୪୦କୁ ବୃଦ୍ଧିପାଇଛି। ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ଏଠାରେ ଯଥାକ୍ରମେ ୫୬ ଓ ୯୦।



ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ୧,୭୭୭ ଭୂତାଣୁ ଆକ୍ରାନ୍ତ ରହିଥିବା ବେଳେ ୩୬ ଜଣ ଜୀବନ ହରାଇଛନ୍ତି। ସେହିଭଳି ପଶ୍ଚିମବଙ୍ଗରେ ୧,୪୫୬ ଆକ୍ରାନ୍ତ ରହିଥିବା ବେଳେ ୧୪୪ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ିଛନ୍ତି। ପଞ୍ଜାବରେ ୨୭, ତେଲଙ୍ଗାନାରେ ୨୯, କର୍ଣ୍ଣାଟକରେ ୨୯ ଜୀବନ ଯାଇଛି। ଯଦିଓ ପ୍ରାୟ ୧୫ ହଜାର ସଂକ୍ରମିତ ସୁସ୍ଥହୋଇ ଘରକୁ ଫେରିଛନ୍ତି, ତଥାପି ଉଗ୍ର ସଂକ୍ରମଣ ସ୍ଥିତି ଏବେ ଭାରତ ଲାଗି ବିପଦ ଆଣିଦେଇଛି। ପ୍ରବାସୀଙ୍କ ପ୍ରତ୍ୟାବର୍ତ୍ତନ ଦୁର୍ଦ୍ଦଶା ବଢ଼ାଇବାର ଆଶଙ୍କା କରାଯାଉଛି। ଏହି ମହାମାରୀରୁ ବର୍ତ୍ତିବା ଲାଗି କେବଳ ସାମାଜିକ ଦୂରତ୍ୱ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଯଦି ଏହାକୁ ଅଣଦେଖା କରାଯାଏ, ତେବେ ପାଶ୍ଚାତ୍ୟ ଦେଶ ଭଳି ପରିଣାମ ଭୋଗକରିବା ହିଁ ସାର ହେବ।

# ପଶ୍ଚିମବଙ୍ଗ: ୨ ଦିନରେ ୮୦ ମୃତ

କୋଲକାତା,୬।୫

ପଶ୍ଚିମବଙ୍ଗରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୩୪୪କୁ ବୃଦ୍ଧି ପାଇଥିବାବେଳେ ମୃତ୍ୟୁହାର ଏଠାରେ ସର୍ବାଧିକ ରହିଛି। ଗତ ଦୁଇଦିନରେ ଏହି ରାଜ୍ୟରେ ୮୦ରୁ ଅଧିକ ଲୋକ କୋଭିଡ୍-୧୯ରେ ପ୍ରାଣ ହରାଇଲେଣି। ମଙ୍ଗଳବାର ୭୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କଠାରେ ଅନ୍ୟାନ୍ୟ ରୋଗ ଥିବା ପଶ୍ଚିମବଙ୍ଗ ସରକାର କହିଥିଲେ। ରାଜ୍ୟରେ କରୋନା ଜନିତ ମୋଟ ମୃତ୍ୟୁସଂଖ୍ୟା ୧୪୦ରେ ପହଞ୍ଚିଛି। ପୂର୍ବରୁ ହୋଇଥିବା ୧୦୫ ମୃତ୍ୟୁ ଘଟଣାରେ ୩୩ଟି ସିଧାସଳଖ କରୋନା ମୃତ୍ୟୁ ଓ ୭୨ଟି କରୋନା ସହିତ ଅନ୍ୟାନ୍ୟ ରୋଗ କାରଣରୁ ହୋଇଥିଲା ବୋଲି ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଅଡିଟ୍ କମିଟି ରିପୋର୍ଟ ଦେଇଥିଲା। ପଶ୍ଚିମବଙ୍ଗରେ କରୋନା ମୃତ୍ୟୁହାର ସର୍ବାଧିକ ହେବାର କାରଣ କମ୍ ପରୀକ୍ଷା, ଦୁର୍ବଳ ତଦାରଖ ଓ ଟ୍ରାକିଂ ବୋଲି କୁହାଯାଉଛି। ସେଠାକୁ ପରିଦର୍ଶନରେ ଯାଇଥିବା କେନ୍ଦ୍ରୀୟ ଟିମ୍ କୋଭିଡ୍-୧୯ ସ୍ଥିତି ସମ୍ପର୍କରେ ଦେଇଥିବା ରିପୋର୍ଟରୁ ଏହା ଜଣାପଡିଛି। ଗତ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମବଙ୍ଗରେ ୮୫ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୋମବାର ସନ୍ଧ୍ୟାରୁ ବିଭିନ୍ନ ହସ୍ପିଟାଲରୁ ୪୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରାଜ୍ୟରେ ମୋଟ ୩୬୪ ସଂକ୍ରମିତ ଆରୋଗ୍ୟ ହୋଇଛନ୍ତି। ପଶ୍ଚିମବଙ୍ଗରେ ମୋଟ ୨୭,୫୭୧ ନମୁନା ପରୀକ୍ଷା କରାଯାଇଛି। ଭାରତରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୯,୩୯୧ରେ ପହଞ୍ଚିଛନ୍ତି।



- ରାଜ୍ୟରେ କରୋନା ମୃତ୍ୟୁହାର ସର୍ବାଧିକ
- ସ୍ୱଳ୍ପ ପରୀକ୍ଷାକୁ ଦାୟୀ କଲା କେନ୍ଦ୍ର

## ଯୋଧପୁରରେ ୩୦ ଯବାନଙ୍କୁ କରୋନା

ଯୋଧପୁର,୬।୫(ପି.ଟି.)

ଦିଲ୍ଲୀର ଜାମା ମସ୍‌ଜିଦ ଅଞ୍ଚଳରେ ସୁରକ୍ଷା ପାଇଁ ପୂର୍ବରୁ ମୁତୟନ ଥିବା ୩୦ ବିଏସ୍‌ଏଫ୍ ଯବାନ କରୋନା ସଂକ୍ରମିତ ଥିବା ଜଣାପଡିଛି। ଉକ୍ତ ଯବାନମାନଙ୍କର ସମ୍ପୂର୍ଣ୍ଣ କମ୍ପାନୀକୁ ସୋମବାର ବିମାନରେ ଯୋଧପୁର ନିଆଯାଇ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ବୁଧବାର ନମୁନା ପରୀକ୍ଷାରୁ ୩୦ ଜଣଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ସଂକ୍ରମିତମାନଙ୍କୁ ଚିକିତ୍ସା ପାଇଁ ଏମ୍ସରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟମାନେ କ୍ୱାରାଣ୍ଟାଇନରେ ରହିବେ।




ବୁଦ୍ଧ ପୂର୍ଣ୍ଣିମାର ଅବ୍ୟବହିତ ପୂର୍ବରୁ ଭୋପାଳରେ ମାସ୍କ ପିନ୍ଧି ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ଶ୍ରଦ୍ଧାଳୁ।

# ୧୬୧୦ କୋଟିର ପ୍ୟାକେଜ୍ ଘୋଷଣା

## କର୍ଣ୍ଣାଟକର କୋଭିଡ୍ ମୁକାବିଲା

ବେଙ୍ଗାଲୁରୁ,୬।୫(ପି.ଟି.)

ଲକ୍‌ଡାଉନ ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଲୋକମାନଙ୍କ ସହାୟତା ଲାଗି କର୍ଣ୍ଣାଟକ ସରକାର ବୁଧବାର ୧୬୧୦ କୋଟି ଟଙ୍କାର ରିଲିଫ୍ ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର କୃଷକ, ଫୁଲଚାଷୀ, ଧୁଲେଇ କର୍ମଚାରୀ, ଅଟୋରିକ୍ସା ଓ ଟ୍ୟାକ୍ସି ଚାଳକ, ଏମ୍‌ଏସ୍‌ଏମ୍‌ଇ, ବୃହତ୍ ଶିଳ୍ପ, ବୁଣାକାର, ନିର୍ମାଣ ଶ୍ରମିକ ଓ ବାରିକମାନେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ଦ୍ୟୁରପ୍ପା ପ୍ୟାକେଜ୍ ଘୋଷଣା କରିବା ଅବସରରେ କହିଛନ୍ତି। ରାଜ୍ୟ ସରକାର ଉତ୍ପାଦ ଶୁଳ୍କକୁ ୧୧ ପ୍ରତିଶତ ବୃଦ୍ଧି କରିଛନ୍ତି। ଫୁଲଚାଷୀମାନଙ୍କୁ ହେକ୍ଟର ପିଛା ୨୫,୦୦୦ ଟଙ୍କା କ୍ଷତିପୂରଣ ଯୋଗାଇଦିଆଯିବ। ସେହିପରି ରଜକ, ବାରିକ, ଅଟୋ ଓ ଟ୍ୟାକ୍ସି ଚାଳକଙ୍କୁ ମଧ୍ୟ ୫୦୦୦ ଟଙ୍କା ଲେଖାଏ ମିଳିବ। ବୁଣାକାରମାନଙ୍କର ୨୯ କୋଟି ଟଙ୍କା ଋଣ ଛାଡ଼ ହୋଇଥିବାବେଳେ ଆଉ ୮୦ କୋଟି ତୁରନ୍ତ ଛାଡ଼ କରିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ରାଜ୍ୟକୁ ପଠାଇବା ପାଇଁ ଟ୍ରେନ୍ ଯୋଗାଇଦେବା ଅନୁରୋଧକୁ ସରକାରର ପ୍ରତ୍ୟାହାର କରିନେଇଛନ୍ତି। ଶ୍ରମିକମାନେ ପଳାଇଗଲେ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ବିଲ୍ଡରମାନେ କହିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି।

# କରୋନାକୁ ନିଷ୍ପ୍ରଭ କରିବ ବିକଶିତ ଟିକା

## ଇସ୍ରାଏଲ ପରେ ଇଟାଲୀକୁ ସଫଳତା

ରୋମ୍, ୬।୫

ମହାମାରୀ କରୋନା ତାଣ୍ଡବ ବିଶ୍ୱବ୍ୟାପୀ ଜାରି ରହିଛି। ୨୧୨ ଦେଶର ଲୋକମାନେ ଏହାକୁ ନେଇ କୋକୁଆ ଭୟରେ ରହିଛନ୍ତି। ସାରା ବିଶ୍ୱରେ ଏବେ ପ୍ରାୟ ୩୮ ଲକ୍ଷ ଲୋକ କରୋନା ଭୂତାଣୁ ଜାଲରେ ଫସିଥିବା ବେଳେ ୨ ଲକ୍ଷ ୬୦ ହଜାର ଲୋକଙ୍କ ପ୍ରାଣ ଗଲାଣି। ସଂକ୍ରମିତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ ଖୁସି ଖବର ଲୋକଲୋଚନକୁ ଆସିଛି। ମଙ୍ଗଳବାର ଇସ୍ରାଏଲ ବୈଜ୍ଞାନିକମାନେ କରୋନାକୁ ପ୍ରଭାବହୀନ କରିବା ଲାଗି ବିକଶିତ ଆଣ୍ଟିବଡି ପ୍ରସ୍ତୁତ କରାଯାଇଥିବା ପ୍ରକାଶ କରିଥିବା ବେଳେ ଇଟାଲୀ ପକ୍ଷରୁ ମଧ୍ୟ ଅନୁରୂପ ଦାବି କରାଯାଇଛି। କରୋନାକୁ ମାତ୍‌ଦେବା ଲାଗି ବିକଶିତ ଟିକା ଇଟାଲୀୟ ବୈଜ୍ଞାନିକମାନେ ବାହାର କରିଥିବା ଦାବି କରିଛନ୍ତି। ଏହି ଟିକା ମଣିଷ କୋଷରେ ଭୂତାଣୁ ସଂକ୍ରମଣ ଓ ପ୍ରଭାବକୁ ନଷ୍ଟକରିବାରେ ସହାୟକ ହେବ ବୋଲି ଦାବି କରାଯାଇଛି। ରୋମ୍‌ର ଏକ ହସ୍ପିଟାଲରେ ଏହାର ସଫଳ ପରୀକ୍ଷା କରାଯାଇଛି।




ରିପୋର୍ଟରୁ ଜଣାପଡ଼ିଛି ଯେ, ଟାକିସ୍ କମ୍ପାନୀର କେତେଜଣ ବୈଜ୍ଞାନିକ ମୂଷାଙ୍କଠାରେ ପ୍ରଥମେ ବିକଶିତ ଆଣ୍ଟିବଡିର ପରୀକ୍ଷା କରିଥିଲେ। ମଣିଷ କୋଷକୁ ଭୂତାଣୁରହିତ କରିବା ଲାଗି ଏହି ଆଣ୍ଟିବଡି ସଫଳ ହୋଇପାରିବ ବୋଲି ମଧ୍ୟ ସେମାନେ ଦାବି କରିଛନ୍ତି। ଏନେଇ ପ୍ରସ୍ତୁତ ଟିକାକୁ ମଣିଷର ମାଂସପେଶୀରେ ଦିଆଯିବା ପରେ ସାମାନ୍ୟ ବୈଦ୍ୟୁତିକ ଆବେଗ ଅନୁଭୂତ ହେବ। ଫୁସ୍‌ଫୁସ୍ ସଂକ୍ରମଣକୁ ରୋକିବା କ୍ଷେତ୍ରରେ ଏହା ବିଶେଷ ଫଳପ୍ରଦ ହୋଇପାରିବ ବୋଲି ଗବେଷକମାନେ କହିଛନ୍ତି। କରୋନା ଭୂତାଣୁ ଆକ୍ରାନ୍ତଙ୍କୁ ଏହି ଟିକା ଦିଆଗଲେ ସେ ସୁସ୍ଥ ହୋଇପାରିବେ ବୋଲି ଦାବି କରାଯାଇଛି। ଟାକିସ୍ କମ୍ପାନୀର ସିଇଓ ଲୁଇଗି ଅରିସଚ୍ଚିଓ କହିଛନ୍ତି, ବିଶ୍ୱସ୍ତରରେ ଏହାକୁ ପ୍ରସାର ଓ ବିକଶିତ କରିବା ଲାଗି ଆମେ ଆଗ୍ରହୀ। ଏଭଳି ଟିକା ବାହାରକରିବା ଲାଗି ୯ ମାସରୁ ୨ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ଲାଗିଥାଏ। ତେବେ ଖୁବ୍ କମ୍ ସମୟ ମଧ୍ୟରେ ଏହାକୁ ଉଦ୍ଭାବନ କରାଯାଇ ପାରିଛି। ଇସ୍ରାଏଲ ଓ ଇଟାଲୀୟ ବୈଜ୍ଞାନିକଙ୍କ ଏଭଳି ଦାବିକୁ ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା ଜୋର୍ ଧରିଛି।

## ସଂକ୍ଷେପରେ

### ପୂର୍ବତନ ମନ୍ତ୍ରୀ ହରପ୍ରସାଦ ମହାପାତ୍ରଙ୍କ ପରଲୋକ



**ବାଲେଶ୍ୱର ଅଫିସ/ ସୋର,୬।୫(ଡି.ଏନ୍.ଏ):** ବାଲେଶ୍ୱରର ଅନ୍ୟତମ ବିଶିଷ୍ଟ ବ୍ୟକ୍ତି ତଥା ପୂର୍ବତନ ମନ୍ତ୍ରୀ ହରପ୍ରସାଦ ମହାପାତ୍ର(୯୭)ଙ୍କର ବୁଧବାର ସହଦେବଖୁଣ୍ଟାସ୍ଥିତ ବାସଭବନରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଚିକିତ୍ସାଧୀନ ଥିଲେ। ତେବେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ମହାପାତ୍ରଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ପାଖର ପଞ୍ଚାୟତରେ ୧୯୨୩ ରେ ସେ ଜନ୍ମ ଗ୍ରହଣ କରଥିଲେ। ୧୯୬୭ରେ ସୋର ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇ ଆଇନ ବିଭାଗ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୭୧ରୁ ୧୯୭୪ ପର୍ଯ୍ୟନ୍ତ ଦୈନିକ 'ସ୍ୱରାଜ୍ୟ'ର ସମ୍ପାଦକ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ପରବର୍ତ୍ତୀ ସମୟରେ ସେ ଜନତା ପାର୍ଟିରେ ଯୋଗ ଦେଇ ୧୯୭୭ରେ ସୋର ନିର୍ବାଚନ ମଣ୍ଡଳୀରୁ ପୁନର୍ବାର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

### ରାଜ୍ୟରେ ଲାଗୁ ହେଲା ଇ-ପାସ୍ ବ୍ୟବସ୍ଥା

**ଭୁବନେଶ୍ୱର,୬।୫(ବ୍ୟୁରୋ):** ଲକ୍‌ଡାଉନ ଯୋଗୁ ଓଡ଼ିଶାରେ ଅଟକି ରହିଥିବା ଅନ୍ୟ ରାଜ୍ୟର ଲୋକଙ୍କ ପାଇଁ ଖୁସି ଖବର। ଏବେ ରାଜ୍ୟରେ ଇ-ପାସ୍ ବ୍ୟବସ୍ଥା ଲାଗୁ ହୋଇଛି। ଏହି ପାସ୍ ମାଧ୍ୟମରେ ଓଡ଼ିଶାରେ ଅଟକି ଥିବା ଲୋକେ ନିଜ ରାଜ୍ୟକୁ ସ୍ୱାସ୍ଥ୍ୟ କିମ୍ବା ଜରୁରୀ କାର୍ଯ୍ୟରେ ଯାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ covid19.odisha.gov.inରେ ନିଜର ବିବରଣୀ ଦେଇ ଆବେଦନ କରିବାକୁ ପଡ଼ିବ। କେଉଁଠାରୁ କେଉଁ ସ୍ଥାନକୁ ଯିବେ ଏବଂ ଡ୍ରାଇଭରଙ୍କ ସମ୍ପର୍କରେ ବିସ୍ତୃତ ସୂଚନା ଦେବାକୁ ପଡ଼ିବ। ଆବେଦନ ପରେ ସମ୍ପୃକ୍ତ ଜିଲା ପ୍ରଶାସନ ଏହାକୁ ସମୀକ୍ଷା କରିବେ। ଅନ୍‌ଲାଇନରେ ଇ-ପାସ୍ ଗୃହୀତ ହେବାପରେ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କର ଯାନ ସମ୍ପର୍କିତ ବିବରଣୀ ଏସ୍‌ଏମ୍‌ଏସ୍ ଏବଂ ଇ-ମେଲ୍ ମାଧ୍ୟମରେ ଜଣାଇ ଦିଆଯିବ ବୋଲି ଏହି ଟୁଇଟ୍‌ରେ ସୂଚନା ଦିଆଯାଇଛି।

# ରୂପ ବଦଳାଉଛି କରୋନା ଭାଇରସ୍

**ୱାଶିଂଟନ,୬।୫**

■ ପୂର୍ବ ଅପେକ୍ଷା ଅଧିକ ବିପଜ୍ଜନକ ଏବଂ ସଂକ୍ରାମକ
■ ଚେତାଇଦେଲେ ଆମେରିକା ବୈଜ୍ଞାନିକ



କରୋନା ଭାଇରସ୍ ବିଷୟରେ ନୂଆ ନୂଆ ତଥ୍ୟ ହସ୍ତଗତ ହେଉଛି। ହେଲେ ଆମେରିକାର ଲସ୍ ଆଲାମୋସ୍ ନ୍ୟାଶନାଲ୍ ଲାବରେଟୋରି(ଏଲ୍‌ଏଏନ୍‌ଏଲ୍)ର ବୈଜ୍ଞାନିକମାନେ ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ କରିଛନ୍ତି। ଅଦ୍ୟାବଧି ୨ ଲକ୍ଷ ୬୦ ହଜାର ଲୋକଙ୍କ ଜୀବନ ନେଇଥିବା ଏହି ଘାତକ ଭୂତାଣୁର ପରିବର୍ତ୍ତିତ ରୂପକୁ ସେମାନେ ଚିହ୍ନଟ କରିଛନ୍ତି, ଯାହାକି ସାରା ବିଶ୍ୱକୁ ବ୍ୟାପି ଚାଲିଛି। ମହାମାରୀ ଆରମ୍ଭରେ ଅର୍ଥାତ୍ ୨୦୧୯ରେ ଦେଖିବାକୁ ମିଳିଥିବା କରୋନା ଭୂତାଣୁଠାରୁ ଏହା ଅଧିକ ବିପଜ୍ଜନକ ଏବଂ ସଂକ୍ରାମକ ବୋଲି ସେମାନେ କହିଛନ୍ତି।

ଏଲ୍‌ଏଏନ୍‌ଏଲ୍ ହେଉଛି ଆମେରିକା ଏନର୍ଜି ଡିପାର୍ଟମେଣ୍ଟର ଜାତୀୟ ଲାବରେଟୋରି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆଣବିକ ଅସ୍ତ୍ରଶସ୍ତ୍ରର ପରିକଳ୍ପନା ପାଇଁ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ଏହାର ବୈଜ୍ଞାନିକମାନେ ସେମାନଙ୍କ ଅନୁସନ୍ଧାନ ବିଷୟରେ ୩୩ ପୃଷ୍ଠାର ରିପୋର୍ଟ ଗତ ଗୁରୁବାର ପ୍ରକାଶ କରିଛନ୍ତି। କିନ୍ତୁ ତାହାର ସମୀକ୍ଷା କରାଯିବା ବାକି ରହିଛି। ଲସ୍ ଏଞ୍ଜେଲସ୍ ଟାଇମ୍ସ ଅନୁଯାୟୀ, ଫେବୃୟାରୀରେ ୟୁରୋପରେ ବ୍ୟାପିଥିବା କରୋନା ଭାଇରସ୍ ନୂଆ ପ୍ରକାରର ବୋଲି ଜଣାପଡ଼ିଥିଲା। ପରେ ତାହା ଆମେରିକାର ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ପହଞ୍ଚିଥିଲା। ମାର୍ଚ୍ଚମଧ୍ୟଭାଗରେ ତାହା ସମଗ୍ର ବିଶ୍ୱରେ ବ୍ୟାପିଯାଇଥିଲା।

ରିପୋର୍ଟରେ କୁହାଯାଇଛି ଯେ, ଏହି ଭୂତାଣୁ ଶୀଘ୍ର ବ୍ୟାପିଥାଏ ଏବଂ ଥରେ ସଂକ୍ରମଣ ହେଲେ ଏହା ଦ୍ୱିତୀୟ ଥର ପାଇଁ ରୋଗୀଙ୍କୁ ଅଧିକ ବିପଜ୍ଜନକ ଭାବେ ଆକ୍ରମଣ କରିଥାଏ। କରୋନା ଭାଇରସ୍‌ର ବାହ୍ୟ ଅଂଶରେ ଥିବା ଶଙ୍କୁ ବା କିଳାଗୁଡ଼ିକର ଆକୃତି ପରିବର୍ତ୍ତନ ଦେଖିବାକୁ ମିଳୁଛି। ଉକ୍ତ ଶଙ୍କୁଗୁଡ଼ିକ ଭୂତାଣୁକୁ ମାନବ ଶ୍ୱାସପ୍ରଶ୍ୱାସ କୋଷଗୁଡ଼ିକରେ ପ୍ରବେଶ କରିବାକୁ ଦେଇଥାଏ। ଏହି ଭୂତାଣୁର ଅଧିକ ବିପଜ୍ଜନକ ଓ ସଂକ୍ରାମକ ରୂପ ବିଷୟରେ ତୁରନ୍ତ ସଜାଗ ହେବାର ଜରୁରୀ ଆବଶ୍ୟକତା ଥିବା ରିପୋର୍ଟ ପ୍ରସ୍ତୁତକାରୀମାନେ ଅନୁଭବ କରୁଛନ୍ତି। ଫଳରେ କରୋନା ନିରୋଧୀ ଟିକା ପ୍ରସ୍ତୁତିରେ ଲାଗିଥିବା ବୈଜ୍ଞାନିକମାନେ ଏଥିପ୍ରତି ଧ୍ୟାନଦେଇ କାର୍ଯ୍ୟ କରିପାରିବେ। ସାରା ବିଶ୍ୱର ୬ ହଜାରରୁ ଊର୍ଦ୍ଧ୍ୱ କରୋନା ଭୂତାଣୁଜନିତ ପରିଣାମକୁ ବୈଜ୍ଞାନିକମାନେ ଗଣନାତ୍ମକ ବିଶ୍ଳେଷଣ କରିବା ପରେ ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହି ଅଧ୍ୟୟନରେ କାଲିଫର୍ନିଆର ଡ୍ୟୁକ୍ ୟୁନିଭର୍ସିଟି ଓ ବ୍ରିଟେନର ଶେଫିଲ୍ଡ ୟୁନିଭର୍ସିଟିରର ବୈଜ୍ଞାନିକମାନଙ୍କ ସହ ଏଲ୍‌ଏଏନ୍‌ଏଲ୍ ଟିମ୍ କରୋନା ଭୂତାଣୁରେ ୧୪ ପ୍ରକାର ପରିବର୍ତ୍ତନ ଚିହ୍ନଟ କରିଥିଲେ। ଏଲ୍‌ଏଏନ୍‌ଏଲ୍ ଟିମ୍‌ର ନେତୃତ୍ୱ ନେଉଥିବା ବୈଜ୍ଞାନିକ ବେଟେ କୋରବର୍ ତାଙ୍କ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଭୂତାଣୁର ପରିବର୍ତ୍ତିତ ରୂପ ଅତି ଶୀଘ୍ର ପ୍ରକଟ ହେଉଥିବା ଆମେ ଦେଖିଛୁ, ଯାହାକି ଚିନ୍ତାଜନକ ବିଷୟ। ମାର୍ଚ୍ଚରେ ଏହା ପ୍ରବଳ ମହାମାରୀ ସାବ୍ୟସ୍ତ ହୋଇଛି।

## ନୃସିଂହ ଚତୁର୍ଦ୍ଦଶୀରେ କଣଗୁଜ ଅନୁକୂଳ ହେଲାନି

**ପୁରୀ ଅଫିସ, ୬।୫**

ବୁଧବାର ଥିଲା ପବିତ୍ର ନୃସିଂହ ଚତୁର୍ଦ୍ଦଶୀ। ଏହି ତିଥିରେ ପରମ୍ପରା ଅନୁଯାୟୀ ରଥଖଳାରେ ତିନିରଥର କଣଗୁଜ ଅନୁକୂଳ ହୋଇଥାଏ। କିନ୍ତୁ ଏଥର ନୃସିଂହ ଚତୁର୍ଦ୍ଦଶୀରେ କଣଗୁଜ ଅନୁକୂଳ ହୋଇପାରିଲା ନାହିଁ। କେତେଜଣ ରୂପକାର ସେବକ ରଥଖଳାକୁ ଆସିଥିଲେ। କିନ୍ତୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ସେମାନେ ଫେରିଯାଇଥିଲେ।

ତାଳଧ୍ୱଜ ରଥର ରୂପକାର ପଞ୍ଚାନନ ମହାପାତ୍ର କହିଛନ୍ତି, ନୃସିଂହ ଚତୁର୍ଦ୍ଦଶୀରେ ତିନିରଥର ମୁଖ୍ୟ ବିଶ୍ୱକର୍ମା ମହାପ୍ରଭୁଙ୍କ ଲାଗି ମାଳ, ମାହାର୍ଦ୍ଦ ଲଡୁ କଣଗୁଜ ପାଇଁ ଥିବା ୩ ଖଣ୍ଡ କାଠରେ ରଖି ପୂଜାର୍ଚ୍ଚନା କରି ନଡ଼ିଆ ଭାଙ୍ଗିଥାନ୍ତି। ଏହାପରେ ମହାରଣାମାନେ ସେହି କାଠକୁ ଚଉପଟ କରନ୍ତି। କାଠ ଚଉପଟ ସରିବା ପରେ ମୁଖ୍ୟ ବିଶ୍ୱକର୍ମା ତିନିରଥର ରୂପକାର ସେବକଙ୍କୁ ଏହାକୁ ହସ୍ତାନ୍ତର କରିଥାନ୍ତି। ଏହାପରେ ତିନିରଥର ମୁଖ୍ୟ ରୂପକାର ସେହି କାଠ ଉପରେ ମାହାର୍ଦ୍ଦ ମାଳ ରଖି କଣଗୁଜ ଅନୁକୂଳ କରିଥାନ୍ତି।

### ରୂପକାର ସେବକ ଆରମ୍ଭ କରିପାରିଲେନି କାମ

ରୂପକାରମାନେ କଣଗୁଜରେ ପାରମ୍ପରିକ ରୀତିରେ ସିଂହ ବିରାଳ ଖୋଦେଇ କରିଥାନ୍ତି। ପ୍ରଥମେ ଚିତ୍ର ଆଙ୍କି ନିହଣ ଓ ମୁଗୁର ଦ୍ୱାରା ସେମାନେ ଖୋଦେଇ କରିଥାନ୍ତି। ତାଳଧ୍ୱଜ ଓ ନନ୍ଦିଘୋଷରେ ୧୬ଟି ଲେଖାଏ କଣଗୁଜ ଏବଂ ସୁଭଦ୍ରାଙ୍କ ରଥରେ ୧୨ଟି କଣଗୁଜ ରହିଥାଏ। ସେହିପରି ନନ୍ଦିଘୋଷ ଓ ତାଳଧ୍ୱଜ ରଥରେ ୧୨ଟି ଲେଖାଏ ପଟାଗୁଜ ରହୁଥିବାବେଳେ ସୁଭଦ୍ରାଙ୍କ ରଥରେ ୮ଟି ପଟାଗୁଜ ରହିଥାଏ। ଭଉଁରୀ ପରେ ପଟାଗୁଜ କାମ ଆରମ୍ଭ ହୁଏ। ଏଥିରେ ଗଜ ବିରାଳ, ନର ବିରାଳ, ଗଜ-ସିଂହ ବିରାଳ ଅଙ୍କନ କରାଯାଏ। ଏହାବ୍ୟତୀତ ଦୁଆରବେଢା ତଳେ ୮ଟି ଲେଖାଏ ନାଟଗୋଡ ହୋଇଥାଏ। ତିନିରଥ ପାଇଁ ମୋଟ ୨୪ଟି ନାଟଗୋଡ଼ ହୁଏ। ଶେଷରେ ତିନିଠାକୁରଙ୍କ ପଛପଟ ପ୍ରଭା କାମ ରୂପକାର ସେବକମାନେ ଖୋଦେଇ କରିଥାନ୍ତି।

## ପଥର ଧସି ରେଳ କର୍ମଚାରୀଙ୍କ ସମେତ ୩ ମୃତ

■ କିରାଣ୍ଡୁଲ-କୋଟ୍‌ଭାଲସା ରେଳ ଲାଇନରେ ଦୁର୍ଘଟଣା
■ ପଥର ତଳେ ଚାପିହୋଇ ରହିଥିଲେ ୭
■ ମୃତକଙ୍କ ପରିବାରକୁ ମିଳିବ କ୍ଷତିପୂରଣ

**ରାୟଗଡ଼ା ଅଫିସ/ ଜୟପୁର,୬।୫(ନି.ପ୍ର.)**

ଓଡ଼ିଶା-ଆନ୍ଧ୍ର ସୀମାନ୍ତ କିରାଣ୍ଡୁଲ-କୋଟ୍‌ଭାଲ୍‌ସା ରେଳଲାଇନ ତଥା ଚିମିଡ଼ିପାଲି ଷ୍ଟେଶନ ସନ୍ନିକଟ ବୋରା କେଭ୍ ନିକଟରେ ପଥର ଧସି ବୁଧବାର ଜଣେ ରେଳ କର୍ମଚାରୀଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ଘଟିଛି। ସୂଚନା ପ୍ରକାରେ, ମଙ୍ଗଳବାର ସନ୍ଧ୍ୟାରେ ବର୍ଷା ଯୋଗୁ ପୂର୍ବତଟ ରେଳ ଜୋନ୍ ତଥା ୱାଲ୍‌ଟିୟର୍ ଡିଭିଜନ୍ ଅଧୀନ ଏହି ରେଳ ଲାଇନ୍‌ରେ ପାହାଡ଼ରୁ ପଥର ଧସିଥିଲା। ଏହାକୁ ସଫା କରିବା ପାଇଁ ରେଲୱେ ପକ୍ଷରୁ ବୁଧବାର ୩୦ ଜଣଙ୍କୁ ନିୟୋଜିତ କରାଯାଇଥିଲା। ସନ୍ଧ୍ୟାରେ ସେମାନେ ଅଧା କାମକରି ଫେରିଥିଲେ। ବୁଧବାର କାମ କରିବା ସମୟରେ ପୁଣି ପଥର ଧସିଥିଲା। ଫଳରେ ୭ ଜଣ ପଥର ତଳେ ଚାପିହୋଇ ରହିଯାଇଥିଲେ। ସେମାନଙ୍କୁ



ଉଦ୍ଧାର ହୋଇଥିବା ଆହତ ଶ୍ରମିକ।

ଗୁରୁତର ଅବସ୍ଥାରେ ବିଶାଖାପାଟଣାସ୍ଥିତ ଏକ କର୍ପୋରେଟ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ବ୍ୟକ୍ତିମାନେ ହେଲେ ରେଲୱେ କର୍ମଚାରୀ ଭି. ସୁରେଶ କୁମାର(୨୯), ଠିକା ଶ୍ରମିକ କେ. ଭୀରା ସ୍ୱାମୀ(୫୫) ଓ ଚୁକା ସୁରୀ ବାବୁ(୪୫)। ସେହିପରି ଅନ୍ୟ ୪ ଜଣଙ୍କ ଚିକିତ୍ସା ଚାଲିଥିବା ସୂଚନା ମିଳିଛି। ରେଲୱେ ଅଧିକାରୀମାନେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଭାଗର ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବା ସହ ଗୁରୁତରମାନଙ୍କ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ୱାଲ୍‌ଟିୟର୍ ରେଳ ଡିଭିଜନ୍‌ର ପିଆର୍‌ଓ ପି. ଜୟରାମ ସୂଚନା ଦେଇଛନ୍ତି।

## ପ୍ରବାସୀ ଓଡ଼ିଆଙ୍କୁ ସନ୍ଦେହ ନ କରିବାକୁ ପରାମର୍ଶ

**ଭୁବନେଶ୍ୱର,୬।୫(ବ୍ୟୁରୋ)**

ରାଜ୍ୟ ବାହାରୁ ଫେରୁଥିବା ପ୍ରବାସୀଙ୍କ ପ୍ରତି ବୈମାତୃକ ମନୋଭାବ ନ ରଖିବାକୁ ପରାମର୍ଶ ଦେଇଛନ୍ତି ରାଜ୍ୟ ସରକାର। ସେମାନଙ୍କୁ ସନ୍ଦେହ ନ କରି ସମବେଦନା ଜଣାଇବାକୁ ରାଜ୍ୟ ସରକାରଙ୍କ କୋଭିଡ୍-୧୯ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବାଗ୍‌ଚୀ କହିଲେ, ନିଜ ଜନ୍ମ ମାଟି ଉପରେ ସମସ୍ତଙ୍କର ସମାନ ଅଧିକାର ରହିଛି। ସେମାନଙ୍କୁ ଏଥିରୁ କେହି ବଞ୍ଚିତ କରିପାରିବେ ନାହିଁ। ଭାରତୀୟ ସମ୍ବିଧାନରେ ମଧ୍ୟ ଏହା ଉଲ୍ଲେଖ ରହିଛି। ଏହା ମାନବିକତା ଓ ବିବେକର କଥା ବୋଲି ବାଗ୍‌ଚୀ କହିଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଦେଓରଞ୍ଜନ କୁମାର ସିଂହଙ୍କ ସୂଚନା ଅନୁଯାୟୀ, ପ୍ରବାସୀ ଓଡ଼ିଆଙ୍କ ପାଇଁ ରାଜ୍ୟର ୬୭୯୮ ପଞ୍ଚାୟତରେ ୫ ଲକ୍ଷ ଶଯ୍ୟା ସହ ୧୨ ହଜାର ଅସ୍ଥାୟୀ ମେଡିକାଲ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ଯେଉଁ ପ୍ରବାସୀ ଓଡ଼ିଶା ଫେରିଛନ୍ତି ସେମାନେ ନାମ ପଞ୍ଜୀକରଣ କରିଛନ୍ତି। ଯେଉଁମାନେ ଫେରିବେ ସେମାନେ ବାଧ୍ୟତାମୂଳକ ଭାବେ ପଞ୍ଜୀକରଣ କରିବେ। ଏମାନଙ୍କ ମଧ୍ୟରେ ବହୁ କରୋନା ସଂକ୍ରମିତ ଥିବା ଆଶଙ୍କା କରାଯାଇଥିବାରୁ ସେମାନଙ୍କ ଚିକିତ୍ସା ଲାଗି ମଧ୍ୟ ସମସ୍ତ ବ୍ୟବସ୍ଥା କରାଯାଇଥିବା ସିଂହ ସୂଚନା ଦେଇଛନ୍ତି।

## ସପ୍ତାହେ ମଧ୍ୟରେ ଚୂଡ଼ାନ୍ତ ହେବ ମାଟ୍ରିକ ଖାତା ମୂଲ୍ୟାୟନ ତାରିଖ

**ଭୁବନେଶ୍ୱର, ୬।୫(ବ୍ୟୁରୋ)**

କରୋନା ସଂକ୍ରମଣ ଯୋଗୁ ସବୁ କାର୍ଯ୍ୟ ବନ୍ଦ ରହିଛି। ମୁଖ୍ୟତଃ ଶିକ୍ଷା କ୍ଷେତ୍ରକୁ ମଧ୍ୟ କରୋନା ବ୍ୟାପକ ଭାବେ ପ୍ରଭାବିତ କରିଛି। ଅଧିକାଂଶ ଶ୍ରେଣୀରେ ପରୀକ୍ଷା ଶେଷ ହୋଇପାରି ନାହିଁ। ଯୁକ୍ତ୨ ପିଲାଙ୍କ ପରୀକ୍ଷା ସମ୍ପୂର୍ଣ୍ଣ ହୋଇପାରି ନ ଥିବାବେଳେ ମାଟ୍ରିକ ଖାତା ମୂଲ୍ୟାୟନ ହୋଇନାହିଁ। ଏଭଳି ପରିସ୍ଥିତିରେ ଯୁକ୍ତ ୩ ପିଲାଙ୍କର ବାକି ଥିବା ପରୀକ୍ଷା ସହିତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଯଥାଶୀଘ୍ର ଶେଷ ହୋଇପାରି ନ ଥିବା ପରୀକ୍ଷା କରାଯିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ସେହିପରି ଦଶମ ଖାତା ଦେଖା ମଧ୍ୟ ଯଥାଶୀଘ୍ର ଶେଷ କରାଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଦଶମ ଖାତା ଦେଖା ଏବଂ ଯୁକ୍ତ୨ ପରୀକ୍ଷା କରାଯିବା ଉପରେ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ବୈଠକ ବସି ତାରିଖ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟ ତରଫରୁ ଗ୍ରୀନ୍ ସିଗ୍‌ନାଲ ମିଳିସାରିଥିବା ଜାଣିବାକୁ ମିଳିଛି। ଅନ୍ୟପଟେ ପୂର୍ବରୁ ୯ମ ଶ୍ରେଣୀ ପିଲାଙ୍କ ବାକିଥିବା ବିଷୟ ପରୀକ୍ଷାକୁ ଛାଡ଼ି ଅନ୍ୟ ବିଷୟଗୁଡିକ ଉପରେ ମୂଲ୍ୟାୟନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିଲାଗି ଶିକ୍ଷକମାନଙ୍କ ଘରକୁ ୯ମ ପିଲାଙ୍କ ଖାତା ପଠାଯିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ମନ୍ତ୍ରୀ ଦାଶଙ୍କ ଠାରୁ ମିଳିଥିବା ସୂଚନା ମୁତାବକ ୯ମ ଶ୍ରେଣୀରେ ଅଲ୍ ପାସ୍ ବ୍ୟବସ୍ଥା ଲାଗୁ କରିଦିଆଯାଇଛି। ଅର୍ଥାତ୍ ରାଜ୍ୟର ସବୁ ୯ମ ପିଲା ଏଥର ଦଶମ ଶ୍ରେଣୀରେ ପାଠ ପଢ଼ିବେ। କରୋନା ଯୋଗୁ ଦଶମରେ ପଢ଼ିବାକୁ କିଏ ଯୋଗ୍ୟ ଏବଂ ଅଯୋଗ୍ୟ ତାହା ପ୍ରଥମ ଥର ଦେଖାଯିବ ନାହିଁ। ଅନ୍ୟପଟେ ଏବର୍ଷଠାରୁ ଦ୍ୱାଦଶରେ ପଢୁଥିବା ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ପାସ୍, ଫେଲ୍ ବ୍ୟବସ୍ଥା ଲାଗୁ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହା ସହ ଦ୍ୱାଦଶ ପରୀକ୍ଷା କଡ଼ାକଡ଼ି ହେବ ବୋଲି ମଧ୍ୟ ବିଭାଗ ଘୋଷଣା କରିଥିଲା। କିନ୍ତୁ କରୋନା ଯୋଗୁ ଏଥିରେ ମଧ୍ୟ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଛି। ଦ୍ୱାଦଶ ଶ୍ରେଣୀରେ ପରୀକ୍ଷା ଦେଇଥିବା ସବୁ ଛାତ୍ରୀଛାତ୍ରଙ୍କୁ ପାସ୍ କରାଯିବାକୁ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଶ୍ରମିକଙ୍କୁ ଅଧା ରାସ୍ତାରେ ଓହ୍ଲାଇଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୬।୫(ବ୍ୟୁରୋ)**

**ଜିଲାପାଳମାନଙ୍କୁ ଏସ୍‌ଆର୍‌ସିଙ୍କ ଚିଠି**
■ ଡ୍ରାଇଭର, ହେଲ୍‌ପରଙ୍କ ବିରୋଧରେ ରୁଜୁ ହେବ ଆପରାଧିକ ମାମଲା
■ ବସ୍, ଡ୍ରାଇଭରଙ୍କ ଲାଇସେନ୍ସ ରଦ୍ଦ ହେବ
■ ନୋଡାଲ ଅଫିସରଙ୍କ ହାତରେ ଗୁରୁଦାୟିତ୍ୱ

କରୋନା ଯୋଗୁ ବାହାର ରାଜ୍ୟରେ ଫସି ରହିଥିବା ଶ୍ରମିକମାନଙ୍କୁ ଫେରାଇ ଆଣିବାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଫଳରେ ବସ୍ ଯୋଗେ ପ୍ରଥମେ ପ୍ରବାସୀ ଶ୍ରମିକମାନେ ଫେରୁଥିବା ବେଳେ କେତେକ ଦୁର୍ଘଟଣା ଘଟିବାପରେ ଏହି ସେବାକୁ ସରକାର ବନ୍ଦ କରିଛନ୍ତି। ବର୍ତ୍ତମାନ କେବଳ ଟ୍ରେନ୍ ଯୋଗେ ବାହାର ରାଜ୍ୟରୁ ଶ୍ରମିକମାନେ ଓଡ଼ିଶା ଫେରୁଛନ୍ତି। ଶ୍ରମିକମାନେ ଓଡ଼ିଶାରେ ଟ୍ରେନ୍ ଯୋଗେ ପହଞ୍ଚିବାପରେ ସେମାନଙ୍କୁ ବସ୍‌ରେ ପଞ୍ଚାୟତଗୁଡିକରେ ବ୍ୟବସ୍ଥା ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟରକୁ ବସ୍ ଯୋଗେ ପଠାଯାଉଛି। ହେଲେ କେତେକ ସ୍ଥାନରେ ବସ୍ ଡ୍ରାଇଭରମାନେ ଅଧା ରାସ୍ତାରେ ଶ୍ରମିକଙ୍କୁ ଓହ୍ଲାଇ ଦେଉଥିବା ଦେଖିବାକୁ ମିଳୁଛି। ଏଭଳି ଦୃଶ୍ୟ ସାମ୍ନାକୁ ଆସିବାପରେ ବୁଧବାର ସରକାର ନୂଆ ବିଜ୍ଞପ୍ତି ଜାରି କରିଛନ୍ତି। ଏନେଇ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ରାଜ୍ୟର ସବୁ ଜିଲାପାଳଙ୍କୁ ଚିଠି ଜରିଆରେ କହିଛନ୍ତି ଯେ, ଶ୍ରମିକମାନଙ୍କୁ ରେଳ ଷ୍ଟେଶନରୁ ଗନ୍ତବ୍ୟସ୍ଥଳକୁ ନେଉଥିବା ବସ୍‌ଗୁଡିକ ଯଦି ସେମାନଙ୍କୁ ଅଧା ରାସ୍ତାରେ ଓହ୍ଲାଇଦିଏ ତେବେ ଡ୍ରାଇଭର ଏବଂ ହଲପର୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ସମୟରେ ସବୁ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ଅଞ୍ଚଳର ଶ୍ରମିକଙ୍କୁ ରେଳ ଷ୍ଟେଶନରୁ ଆଣିବା ଲାଗି ବସ୍‌ଗୁଡିକୁ ଅନୁମତି ଦିଆଯାଉଛି। ଜଣେ ଲେଖା ନୋଡାଲ ଅଫିସରଙ୍କୁ ପ୍ରତ୍ୟେକ ବସ୍‌ରେ ପଠାଯାଉଛି। ସେହି ବସ୍‌ରୁ ଓହ୍ଲାଇବାପରେ ଶ୍ରମିକମାନେ ନିଜ ପଞ୍ଚାୟତର କ୍ୱାରାଣ୍ଟାଇନ ସେଣ୍ଟରକୁ ଫେରୁଛନ୍ତି। କେତେଗୁଡିଏ ବସ୍ ଶ୍ରମିକଙ୍କୁ ରାସ୍ତାରେ ଓହ୍ଲାଇଦେବା ଯୋଗୁ ସେମାନଙ୍କୁ ଠାବ କରିବା କଷ୍ଟକର ହୋଇପଡୁଛି। ଏଭଳି ପରିସ୍ଥିତି ଦୃଷ୍ଟିକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବସ୍ ଏବଂ ଡ୍ରାଇଭରଙ୍କ ଲାଇସେନ୍ସ ରଦ୍ଦ ହେବ। ଏହାସହ ଡ୍ରାଇଭର, ହେଲ୍‌ପର ଏବଂ ବସ୍ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯିବ। ଏସବୁ ଭିତରେ ନୋଡାଲ ଅଫିସରଙ୍କ ହାତରେ ସବୁ ଦାୟିତ୍ୱ ନ୍ୟସ୍ତ କରାଯିବ। ଏଭଳି ଯେପରି ନ ଘଟେ ସେନେଇ ନିଶ୍ଚିତ କରିବା ଆବଶ୍ୟକ। ଏଥିପାଇଁ ଜିଲାପାଳମାନଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି।

## ଊର୍ଜା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୬।୫(ବ୍ୟୁରୋ)**

### ହାଇଡ୍ରୋକାର୍ବନ କ୍ଷେତ୍ରକୁ ମଜଭୁତ କରିବା ଉପରେ ଗୁରୁତ୍ୱ



କରୋନା ମହାମାରୀ ଯୋଗୁ ବିଶ୍ୱ ଊର୍ଜା ବିଶେଷଭାବେ ତୈଳ ଏବଂ ଗ୍ୟାସ ଉପରେ ପ୍ରଭାବ ପକାଇଛି। ତେଣୁ ଊର୍ଜା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ପାଇଁ ଭାରତ ଓ ରୁଷିଆ ମଧ୍ୟରେ ଆଲୋଚନା ହୋଇଛି। ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରୁଷିଆର ଊର୍ଜାମନ୍ତ୍ରୀ ଆଲେକ୍‌ଜାଣ୍ଡାର ନୋଭାକଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଏନେଇ ଆଲୋଚନା କରିଛନ୍ତି। ହାଇଡ୍ରୋକାର୍ବନ କ୍ଷେତ୍ରକୁ ମଜଭୁତ କରିବା ସହ ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍ ଏବଂ ଦ୍ୱିପାକ୍ଷିକ ପୁଞ୍ଜିନିବେଶ କରିବା ଉପରେ ୨ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ରୁଷିଆରୁ ଭାରତକୁ କୋକିଂ କୋଲ୍ ଆମଦାନୀକୁ ବଢ଼ାଇବା ଦିଗରେ ଉଭୟ ମଧ୍ୟରେ ଆଲୋଚନା ହୋଇଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ ଟୁଇଟ୍ କରି କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ମାସରେ ରୋଜନେଫ୍ଟ ଏବଂ ଆଇଓସିଏଲ୍ ଚୁକ୍ତି ଅନୁଯାୟୀ ରୁଷିଆରୁ ପ୍ରଥମଥର ପାଇଁ ପାରାଦୀପ ବନ୍ଦରରେ ଅଶୋଧିତ ତୈଳ ପହଞ୍ଚିଥିଲା।

### ଗ୍ଲାସ୍ ହାଉସ୍‌ରେ ସୋସିଆଲ ଡିଷ୍ଟାନ୍ସିଂ



ନେଦରଲାଣ୍ଡ୍‌ସର ଆମ୍‌ଷ୍ଟରଡାମ୍‌ସ୍ଥିତ ମିଡିଆମେଟିକ୍ ରେଷ୍ଟୁରାଣ୍ଟର ଜଣେ କର୍ମଚାରୀ ସାମାଜିକ ଦୂରତ୍ୱ ବଜାୟ ରଖି କାଚଘରେ ଅପେକ୍ଷାରତ ଗ୍ରାହକମାନଙ୍କୁ ଖାଦ୍ୟ ପରଷୁଛନ୍ତି।

## ୫ ଦିନ ଯାଏ ସାରା ଓଡ଼ିଶାରେ ବର୍ଷା

**ଭୁବନେଶ୍ୱର, ୬।୫(ବ୍ୟୁରୋ)**

**ଘୂର୍ଣ୍ଣିବଳୟ**
■ ୟେଲୋ ୱାର୍ନିଂ ଜାରି କଲା ପାଣିପାଗ ବିଭାଗ

ପୂର୍ବ ବିହାର, ଦକ୍ଷିଣ ତାମିଲନାଡୁ, ବିଦର୍ଭ ଏବଂ ରୟାଲ ସୀମା ଉପରେ ଏକ ଟ୍ରଫ ଲାଇନ ରହିଛି। ଏଥିସହିତ ବିଦର୍ଭ ଏବଂ ଏହାର ଆଖପାଖ ଅଞ୍ଚଳରେ ଭୂପୃଷ୍ଠରୁ ୦.୯ କିମି ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନ, ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଉପକୂଳ ଓଡ଼ିଶା, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ଏବଂ ରାୟଗଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଝଡ଼ର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳରେ ୨୧.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱର ୧୧.୧, ଚାନ୍ଦବାଲି ୪.୮, କଟକ ୧୦.୪, ଭୁବନେଶ୍ୱର ୬.୬, ଗୋପାଳପୁର ୨, ଝାରସୁଗୁଡା ୬.୪, କେନ୍ଦୁଝର ୭.୩, ସୁନ୍ଦରଗଡ଼ ୬, ତାଳଚେର ୧୨, ବଲାଙ୍ଗୀର ୨୭, ଫୁଲବାଣୀ ୩, ସୋନପୁର ୩୫, ଦାରିଙ୍ଗବାଡ଼ି ୩୫, ବୌଦ୍ଧ ୨୫.୪, ଛତ୍ରପୁରରେ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଝଡ଼ବର୍ଷା ଯୋଗୁ ରାଜ୍ୟରେ ତାତି ହ୍ରାସ ପାଇଛି। କେବଳ ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ଭାଗରେ ସର୍ବୋଚ୍ଚ ତାପମାତ୍ରା ୩୧ରୁ ୩୯ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି।

**ଆଜିର ମନ୍ତବ୍ୟ**

"କରୋନା ଭାଇରସ୍ ଟ୍ରାକିଂ ପାଇଁ ଉଦ୍ଦିଷ୍ଟ ଆରୋଗ୍ୟ ସେତୁ ଆପ୍‌ରେ ପ୍ରିଭେସି ଉଲ୍ଲଂଘନ ହୋଇନାହିଁ।

– ରବିଶଙ୍କର ପ୍ରସାଦ, କେନ୍ଦ୍ର ଆଇଟି ମନ୍ତ୍ରୀ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଫୁଲି ଫୁଲି
ତାଳଗଛ ମୂଳେ ପାରିଲି ଚୁଲି।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡ଼ମ୍ବର ଦେଖେଇ ହୁଅନ୍ତି। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଳକା ପାଟି
ପିକ ଥୋପି ଥୋପି ବହି ପଡୁଛି।**

ଢମ ଗପିବାର ବା ବଡ଼େଇ କରି କହିବାର ଭଏ ହେଉଛି ଏକ ଶୈଳୀ। ନିଜେ ଯେତେ ନୁହଁ କି ଯାହା ନୁହଁ ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗେ ପ୍ରକାଶ କରିବା ଏପରି ବାହାପିଆ ବ୍ୟକ୍ତିଙ୍କ ଏକ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

# ଲକ୍‌ଡାଉନ୍ ପରେ କାର୍ଯ୍ୟରେ ଯୋଗଦେବାକୁ ଚାହାନ୍ତି ୯୩% କର୍ମଚାରୀ

**୫୯% ସ୍ୱାସ୍ଥ୍ୟ ସଚେତନକୁ ଦେଉଛନ୍ତି ଗୁରୁତ୍ୱ**

ନୂଆଦିଲ୍ଲୀ,୬।୫

କରୋନା ସଂକ୍ରମଣ ଆଶଙ୍କା ଯୋଗୁ ଗତ ମାର୍ଚ୍ଚ ୨୫ରୁ ସାରାଦେଶରେ ଲକ୍‌ଡାଉନ ଜାରି ରହିଛି। ଏହା ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଲକ୍‌ଡାଉନ ଯୋଗୁ ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ପ୍ରାୟ ସବୁ ଅନୁଷ୍ଠାନ ବନ୍ଦ ରହିଛି। କର୍ମକ୍ଷେତ୍ର ଏକପ୍ରକାର ଠପ୍ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ଲୋକମାନେ ଘରେ ହାତବାନ୍ଧି ବସିଛନ୍ତି। ଏବେ ୩ୟ ପର୍ଯ୍ୟାୟ ଲକ୍‌ଡାଉନ ଚାଲିଥିବାରୁ କେନ୍ଦ୍ର ସରକାର ଜୀବନ ସହ ଜୀବିକାକୁ ଗୁରୁତ୍ୱ ଦେଇ ଅନେକ କ୍ଷେତ୍ରରେ କଟକଣାକୁ କୋହଳ କରିଛନ୍ତି। ଲୋକଙ୍କ ଆର୍ଥିକ ସ୍ଥିତି କିପରି ସୁଧୁରିପାରିବ ସେଥିପାଇଁ କଟକଣା ମଧ୍ୟରେ ବିଭିନ୍ନ କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ଲୋକମାନେ କର୍ମକ୍ଷେତ୍ରକୁ ଫେରିବାକୁ ଲାଗିଲେଣି। ତେବେ ୯୩% କର୍ମଚାରୀ ଲକ୍‌ଡାଉନ ଅବଧି ଶେଷ ହେବାପରେ ନିଜର କର୍ମକ୍ଷେତ୍ରରେ ଯୋଗ ଦେବାକୁ ଚାହୁଁଥିବା ଏକ ସର୍ଭେରୁ ଜଣାପଡ଼ିଛି। ଏପରିକି ସେମାନଙ୍କ ମଧ୍ୟରୁ ୮୩% ସେମାନଙ୍କ କର୍ମକ୍ଷେତ୍ରରେ ଉପଯୁକ୍ତ ସାନିଟାଇଜ ସହ ସାମାଜିକ ଦୂରତ୍ୱ ମଧ୍ୟରେ କାମ କରିବାକୁ ଚାହୁଁଛନ୍ତି ବୋଲି ସର୍ଭେରୁ ଜଣାପଡ଼ିଛି। ଏକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଉତ୍ପାଦନ ଏଫ୍‌ଓ୍ୱାଇଆଇ ପ୍ରତିଷ୍ଠାନର ମାଇଣ୍ଡ ମ୍ୟାପ୍ ଆଡଭାନ୍ସ ରିସର୍ଚ୍ଚ ପକ୍ଷରୁ ଦିଲ୍ଲୀ, ମୁମ୍ବାଇ ଏବଂ ବାଙ୍ଗାଲୋରର କ୍ଷୁଦ୍ର, ମଧ୍ୟମ ଏବଂ ବୃହତ୍ ଉଦ୍ୟୋଗରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କୁ ନେଇ ଏକ ସର୍ଭେ କରାଯାଇଥିଲା। ୮୫% ପୁରୁଷ ଓ ୧୫% ମହିଳା କର୍ମଚାରୀଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ୫୯% କର୍ମଚାରୀ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଅଧିକ ଯତ୍ନବାନ ଥିବା ସର୍ଭେରେ ଜଣାପଡ଼ିଛି। ୨୫% କର୍ମଚାରୀ ସେମାନଙ୍କ ଆର୍ଥିକ ଅବସ୍ଥାକୁ ନେଇ ଚିନ୍ତିତ ଥିବାବେଳେ ୧୬% ଏହି ମହାମାରୀ ବିପଦ କେବେ ଟଳିବ ସେନେଇ ବ୍ୟତିବ୍ୟସ୍ତ ହୋଇପଡୁଥିବା ଜଣାପଡ଼ିଛି। ସେହିପରି ୮୫% କର୍ମଚାରୀ ଚାହୁଁଛନ୍ତି ଯେ, ସେମାନଙ୍କ ନିଯୁକ୍ତିଦାତା କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷିତ ନିର୍ଦ୍ଦେଶନାମା ସହ ପରାମର୍ଶ ପ୍ରଦାନ କରିବା ଆବଶ୍ୟକ। ବିଶେଷକରି ନୂଆଦିଲ୍ଲୀରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରୁଥିବା କର୍ମଚାରୀମାନେ ଅଧିକ ସ୍ୱାସ୍ଥ୍ୟ ସଚେତନ ରହିବାସହ ଏହାକୁ କିପରି ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ କରାଯାଇପାରିବ ସେନେଇ ଗୁରୁତ୍ୱ ଦେଇଛନ୍ତି। ସର୍ଭେ ରିପୋର୍ଟ ଅନୁସାରେ ୯୯% କର୍ମଚାରୀଙ୍କ ମତରେ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ମାଲିକମାନେ ସାମାଜିକ ଦାୟିତ୍ୱବୋଧ ଭଳି କର୍ପୋରେଟ ହେଲ୍‌ଥ ରେସ୍‌ପନ୍‌ସିବିଲିଟି(ସିଏଚ୍‌ଆର୍) ବା ସ୍ୱାସ୍ଥ୍ୟ ଉତ୍ତରଦାୟିତ୍ୱକୁ ବାଧ୍ୟତାମୂଳକ କରିବା ଆବଶ୍ୟକ ବୋଲି ମତ ଦେଇଛନ୍ତି। ଫଳରେ କର୍ମଚାରୀମାନେ କର୍ମକ୍ଷେତ୍ରରେ ନିଜକୁ ସୁରକ୍ଷିତ ମନେ କରିବା ସହ ଅଧିକରୁ ଅଧିକ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବାରେ ସହାୟକ ହୋଇପାରିବେ। ବିଶେଷକରି ଖୁସି ସହ ସୁରକ୍ଷିତ ଅବସ୍ଥାରେ କର୍ମଚାରୀମାନେ କାମ କଲେ ଅଧିକ ଭଲ ଫଳ ମିଳିଥାଏ ବୋଲି ସର୍ଭେ କରୁଥିବା ଏଫ୍‌ଓ୍ୱାଇଆଇ ସଂସ୍ଥାର ସହପ୍ରତିଷ୍ଠାତା ୟାସିର ଗୋଏଲ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ରାଶ୍ୟାଧିପ ସ୍ୱନକ୍ଷତ୍ରସ୍ଥ ଯୋଗୁଁ ସ୍ୱାସ୍ଥ୍ୟରେ ଉନ୍ନତି, ଯାତ୍ରା, ବ୍ୟବସାୟ ,ବାଣିଜ୍ୟ, ପରିବହନ, ସଂଗଠନ, ରାଜନୀତି ପାଇଁ ବହୁତ ଭଲ। ମାତ୍ର କର୍ମ କ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିବା କାରଣରୁ ଟେନ୍ସନ ପିଛା ଛାଡିବ ନାହିଁ। ପରିବାରର ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ, କିନ୍ତୁ ପାରିବେ ନାହିଁ।

**ବୃଷ**
ବୁଧ ଯୋଗୁ ବନ୍ଧୁଙ୍କ ସହାୟତାରେ ଅର୍ଥଲାଭ ଅବଶ୍ୟମ୍ଭାବୀ। ଯେଉଁ କାମରେ ହାତ ଦେବେ ସବୁ କିଛି ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ସାମୂହିକ କାମରେ ବନ୍ଧୁମାନଙ୍କ ପ୍ରଶଂସା ସୂଚକ ବାକ୍ୟ ଆପଣଙ୍କୁ ଭାବ ବିଭୋର କରାଇପାରେ। କିନ୍ତୁ ପରିବାରରେ ପିଲାମାନଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ।

**ମିଥୁନ**
ଭାଗ୍ୟଭାବସ୍ଥ ରବି ଓ ବୁଧଙ୍କ ଯୋଗୁ ଅନ୍ୟକୁ ଆପଣାର କରିବାକୁ ଯାଇ ସଫଳତା ପ୍ରାପ୍ତ ହେବେ। ଚନ୍ଦ୍ରଙ୍କ ପ୍ରଭାବରୁ ଟିକିଏ ହସ ମିଶ୍ରିତ ମଧୁର କଥା ସକାଶେ ଲକ୍ଷ୍ୟହୀନ ଭ୍ରମଣ ମଧ କରିବେ। ଦେବଗୁରୁଙ୍କ ଦୁର୍ବଳତାଜନିତ ସଭା ସମିତିରେ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି।

**କର୍କଟ**
ନୀଚ ରାଶିରେ ଚନ୍ଦ୍ର ଓ ଅଷ୍ଟମସ୍ଥ ମଙ୍ଗଳ ଯୋଗୁଁ ଉଗ୍ରତା ଓ ସାମ୍ୟଭାବ ସମୟାନୁକ୍ରମେ ପରିସ୍ଥିତି ଅନୁଯାୟୀ ଅନୁଭୂତ ହେବ। କର୍ମକ୍ଷେତ୍ରରେ ସ୍ୱଇଚ୍ଛାରେ ନିଜ ମୁଣ୍ଡ ଉପରକୁ ଦାୟିତ୍ୱ ନେଇ ପଶ୍ଚାତ୍ତାପ କରିବାକୁ ପଡିପାରେ। ଦୂରଯାତ୍ରାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ସିଂହ**
ଚନ୍ଦ୍ରଙ୍କ ଦୁର୍ବଳତା କାରଣରୁ ସାମୟିକ ମନ ମାନ୍ଦା ରହିଲେ ମଧ ବନ୍ଧୁମାନଙ୍କ ଆଶ୍ୱାସନାରୁ ମନ ବଦଳିଯିବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଟି ଦୋଷାରୋପ କରି ସମସ୍ୟାକୁ ବଢାଇ ଦେଇପାରନ୍ତି। ସହକର୍ମୀଙ୍କ ନିକଟରୁ ଅଯାଚିତ ଭାବରେ ଆବଶ୍ୟକତାଠାରୁ ଅଧିକ ଟଙ୍କା ପାଇ ଖୁସି ହେବେ।

**କନ୍ୟା**
କେନ୍ଦ୍ରାଧିପ କୋଣଭାବସ୍ଥ ହେତୁ ଆଜି ଆପଣଙ୍କ ବନ୍ଧୁମାନଙ୍କ ଗହଣରେ ଖୁସୀରେ ସମୟ କଟାଇବେ ଓ ଖାଇବାକୁ ମଧ ଭଲ ମିଳିବ। କର୍ମକ୍ଷେତ୍ରରେ ଚାଲାକ୍ କାମ କରି ଆକସ୍ମିକ ଭାବେ ନୂତନ ସମସ୍ୟାକୁ ମଧ ସୁଧାରି ନେବେ। ପୁରାତନ ଗାଡିଟି ବିକ୍ରି ହୋଇଯିବା ହେତୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ତୁଳା**
ଦୁର୍ବଳ କର୍ମାଧିପତି ସାଙ୍ଗକୁ ନୀଚସ୍ଥ ଚନ୍ଦ୍ର ପ୍ରଭାବରେ କୌଣସି କାମରେ ସଫଳତା ପାଇବା କଷ୍ଟକର ହୋଇପାରେ। ଏଣେ ଘର କାମରେ ମନ ଲାଗିବ ନାହିଁ ତେଣେ ବସି ବସି ସମୟ ନଷ୍ଟ କରିବେ। ତଥାପି ସ୍ୱାତୀ ନକ୍ଷତ୍ରର ପାରିବାରିକ ଜୀବନ, ରାଜନୈତିକ ସ୍ଥିତି ଓ ଆନୁଷ୍ଠାନିକ କାମରେ ପ୍ରଗତି ହେତୁ ସାମୟିକ ଖୁସୀ ରହିବେ।

**ବିଚ୍ଛା**
ଚିନ୍ତାଶୀଳ ମାନସିକ ସ୍ଥିତି ସଙ୍ଗକୁ ପ୍ରଗତିର ପଥରୋଧକ ହେବ। ନିକଟ ସମ୍ପର୍କୀୟମାନଙ୍କ ଭଲ କରିବାକୁ ଯାଇ ନିଜେ ହିଁ କ୍ଷତିରେ ପଡିବେ। ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ସାଲିସ୍ କରି ଚଳିବା ଠିକ୍ ହେବ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ସହ ବୌଦ୍ଧିକ ବିକାଶରୁ ବୁଦ୍ଧିଜୀବୀମାନଙ୍କ ପ୍ରଶଂସାଭାଜନ ହେବେ।

**ଧନୁ**
ରାଶିରେ କେତୁ ଥିବାରୁ ମାନସିକ ଅସ୍ଥିରତା ଓ ଅସଂଯମ ଜୀବନଚର୍ଯ୍ୟା କିମ୍ବା ଅସାବଧାନତା କାରଣରୁ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିବାର ଆଶଙ୍କା ରହିଛି। ଖୋଜଖବର ପାଉ ନ ଥିବା ବନ୍ଧୁଙ୍କ ଠିକଣା ଅଜଣା ଅଶୁଣା ବ୍ୟକ୍ତି ମାଧ୍ୟମରେ ପାଇପାରନ୍ତି।

**ମକର**
ସାହସିକତା ପ୍ରଦର୍ଶନ କରି ପ୍ରତିବନ୍ଧକକୁ ସାମନା କରି ଆଶା ପୂରଣରେ ସଫଳ ହେବେ। ସତ୍‌ସଙ୍ଗ,ସଭାସମିତିରେ ବକ୍ତୃତା,ପ୍ରବଚନ,ଆନୁଷ୍ଠାନିକ କାମରେ ତଥା ପ୍ରତିଯୋଗିତାରେ ସଫଳ ହେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ କିନ୍ତୁ ନିର୍ବିଘ୍ନରେ କାମ କରି ଚାଲନ୍ତୁ କିଛି ଅସୁବିଧା ହେବ ନାହିଁ।

**କୁମ୍ଭ**
ଆଜି ଚତୁର୍ଥକେନ୍ଦ୍ରସ୍ଥ ଶୁକ୍ରଙ୍କ ସୁପ୍ରଭାବରୁ ଦିନ ମଧ୍ୟରେ ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ସଫଳତା ମିଳିବ। ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସମସ୍ୟାର ସାମ୍ନା କରିବାକୁ ପଡିପାରେ। ହଠାତ୍ ଜନଗହଳିପୂର୍ଣ୍ଣ ପରିବେଶରେ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରନ୍ତି।

**ମୀନ**
ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡିପାରେ। ଆଲୋଚନା ସମାଲୋଚନା, ପ୍ରଶାସନ, ରାଜନୀତି, ସଂଗଠନ କ୍ଷେତ୍ରରୁ ସୁଫଳ ମିଳିବ। ଘରର ବରାଦ ଅନୁସାରେ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ପରିସ୍ଥିତି ପ୍ରତି ସଚେତନ ନ ହୋଇ କାମ କଲେ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

ଆଜି ବୈଶାଖ ପୂର୍ଣ୍ଣିମା, ଗୁରୁବାର, ଗୁରୁପୂର୍ଣ୍ଣିମାବ୍ରତ, ବୈଶାଖବ୍ରତ ସମାପନ, ମେ ୭ ତାରିଖ, ବୁଦ୍ଧଜୟନ୍ତୀ, ଭୀମଭୋଇ ଜୟନ୍ତୀ, ରାଶି ନକ୍ଷତ୍ର, ଦିବା ଘ.୧୧.୦୭ମି. ଗତେ ବିଶାଖା। ତୁଳା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୧୮ମି. ଗତେ ଘ.୦୭.୦୦ମି. ମଧ୍ୟେ, ଦିବା ଘ.୧୦ .୨୬ମି. ଗତେ ଘ.୦୧.୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ରାତ୍ରି ଘ.୦୨.୧୯ମି. ଗତେ ଘ.୦୩.୦୩ମି. ମଧ୍ୟେ ଅମୃତବେଳା। ଦିବା ଘ.୦୧.୧୯ମି. ଗତେ ଘ.୦୨.୫୫ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଏନ୍‌କାଉଣ୍ଟରରେ...

ପୂର୍ବତନ ମୁଖ୍ୟ ବୁରହାନ ୱାନିଙ୍କ ଘନିଷ୍ଠ ସହଯୋଗୀ ଥିଲେ। ୨୦୧୬ ଜୁଲାଇରେ ଏକ ଏନ୍‌କାଉଣ୍ଟରରେ ବୁରହାନ ନିହତ ହେବା ପରେ ରିୟାଜ ଆତଙ୍କବାଦୀ ସଂଗଠନର ନେତୃତ୍ୱ ନେଇଥିଲେ। ବୁଧବାର ଦକ୍ଷିଣ କଶ୍ମୀରର ଦୁଇଟି ସ୍ଥାନରେ ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଶରଶଲି ଗ୍ରାମରେ ଏନ୍‌କାଉଣ୍ଟର ବେଳେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେହିପରି ଅୱନ୍ତିପୋରା ଅନ୍ତର୍ଗତ ବିଘ୍‌ପୋରାରେ ଗୁଳି ବିନିମୟ ବେଳେ ରିୟାଜ ଓ ଅନ୍ୟ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ୩୨ ବର୍ଷୀୟ ରିୟାଜ୍ ପୂର୍ବରୁ ୩ ଥର ପୋଲିସକୁ ଚକ୍‌ମା ଦେଖାଇ ଖସିପଳାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଏଥିପାଇଁ ସହାୟତା କରିଥିଲେ। ଏଥର ସୁରକ୍ଷା ବଳ ଖୁବ୍ ସତର୍କତାର ସହିତ ତଲାସି ଅଭିଯାନ ଆରମ୍ଭ କରି ରିୟାଜର ଗୁପ୍ତ ଆଡ୍ଡା ନିକଟରେ ମଙ୍ଗଳବାର ପହଞ୍ଚିଥିଲା। ହଠାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଭଲ ଭାବେ ଚାରିପଟୁ ଘେରିଯାଇ ସବୁ ପ୍ରସ୍ଥାନ ପଥକୁ ସିଲ୍ କରିଥିଲା। ଅଭିଯାନରେ ସେନା ସହିତ ଜମ୍ମୁ-କଶ୍ମୀର ପୋଲିସର ସ୍ୱତନ୍ତ୍ର ଅପରେଶନ୍ ଗ୍ରୁପ୍ ସାମିଲ ହୋଇଥିଲେ। ରିୟାଜ୍ ଓ ତାଙ୍କ ସହଯୋଗୀ ସୁରକ୍ଷା ବଳକୁ ଦେଖି ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର ହୋଇଥିଲା। ଦକ୍ଷିଣ କଶ୍ମୀରରେ ଜନ୍ମିତ ରିୟାଜ ନାଇକୁ ପୁଲ୍‌ୱାମାର ଏକ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୨୦୧୦ରୁ ୨୦୧୨ ସେ ଏକ ସ୍କୁଲ୍‌ରେ ଶିକ୍ଷକତା କରୁଥିଲେ। ଏହା ସହିତ ସେ ଇସ୍‌ଲାମ୍ ଧର୍ମ ଉପରେ ପ୍ରବଚନ ଦେଉଥିଲେ। ୨୦୧୨ରେ ନିଖୋଜ ହୋଇଯାଇଥିବା ରିୟାଜ ପରେ ହିଜ୍‌ବୁଲ୍ ମୁଜାହିଦ୍ଦିନ ସଂଗଠନରେ ସାମିଲ ହୋଇ ଜଣେ ଅଭିଜ୍ଞ କମାଣ୍ଡର ହୋଇଥିଲେ ଓ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପର ନେତୃତ୍ୱ ନେଇଥିଲେ। ଜ୍ଞାନକୌଶଳରେ ଦକ୍ଷ ରିୟାଜ ସହାୟକ ତଥା ପ୍ରେରକ ଭାବେ କାର୍ଯ୍ୟ କରୁଥିଲେ।

### କଷଟି ପଥରରେ...

ରହିଥିଲା। ଏବେ ଏହି ରାଜ୍ୟଗୁଡ଼ିକରେ ଦେଶର ୮୦% ରେଡ୍ ଜୋନ୍ ଓ ୫୮% ଅରେଞ୍ଜି ଜୋନ୍ ରହିଛି। ଦ୍ୱିତୀୟ ଲକ୍‌ଡାଉନ୍‌ର ମାର୍ଗଦର୍ଶିକା ସାଜିଥିବା ଗାଇଡ୍‌ଲାଇନ୍ ଉପରେ ଦାଦନ ଶ୍ରମିକଙ୍କ ସମେତ ସାଧାରଣ ଜନତାଙ୍କ କ୍ଷୋଭ ଦେଖିବାକୁ ମିଳିଥିଲା। ଏହା ପରେ ଏପ୍ରିଲ ୨୯ ଓ ମେ ୧ରେ ଜାରି ନିର୍ଦ୍ଦେଶାବଳୀକୁ ଅପେକ୍ଷାକୃତ ସହଜ କରାଯାଇଛି। ଏଥିରେ ଦାଦନ ଶ୍ରମିକ, ଛାତ୍ରୀଛାତ୍ର ଓ ଯାତ୍ରୀଙ୍କ ଗତିବିଧି ଉପରେ କଟକଣାକୁ କୋହଳ କରାଯାଇଛି। ଫସିରହିଥିବା ଲୋକଙ୍କୁ ସେମାନଙ୍କ ସହରକୁ ଫେରିବା ପାଇଁ ଏହାକୁ ଏକ ସୁଯୋଗ ଭାବେ ଦେଖାଯାଉଛି। ଶ୍ରମିକମାନେ ନିଜ ଗାଁ ଓ ସହରକୁ ଫେରିବା ପରେ ଆଗକୁ ଭାଇରସ୍ ସଂକ୍ରମଣ ବଢ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବରୁ ଆର୍ଥିକ ଓ ସ୍ୱାସ୍ଥ୍ୟ ସେବା ଅଭାବ ସହ ଯୁଝୁଥିବା ୟୁପି, ବିହାର, ଝାଡ଼ଖଣ୍ଡ ଓ ଛତିଶଗଡ଼କୁ ଏହି ରାଜ୍ୟଗୁଡ଼ିକର ଦାଦନ ଶ୍ରମିକମାନଙ୍କ ପ୍ରବେଶ ଫଳରେ ସ୍ଥିତି ଅଧିକ ଜଟିଳ ହେବ। ଝାଡ଼ଖଣ୍ଡର ଶ୍ରମିକମାନଙ୍କୁ ନିଜ ନିଜ ସହରକୁ ଫେରିବାକୁ ଅନୁମତି ଦିଆଗଲେ ଏହି ବର୍ଗର ଜନସଂଖ୍ୟା ୭–୮ ଲକ୍ଷ ବୃଦ୍ଧି ପାଇବ। ଏହା ରାଜ୍ୟର ସମସ୍ୟାଗୁଡ଼ିକୁ ବହୁଗୁଣିତ କରିବ ବୋଲି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଚିନ୍ତିତ ଥିବା କୁହାଯାଉଛି।

ସେହିପରି ଲକ୍‌ଡାଉନ୍ ଯୋଗୁ ଲୋକେ ଘରେ ଆବଦ୍ଧ ହୋଇ ରହୁଥିବାରୁ ଭାରତରେ ଘରୋଇ ଉପଭୋକ୍ତା ବ୍ୟୟ ହ୍ରାସ ପାଇଛି। ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ୨୦୧୧–୧୨ ଓ ୨୦୧୭–୧୮ରେ ୮.୮% ହ୍ରାସ ପାଇଥିବାବେଳେ ଖାଦ୍ୟ ଉପରେ ଗ୍ରାମାଞ୍ଚଳ ମାସିକ ଖର୍ଚ୍ଚ ୧୦% କମିଥିଲା। ଏହି ଦୁଇ କ୍ଷେତ୍ରରେ ଗରିବ ରାଜ୍ୟଗୁଡ଼ିକରେ ସ୍ଥିତି ଆହୁରି ଖରାପ ହେବ ବୋଲି ଏ ସମ୍ପର୍କିତ ସର୍ଭେରୁ ଜଣାପଡ଼ିଛି। ଦ୍ୱିତୀୟରେ କଟକଣା ହଟାଯିବା ପରେ ଶ୍ରମିକମାନେ ନିଜ ଭିଟାମାଟିକୁ ଚାଲିଯାଉଥିବାରୁ ଶ୍ରମଶକ୍ତିର ଘୋର ଅଭାବ ଦେଖାଦେଇଛି। ଏଥିଯୋଗୁ କୃଷି, ଶିଳ୍ପ ଓ ନିର୍ମାଣ କାର୍ଯ୍ୟରେ ନିରନ୍ତରତା ବହୁଳ ଭାବେ ପ୍ରଭାବିତ ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟ ଭିତରେ ଓ ବାହାରେ ଶସ୍ୟ ଅମଳ, କିଣିବା ଓ ପରିବହନ ପାଇଁ ଆବଶ୍ୟକ ସ୍ୱାୟତ୍ତତାକୁ ସଦ୍ୟ ଗାଇଡ୍‌ଲାଇନ୍ ସହାୟକ ହେବ। ଅନ୍ୟପକ୍ଷରେ ରାଜ୍ୟଗୁଡ଼ିକ ଦାଦନ ଶ୍ରମିକଙ୍କ ଜରୁରୀ ଆବଶ୍ୟକତା ପୂରଣ ପାଇଁ ପଦକ୍ଷେପ ନେଇପାରି ନାହାନ୍ତି। ଷ୍ଟ୍ରାଣ୍ଡେଡ୍ ୱାର୍କର୍ସ ଆକ୍ସନ ନେଟ୍‌ୱର୍କ ପକ୍ଷରୁ ମିଳିଥିବା ସୂଚନାନୁସାରେ ଦେଶର ୯୬% ଶ୍ରମିକ ସରକାରଙ୍କଠାରୁ ରାଶନ ସାମଗ୍ରୀ ପାଇନାହାନ୍ତି।

**ରାଜ୍ୟର ରାଜସ୍ୱ ଓ ସଂଘବାଦ ପାଇଁ ସମାଧାନ**

ବଳବତ୍ତର ଥିବା ନିୟମ କରୋନା ସଂକ୍ରମଣର ମୁକାବିଲା ପାଇଁ ରାଜ୍ୟଗୁଡ଼ିକର ପ୍ରୟାସକୁ ବିପଦରେ ପକାଇବା ଭଳି ମନେହେଉଛି। ପିଏମ୍–କେୟାର୍ସ ରିଲିଫ୍ ଫଣ୍ଡକୁ ନେଇ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ଏହି ପାଣ୍ଠିକୁ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ଅବଦାନ ଅଧୀନରେ ଖର୍ଚ୍ଚର ମାର୍ଗ ଭାବେ ବ୍ୟବହାର କରାଯିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ତେବେ 'ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ' ବା 'କୋଭିଡ୍-୧୯ ପାଇଁ ରାଜ୍ୟ ରିଲିଫ୍ ଫଣ୍ଡ' ସିଏସ୍‌ଆର୍ ବ୍ୟୟ ପାଇଁ ଯୋଗ୍ୟ ବିବେଚିତ ହୋଇନାହିଁ। ପୂର୍ବରୁ ଏହାର ଔଚିତ୍ୟକୁ ନେଇ ପ୍ରଶ୍ନ ଉଠିବା ପରେ ଉପା–୨ ସରକାର ଏକ ସଂଶୋଧନ ଆଣିଥିଲେ। ରାଜନୈତିକ ଇଚ୍ଛାଶକ୍ତି ଥିଲେ ଏକ ଅଧ୍ୟାଦେଶ ବଳରେ ଏବେ ଆଇନରେ ସଂଶୋଧନ ଅଣାଯାଇପାରିବ, ଯଦ୍ୱାରା ରାଜ୍ୟଗୁଡ଼ିକ ମଧ୍ୟ ସିଏସ୍‌ଆର୍ ଫଣ୍ଡ ଗ୍ରହଣ କରିପାରିବେ।

ସେହିପରି ଲକ୍‌ଡାଉନ୍ ଯୋଗୁ ଆର୍ଥିକ ଗତିବିଧି ସଙ୍କୁଚିତ ହେବା ସହ ଜିଏସ୍‌ଟି ଅଂଶଧନ ତଥା ଅନ୍ୟ ବକେୟା ରାଶି ମିଳିବାରେ ବିଳମ୍ବ ହେଉଛି। ଏଥିଯୋଗୁ କେରଳ ଓ ରାଜସ୍ଥାନ ସରକାର ସେମାନଙ୍କ ୧୫ ବର୍ଷର ବଣ୍ଡଗୁଡ଼ିକୁ ବିକ୍ରି କରିଦେଲେଣି। ଗୁଜରାଟ ଓ ମହାରାଷ୍ଟ୍ର ଭଳି ଆଉ କେତେକ ରାଜ୍ୟ ସରକାରଙ୍କ (ଆୟ ପାଇଁ ବଡ଼ ଅବଦାନ ଭାବେ ବିବେଚିତ) ଷ୍ଟାମ୍ପ ଡ୍ୟୁଟି ରାଜସ୍ୱରେ ୪୦% ପର୍ଯ୍ୟନ୍ତ ହ୍ରାସ ପାଇଛି। ତୃତୀୟତଃ ୨୦୧୯–୨୦ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧,୪୮୭ କୋଟି ଟଙ୍କା ଏମ୍‌ପିଲାଡ୍ ପ୍ରଦାନ କରାଯାଇଥିଲା, ଯାହାକି ରାଜ୍ୟଗୁଡ଼ିକର ପ୍ରାପ୍ୟର ମାତ୍ର ୫୫%। ଏମ୍‌ପିଲାଡ୍‌କୁ ବନ୍ଦ କରି ସେହି ପାଣ୍ଠିକୁ ଭାରତର କନ୍‌ସୋଲିଡେଟେଡ୍ ଫଣ୍ଡକୁ ସ୍ଥାନାନ୍ତର କରିବା ସଂଘୀୟ ବ୍ୟବସ୍ଥାର ବିରୋଧୀ। କାରଣ ଏହି ପଦକ୍ଷେପ ରାଜ୍ୟର ସ୍ୱାୟତ୍ତତାକୁ ସୀମିତ କରିବା ସହ ଏମ୍‌ପିମାନଙ୍କ ଦ୍ୱାରା ସ୍ଥାନୀୟ ସ୍ତରରେ ସମାଧାନର ବାଟକୁ ବନ୍ଦ କରିଦେଇଛି। ଏଭଳି ସମୟରେ କରୋନା ଭାଇରସ୍‌ର ମୁକାବିଲା ଲାଗି ବର୍ତ୍ତମାନର ରଣନୀତି ସଂଘୀୟ ସହଯୋଗିତାକୁ ପ୍ରାଧାନ୍ୟ ଦେଇଆସୁଥିବା ସମ୍ବିଧାନର ବିରୁଦ୍ଧାଚରଣ ବୋଲି ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି।

### ଜୁନ୍ ୨୦ ପରେ...

ଶ୍ରେଣୀ(ପିଜି)ର ଚତୁର୍ଥ ସେମିଷ୍ଟର (ଫାଇନାଲ୍) ପରୀକ୍ଷା ଅଗଷ୍ଟ ୨୦ ସୁଦ୍ଧା ସରିବ ଓ ସେପ୍ଟେମ୍ବର ୨୦ ମଧ୍ୟରେ ଫଳ ପ୍ରକାଶ ପାଇବ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି। ବୁଧବାର ଲୋକସେବା ଭବନରେ ରାଜ୍ୟର ସମସ୍ତ ବିଶ୍ୱ ବିଦ୍ୟାଳୟ କୁଳପତିଙ୍କ ସହିତ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏଥିପାଇଁ ଆଜି ଅର୍ଥାତ୍ ଗୁରୁବାର ୭ ତାରିଖଠାରୁ କେବଳ ପ୍ରଶାସନିକ କାର୍ଯ୍ୟ ନିମନ୍ତେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ଏକ ତୃତୀୟାଂଶ କର୍ମଚାରୀଙ୍କୁ ନେଇ ଖୋଲାଯିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ ସାହୁ କହିଛନ୍ତି।

କରୋନା ଲଢ଼େଇ ଓ ଲକ୍‌ଡାଉନ୍ ଜାରି ରହିଛି। ତେଣୁ ମନ୍ତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ସମସ୍ତ କୁଳପତି ଭିଡିଓ କନ୍‌ଫରେନ୍ସିଂରେ ବିଭିନ୍ନ ପରୀକ୍ଷା ପରିଚାଳନା, ଫଳ ପ୍ରକାଶନ, ଛାତ୍ରୀଛାତ୍ରଙ୍କ ନାମଲେଖା ଓ ଶିକ୍ଷାଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକ ଯୁକ୍ତ୩ ଶ୍ରେଣୀର ୬ଷ୍ଠ ସେମିଷ୍ଟର ପରୀକ୍ଷା ନିମନ୍ତେ ପରୀକ୍ଷାସୂଚୀ ସ୍ଥିର କରି ଛାତ୍ରୀଛାତ୍ରଙ୍କୁ ଆଗୁଆ ଜଣାଇବା ପାଇଁ କୁହାଯାଇଛି। ସେହିପରି ସ୍ନାତକୋତ୍ତର ଶ୍ରେଣୀର ଚତୁର୍ଥ ସେମିଷ୍ଟର ପରୀକ୍ଷା ନିମନ୍ତେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟ ବିସ୍ତୃତ ପରୀକ୍ଷା ସୂଚୀ ପ୍ରକାଶ କରିବେ। ଏଥିସହିତ ଚଳିତବର୍ଷ ସ୍ନାତକୋତ୍ତର ଶ୍ରେଣୀର ନାମଲେଖା ନିମନ୍ତେ ଏକକ ପ୍ରବେଶିକା ପରୀକ୍ଷା ଏବଂ ନାମଲେଖା କାର୍ଯ୍ୟ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଶେଷ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଅନଲାଇନ୍ ଏବଂ ଇ–ଲର୍ଣ୍ଣିଂ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯିବ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କୁ ସହଜରେ ଉନ୍ନତମାନର ଷ୍ଟଡି ମ୍ୟାଟେରିଆଲ ମିଳିପାରିବ ବୋଲି ମତ ପ୍ରକାଶ ପାଇଥିଲା। ସେହିଭଳି ପ୍ରତି ୧୫ ଦିନରେ ଥରେ କୁଳପତିମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକ କରି ସ୍ଥିତି ସମ୍ପର୍କରେ ତର୍ଜମା କରି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ମନ୍ତ୍ରୀ ସାହୁଙ୍କ ସହ ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର, ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସଙ୍କ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାୟର କୁଳପତି ଲୋକସେବା ଭବନରେ ଉପସ୍ଥିତ ଥିବାବେଳେ ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତିମାନେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦେଇଥିଲେ।

### ଛିଡ଼ୁନି ରଥ...

ଲେଖି କେନ୍ଦ୍ର ସରକାରଙ୍କ ମତାମତ ଲୋଡ଼ିଛି। କେନ୍ଦ୍ର ସରକାର ଏନେଇ ସବୁଜ ସଙ୍କେତ ଦେଲେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପରମ୍ପରା ଅନୁଯାୟୀ ଗତ ଏପ୍ରିଲ ୨୬ ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ କାର୍ଯ୍ୟ ହେବା କଥା। ହେଲେ ଇତିମଧ୍ୟରେ ୧୧ଦିନ ବିତିଯାଇଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ବିଭିନ୍ନ ପର୍ଯ୍ୟାୟରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜା ଆଲୋଚନା କରିଛନ୍ତି। ଚୂଡ଼ାନ୍ତ ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛଡ଼ାଯାଇଛି। ହେଲେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇପାରୁ ନ ଥିବାରୁ ଏବେ କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ିଛନ୍ତି। ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ରଥଯାତ୍ରା ନେଇ ଆଇନ ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରୁ ସ୍ପଷ୍ଟୀକରଣ ମଗାଯାଇଛି। କେନ୍ଦ୍ରରୁ ଏହାର ଜବାବ ଆସିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଜେନା କହିଛନ୍ତି।

ରଥ ନିର୍ମାଣ ପ୍ରସଙ୍ଗରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଥିବାବେଳେ ଏହାକୁ ନେଇ ରାଜ୍ୟରେ ରାଜନୀତି ମଧ୍ୟ ଆରମ୍ଭ ହୋଇଯାଇଛି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ଭାଜପା ନେତା ବିଜୟ ମହାପାତ୍ର ସରକାରଙ୍କୁ ଏନେଇ ସମାଲୋଚନା କରିଛନ୍ତି। ତାରା କହିଛନ୍ତି ଯେ, ମହାପ୍ରଭୁଙ୍କ ରଥଯାତ୍ରାକୁ ବିଜେଡି ଓ ଭାଜପା ଝୁଲାଇ ରଖିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ସବୁ ଧର୍ମର। ମହାପ୍ରଭୁଙ୍କୁ ନେଇ ଯିଏ ରାଜନୀତି କରିଛି ସେ ଆଗକୁ ଯାଇ ପାରି ନାହିଁ। ରଥ ନିର୍ମାଣ ଓ ରଥଯାତ୍ରା ବିଷୟରେ ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେବ। ସମସ୍ତଙ୍କ ଇଚ୍ଛା ମହାପ୍ରଭୁଙ୍କ ରଥଯାତ୍ରା ହେଉ। ତାଙ୍କ ନୀତି ଓ ସଂସ୍କୃତିରେ ସମଗ୍ର ଭାରତ ଅନୁପ୍ରାଣିତ। ହେଲେ ସରକାରଙ୍କ ଆଇନ ବିଭାଗ ରଥ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି ବୋଲି କହୁଛନ୍ତି। ମୁଁ ଭାବୁଛି ଏଥିରେ ରାଜନୀତି ହେଉଛି। ସେ କେନ୍ଦ୍ର ହୁଅନ୍ତୁ କି ରାଜ୍ୟ ସରକାର, ମହାପ୍ରଭୁଙ୍କ ଊର୍ଦ୍ଧ୍ୱରେ କେହି ନୁହନ୍ତି। ତୁରନ୍ତ ରଥ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନିଅନ୍ତୁ। ଏଥିପାଇଁ ଆଉ ସମୟ ନାହିଁ। ଜାଣିଶୁଣି ରାଜ୍ୟ ସରକାର ଅବହେଳା କରୁଛନ୍ତି। ରଥଯାତ୍ରା କରାଇ ନ ଦେବା ପାଇଁ ଏଠି ବିଜେଡି- ଭାଜପା ମିଶି ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରୁଛି ତୁରନ୍ତ ରଥ ନିର୍ମାଣ ନେଇ ନିଷ୍ପତ୍ତି ନିଅନ୍ତୁ। ନଚେତ ରାଜ୍ୟବାସୀ କ୍ଷମା ଦେବେ ନାହିଁ ବୋଲି ତାରା କହିଛନ୍ତି। ଅନ୍ୟ ପକ୍ଷରେ ବିଜୟ ମହାପାତ୍ର କହିଛନ୍ତି ରଥ ନିର୍ମାଣ ନିଷ୍ପତ୍ତି ରାଜ୍ୟ ସରକାରଙ୍କ। ଏଥିରେ କେନ୍ଦ୍ର ସରକାରଙ୍କ ବିଶେଷ ଭୂମିକା ନାହିଁ। ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ି ପାରନ୍ତି। କେନ୍ଦ୍ର ସରକାରଙ୍କ ସହ ଦୈନିକ ୧୦ଥର ଭିଡିଓ କନଫରେନ୍ସିଂରେ କଥା ହେଉଛନ୍ତି। ଏକଥା କହି ପାରନ୍ତେ, ଚିଠି ଲେଖିବାର ଆବଶ୍ୟକତା କ'ଣ। ବିଳମ୍ବ ହେଲେ ନୀତିକାନ୍ତିରେ ବିଭ୍ରାଟ ହେବ ବୋଲି ବିଜୟ କହିଛନ୍ତି।

ସୂଚନା ଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛିଦିନ ପୂର୍ବରୁ ଭିଡିଓ କନଫରେନ୍ସିଂରେ ଆଲୋଚନା ବେଳେ ମହାପ୍ରଭୁଙ୍କ ରଥଯାତ୍ରାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଥିଲେ। ତେବେ ରଥଯାତ୍ରାକୁ ନେଇ ପ୍ରଧାନମନ୍ତ୍ରୀ କୌଣସି ସବୁଜ ସଙ୍କେତ ଦେଇ ନ ଥିଲେ। ଆଇନ ବିଭାଗର ଚିଠି ପରେ କେନ୍ଦ୍ର ସରକାର କି ନିଷ୍ପତ୍ତି ନେଉଛନ୍ତି ତାହା ଉପରେ ରହିଛି ନଜର।

### ପେଟ୍ରୋଲ, ଡିଜେଲ...

ପେଟ୍ରୋଲ ଡିଜେଲ ଦର ଉପରେ ଏହାର ପ୍ରଭାବ ପଡିନାହିଁ। ବୁଧବାର ପେଟ୍ରୋଲ ଦର ଅପରିବର୍ତ୍ତିତ ୭୧.୨୬ ଟଙ୍କା ଏବଂ ଡିଜେଲ ୬୯.୩୯ ଟଙ୍କା ରହିଛି। ଉତ୍ପାଦ ଟିକସ ବଢ଼ିଥିଲେ ମଧ୍ୟ ଅନ୍ତର୍ଜାତୀୟ ବଜାରରେ ଦର ନିମ୍ନରେ ଥିବା ଗ୍ରାହକଙ୍କ ଉପରେ ତୈଳ ବିପଣନ କମ୍ପାନୀଗୁଡିକ କୌଣସି ବୋଝ ନ ଦେଇ ନିଜ ମଧ୍ୟରେ ବର୍ଦ୍ଧିତ ମୂଲ୍ୟକୁ ବ୍ୟବସ୍ଥିତ କରିଛନ୍ତି। ଦୁଇ ମାସରୁ କମ୍ ସମୟ ମଧ୍ୟରେ ସରକାର ଲଗାତର ଭାବେ ଦ୍ୱିତୀୟ ଥର ଲାଗି ଏଭଳି ଟିକସ ବୃଦ୍ଧି କରିଛନ୍ତି। ଏହି ଯୋଜନା ଦ୍ୱାରା ରାଜକୋଷକୁ ପ୍ରାୟ ୧.୭ ଲକ୍ଷ କୋଟି ଟଙ୍କା ରାଜସ୍ୱ ଆସିପାରିବ ବୋଲି ତୈଳ ବିପଣନ କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ମାର୍ଚ୍ଚ ୧୪ରେ ସରକାର ପେଟ୍ରୋଲ ଡିଜେଲ ଉପରେ ଲିଟର ପିଛା ୩ ଟଙ୍କା ଉତ୍ପାଦ ଟିକସ ବୃଦ୍ଧି କରିଥିଲେ। ଏହା ଦ୍ୱାରା ରାଜକୋଷକୁ ୩୯ ହଜାର କୋଟି ଟଙ୍କା ଆସିବ ବୋଲି ଆକଳନ କରାଯାଇଥିଲା। ଲଗାତର ଭାବେ ଏଭଳି ୨ଥର ମୂଲ୍ୟ ବୃଦ୍ଧି କରାଯିବା ଫଳରେ ରାଜକୋଷକୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ଆସିବ ବୋଲି କୁହାଯାଉଛି।

ପ୍ରକାଶ ଥାଉକି, ବିନା ଟିକସରେ ଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୧୮.୨୮ ଟଙ୍କା ରହିବ। ମାତ୍ର ବର୍ତ୍ତମାନ ଏଥିରେ ୩୨.୯୮ ଟଙ୍କାର ଉତ୍ପାଦ ଟିକସ,୩.୨୬ ଟଙ୍କାର ଡିଲର କମିଶନ, ୧୬.୪୪ ଟଙ୍କାର ଭାଟ୍ ଲାଗିବା ଯୋଗୁ ଗ୍ରାହକଙ୍କୁ ୭୧.୨୬ ଟଙ୍କା ଦେବାକୁ ପଡୁଛି। ସେହିଭଳି ଡିଜେଲରେ ୩୧.୮୩ ଟଙ୍କାର ଉତ୍ପାଦ ଟିକସ, ୨.୫୨ ଟଙ୍କାର ଡିଲର କମିଶନ, ୧୬.୨୬ ଟଙ୍କା ଭାଟ୍ ଲାଗୁ ହେବା ପରେ ଏହାର ମୂଲ୍ୟ ୬୯.୩୯ ଟଙ୍କାକୁ ବଢ଼ିଛି। ସୂଚନାଯୋଗ୍ୟ, ୧୯୯୯ ପରେ ବ୍ରେଣ୍ଟ ଅଶୋଧିତ ତୈଳ ଦର ସର୍ବନିମ୍ନ ସ୍ତର ବ୍ୟାରେଲ ପିଛା ୧୮ ଡଲାର ରହିଛି। ଫଳରେ କମ୍ପାନୀଗୁଡିକ ଉପରେ ଏହାର ଚାପ ବର୍ତ୍ତମାନ ନାହିଁ। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ, ପେଟ୍ରୋଲ ଉପରେ ଅତିରିକ୍ତ ଉତ୍ପାଦ ଟିକସ ବାବଦ ଲିଟର ପିଛା ୨ ଟଙ୍କା ଏବଂ ରୋଡ୍ ସେସ୍ ବାବଦ ୮ ଟଙ୍କା ଲାଗୁ କରାଯାଇଛି। ଏହା ଡିଜେଲ ଉପରେ ଯଥାକ୍ରମେ ୫ ଟଙ୍କା ଏବଂ ୮ ଟଙ୍କା ରହିଛି। ଫଳରେ ପେଟ୍ରୋଲ ଏବଂ ଡିଜେଲ ଉପରେ ମୋଟ ଉତ୍ପାଦ ଟିକସ ଯଥାକ୍ରମେ ୩୨.୯୮ ଟଙ୍କା ଏବଂ ୩୧.୮୩ ଟଙ୍କା ଛୁଇଁଛି। ଇନ୍ଧନ ଉପରେ ମୋଟ ମୂଲ୍ୟର ପ୍ରାୟ ୪୬% କେନ୍ଦ୍ରୀୟ ଉତ୍ପାଦ ଟିକସ ପ୍ରଦାନ କରିବାକୁ ପଡୁଛି। ଏହା ବାଦ୍ ଭାଟ୍ ଏବଂ ସେଲ୍‌ସ ଟିକସ ମିଶିଲେ ଟିକସ ଅଂଶ ମୋଟ ମୂଲ୍ୟର ପ୍ରାୟ ୬୦% ଛୁଇଁବ। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରକୁ ଆସିବା ସମୟରେ ପେଟ୍ରୋଲ ଉପରେ ଲିଟର ପିଛା ଉତ୍ପାଦ ଟିକସ ୯.୪୮ ଟଙ୍କା ରହିଥିବା ବେଳେ ଡିଜେଲ ଉପରେ ଏହା ୩.୫୬ ଟଙ୍କା ରହିଥିଲା। ବିଶ୍ୱ ସ୍ତରରେ ତୈଳ ଦର ନିମ୍ନରେ ରହିଥିବାରୁ ସରକାରଙ୍କୁ ଏଥିରୁ ଲାଭ ମିଳିଛି। ୨୦୧୪ ନଭେମ୍ବରରୁ ୨୦୧୬ ଜାନୁୟାରୀ ମଧ୍ୟରେ ସରକାର ୯ ଥର ଉତ୍ପାଦ ଟିକସ ବଢ଼ାଇଥିଲେ। ସେହି ୧୫ ମାସରେ ସରକାର ପେଟ୍ରୋଲ ଉପରେ ୧୧.୭୭ ଟଙ୍କା ଏବଂ ଡିଜେଲ ଉପରେ ୧୩.୪୭ ଟଙ୍କା ଟିକସ ବୃଦ୍ଧି କରିଥିଲେ। ଫଳରେ ୨୦୧୪–୧୫ରେ ଏହି ରାଜସ୍ୱ ବାବଦକୁ ମିଳିଥିବା ୯୯,୦୦୦ ଟଙ୍କା ୨୦୧୬–୧୭ରେ ୨.୪୨ ଲକ୍ଷ କୋଟି ଛୁଇଁଥିଲା। ଅକ୍ଟୋବର ୨୦୧୭ରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଲିଟର ପିଛା ସରକାର ଯଥାକ୍ରମେ ୨ ଟଙ୍କା ଓ ୧.୫୦ ଟଙ୍କା ଉତ୍ପାଦ ଟିକସ ହ୍ରାସ କରିଥିଲେ। ଜୁଲାଇ ୨୦୧୯ରେ ଏଥିରେ ୨ ଟଙ୍କା ବୃଦ୍ଧି କରାଯାଇଥିଲା। ଚଳିତବର୍ଷ ମାର୍ଚ୍ଚରେ ଏଥିରେ ପୁଣି ୩ ଟଙ୍କା ବୃଦ୍ଧି କରାଯାଇଥିଲା।

### ୧୭ ଜିଲାରେ...

ରିପୋର୍ଟ ପଜିଟିଭ୍ ଆସିବା ପରେ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପୂର୍ବରୁ ଜଗତ୍‌ସିଂହପୁରରୁ କୌଣସି କରୋନା ପଜିଟିଭ୍ ବାହାରି ନ ଥିବାରୁ ଏହି ଜିଲା ଗ୍ରୀନ୍ ଜୋନ୍‌ରେ ରହିଛି। ଏବେ ଏକାଥରକେ ୪ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲା ପ୍ରଶାସନର ଚିନ୍ତା ବଢ଼ିଛି। ସେପଟେ ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି। ସେହିପରି ସୁରଟ ଫେରନ୍ତାଙ୍କ ପାଇଁ ଗଞ୍ଜାମ ଜିଲାରେ କରୋନା ବ୍ୟାପୁଛି। ବୁଧବାର ଆଉଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଏହି ନୂଆ ଆକ୍ରାନ୍ତ ଜଣକ ୧୮ ବର୍ଷୀୟ ସୁରଟ ଫେରନ୍ତା ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ଅରେଞ୍ଜି ଜୋନ୍‌ରେ ଥିବା କେନ୍ଦ୍ରାପଡ଼ା ଜିଲାରେ ଆଉଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୬୦ ବର୍ଷୀୟ ଏହି ପୁରୁଷ ଜଣକ ପଶ୍ଚିମବଙ୍ଗରୁ ଫେରିଥିବା ଜଣାପଡ଼ିଛି। ତେବେ କାହା ସଂସ୍ପର୍ଶରେ ସେ ଆସିଛନ୍ତି, ତାହା ଜଣାପଡ଼ି ନାହିଁ। ଏହି ଜିଲାରେ ପୂର୍ବରୁ ଚିହ୍ନଟ ହୋଇଥିବା ଦୁଇଜଣ ଇତିମଧ୍ୟରେ ସୁସ୍ଥ ହୋଇଯାଇଛନ୍ତି। ଏବେ ନୂଆ କରୋନା ଆକ୍ରାନ୍ତଙ୍କୁ ନେଇ ଜିଲା ପ୍ରଶାସନ ମଧ୍ୟ ତତ୍ପର ହୋଇଉଠିଛି। ସେପଟେ ସର୍ବାଧିକ କରୋନା ସଂକ୍ରମିତ ଯାଜପୁର ଜିଲାରେ ପୁଣି ୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନେ ପୁରୁଷ ହୋଇଥିବାବେଳେ ବୟସ ୬୫ ଓ ୫୭ବର୍ଷ। ଏହି ଦୁଇଜଣ ପଶ୍ଚିମବଙ୍ଗ ଫେରନ୍ତା ବୋଲି ତଥ୍ୟ ରହିଛି। ଫଳରେ ଏବେ ଯାଜପୁର ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୬ରେ ପହଞ୍ଚିଛି। ଜଣେ ସୁସ୍ଥ ହୋଇଥିବାବେଳେ ୫୫ଜଣ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ବାଲେଶ୍ୱରରୁ ଚିହ୍ନଟ ନୂଆ ଆକ୍ରାନ୍ତ ଜଣକ ୪୮ବର୍ଷୀୟ ପୁରୁଷ। ସେ ମଧ ପଶ୍ଚିମବଙ୍ଗ ଫେରନ୍ତା। ତାଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୫ଜଣ ସୁସ୍ଥ ହୋଇଥିବାବେଳେ ୨୦ଜଣ ଚିକିତ୍ସାଧୀନ ଅଛନ୍ତି। ତେବେ ନୂଆ ୯ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟରେ ଏବେ କରୋନା ପଜିଟିଭ୍ ସଂଖ୍ୟା ୧୮୫କୁ ବୃଦ୍ଧି ପାଇଛି।

### ରାଜ୍ୟରେ ଦ୍ୱିତୀୟ...

ରକ୍ତଚାପ ସମସ୍ୟା ବଢ଼ିଥିଲା, ପରିସ୍ରା କମିଯାଇଥିଲା। ସମ୍ପୃକ୍ତ ଆକ୍ରାନ୍ତଙ୍କର ଥରେ ଡାଏଲିସିସ୍ ମଧ୍ୟ କରାଯାଇଥିଲା। ବିଭିନ୍ନ ରୋଗରେ ପୀଡ଼ିତ ଥିବାରୁ ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ସୁସ୍ଥ ହୋଇ ନ ଥିଲେ ବୋଲି ଏସ୍‌ସିବିର ଭେଷଜ ବିଶେଷଜ୍ଞ ଡା. ଜୟନ୍ତ ପଣ୍ଡା କହିଛନ୍ତି। ଏହି ବ୍ୟକ୍ତିଙ୍କ ମୃତ୍ୟୁରୁ ଆମେ ସମସ୍ତେ ଗୋଟିଏ ଶିକ୍ଷା ଲାଭ କଲୁ ଯେ, ବର୍ତ୍ତମାନ ସମୟରେ ବୟସ୍କଙ୍କ ପ୍ରତି ଅଧିକ ବିପଦ ରହିଛି। ଘରେ ଥିବା ବୟସ୍କ ବ୍ୟକ୍ତି, ରୋଗାକ୍ରାନ୍ତଙ୍କ ବିଶେଷ ଯତ୍ନ ନେବାକୁ ସେ ପରାମର୍ଶ ଦେଇଛନ୍ତି।

ଏହି ବ୍ୟକ୍ତି ଜଣଙ୍କ ତାଙ୍କର ନିକଟ ସମ୍ପର୍କୀୟ ତଥା ୪୧ ନମ୍ବର କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ଏପ୍ରିଲ ୭ରେ ୪୧ ନମ୍ବର ଆକ୍ରାନ୍ତଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ୯ ତାରିଖରେ ଏହି ବ୍ୟକ୍ତିଙ୍କର ନମୁନା ପରୀକ୍ଷଣ କରାଯାଇଥିଲା। କିନ୍ତୁ ରିପୋର୍ଟ ନେଗେଟିଭ୍ ଆସିଥିଲା। ଏହାପରେ ସେ ଏପ୍ରିଲ୍ ୧୧ରୁ ୨୦ ପର୍ଯ୍ୟନ୍ତ ପୁଣି ସରକାରୀ କ୍ୱାରାଣ୍ଟାଇନ୍ ଓ ୨୦ରୁ ୨୭ତାରିଖ ପର୍ଯ୍ୟନ୍ତ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଏପ୍ରିଲ୍ ୨୮ରେ ପୁଣି ତାଙ୍କର ନମୁନା ପରୀକ୍ଷା କରାଯିବାରୁ ରିପୋର୍ଟ ପଜିଟିଭ୍ ଆସିଥିଲା। ଏହାପରେ ସେହିଦିନ ତାଙ୍କୁ କିମ୍ସ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ପ୍ରଥମେ ରିପୋର୍ଟ ନେଗେଟିଭ୍ ଓ ପରେ ପଜିଟିଭ୍ ଅସିବାର ମାତ୍ର ୯ଦିନ ପରେ ତାଙ୍କର ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ଏପ୍ରିଲ ୬ରେ ରାଜ୍ୟର ପ୍ରଥମ କରୋନା ମୃତ୍ୟୁ ହୋଇଥିଲା। ସେ ହେଲେ ଭୁବନେଶ୍ୱର ଝାରପଡ଼ା ଅଞ୍ଚଳର ୭୨ବର୍ଷୀୟ ବ୍ୟକ୍ତି। ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ସେ ଏମ୍ସରେ ଭର୍ତ୍ତି ହୋଇଥିଲେ। ଲକ୍ଷଣରୁ ତାଙ୍କର ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ମୃତ୍ୟୁ ପରଦିନ ତାଙ୍କର ରିପୋର୍ଟ ପଜିଟିଭ୍ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟପଟେ ରାଜ୍ୟରେ ଆଉଜଣେ ରୋଗୀ ସୁସ୍ଥ ହୋଇଛନ୍ତି। ସେ ବାଲେଶ୍ୱର ଜିଲାର ବୋଲି ଜଣାପଡ଼ିଛି। ଏହାପରେ ରାଜ୍ୟରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୬୧ରେ ପହଞ୍ଚିଛି।

## ସଂକ୍ଷେପରେ

### ମଦ କାରବାର ଭିଡ଼ିଓକୁ ନେଇ ଚର୍ଚ୍ଚା

**ଖୋର୍ଦ୍ଧା ଅଫିସ,୬।୫ :** କରୋନା ଲାଗି ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଛି। ଲକ୍‌ଡାଉନ ସମୟରେ ସମସ୍ତଙ୍କ ବେପାର ଠପ୍ ହୋଇଯାଇଥିବା ବେଳେ ଖୋର୍ଦ୍ଧା ସହର ତଥା ଉପକଣ୍ଠରେ ଲକ୍ଷାଧିକ ଟଙ୍କାର ମଦ କାରବାର ଚାଲିଛି। କେତେକ ବ୍ୟବସାୟୀ ବେଆଇନଭାବେ ଅବକାରୀ, ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ହାତବାରିଶି କରି ଏହି ବେପାର ଜାରି ରଖିଛନ୍ତି। ବେଆଇନ ମଦ ବିକ୍ରି ନେଇ ଏକ ଭିଡିଓ କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କ ହାତରେ ଲାଗିଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ସମ୍ପୃକ୍ତ ମଦ ବ୍ୟବସାୟୀ ମାନେ ଖବର ପ୍ରସାରଣ ନ କରିବା ଲାଗି ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ଚାପ ଉପରେ ପକାଇଥିଲେ। ଏଥିଲାଗି ଲକ୍ଷାଧିକ ଟଙ୍କାର କାରବାର ହୋଇଥିବା ଚର୍ଚ୍ଚା ଜୋର ଧରିଛି। ଏନେଇ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ନିକଟରେ ଖବର ପହଞ୍ଚିବା ପରେ ସମ୍ପୃକ୍ତ ଖବରଦାତାଙ୍କ ମଧ୍ୟରେ ଛନକା ପଶିଯାଇଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ଚର୍ଚ୍ଚା। ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣା ଯଦି ସତ୍ୟ ହୋଇଥାଏ ତେବେ ଏହା ସାଂଘାତିକ ବୋଲି କେତେଜଣ ବୁଦ୍ଧିଜୀବୀ କହିଛନ୍ତି।

### ୪ ପଜିଟିଭ୍ ଚିହ୍ନଟ ପରେ ଗଞ୍ଜାମରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍

ଭୁବନେଶ୍ୱର, ୬।୫(ବ୍ୟୁରୋ)- ଗଞ୍ଜାମରେ ଗତ ୩ଦିନରେ ୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ୪ ସଂକ୍ରମିତ ସମସ୍ତେ ସୁରଟ ଫେରନ୍ତା ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୂଚନା ଦେଇଛି। ଗଞ୍ଜାମରେ କରୋନା ମୁକାବିଲା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି। ପୂର୍ବରୁ ୨ଜଣ ଆଇଏଏସ୍ ଓ ୫ଜଣ ବରିଷ୍ଠ ଓଏଏସଙ୍କୁ ଜିଲା ଦାୟିତ୍ୱ ନ୍ୟସ୍ତ କରିଥିବା ରାଜ୍ୟସରକାର ପୁଣି ୨ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନିୟୋଜିତ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁସାରେ ଗଞ୍ଜାମରେ ଗତ ୩ଦିନ ମଧ୍ୟରେ ୪ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ଜିଲାରେ ରୋଗ ନିରୀକ୍ଷଣ, ସଂକ୍ରମଣ ପ୍ରତିରୋଧ ପଦକ୍ଷେପ ସମ୍ପର୍କରେ ତଦାରଖ ନିମନ୍ତେ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ପାଣିଗ୍ରାହୀ ଓ ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସି ବୈଜ୍ଞାନିକ ଜୟସିଂହ ଖିଡ୍ରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହା ବ୍ୟତୀତ ଜିଲାରେ ନିରୀକ୍ଷଣ, କଣ୍ଟାକ୍ଟ ଟ୍ରେସିଂ ଓ ଚିକିତ୍ସା ପ୍ରବୃତ୍ତିକୁ ସୁଦୃଢ଼ କରିବା ନିମନ୍ତେ ଏକ ରାପିଡ୍ ରେସ୍ପନ୍ସ ଟିମ୍ (ଆର୍‌ଆର୍‌ଟି) ଗଠନ ନିମନ୍ତେ ବ୍ରହ୍ମପୁର ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରିନ୍ସିପାଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଆର୍‌ଆର୍‌ଟିରେ ୫ଜଣ ଡାକ୍ତର ରହିବେ।

### କାର୍ କାଚ ଭାଙ୍ଗି ଲାପ୍‌ଟପ୍, ଟଙ୍କା ଚୋରି

**ଭୁବନେଶ୍ୱର,୬।୫(ବ୍ୟୁରୋ):** ବରମୁଣ୍ଡା ହାଉସିଂ ବୋର୍ଡ କଲୋନିର ଉମାକାନ୍ତ ସାମନ୍ତରାୟଙ୍କ କାର୍ ଚାଚ ଭାଙ୍ଗି କେହି ଦୁର୍ବୃତ୍ତ ଏକ ଲାପଟପ ଓ ୧୫ହଜାର ଟଙ୍କା ଚୋରି କରିନେଇଥିବା ବୁଧବାର ଅଭିଯୋଗ ହୋଇଛି। ଖଣ୍ଡଗିରି ଥାନା ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। କଲୋନିର ଏଚଆଇଜି ସି-୫୫ରେ ଠିକାଦାର ସାମନ୍ତରାୟ ରୁହନ୍ତି। ତାଙ୍କ ଘର ସମ୍ମୁଖରେ ପ୍ରତିଦିନ କାମ ସାରି ଫେରିବା ପରେ କାର (ଓଡି୦୫ବି ୩୩୩୩) ରଖି ଘରକୁ ଯାଆନ୍ତି। ମାତ୍ର ସକାଳୁ ଉଠି ଦେଖିଲା ବେଳକୁ କେହି ଦୁର୍ବୃତ୍ତ କାର କାଚ ଭାଙ୍ଗି ଏକ ଲାପଟପ, ୧୫ ହଜାର ଟଙ୍କା ଚୋରି କରି ନେଇଛି।

# ରଥ ନିର୍ମାଣ ଆଶା ଛାଡ଼ିଲେ ମହାରଣା ସେବକ

**ପୁରୀ ଅଫିସ,୬।୫**

### ଦଇତାପତି ସେବକ କହିଲେ ଡ୍ରାମା ଚାଲିଛି

କରୋନା କଟକଣା ପାଇଁ ଚଳିତବର୍ଷ ରଥ ନିର୍ମାଣ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିଲା ନାହିଁ। ରଥ ନିର୍ମାଣ ନେଇ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସୁ ନ ଥିବାରୁ ଆଶା କ୍ଷୀଣ ହେବାରେ ଲାଗିଛି। ଫଳରେ ଏଥର ରଥଯାତ୍ରା ହେବ କି ନାହିଁ ସେ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶକୁ ଚାହିଁ ରହିଥିବା ମହାରଣା ସେବକ ଦିନ ଗଡ଼ିଯାଉଥିବାରୁ ଏବର୍ଷ ରଥ ଆଶା ସମ୍ପୂର୍ଣ୍ଣ ଛାଡ଼ି ଦେଇଛୁ ବୋଲି କହିଛନ୍ତି। ସେହିପରି ରଥଯାତ୍ରାକୁ ନେଇ ଏକପ୍ରକାର ଡ୍ରାମା ଚାଲିଛି ବୋଲି କହିଛନ୍ତି ଦଇତାପତି ସେବକ। ରଥ ନିର୍ମାଣ ଲାଗି ପରିଚାଳନା କମିଟି ରାଜ୍ୟ ସରକାରଙ୍କୁ ଗତ ୪ ତାରିଖରେ ସୁପାରିସ କରିଥିଲା। କିନ୍ତୁ ଏଯାଏ ସରକାରଙ୍କ ପାଖରୁ କୌଣସି ଅନୁମତି ଆସି ନ ଥିବାରୁ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ରଥ ନିର୍ମାଣ ଲାଗି ମହାରଣା ସେବକମାନଙ୍କୁ ନିର୍ଦ୍ଦେଶ ଦେଇପାରୁନି। ଏମିତି ଦୋଛକିରେ ରଥ ନିର୍ମାଣ କାର୍ଯ୍ୟ ପଡ଼ିଯାଇଥିବାବେଳେ ଏପଟେ ଦିନ ବି ଗଡ଼ିଯାଉଛି। ଗତମାସ ୨୬ ତାରିଖ ପବିତ୍ର ଅକ୍ଷୟ ତୃତୀୟାରେ ଶ୍ରୀମନ୍ଦିର ଭିତରେ ରଥ ନିର୍ମାଣ ଅନୁକୂଳ ହୋଇଥିଲା। ଲକ୍‌ଡାଉନ କଟକଣା ଯୋଗୁ ମନ୍ଦିର ଭିତରେ ଏହି ଅନୁକୂଳ କରାଯାଇଥିଲେ ମଧ୍ୟ ସେବେଠାରୁ କାମ ବନ୍ଦ ରହିଛି। ଇତିମଧ୍ୟରେ ୧୧ଦିନ ବିତିଗଲାଣି, ହେଲେ ଏ ପର୍ଯ୍ୟନ୍ତ ରଥ ନିର୍ମାଣ କାମ ଆରମ୍ଭ ହୋଇ ନ ଥିବାରୁ ମହାରଣା ସେବକମାନେ ଏଥର ରଥ ଆଶା ଛାଡ଼ି ଦେଇଥିବା କହିଛନ୍ତି। ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର କହିଛନ୍ତି, ଏବର୍ଷ ରଥ ନେଇ ସମ୍ପୂର୍ଣ୍ଣ ଆଶା ଛାଡ଼ି ଦେଇଛୁ। ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ ଆରମ୍ଭ ହେବା କଥା। କିନ୍ତୁ ଏଯାବତ୍ ରଥ ନିର୍ମାଣ ଆରମ୍ଭ ହୋଇନାହିଁ। ବୁଧବାର ନୃସିଂହ ଚତୁର୍ଦ୍ଦଶୀରେ କଣଗୁଜ ଅନୁକୂଳ ହେବା କଥା, କିନ୍ତୁ ହେଲା ନାହିଁ। ସେହିପରି ଭଉଁରୀରେ ମହାପ୍ରଭୁଙ୍କ ଆଜ୍ଞାମାଳ ଆସି ଚକ ଡେରା ନୀତି ହୋଇଥାନ୍ତା, ତାହା ବି ହୋଇପାରିବ ନାହିଁ। ବିଧି ଅନୁସାରେ ଆଉ କାମ କରାଯାଇପାରିବ ନାହିଁ। ଏବର୍ଷ ବୋଧେ ଆଉ ରଥ ହୋଇପାରିବ ନାହିଁ ବୋଲି ବିଜୟ କହିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ଯେଉଁଦିନ ଚନ୍ଦନ ଯାତ୍ରା ନରେନ୍ଦ୍ରରେ ହୋଇପାରିବ ନାହିଁ ବୋଲି ନିଷ୍ପତ୍ତି ନିଆଗଲା ସେହିଦିନ ରଥଯାତ୍ରା ସଂକ୍ରାନ୍ତରେ ସ୍ୱଷ୍ଟ କରିଦେବା କଥା। ଯଦି ରଥଯାତ୍ରା ହୋଇପାରିବ ନାହିଁ ତେବେ ଭକ୍ତମାନଙ୍କୁ ଜଣାଇ ଦେଇଥାନ୍ତେ। ଶ୍ରୀମନ୍ଦିର ପରିଚାଳନା କମିଟିରେ ରଥ ନିର୍ମାଣ ସଂକ୍ରାନ୍ତରେ ନିଆଯାଇଥିବା ନିଷ୍ପତ୍ତିକୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବା ଏବଂ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ପାଖକୁ ପଠାଇବା କେବଳ ଏକ ଡ୍ରାମା। ଏପରି କରି ମହାପ୍ରଭୁଙ୍କ ସହ ଖେଳ ଖେଳାଯାଉଛି। ମହାପ୍ରଭୁଙ୍କ ଇଚ୍ଛାରେ ଯଦି ରଥଯାତ୍ରା ବନ୍ଦ ହେଉଥାଏ ଠିକ୍ ଅଛି। ଯଦି ମନୁଷ୍ୟକୃତ ଏହି ନିଷ୍ପତ୍ତି ନିଆଯାଏ ତେବେ ଜଗନ୍ନାଥ ମହାପ୍ରଭୁ ହିଁ ବୁଝିବେ ବୋଲି ବିନାୟକ କହିଛନ୍ତି।

# ଆର୍‌ଆଇଙ୍କ ମୁଣ୍ଡ ଫାଟିଲା, ହାତ ଭାଙ୍ଗିଲା

**ଖୋର୍ଦ୍ଧା ଅଫିସ,୬।୫**

### ମାଙ୍କଡ଼ା ଖଣିରେ ଚଢ଼ାଉ ବେଳେ ପଥର ମାଡ଼

ମହାମାରୀ କରୋନା (କୋଭିଡ-୧୯)କୁ ପ୍ରତିହତ କରିବା ପାଇଁ କେନ୍ଦ୍ର ସରକାର ମେ' ୧୭ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି। ଲକ୍‌ଡାଉନ ଜାରି ରହିଥିବା ବେଳେ ଖୋର୍ଦ୍ଧା ତହସିଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଧଡ଼କ ପଥର ବ୍ଲାଷ୍ଟିଂ ଏବଂ ମାଙ୍କଡ଼ା ପଥର ଚୋରା ଚାଲାଣ ଚାଲିଛି। ଏ ନେଇ ଗଣମାଧ୍ୟମରେ ଖବର ପରିବେଷଣ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ମଧ୍ୟାହ୍ନରେ ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦୁ ସାମଲ ଏକ ଟିମ୍ ସହ ସଦର ଥାନା ଅନ୍ତର୍ଗତ ବ୍ରଜମୋହନପୁର ଅଞ୍ଚଳରେ ଚାଲିଥିବା ଏକ ମାଙ୍କଡ଼ା ଖଣି ଉପରେ ଚଢ଼ାଉ କରିଥିଲେ। ତହସିଲଦାର ପଥର ବ୍ଲାଷ୍ଟିଂ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ସେଠାରେ କେତେଜଣ କାର୍ଯ୍ୟରତ କର୍ମଚାରୀ ହଠାତ୍ ପଥର ମାଡ଼ କରିଥିଲେ। ଏଥିରେ ଗୋଲବାଇର ରାଜସ୍ୱ ନିରୀକ୍ଷକ(ଆରଆଇ) ପ୍ରଶାନ୍ତ କୁମାର ଷଡ଼ଙ୍ଗୀଙ୍କ ମୁଣ୍ଡ ଫାଟିଯିବା ସହ ବାମହାତ ଭାଙ୍ଗିଯାଇଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତହସିଲଦାର ଘଟଣାସ୍ଥଳରୁ ୪ ଟ୍ରକ, ୨ ପାୱାରଟିଲର, ଗୋଟିଏ ପାଣି ପମ୍ପ ମେଶିନ ଏବଂ ୩ଟି ବାଇକ୍ ଜବତ କରି ପୋଲିସ ଜିମା ଦେଇଛନ୍ତି। ଏ ସମ୍ପର୍କରେ ଆରଆଇ ଷଡ଼ଙ୍ଗୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୮୪/୨୦)ରୁଜୁକରି ତଦନ୍ତ ଚଳାଇଛି।

# ମାର୍ଚ୍ଚରେ ଉପକୃତ ହୋଇଛନ୍ତି ୧ଲକ୍ଷ ସଂସ୍ଥା

**ଭୁବନେଶ୍ୱର,୬।୫(ବ୍ୟୁରୋ)**

### ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା

ମହାମାରୀ କରୋନା ବେଳେ କ୍ଷୁଦ୍ର ବେସରକାରୀ ସଂସ୍ଥାଗୁଡ଼ିକରେ କାମ କରୁଥିବା ସ୍ୱଳ୍ପ ବେତନଧାରୀ କର୍ମଚାରୀଙ୍କ ଆର୍ଥିକ ଉନ୍ନତି ନିମନ୍ତେ ଭାରତ ସରକାରଙ୍କ ଶ୍ରମ ମନ୍ତ୍ରାଳୟ ତରଫରୁ ଆରମ୍ଭ କରାଯାଇଛି 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା'। ଏହି ଯୋଜନା ଅଧୀନରେ ମାର୍ଚ୍ଚ ମାସରେ ପ୍ରାୟ ୧ଲକ୍ଷ ଅନୁଷ୍ଠାନ ପାଇଁ ୨୦୭ କୋଟିର ଅନୁଦାନ ଦିଆଯାଇଛି। ଯୋଜନା ଅନୁଯାୟୀ,୧୦୦ରୁ କମ୍ କର୍ମଚାରୀ କାମ କରୁଥିବା ଅନୁଷ୍ଠାନଗୁଡ଼ିକରେ ଯଦି ୯୦ପ୍ରତିଶତ କର୍ମଚାରୀ ମାସିକ ୧୫ହଜାର ଟଙ୍କାରୁ କମ୍ ଦରମା ପାଉଛନ୍ତି ତେବେ ଏଭଳି ଅନୁଷ୍ଠାନଗୁଡ଼ିକ ମାର୍ଚ୍ଚ,ଏପ୍ରିଲ ଏବଂ ମେ ମାସର ଭବିଷ୍ୟନିଧି ପାଇଁ ଯୋଗ୍ୟ ବିବେଚିତ ହେବେ। ଏହି ବାବଦକୁ ଉଭୟ କର୍ମଚାରୀ ଓ ନିଯୁକ୍ତି ଦାତାଙ୍କ ପାଇଁ ୨୪ପ୍ରତିଶତ ଦେୟ ଭାରତ ସରକାର ବହନ କରିବେ। ଆଗାମୀ ସମୟରେ ପ୍ରାୟ ୪ଲକ୍ଷରୁ ଉର୍ଦ୍ଧ୍ୱ ସଂସ୍ଥାର ୮୦ଲକ୍ଷ କର୍ମଚାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଓଡିଶାରେ ଏହି ଯୋଜନାର ସଫଳ ରୂପାୟନ ପାଇଁ କର୍ମଚାରୀ ଭବିଷ୍ୟନିଧି ଶାଖାର ରାଜ୍ୟ ମୁଖ୍ୟ ପି. ବୀରଭଦ୍ର ସ୍ୱାମୀ ନେତୃତ୍ୱ ନେଉଛନ୍ତି। ଓଡ଼ିଶାର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଓ କେନ୍ଦୁଝର ଆଦି ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟରେ ଏ ଯାଏ ପ୍ରାୟ ୩୫୦୦ ସଂସ୍ଥାର ୫୦ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ୮କୋଟି ଟଙ୍କାର ଅନୁଦାନ ପାଇ ସାରିଛନ୍ତି। ଏହି ଯୋଜନା ପାଇଁ ଅନେକ ସଂସ୍ଥା ଯୋଗ୍ୟ ବିବେଚିତ ହୋଇଥିଲେ ବି ଏଯାଏ ଇସିଆର ଦାଖଲ କରି ନାହାନ୍ତି । ଲକ୍‌ଡାଉନ ଯୋଗୁ ମାର୍ଚ୍ଚ ମାସର ଭବିଷ୍ୟନିଧି ଦେୟ ମେ' ୧୫ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ତେଣୁ ଏହି ବର୍ଦ୍ଧିତ ସମୟ ମଧ୍ୟରେ ଅଧିକରୁ ଅଧିକ ସଂସ୍ଥାର କର୍ମଚାରୀ ଫାଇଦା ନେବା ପାଇଁ ଭୁବନେଶ୍ୱର କର୍ମଚାରୀ ଭବିଷ୍ୟନିଧି ସଂଗଠନର ସହକାରୀ ଆୟୁକ୍ତ ସଞ୍ଜୟ କୁମାର ରଥ ନିବେଦନ କରିଛନ୍ତି।

### ତେଲଙ୍ଗାନାରେ ଫସିଛନ୍ତି ବ୍ରହ୍ମଗିରିର ୧୭ ପ୍ରବାସୀ

**ବ୍ରହ୍ମଗିରି,୬।୫(ଡି.ଏନ.ଏ):** ତେଲଙ୍ଗାନା ରାଜ୍ୟକୁ କାମ କରିବାକୁ ଯାଇ ବ୍ରହ୍ମଗିରି ଅଞ୍ଚଳର ୧୭ଜଣ ପ୍ରବାସୀ ଲକଡାଉନ ଯୋଗୁ ଫସି ରହିଛନ୍ତି। ଗାଁକୁ ଆସିବାକୁ ପଞ୍ଜୀକରଣ କରିଥିଲେ ମଧ୍ୟ ଭରତନଗରମ୍ ରେଲୱେ ଷ୍ଟେଶନରେ ତାଲିକାରେ ନାମ ନ ଥିବାରୁ ଅଟକି ରହିଛନ୍ତି। ବ୍ରହ୍ମଗିରିର ୧୭ଜଣ ଯୁବକ ତେଲେଙ୍ଗାନର ଏକ ଘରୋଇ ଗ୍ଲାସ କମ୍ପାନୀରେ କାର୍ଯ୍ୟ କରୁଥିଲେ। ପରେ ପରିବାର ଲୋକେ ପଞ୍ଚାୟତ ସ୍ତରରେ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ସେମାନେ ମଧ୍ୟ ଓଟିପି ନମ୍ବର ପାଇବା ସହ ଫେରିବାର ଖବର ମଧ୍ୟ ପାଇଥିଲେ। ମଙ୍ଗଳବାର ସେମାନେ ଓଡ଼ିଶା ଆସିବା ପାଇଁ ଷ୍ଟେଶନରେ ଆସିଥିଲେ। କିନ୍ତୁ ସେଠାରୁ ପ୍ରବାସୀଙ୍କୁ ନେଇ ଆସୁଥିବା ଟ୍ରେନରେ ସେମାନଙ୍କ ନାମ ତାଲିକାରେ ନ ଥିବାରୁ ସେଠାକାର ପ୍ରଶାସନ ମନା କରିଦେବାରୁ ଅଟକି ଥିଲେ।

# ଆପାତ୍‌କାଳୀନ ସେବା ଯୋଗାଇବେ ବିଡିଏ କର୍ମଚାରୀ

### ଆଜିଠୁ ଫୁଲ୍ ଟାଇମ୍ କାର୍ଯ୍ୟ କରିବେ

**ଭୁବନେଶ୍ୱର, ୬।୫(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଭଳି ଆପାତ୍‌କାଳୀନ ସେବା ଯୋଗାଇବ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)। ତେଣୁ ବିଡିଏର ସମସ୍ତ କର୍ମଚାରୀ ଗୁରୁବାରଠାରୁ କାର୍ଯ୍ୟାଳୟରେ ଯୋଗଦେବା ସହ ଫୁଲ୍ ଟାଇମ୍ ବା ପୂର୍ଣ୍ଣକାଳୀନ କାର୍ଯ୍ୟ କରିବେ। ଏମାନେ କରୋନା ମୁକାବିଲା କାର୍ଯ୍ୟରେ ସରକାରଙ୍କୁ ସହଯୋଗ କରିବେ ବୋଲି ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ବିଡିଏ ପକ୍ଷରୁ ବୁଧବାର ଏନେଇ ଏକ ପରିବର୍ତ୍ତିତ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏଥିରେ ସମସ୍ତ କର୍ମଚାରୀ ସାମାଜିକ ଦୂରତ୍ୱ ବଜାୟ ରଖି କାର୍ଯ୍ୟ କରିବାକୁ କୁହାଯାଇଥିବାବେଳେ କୋଭିଡ୍ ନିୟନ୍ତ୍ରଣ କାର୍ଯ୍ୟରେ ପୂର୍ବରୁ କାର୍ଯ୍ୟରତ ବିଡିଏ ଅଧିକାରୀଙ୍କୁ ଦିଆଯାଇଥିବା ଦାୟିତ୍ୱକୁ ଠିକ୍ ଭାବେ ତୁଲାଇବା ପାଇଁ ପରାମର୍ଶ ଯାଇଛି। କର୍ମଚାରୀମାନେ ବାଇଓମେଟ୍ରିକ୍ ସ୍କାନର ପୁନଃ କାର୍ଯ୍ୟକ୍ଷମ ନ ହେବା ଯାଏ ରେଜିଷ୍ଟରରେ ଦସ୍ତଖତ କରିବେ। ବିନାନୁମତିରେ ଅଫିସ ନ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପାଧ୍ୟକ୍ଷ ଚୌଧାରୀ କହିଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କ ଦରମା କାଟିବାକୁ ବିଡିଏର ବେତନ ବିଭାଗକୁ ଜଣାଇଦିଆଯାଇଛି। ଏହିନିର୍ଦ୍ଦେଶନାମାକୁ ବିଡିଏରେ କାର୍ଯ୍ୟରତ ସମସ୍ତ ସେକ୍ସନ ଅଫିସର, ଆକାଉଣ୍ଟସ୍, ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି।

# ଚିନ୍ତା ବଢ଼ାଇଲେଣି ପ୍ରବାସୀ ଫେରନ୍ତା



- ମାମଲା ରୁଜୁ ସତ୍ତ୍ୱେ ବଦଳୁନି ଆଚରଣ
- କେଉଁଠି ସଂଘର୍ଷ, କେଉଁଠି ହୋହଲ୍ଲା
- ସଙ୍ଗରୋଧରୁ ଲୁଚି ପଳାଇଥିଲେ ୮୩ ଜଣ
- ଦୁଇ ଦିନରେ ରୁଜୁ ହେଲାଣି ୭ ମାମଲା

**କଟକ ଅଫିସ, ୬।୫**

ଦ୍ୱିତୀୟ ପର୍ଯ୍ୟାୟ ଶେଷ ଏବଂ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଆରମ୍ଭଠାରୁ ବାହାର ରାଜ୍ୟରୁ ଓଡ଼ିଶାକୁ ବହୁ ସଂଖ୍ୟାରେ ପ୍ରବାସୀ ଫେରିବାରେ ଲାଗିଛନ୍ତି। ସରକାରୀ ଆକଳନ ଓ ପ୍ରସ୍ତୁତିଠାରୁ ଏହି ପ୍ରବାସୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଏମାନେ ସ୍ଥାନୀୟ ପ୍ରଶାସନ ପାଇଁ ଯେତିକି ମୁଣ୍ଡବ୍ୟଥାର କାରଣ ସାଜିଛନ୍ତି, ସେତିକି ପୋଲିସ ବିଭାଗର ଚିନ୍ତା ବଢ଼ାଇଛନ୍ତି। ଫେରନ୍ତା ପ୍ରବାସୀମାନେ ସଙ୍ଗରୋଧ କେନ୍ଦ୍ରରେ କ୍ରମାଗତ ଭାବେ ବିଶୃଙ୍ଖଳା କରୁଥିବା ଦେଖିବାକୁ ମିଳୁଛି। କେଉଁଠି ଖାଦ୍ୟ ଫିଙ୍ଗୁଛନ୍ତି ତ ଆଉ କେଉଁଠି ସେମାନଙ୍କ ଭିତରେ ଗଣ୍ଡଗୋଳ ହେଉଛି। ଗଞ୍ଜାମ ଜିଲାର କେତେକ ସଙ୍ଗରୋଧ କେନ୍ଦ୍ରରେ ଖାଦ୍ୟକୁ ନେଇ ପ୍ରବାସୀମାନେ ହୋହାଲ୍ଲା କରିଥିଲେ। ସେହିପରି ମଙ୍ଗଳବାର କଟକ ଜିଲା ଗୋପାଳପୁର ସଙ୍ଗରୋଧ କେନ୍ଦ୍ରରେ ଖାଦ୍ୟ ଅଲଣା ହେବାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏଭଳି ଭାବେ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଭିତରେ ରାଜ୍ୟର ବିଭିନ୍ନ ଥାନାରେ ୭ଟି ମାମଲା ରୁଜୁ ହେଲାଣି। ଏପରିକି ସଙ୍ଗରୋଧ କେନ୍ଦ୍ରରୁ ଲୁଚି ପଳାଇବା ଏବଂ ବାହାରେ ବୁଲିବା ଯୋଗୁ ୮୩ଜଣଙ୍କ ବିରୋଧରେ ଏତଲା ଦାୟର ହୋଇଛି।

ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ କୁହାଯାଇଛି ଯେ, କୋଭିଡ-୧୯ ସମ୍ପର୍କିତ ଯେ କୌଣସି ଆଚରଣ ଯାହାକି ଅନ୍ୟମାନଙ୍କ ସୁରକ୍ଷାକୁ ବିପନ୍ନ କରୁଥିବ, ଯଦି କେହି ପ୍ରଦର୍ଶନ କରନ୍ତି ତାହାହେଲେ ଓଡ଼ିଶା ପୋଲିସ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଗତ ୨୪ ଘଣ୍ଟା ମଧ୍ୟରେ ସଙ୍ଗରୋଧ ନିୟମକୁ ଅମାନ୍ୟ କରୁଥିବା, ସଙ୍ଗରୋଧ କେନ୍ଦ୍ରରୁ ଲୁଚି ପଳାଇଥିବା ଏବଂ କଣ୍ଟେନମେଣ୍ଟ ଅଞ୍ଚଳରେ ମନଇଚ୍ଛା ଚଳପ୍ରଚଳ କରିଥିବା ଅଭିଯୋଗରେ ଓଡ଼ିଶା ପୋଲିସ ତରଫରୁ ପ୍ରବାସୀ ଫେରନ୍ତା ଶ୍ରମିକଙ୍କ ବିରୋଧରେ ବିଭିନ୍ନ ଥାନାରେ ୩ଟି ମାମଲା ରୁଜୁ କରାଯାଇଛି। ମାଲକାନଗିରି ଜିଲା ଏମ୍‌ଭି-୭୯ ଥାନା ଅଧୀନ ଏକ ସଙ୍ଗରୋଧ କେନ୍ଦ୍ରରେ କ୍ୱାରାଣ୍ଟାଇନ ନିୟମ ଉଲ୍ଲଂଘନ କରି ବାହାରେ ବୁଲିବା ଅଭିଯୋଗ ହୋଇଥିଲା। ଏନେଇ କାଲିମେଳା ବିଡିଓଙ୍କ ରିପୋର୍ଟ କ୍ରମେ ଜଣଙ୍କ ବିରୋଧରେ ଏମ୍‌ଭି-୭୯ ଥାନାରେ ଏକ ମାମଲା (ନଂ. ୨୯/୨୦) ରୁଜୁ ହୋଇଛି। ସେହିଭଳି ନିର୍ବାହୀ ମାଜିଷ୍ଟ୍ରେଟଙ୍କ ରିପୋର୍ଟକୁ ଭିତ୍ତିକରି ବୁଧିଜାମ କଣ୍ଟେନମେଣ୍ଟ ଅଞ୍ଚଳରେ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରି ବୁଲିବା ଅଭିଯୋଗରେ ଜଣଙ୍କ ବିରୋଧରେ ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ପକ୍ଷରୁ ୮୩/୨୦ରେ ମାମଲା ରୁଜୁ ହୋଇଛି। ଉଭୟ ମାମଲାରେ ସରକାରୀ ନିର୍ଦ୍ଦେଶ ଅମାନ୍ୟ ପାଇଁ ଧାରା ୧୮୮, ସଂକ୍ରମଣ ବ୍ୟାପିବା ଭଳି କାର୍ଯ୍ୟ ଲାଗି ଧାରା ୨୬୯ ଏବଂ ୨୭୭, ସଙ୍ଗରୋଧ ଉଲଂଘନ ନିମନ୍ତେ ଧାରା ୨୭୧ ଆଦି ଦଫା ଲଗାଯାଇଛି। ଏଥିସହ ବିପର୍ଯ୍ୟୟ ପରିଚାଳନା ଆଇନ ଧାରା ୫୪ ଏବଂ ସଂକ୍ରାମକ ରୋଗ ନିୟାମକ ଧାରା ୩ ମଧ୍ୟ ସେମାନଙ୍କ ବିରୋଧରେ ଲାଗିଛି। ସେହିପରି ଗଣ୍ଡାଧାର ପଞ୍ଚାୟତର ସରପଞ୍ଚଙ୍କ ରିପୋର୍ଟକୁ ଭିତ୍ତିକରି ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଥାନାରେ ଗୋଷ୍ଠୀ ସଂଘର୍ଷ ପାଇଁ ୭୬/୨୦ରେ ଆଇପିସି ଧାରା ୩୪୧, ୩୨୩, ୨୯୪, ୫୦୬, ୨୬୯, ୨୭୦ ଏବଂ ୩୪ରେ ୪ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

ଏହା ପୂର୍ବରୁ ମଙ୍ଗଳବାର ୪ଟି ମାମଲା ରୁଜୁ କରାଯାଇଥିଲା। ଟିକ୍‌ଟକ୍ ଭିଡିଓ ପାଇଁ ଭଦ୍ରକ ଜିଲା ତିହିଡ଼ି ଥାନାରେ ୬ଜଣଙ୍କ ବିରୋଧରେ, ସଙ୍ଗରୋଧ କେନ୍ଦ୍ରରୁ ଲୁଚି ପଳାଇବା ଅଭିଯୋଗରେ ଝାରସୁଗୁଡ଼ା ଥାନାରେ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଗଞ୍ଜାମ ଜିଲା କୋଦଳା ଥାନା ଅଧୀନ ଜନତା ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟ ଏବଂ ରାଗପୁର ଆଦର୍ଶ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରୁ ଲୁଚି ପଳାଇବା ଅଭିଯୋଗରେ ଯଥାକ୍ରମେ ୫୧ ଓ ୨୬ଜଣଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ ହୋଇଥିଲା।


**ମନେ ପଡ଼ନ୍ତି**

ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଇଂ. ରଜନୀକାନ୍ତ ମହାପାତ୍ର
ପ୍ଲଟ୍ ନମ୍ବର-୫, ଶକ୍ତିନଗର, କଟକ
ଚାହୁଁ ଚାହୁଁ ଏଗାରବର୍ଷ ବିତିଗଲା, ହେଲେ ଲାଗୁଛି ଯେମିତି ତମେ ଆମ୍ଭମାନଙ୍କ ସହିତ ବାନ୍ଧିହୋଇ ଅଛ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କ ପାଇଁ ଚିର ମାର୍ଗଦର୍ଶକ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ।
-:ଶୋକସନ୍ତପ୍ତ:-
ପତ୍ନୀ, କନ୍ୟା, ଜାମାତା, ବନ୍ଧୁ, ପରିବାରବର୍ଗ।
ଧ-୧୭୭୭

**FINANCE**
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, ଜୁଆ-ସଟ୍ଟା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
ୱେଲ୍‌ଡିଂ ଓ ଗ୍ୟାସ୍ କଟିଂ କାର୍ଯ୍ୟର ଆଉଟସୋର୍ସିଂ ପାଇଁ ଟେଣ୍ଡର ବିଜ୍ଞପ୍ତି
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୧୬୪-ଏମ୍‌ଇସିଏଚ୍-ୱେଲ୍‌ଡିଂ-ବିସିଏନ୍, ତାରିଖ: ତା୨୮।୦୪।୨୦୨୦ରିଖ।
କାର୍ଯ୍ୟର ନାମ: ବିସିଏନ୍ ଡିପୋ/ବିଲାସପୁରଠାରେ ତିନିବର୍ଷ ଅବଧି ପାଇଁ ଖୋଲା ଟେଣ୍ଡର ଭିତ୍ତିରେ ଧାର୍ଯ୍ୟ ଆର୍‌ଓଏଚ୍ ୱାଗନଗୁଡ଼ିକ ନିମନ୍ତେ ୱେଲ୍‌ଡିଂ ଓ ଗ୍ୟାସ୍ କଟିଂ କାର୍ଯ୍ୟର ଆଉଟସୋର୍ସିଂ।
ଟେଣ୍ଡର ମୂଲ୍ୟ: ₹୧,୩୭,୯୯,୦୩୧/- (ଏକ କୋଟି ସଇଁତିରିଶ ଲକ୍ଷ ଅନେଶତ ହଜାର ଏକତିରିଶ ଟଙ୍କା ମାତ୍ର) ସମସ୍ତ ବ୍ୟୟ ଓ ଜିଏସ୍‌ଟି ସମେତ।
ଇଏମ୍‌ଡି: ₹୨,୧୯,୦୦୦/- । (ଦୁଇଲକ୍ଷ ଉଣେଇଶ ହଜାର ଟଙ୍କା ମାତ୍ର)। ଟେଣ୍ଡର ଖୋଲାଯିବ: ତା୨୬।୦୫।୨୦୨୦ରିଖ ୧୨.୦୦ ଘଟିକା।
ଅଧିକ ସମସ୍ତ ବିବରଣୀ ରେଳପଥ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ । ଇ-ବିଡ୍ ବ୍ୟତୀତ ଅନ୍ୟାନ୍ୟ କୌଣସି ପଦ୍ଧତିରେ ବିଡ୍ ଗ୍ରହଣ କରାଯିବ ନାହିଁ।
ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର
CPR/10/42 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail

ଟାଟା ପାୱାର
ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍
(କର୍ପୋରେଟ୍ କଣ୍ଟ୍ରାକ୍ଟସ ଡିପାର୍ଟମେଣ୍ଟ)
ଦି ଟାଟା ପାୱାର କମ୍ପାନୀ ଲିମିଟେଡ, ୨ୟ ମହଲା, ସହର ରିସିଭିଂ ଷ୍ଟେସନ
ସହର ଏୟାରପୋର୍ଟ ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୫୯
CIN L28920MH1919PLC000567
ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି
ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍ ଯୋଗ୍ୟ ଭେଣ୍ଡରଙ୍କଠାରୁ ଓଡ଼ିଶାରେ ଟାଟା ପାୱାର ଡିଷ୍ଟ୍ରିବ୍ୟୁସନ ପାଇଁ ନିମ୍ନଲିଖିତ ପ୍ୟାକେଜ କରାଯିବା ନିମନ୍ତେ ଟେଣ୍ଡର (୨ ପାର୍ଟ ବିଡିଂ) ଆମନ୍ତ୍ରଣ କରୁଛି ।

| ଟେଣ୍ଡର ଅନୁସନ୍ଧାନ ନଂ. | କାର୍ଯ୍ୟ ବିବରଣୀ | ଆକଳିତ ମୂଲ୍ୟ/ ଇଏମ୍‌ଡି | ଟେଣ୍ଡର ଅଂଶଗ୍ରହଣ ଫି (ଟ) | ଟେଣ୍ଡର ଅଂଶଗ୍ରହଣ ଫି ପ୍ରଦାନ କରିବାର ଶେଷ ତାରିଖ, ସମୟ |
|---|---|---|---|---|
| ଟିପିସି/ଇଏନ୍‌ଜିଜି/ ଇଏନ୍‌କ୍ୟୁ/୦୦୧/ ୨୦-୨୧ | କାର୍ଯ୍ୟଦକ୍ଷତା ଆଧାରିତ ୦୩ ବର୍ଷ ପାଇଁ ଗ୍ରୀଡ ଓ ଫିଡରର ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ କଣ୍ଟ୍ରାକ୍ଟ | ୨୯.୬୭ କୋଟି/ ୩.୨୩ ଲକ୍ଷ | ଟ.୫୦୦୦ | ୧୮.୦୫.୨୦୨୦, ୧୫୦୦ଘ. |
| ଟିପିସି/ଇଏନ୍‌ଜିଜି/ ଇଏନ୍‌କ୍ୟୁ/୦୦୨/ ୨୦-୨୧ | ଏଲ୍‌ଟି କେବୁଲର ଯୋଗାଣ | ୩୭.୯୧ କୋଟି/ ୪୮.୮୭ ଲକ୍ଷ | ଟ.୫୦୦୦ | ୧୮.୦୫.୨୦୨୦ ୧୫୦୦ଘ. |

ସବିଶେଷ ଟେଣ୍ଡର ପାଇଁ, ଦୟାକରି https://www.tatapower.com ୱେବ୍‌ସାଇଟରେ ଟେଣ୍ଡର ସେକ୍ସନକୁ ପରିଦର୍ଶନ କରନ୍ତୁ । ଆଗ୍ରହୀ ବିଡରମାନେ ଉପରୋକ୍ତ ପ୍ରକାରେ ଶେଷ ତାରିଖ ଓ ସମୟ ପୂର୍ବରୁ ଟେଣ୍ଡର ଅଂଶଗ୍ରହଣ ଫି ଓ ପ୍ରାଧିକରଣ ପତ୍ର ଦାଖଲ କରିବାକୁ ହେବ, ଯାହା ପରେ ଟାଟା ପାୱାର ଇ-ଟେଣ୍ଡର ସିଷ୍ଟମରୁ ଲିଙ୍କକୁ ପୁନଶ୍ଚ ଯୋଗାଯୋଗ ଓ ବିଡ୍ ଦାଖଲ କରିବା ପାଇଁ ସେୟାର କରାଯିବ । ଦୟାକରି ଧ୍ୟାନ ଦିଆଯିବା ଆବଶ୍ୟକ ଯେ ଟେଣ୍ଡର, ବିଡ୍ ଦାଖଲ, ବିଡ୍ ଦାଖଲ ତାରିଖ ସଂପ୍ରସାରଣ ଇତ୍ୟାଦି ସମ୍ପର୍କିତ ଯୋଗାଯୋଗ କେବଳ ଟାଟା ପାୱାର ଇ-ଟେଣ୍ଡର ସିଷ୍ଟମ ଜରିଆରେ କରାଯିବ । ଆଉ ମଧ୍ୟ ପ୍ରଯୁଜ୍ୟ ଟେଣ୍ଡର ସମ୍ପର୍କିତ ସମସ୍ତ ଭବିଷ୍ୟତର ସଂଶୋଧନ ଯଦି କିଛି ଥାଏ ତାହାକୁ ୱେବ୍‌ସାଇଟ https://www.tatapower.com ର ଟେଣ୍ଡର ସେକ୍ସନ ଜରିଆରେ ସୂଚିତ କରାଯିବ ।

**ପୂର୍ବ ତଟ ରେଳପଥ**
ବୈଦ୍ୟୁତିକ କାର୍ଯ୍ୟ
ଟେଣ୍ଡର ବିଜ୍ଞପ୍ତି ସଂ.01-KUR-TRD-OT-2020-21, ତା.01.05.2020ରିଖ
କାର୍ଯ୍ୟର ନାମ: କଣ୍ଟପଡ଼ା ଷ୍ଟେସନରୁ ପ୍ରାରମ୍ଭ ହେବାକୁ ଥିବା (Taking off) ମେସର୍ସ ଟାଟା ଷ୍ଟିଲ ଲିମିଟେଡ୍‌ର ପ୍ରସ୍ତାବିତ ସାଇଡିଙ୍ଗର ସାଉଥ କନେକ୍ଟିଭିଟି ନିମନ୍ତେ କନେକ୍ଟିଙ୍ଗ୍ ସର୍ଟ (Short)ର ବିଦ୍ୟୁତୀକରଣ, ଅଗ୍ନିନିରୋଧୀ ଟ୍ରାନ୍ସଫର୍ମରଗୁଡ଼ିକର ବ୍ୟବସ୍ଥା ଏବଂ OHE ରୂପାନ୍ତରଣ।
ଆନୁମାନିକ ମୂଲ୍ୟ (ଟଙ୍କାରେ) : 25,61,070.33, EMD (ଟଙ୍କାରେ) : 51,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-।
ବିଡ୍ ଦାଖଲ ହେବା ତାରିଖ ଓ ସମୟ : ତା.22.05.2020 ରିଖ 1300 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା.22.05.2020 ରିଖ 1530 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD),
PR-21/L/20-21 ଖୋର୍ଦ୍ଧା ରୋଡ୍

**ପୂର୍ବ ତଟ ରେଳପଥ**
ଭଡ଼ା ସୂତ୍ରରେ ଗାଡ଼ି
ଟେଣ୍ଡର ବିଜ୍ଞପ୍ତି ସଂ.MSM-ACCTS-NAC-RV-1-20
କାର୍ଯ୍ୟର ନାମ : 03(ତିନି)ବର୍ଷ ସମୟାବଧି ନିମନ୍ତେ ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଏକ ଗୋଟି ନନ୍-ଏସି ଗାଡ଼ି ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 12,40,762.65, EMD (ଟଙ୍କାରେ) : 24,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/-, କାର୍ଯ୍ୟ ଶେଷ ହେବା ଅବଧି : 03 ବର୍ଷ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.22.05.2020 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର,
PR-20/L/20-21 ସମ୍ବଲପୁର

OFFICE OF THE EXECUTIVE ENGINEER
BHUBANESWAR (R&B) DIVISION NO.-III, BHUBANESWAR
No.: 2014 Dated, Bhubaneswar the 06.04.2020
1st CORRIGENDUM NOTICE OF RFP NO. 09 OF 2019-20 / 10 OF 2019-20, 11 OF 2019-20 AND 12 OF 2019-20
No.: B- In view of lockdown on account of COVID-19 the Sale and receipt of the RFP documents vide RFP Notice No. 09 of 2019-20 / 10 of 2019-20, 11 of 2019-20 and 12 of 2019-20 is hereby shifted to 07.05.2020 and 18.05.2020 respectively and shall be opened on Dt.19.05.2020.
All other terms and conditions in the original Tender Call Notice remain unchanged.
Sd./- Executive Engineer,
Bhubaneswar (R&B) Division No.-III
OIPR-34089/11/0001/2021

ADVERTISEMENT FOR SUPPLY OF DRUGS & CONSUMABLES / CHEMICAL RE-AGENTS TO BHIMA BHOI MEDICAL COLLEGE & HOSPITAL, BALANGIR FOR THE YEAR 2020-21
No.: E- Sealed tender is invited from Organization/ Firms/Agencies for supply of Drugs & consumables to Bhima Bhoi Medical College & Hospital, Balangir. The tender paper completed in all respect should be submitted separately for the services to the undersigned on or before Dt.27.05.2020 upto 01.00 P.M. in the Office of the Superintendent, BBMC&H, Balangir. The details and terms and conditions can be downloaded from https://gmchbalangir.infocreatives.com / www.dmetodisha.gov.in or www.balangir.nic.in.
Sd./- Superintendent
Bhima Bhoi Medical College & Hospital, Balangir
OIPR-10141/11/0002/2021

**ଏସ୍.ଇ. ରେଳପଥ ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୨୦୩-କିଆର୍‌ସି-ସିଇ-ସି-ଏକ୍ୟୁ-୨୨-୨୦୨୦, ତାରିଖ: ୦୬।୦୫।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏକ୍ୟୁ/ଗାର୍ଡେନ ରିଚ୍, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ୱେବ୍‌ସାଇଟ୍ www.ireps.gov.in ରେ ଅପ୍‌ଲୋଡ୍ ହୋଇଛି। ଇ-ଟେଣ୍ଡର ଧାର୍ଯ୍ୟ ତାରିଖ ଅର୍ଥାତ୍ ତା୦୨।୦୬।୨୦୨୦ରିଖ ୧୨.୦୦ ଘଟିକାରେ ବନ୍ଦ ହେବ। କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଦକ୍ଷିଣ-ପୂର୍ବ ରେଳପଥର ନାରାୟଣଗଡ଼-ଭଦ୍ରକ ମଧ୍ୟରେ ୩ୟ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ପାନପଡ଼ା (ପିଏଚ୍) ୟାର୍ଡ ସମେତ ଖନ୍ତାପଡ଼ା (ଏକ୍ସ) (କିମି: ୨୪୭.୮୦) ରୁ ବାହାନଗାବଜାର (ଏକ୍ସ) (କିମି: ୨୫୫.୦୦ ପର୍ଯ୍ୟନ୍ତ) ଏମ୍ବାଙ୍କମେଣ୍ଟରେ ଫର୍ମେଶନରେ ମାଟି କାମ/ କଟିଂ, ପର୍ମାନେଣ୍ଟ ୱେ ଲିଙ୍କିଙ୍ଗ, ବାଲାଷ୍ଟ ଯୋଗାଣ ଏବଂ ତତ୍‌ସମ୍ପର୍କିତ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ₹୪୩.୨୮ କୋଟି। ଇଏମ୍‌ଡି: ₹୨୩,୧୩,୯୦୦/- ସମାପ୍ତି ଅବଧି: ୧୮ (ଅଠର) ମାସ। ଧାର୍ଯ୍ୟ ତାରିଖ: ୦୨।୦୬।୨୦୨୦। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। PR-25

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। –ଶ୍ରୀଅରବିନ୍ଦ



# ପୁନର୍ଜନ୍ମ ଓ ପ୍ରାଣୀ ନିର୍ଯାତନା



ମାନେକା ଗାନ୍ଧୀ

ଡ. ମ୍ୟାକ୍ସିମିୟାନି ପୋର୍ଟାସ୍(ସାବିତ୍ରୀ ଦେବୀ) ୱାର୍ଲ୍ଡ ରିଲିଜିଅନ ଉପରେ ଗବେଷଣା କରିଥିଲେ। ୧୯୦୫ରେ ତାଙ୍କର ଜନ୍ମ। ତାଙ୍କ ବାପା ଥିଲେ ଜଣେ ଗ୍ରୀକ୍ ଓ ମା ଥିଲେ ଇଂଲଣ୍ଡର ନାଗରିକ। ସେ ୧୯୪୫ରେ ବିଭିନ୍ନ ସମ୍ପ୍ରଦାୟ ଉପରେ 'ଇମ୍ପିଚ୍‌ମେଣ୍ଟ ଅଫ୍ ମ୍ୟାନ୍' ନାମକ ଏକ ତତ୍ତ୍ୱଭିତ୍ତିକ ପୁସ୍ତକ ରଚନା କରି ସେଥିରେ ଧର୍ମରେ ଥିବା କରୁଣା ବା ଦୟା ତତ୍ତ୍ୱକୁ ଉପସ୍ଥାପନ କରିଛନ୍ତି। ବିଶ୍ୱର ବୃହତ୍ ସମ୍ପ୍ରଦାୟଗୁଡିକରେ ନିହିତ ସାରତତ୍ତ୍ୱ ଉପରେ ଅନୁଧ୍ୟାନ କରିବା ପାଇଁ ସେ ଭାରତରେ ୩୦ ବର୍ଷ କଟାଇଥିଲେ। ପରେ ତାଙ୍କ ନାଁ ସାବିତ୍ରୀ ଦେବୀକୁ ପରିବର୍ତ୍ତନ କରିଥିଲେ। ସାବିତ୍ରୀ ଦେବୀ ୭ଟି ଭାଷାରେ କଥା ହୋଇପାରୁଥିଲେ। ଶିକ୍ଷା ଦାନ ଓ ଅନୁବାଦ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିବା ଏହି ଲେଖିକାଙ୍କର ଶେଷ ଜୀବନ ଦାରିଦ୍ର୍ୟରେ କଟିଥିଲା ଓ ୧୯୮୨ରେ ତାଙ୍କର ଦେହାନ୍ତ ହୋଇଥିଲା। ବିଶ୍ୱରେ ଥିବା ତାଙ୍କ ପ୍ରଶଂସକମାନେ ତାଙ୍କୁ କିଛି କିଛି ସାହାଯ୍ୟ କରୁଥିଲେ। ମୁଁ କାହିଁକି ତାଙ୍କ ଲେଖା ପ୍ରତି ଆକର୍ଷିତ ହେଲି? ପୁନର୍ଜନ୍ମ ଉପରେ ମୋର ବିଶ୍ୱାସ ରହିଛି। ସେ ମଧ୍ୟ ଏହା ଉପରେ ତାଙ୍କ ସୂକ୍ଷ୍ମ ଅନ୍ତର୍ଦୃଷ୍ଟିକୁ ବର୍ଣ୍ଣନା କରିଛନ୍ତି ଏବଂ ଏହି ବିଶ୍ୱାସ ଧର୍ମନିଷ୍ଠ ହିନ୍ଦୁମାନଙ୍କ କ୍ରୂରତାର କାରଣ ବୋଲି ମଧ୍ୟ ଦର୍ଶାଇଛନ୍ତି।

ଏବେ ଲାଗୁ ହୋଇଥିବା ଲକ୍‌ଡାଉନ୍ ମୋ ଆଖି ଖୋଲିଦେଇଛି ଏବଂ ପୂର୍ବରୁ କେବେ ବି ଏତେ ବିଚଳିତ ହୋଇନାହିଁ। ଏତେ ସଂଖ୍ୟକ ଭାରତୀୟ ସେମାନଙ୍କ ନିଜ ଲୋକ ମୁଖ୍ୟତଃ ମହିଳାଙ୍କ ପ୍ରତି ଏତେ ନିଷ୍ଠୁର ହେବା ବି ଦେଖିନାହିଁ। ପ୍ରାଣୀମାନଙ୍କ ପ୍ରତି ମଧ୍ୟ ନିଷ୍ଠୁର ହୋଇଛନ୍ତି ଏମାନେ। ପ୍ରାଣୀମାନଙ୍କୁ ବାଡେଇ ମାରିବା ଏମାନଙ୍କ ପାଇଁ ସତେ ଯେମିତି ଏକ ମାନକ ହୋଇଯାଇଛି ଓ ଏକୁଟିଆ ମହିଳାଙ୍କୁ ପୀଡ଼ା ଦେବା ସେମାନଙ୍କ ରକ୍ତମଜ୍ଜାଗତ ହୋଇଯିବା ଭଳି ମନେହେଉଛି। ଏହିସବୁ ଘୃଣା ଓ ଶତ୍ରୁଭାବ କେଉଁଠାରୁ ଆସିଛି?

ଏହା ଉପରେ ସାବିତ୍ରୀ ଦେବୀ କହିଛନ୍ତି– 'ହିନ୍ଦୁତ୍ୱର ସାରାଂଶ ଗୋଟିଏ ବାକ୍ୟରେ ଦିଆଯାଇପାରେ। ଏହା ସୃଷ୍ଟିର ସବୁ ଜୀବଙ୍କ ମଧ୍ୟରେ ବିଭିନ୍ନ ସ୍ତରର ଚେତନାରେ ଏକ ଦିବ୍ୟ ଶକ୍ତିର ଉପସ୍ଥିତିକୁ ହିଁ ଦେଖେ। ଜୀବ ମଧ୍ୟରେ ଏକ ଅକ୍ଷୟ ଓ ସଦାବିଦ୍ୟମାନ ଆତ୍ମାର ବିଶ୍ୱାସ ଉପରେ ଏହା ମୌଳିକ ବିଚାର କେନ୍ଦ୍ରିତ। ଏହି ଆତ୍ମା ଜନ୍ମ ପରେ ଜନ୍ମ ଲକ୍ଷ ଲକ୍ଷ ଶରୀର ଦେଇ ଗତିକରେ। ଏହା ସ୍ଥାନ ଓ କାଳ ଅନୁସାରେ ବିନା ବାଧାରେ ମଣିଷ ଓ ପ୍ରାଣୀଙ୍କ ମଧ୍ୟରେ ଜୀବନର ଧାରାକୁ ଚାଲୁରଖେ। ମଣିଷ ଓ ପ୍ରାଣୀଜଗତ ମଧ୍ୟରେ ଜୀବନ ଚକ୍ରରେ ଆତ୍ମା ଏମିତି ଘୂରି ବୁଲିବା ସମୟରେ କୌଣସିଠାରେ ବିଚ୍ଛେଦକୁ ଏହା ବିଶ୍ୱାସ କରେନାହିଁ। ଏହା ମତରେ ଏଭଳି ବିଚ୍ଛେଦ ଅପ୍ରାକୃତିକ।

ପୁନର୍ଜନ୍ମ ସିଦ୍ଧାନ୍ତକୁ ବିଶ୍ୱାସ କରୁଥିବା ଜଣେ ବ୍ୟକ୍ତି କାଦୁଅ ଉପରେ ଶୋଇଥିବା କୁକୁର ଛୁଆଟି ତାଙ୍କ ମୃତ ସମ୍ପର୍କୀୟ କି ସାଙ୍ଗ ଥିଲେ ବୋଲି କେବେ ବି ନିଶ୍ଚିତ ହୋଇପାରିବେ ନାହିଁ। ଏହା ମଧ୍ୟ କେହି କହିପାରିବେ ନାହିଁ। ଚିର ବିଦ୍ୟମାନ ଆତ୍ମା କର୍ମ ଅନୁସାରେ ଗୋଟିଏ ଶରୀରରୁ ଆଉ ଗୋଟିଏ ଶରୀରକୁ ଗତି କରେ ବୋଲି ଜଣେ ଯେତେବେଳେ ବିଶ୍ୱାସ କରନ୍ତି ସେ କ୍ଷେତ୍ରରେ ଏଭଳି ଅନୁଭବ ଆସିବା ସ୍ୱାଭାବିକ। ଯେତେବେଳେ ଏହି ଦୃଶ୍ୟମାନ ବିଶ୍ୱରେ ଅସୀମ ବିବିଧତାରେ ରହିଥିବା ଜୀବନର ଦିବ୍ୟ ଏକତ୍ୱକୁ ଅନୁଭବ କରୁଥିବେ ଏବଂ ପୁନର୍ଜନ୍ମ ବିଶ୍ୱାସରୁ ପ୍ରାଣୀ ଓ ଉଦ୍ଭିଦକୁ ସମ୍ଭାବ୍ୟ ମନୁଷ୍ୟ ଭାବେ ବିବେଚନା କରି ସେମାନଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରୁଥିବେ ସେତେବେଳ ଯାଏ ସେମାନଙ୍କ ମନରେ ଏଭଳି ବିଶ୍ୱାସ ରହିବ।

ସମସ୍ତଙ୍କ ମଧ୍ୟରେ ଏକ ଆତ୍ମା ବିଦ୍ୟମାନ। ଜୀବଜଗତର ବିଭିନ୍ନ ସ୍ତର ଦେଇ ଏହା ଜନ୍ମ ନେଇ ଆସିଥିବା ମୌଳିକ ବିଚାର ଉପରେ ହିନ୍ଦୁ ନୀତିଶିକ୍ଷା ଗୁରୁତ୍ୱ ଦିଏ। ଜୀବନ ପଥରେ ଗୋଟିଏ ଜିଆଠାରେ ସନ୍ନିବିଷ୍ଟ ଆତ୍ମା ଲକ୍ଷ ଲକ୍ଷ ଜନ୍ମ ପରେ ଶ୍ରେଷ୍ଠ ଚୈତନ୍ୟ ଲାଭ କରିଥିବା ଏବଂ ସମୟକ୍ରମରେ ଜଣେ ସର୍ବଜ୍ଞ ତଥା ଜୀବନମୁକ୍ତ ସାଧୁ, ଜଣେ ତୀର୍ଥଙ୍କର(ଜୈନମତରେ)ଙ୍କ ଆତ୍ମା ସହ ସମାନ। କେବଳ ଏତିକି ନୁହେଁ, ବରଂ ପ୍ରତ୍ୟେକ ଜିଆ,ଗେଣ୍ଡା,ବେଙ୍ଗ,ଗଧ କିମ୍ବା ଘୁଷୁରି, ମଣିଷ କିମ୍ବା ମାଙ୍କଡ଼ ଆଦି ପ୍ରତିଟି ଜୀବ ମଧ୍ୟରେ ଥିବା ଆତ୍ମା ସାଧୁଙ୍କ ଆତ୍ମା ସହ ସମାନ। ଜ୍ଞାନ ଦୃଷ୍ଟିରେ ବିଚାର କଲେ କେବଳ ବ୍ୟାପକତା ଓ ଶୁଦ୍ଧ ଚେତନାକୁ ନେଇ ଏଥିରେ ପ୍ରଭେଦ ପରିଦୃଶ୍ୟ ହୁଏ ଏବଂ ଜଣେ ସାଧୁ ଲକ୍ଷ ଲକ୍ଷ ଜନ୍ମରେ ଅଜ୍ଞାନତା ଓ ଅଶାନ୍ତି ଦେଇ ଆସିଛନ୍ତି ବୋଲି ଗ୍ରହଣ କରିବାକୁ ହେବ। ରାଜା ଭରତ ମୃଗ ରୂପରେ ଜନ୍ମ ନେଇଥିଲେ ବୋଲି କୁହାଯାଏ। ସମ୍ରାଟ ଅଶୋକ ମଧ୍ୟ ଏକ ଭୟଙ୍କର ଜୀବ ରୂପେ ଜନ୍ମ ନେଇଥିଲେ। ବୌଦ୍ଧଧର୍ମ ମତରେ ତାଙ୍କ ଜୀବନ କାଳରେ କିଛି କ୍ଷଣ ସମଭାବର ଅଭାବ ଯୋଗୁ ଏହା ଘଟିଥିଲା।'

ଏହା ମୋର ଜନ୍ମଗତ ଅନ୍ତର୍ନିହିତ ବିଶ୍ୱାସ, ଯେଉଁଥିପାଇଁ ଏହା ମୋ ଦୈନନ୍ଦିନ ଜୀବନକୁ ସଞ୍ଚାଳିତ କରେ। କିନ୍ତୁ ସାବିତ୍ରୀ ଦେବୀ ସେତିକିରେ ଅଟକି ଯାଇନାହାନ୍ତି। ସେ କହିଛନ୍ତି–' ପ୍ରଥମ ଦେଖାରେ ହିନ୍ଦୁଧର୍ମର ସର୍ବେଶ୍ୱରବାଦୀ ଭାବନାରେ ସନ୍ନିବିଷ୍ଟ ବୈଶ୍ୱିକ ବିବର୍ତ୍ତନ, ଶାରୀରିକ ତଥା ଆଧ୍ୟାତ୍ମିକତାର ବିଶ୍ୱ ଦୃଷ୍ଟି ମଣିଷକୁ ଜୀବମାନଙ୍କୁ ଭଲପାଇବାକୁ ଯେଭଳି ପ୍ରେରିତ କରେ ତାହା ଆଉ କେହି କରିପାରନ୍ତି ନାହିଁ।' କିନ୍ତୁ ଏହା ହୋଇପାରିନାହିଁ କାହିଁକି? ସମଗ୍ର ହିନ୍ଦୁ ଭାବନାରେ ବସାବାନ୍ଧିଥିବା ସସୀମ ଜୀବନର କମ୍ ମୂଲ୍ୟାୟନ ଓ ଅଧିକ ନୈରାଶ୍ୟ ଯୋଗୁ ଏଭଳି ହେଉଥିବା କୁହାଯାଇପାରେ। ହିନ୍ଦୁ, ଜୈନ ଓ ବୌଦ୍ଧ ମତରେ ଜୀବନର କିଛି ଭାଗ ଖୁସିରେ କଟୁଥିଲେ ବି ଜୀବନଟା ହିଁ ଦୁଃଖର କାରଣ। ଜନ୍ମମୃତ୍ୟୁ ଚକ୍ରରୁ ବାହାରିଯିବା ଜଣେ ସଚ୍ଚା ହିନ୍ଦୁର ଲକ୍ଷ୍ୟ। କ୍ଷଣସ୍ଥାୟୀ ସାଂସାରିକ ସୁଖର ବିଚାର, 'ଜୀବନ ହିଁ ଏକ ବନ୍ଧନ'ର ଅନୁଭବ ଏବଂ ମୋକ୍ଷ ପାଇଁ ଆବେଗ ଆଦି ବିଶେଷତା ହିନ୍ଦୁ ବିଚାରାଧାରର ଅଭିନ୍ନ ଅଙ୍ଗ। ଏହି ସବୁ ବିଶେଷତା କର୍ମ ପାଇଁ ଅନୁକୂଳ ନୁହେଁ। ଏହି କାରଣରୁ ଭଗବତ ଗୀତାରେ ନିଃସ୍ୱାର୍ଥ, ଆବେଗହୀନ ଓ ନିର୍ଲିପ୍ତ କର୍ମ ବିଷୟରେ ଯାହା କୁହାଯାଇଛି ତାହା ହିଁ ଆଦର୍ଶବାଣୀ। କିନ୍ତୁ ଆମ ଦୈନନ୍ଦିନ ଜୀବନରେ ଆମେ ଏଭଳି କର୍ମ କରୁନାହୁଁ। ତେବେ ନିଜକୁ ଭଲ ପାଇବାର ଲାଳସା, ଭୟ କିମ୍ବା ଘୃଣା ଯୋଗୁ ଆମେ ସାଧାରଣତଃ କିଛି କରି ନ ଥାଉ। ଜୀବନର କିଛି ମୂଲ୍ୟ ନାହିଁ ବୋଲି ଯେଉଁ ବିଶ୍ୱାସଟି ଆମ ହୃଦୟରେ ଗଭୀରତମ ପ୍ରଦେଶରେ ବସା ବାନ୍ଧିଛି ତାହା ଭଲ ଚିନ୍ତାଧାରାକୁ ଘୋଡାଇଦିଏ। ଏହି ପୃଥିବୀରେ ଯେଉଁ ଜୀବ ଯନ୍ତ୍ରଣା ଭୋଗୁଛନ୍ତି ତାହା ତାଙ୍କ ପୂର୍ବଜନ୍ମରେ କରିଥିବା ମନ୍ଦ କର୍ମର ଫଳ ବୋଲି ଆମେ ମନେକରୁ। ଏଭଳି ବିଶ୍ୱାସ ଯୋଗୁ ମଣିଷ କିମ୍ବା ପ୍ରାଣୀଙ୍କ ମଙ୍ଗଳ ଲାଗି ବ୍ୟକ୍ତିଗତ ସ୍ତରରେ ଅଧିକାଂଶ ଲୋକ ଭାବିବାକୁ ସକ୍ଷମ ହୋଇପାରନ୍ତିନାହିଁ। ଜଣାଯାଏ,ମାନବ ସମାଜକୁ ଅଧିକ ଆରାମଦାୟକ କରିବା ତଥା ବିଶ୍ୱକୁ ସବୁ ଜୀବଙ୍କ ପାଇଁ ଏକ ସୁନ୍ଦର ସ୍ଥାନରେ ପରିଣତ କରିବା ନିମନ୍ତେ ସେମାନଙ୍କୁ ପ୍ରେରିତ କରିବାରେ ହିନ୍ଦୁତ୍ୱ କମ୍ ସମର୍ଥ। ଜଣେ ପାଶ୍ଚାତ୍ୟ ଶାକାହାରୀ ତାଙ୍କ ଆତ୍ମିକ ଚିନ୍ତାଧାରାରୁ ପ୍ରାଣୀମାନଙ୍କ ପ୍ରତି ଥିବା ଦୟା ଭାବକୁ ଅଲଗା ରଖନ୍ତି। କିନ୍ତୁ ଜଣେ ହିନ୍ଦୁ ଶାକାହାରୀ ଦୟା ଭାବକୁ ତାଙ୍କ ଆଧ୍ୟାତ୍ମିକ ଲାଭ ଲାଗି ଉପଯୋଗ କରିଥାନ୍ତି। ସେ ଭାବନ୍ତି ଯେ ମାଂସ, ମାଛ, ଅଣ୍ଡା ଏବଂ ଅନ୍ୟ ଉତ୍ତେଜକ ଖାଦ୍ୟଠାରୁ ଦୂରେଇ ରହି ଜୀବନର ଶୀର୍ଷ ସ୍ତର ମୋକ୍ଷ ପ୍ରାପ୍ତ କରିପାରିବ, ଯେଉଁଠି ଆଉ ପୁନର୍ଜନ୍ମ ନ ଥିବ। କିନ୍ତୁ ଅଧିକାଂଶ ହିନ୍ଦୁଙ୍କୁ ପ୍ରାଣୀମାନଙ୍କ ଯନ୍ତ୍ରଣା ତାଙ୍କ ଶାରୀରିକ ପିବିତ୍ରତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ନ ହେବା ଜଣାପଡେ। ସେମାନେ ଶାରୀରିକ ପବିତ୍ରତାକୁ ଆଧ୍ୟାତ୍ମିକ ଉନ୍ନତି ଲାଗି ଅପରିହାର୍ଯ୍ୟ ବୋଲି ବିଚାର କରନ୍ତି। ଏହି କାରଣରୁ ଜଣେ ଶାକାହାରୀ ହିନ୍ଦୁ ପ୍ରାଣୀମାନଙ୍କୁ ଭଲ ପାଇବା କିମ୍ବା ଭଲ ନ ପାଇବା ଲକ୍ଷ୍ୟ କରାଯାଏ। ସେମାନେ ତାଙ୍କ ସ୍ୱାର୍ଥ ପାଇଁ ଖାଦ୍ୟ ଗ୍ରହଣ କରିଥାନ୍ତି। ପ୍ରାଣୀ କିମ୍ବା ମଣିଷ ଜୀବନର ମୂଲ୍ୟ କମ୍ ରହିଛି ବୋଲି ଯେଉଁ ମୌଳିକ ଚିନ୍ତାଧାରା ବସା ବାନ୍ଧିଛି ତାହା ନିଷ୍ଠୁରତା ଓ ଯନ୍ତ୍ରଣାର କାରଣ ପାଲଟିଛି।

ପ୍ରଦୂଷିତ ପରିବେଶରେ ଶୋଇଥିବା ଜଣେ ଭିକାରି ପିଲା ହେଉ କି ରାସ୍ତା କଡ଼ରେ ପଡିଥିବା ଭୋକିଲା କୁକୁର, ଅତ୍ୟଧିକ ଭାର ବହନ କରୁଥିବା କୁଲି ହୁଅନ୍ତୁ ବା ଗଧ ଅବା ଭୋକିଲା ଓ ଦୁର୍ବଳ ମଇଁଷିଟି ନିର୍ଦ୍ଦୟଭାବେ ଚାବୁକ ଖାଇ ଶଗଡ ଟାଣିବା ହେଉ; ଏ କ୍ଷେତ୍ରରେ ହିନ୍ଦୁମାନଙ୍କ ଦୟା ଭାବ ପ୍ରାୟ ସମାନ ଭାବେ ପ୍ରକଟିତ ହୋଇଥାଏ, ନିଷ୍ପକ୍ଷ ରହିଥାଏ। ପୁନର୍ଜନ୍ମ ଭଳି ଜୀବନ କୈନ୍ଦ୍ରିକ ସିଦ୍ଧାନ୍ତ ଜୀବମାନଙ୍କ ପ୍ରତି ଭିନ୍ନ ବ୍ୟବହାରିକ ସ୍ୱାଭାବକୁ ସିଦ୍ଧ କରେ। ଲକ୍ଷ ଲକ୍ଷ ହିନ୍ଦୁ ଯେଉଁମାନେ କୁକୁରକୁ ଗୋଇଠା ମାରୁଥିବା କିମ୍ବା ପକ୍ଷୀ ବସା ଭାଙ୍ଗୁଥିବା ପିଲାଙ୍କୁ ବାରଣ କରନ୍ତିନି, ଯେଉଁମାନେ ଅତ୍ୟଧିକ ଭାର ଟାଣୁଥିବା ବଳଦ,ମଇଁଷି ,ଘୋଡା ଓ ଗଧଙ୍କୁ ବାଡ଼ାନ୍ତି କିମ୍ବା ସେମାନଙ୍କ ଲାଙ୍ଗୁଡ଼କୁ ମୋଡି ଶୀଘ୍ର ଚାଲିବା ପାଇଁ ବାଧ କରନ୍ତି, ଯେଉଁମାନେ ଘରୁ ବିଲେଇ ଛୁଆଙ୍କୁ ନେଇ ରାସ୍ତାରେ ଛାଡି ଦେଇ ଆସନ୍ତି, ଯେଉଁମାନେ ବିଜ୍ଞାନ ନାମରେ କେବେ ବି ପ୍ରାଣୀ ନିର୍ଯାତନାକୁ ବିରୋଧ କରନ୍ତି ନାହିଁ କିମ୍ବା ନଗର ନିଗମର କଂସେଇଖାନାରେ ଅତି ନୃଶଂସ ଭାବେ ଗୋରୁ କାଟନ୍ତି, ସେମାନଙ୍କୁ ଯଦି ପଚରାଯାଏ କାହିଁକି ଏଭଳି ନିଷ୍ଠୁର କାର୍ଯ୍ୟ କରୁଛ ସେମାନେ ପୁନର୍ଜନ୍ମ ବିଶ୍ୱାସରେ ସେମାନଙ୍କ ଉତ୍ତର ବାଢ଼ନ୍ତି। ପ୍ରତ୍ୟେକ ଜୀବ ତାଙ୍କ କର୍ମର ଫଳ ନିଶ୍ଚିତ ଭୋଗନ୍ତି ବୋଲି ଉତ୍ତର ଦିଅନ୍ତି। ଏବଂ ଯେଉଁ ଜୀବମାନଙ୍କୁ କଟାଯାଉଛି ସେମାନେ ମଧ୍ୟ ତାଙ୍କ ପୂର୍ବଜନ୍ମର ଫଳ ଭୋଗୁଛନ୍ତି ବୋଲି କହିଥାନ୍ତି। ଏହା ହିନ୍ଦୁମାନଙ୍କ ବଦ୍ଧମୂଳ ବିଶ୍ୱାସର ହିଁ ଫଳ। ଲୋକମାନେ ଜୀବଙ୍କ ନିର୍ଯାତନା କିମ୍ବା ମୃତ୍ୟୁର ପ୍ରତ୍ୟକ୍ଷ କାରଣ ନ ହେବା ପାଇଁ ହିନ୍ଦୁ ଦର୍ଶନ ଚାହେଁ। ନିଜ ମନ୍ଦ କର୍ମର ତାଲିକା ନ ବଢ଼ାଇବା ଲାଗି ଅନ୍ୟର କ୍ଷତି ନ କରିବା ପାଇଁ ଚାହେଁ, ଯାହା ଏ ଜନ୍ମରେ ହେଉ କି ଆର ଜନ୍ମରେ ତାକୁ ଭୋଗିବାକୁ ପଡିବ। କିନ୍ତୁ ସକ୍ରିୟ ଭାବେ ପ୍ରାଣୀମାନଙ୍କୁ ସାହାଯ୍ୟ କରିବା ପାଇଁ ସେମାନେ ସେମାନଙ୍କ ନିଷ୍ଠୁର ପଥରୁ ହଟିଯିବା ଲାଗି କେବେ ଚାହିଁନାହିଁ। ମୋ ମତରେ ବଞ୍ଚ ଓ ଅନ୍ୟକୁ ବଞ୍ଚିବାକୁ ଦିଅ। ଯେଉଁଥି ପାଇଁ 'ପିପୁଲ ଫର୍ ଆନିମଲ'ର ଉଦ୍ଦେଶ୍ୟ ହେଉଛି ବଞ୍ଚ ଓ ଅନ୍ୟ ଜୀବଙ୍କୁ ବଞ୍ଚିବାକୁ ଦିଅ। ଆମ ହିନ୍ଦୁମାନଙ୍କ ପାଇଁ ଏହି ଗୌରବଶାଳୀ ଧର୍ମ ବା ଦର୍ଶନ ଏହା କରିପାରିଛି କି?

Email: gandhim@nic.in

# ଚାଷୀ ସମସ୍ୟା ଓ ସରକାରଙ୍କ ଆନ୍ତରିକତା

କୃଷ୍ଣଚନ୍ଦ୍ର ସୁଆଁସିଆ

ଭାରତବର୍ଷ ହେଉଛି ସମଗ୍ର ଭୂଖଣ୍ଡରେ ଏକ କୃଷିପ୍ରଧାନ ଦେଶ। ଦେଶର ଜନସଂଖ୍ୟାର ପ୍ରାୟ ୬୦ ଭାଗ ଜନତା କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ଯାହା ସିଧାସଳଖ ଦେଶର ଅର୍ଥନୀତି ନିୟନ୍ତ୍ରଣ ଉପରେ ପ୍ରଭାବ ପକାଇବା ସହିତ ଜନସାଧାରଣଙ୍କ ପେଟକୁ ମୁଠାଏ ଦାନା ପହଞ୍ଚାଇବାର ଗୁରୁ ଦାୟିତ୍ୱ ଚାଷୀ ସମାଜ ଉପରେ ନ୍ୟସ୍ତ ରହିଛି। ତେଣୁ ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଷାଠିଏ ଦଶକରେ ସ୍ଲୋଗାନ୍ ଦେଇଥିଲେ 'ଜୟ ଯବାନ ଜୟ କିଷାନ'। ବିଡମ୍ବନାର ବିଷୟ ଶାସ୍ତ୍ରୀଙ୍କ ସ୍ଲୋଗାନ କେବଳ ପାଠ୍ୟପୁସ୍ତକ ଓ ସଭାସମିତିରେ ସୀମିତ ରହିଯାଇଛି। ପ୍ରତି ରାଜ୍ୟରେ ଦୁର୍ଦ୍ଦିନ, ଅନାହାର, ଅଭାବରେ ଦେଶର ମେରୁଦଣ୍ଡ କୁହାଯାଉଥିବା କୃଷକ ନିଜର କୁଳବେଉସାକୁ ଦୁଃଖ, ଯନ୍ତ୍ରଣା ସହ୍ୟ କରି ଜୀବିତ ରଖିଛନ୍ତି। ନିଜକୁ ପଥର କରି ସରକାରଙ୍କଠାରୁ ଚାଷୀ ଉପଯୋଗୀ ସୁବିଧାସୁଯୋଗକୁ ସର୍ବଦା ଚାହିଁ ରହିଥାନ୍ତି। କିନ୍ତୁ ସରକାର ଦୁଃଖ ଶୁଣିବା ଦୂରର କଥା ପ୍ରକୃତିର କରାଳ ବିଭୀଷିକା, ଦୁର୍ବିପାକ ଭଳି ଅଧୁନା ସମଗ୍ର ବିଶ୍ୱରେ କରୋନା ମହାମାରୀ ଚାଷୀ ସମାଜର ବିକାଶକୁ ସଂପୂର୍ଣ୍ଣ ଦୋହଲାଇ ଦେଇଛି। ନିଜର ଝାଳବୁହା ପରିଶ୍ରମରେ ଜମିରେ ଉତ୍ପାଦନ କରିଥିବା ସୁନାର ଫସଲକୁ ଅଭାବୀ ବିକ୍ରି ଯୋଗୁଁ ଉଚିତ ପ୍ରାପ୍ୟ ପାଇବା ଆଶାହୀନ। ତଥାପି ନିଜ ମୁଣ୍ଡର ଝାଳ ତୁଣ୍ଡରେ ମାରି ପରିଶ୍ରମ କରି ପାଇଥିବା ସୁନାର ଫସଲକୁ କିପରି ଅବା ହତାଦର କରିପାରିବି। ତେଣୁ ବିଶ୍ୱକୁ ଯେତେବେଳେ କରୋନା ମହାମାରୀର ଭୟ ଘାରିଛି ସେତେବେଳେ ଚାଷୀ ସମାଜ ପାଇଁ ନିଜ କ୍ଷେତର ଚିନ୍ତା ବେଶ୍ ଗୁରୁତ୍ୱ ବହନ କରୁଛି। କାରଣ ବହୁଦିନର ପରିଶ୍ରମର ଫଳ ଓ ନିଜ ପରିବାରର ପେଟପାଟଣାର ସ୍ୱପ୍ନ ସେଇଠି ସାଇତି ହୋଇ ରହିଛି।

ଭାରତର ଅନେକ ସ୍ଥାନରେ କୃଷକ ଆନ୍ଦୋଳନ ସଂଗଠିତ ହୋଇଛି। ତାମିଲନାଡୁର କୃଷକମାନେ ଦୀର୍ଘଦିନ ଧରି ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣା ଦେବା ହେଉ ଅବା ଗତବର୍ଷ ୧୦ ହଜାର କୃଷକ ଦିଲ୍ଲୀ ଅଭିମୁଖେ ଶୋଭାଯାତ୍ରା କରିବା ପରିଲକ୍ଷିତ ହୋଇଥିଲା। ସେହିପରି ଓଡ଼ିଶାରେ ବିଭିନ୍ନ ଚାଷୀ ସଂଗଠନ ତରଫରୁ ପ୍ରାଇସ, ପ୍ରେଷ୍ଟିଜ, ପେନ୍‌ସନ ଭଳି ଦାବି ସର୍ବଦା ଗୁଞ୍ଜରିତ ହେଉଥିବା ସତ୍ତ୍ୱେ ତାହାର କୌଣସି ପ୍ରଭାବ କେନ୍ଦ୍ର ସରକାର ନା ରାଜ୍ୟ ସରକାରଙ୍କ ଉପରେ ପଡୁଛି। କେବଳ ନିର୍ବାଚନ ସମୟରେ ଚାଷୀମାନଙ୍କୁ ମହୋରା କରି ନିର୍ବାଚନ ବୈତରଣୀ ପାର କରିବା ହିଁ ସମସ୍ତ ରାଜନୈତିକ ଦଳର ଉଦ୍ଦେଶ୍ୟ ପ୍ରମାଣିତ ହେଉଛି। ଏହିସବୁ ଆନ୍ଦୋଳନକୁ ସହୃଦୟତାର ସହ ସମାଧାନ କରିବା ପାଇଁ ଆଗେଇ ଆସିବା ପରିବର୍ତ୍ତେ ସେଗୁଡ଼ିକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କହି ଚାଷୀ ଆନ୍ଦୋଳନକୁ ଭଣ୍ଡୁର କରିବା କିମ୍ବା ଚାଷୀ ନେତୃତ୍ୱଙ୍କୁ ନିଜର କ୍ଷମତା ବଳରେ ନିୟନ୍ତ୍ରଣ କରିବା ଛଡା ଅନ୍ୟ କୌଣସି ସକାରାତ୍ମକ ଫଳ ମିଳେନାହିଁ।

ସ୍ୱାମୀନାଥନ କମିଶନକୁ ଦେଶରେ ଲାଗୁ କରିବା ପାଇଁ ବିଭିନ୍ନ ସମୟରେ ଚାଷୀ ସଂଗଠନ ଓ ରାଜନୈତିକ ଦଳ ତରଫରୁ ଦାବି ହୋଇଥାଏ। ଏମ୍‌ଏସ୍ ସ୍ୱାମୀନାଥନ 'ନ୍ୟାଶନାଲ କମିଶନ ଅଫ୍ ଫାର୍ମର୍ସ' ନାମକ କମିଟିର ଅଧ୍ୟକ୍ଷତାରେ ୨୦୦୬ ମସିହାରେ ଏହି କମିଟି ସରକାରଙ୍କୁ ରିପୋର୍ଟ ଦେଇଥିଲା। ସେହି ରିପୋର୍ଟରେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା ଯେ କୃଷିଜାତ ଦ୍ରବ୍ୟ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ହିସାବରେ ତାହାର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରାଯାଉ। ଯାହା ସେହି ସମୟରେ ତତ୍କାଳୀନ କଂଗ୍ରେସ ସରକାର ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରି ନ ଥିଲା। କିନ୍ତୁ ୨୦୧୪ ନିର୍ବାଚନ ପୂର୍ବରୁ ମୋଦି ପ୍ରତିଶ୍ରୁତି ଦେଇଥିଲେ ଯେ ତାଙ୍କ ସରକାର ଆସିଲେ ସେମାନେ ସ୍ୱାମୀନାଥନ କମିଟିର ପ୍ରସ୍ତାବ ଅନୁଯାୟୀ କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟକୁ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ କରିବେ। ମାତ୍ର ତାଙ୍କ ଶାସନର ପ୍ରଥମ ପାଳି ସରି ଦ୍ୱିତୀୟ ପାଳି ଚାଲିଥିଲେ ମଧ୍ୟ ସ୍ୱାମୀନାଥନ କମିଟିକୁ କାର୍ଯ୍ୟକାରୀ କରିବା ପ୍ରତି ଆନ୍ତରିକତା ଦେଖାଯିବା ପରିଲକ୍ଷିତ ହେଉନାହିଁ। ସରକାର କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟ ନ ବଢ଼ାଇବାର ଆଉ ଗୋଟିଏ କାରଣ ହେଉଛି ଏହାଦ୍ୱାରା ମୁଦ୍ରାସ୍ଫୀତି ବଢ଼ିଯିବ। ତେଣୁ ଦେଶର ଅଣକୃଷି ଜନସଂଖ୍ୟାକୁ ଖୁସି କରିବା ପାଇଁ ସରକାର ଦେଶର ଜନସଂଖ୍ୟାର ପ୍ରାୟ ୬୦% ଲୋକଙ୍କୁ ଏକ କ୍ଷତିକର ପରିସ୍ଥିତିକୁ ଠେଲି ଦେଉଛନ୍ତି। କେବଳ ସେହି ଅଣକୃଷି ଜନସଂଖ୍ୟାକୁ ଶସ୍ତାରେ ଖାଦ୍ୟ ଦ୍ରବ୍ୟ ଦେଇ ଖୁସି କରିବା ପାଇଁ ସରକାର ବିଭିନ୍ନ ସମୟରେ ବିଭିନ୍ନ କୃଷିଜାତ ଦ୍ରବ୍ୟର ରପ୍ତାନି ଉପରେ ନିଷେଧାଜ୍ଞା ଜାରି କରୁଛନ୍ତି। ଏପରି କି ବିଦେଶରୁ କୃଷିଜାତ ଦ୍ରବ୍ୟ ଆମଦାନୀ ମଧ୍ୟ କରୁଛନ୍ତି। ତେଣୁ ଚାଷୀଙ୍କୁ ଏକ ସ୍ୱାଭାବିକ ମୁକ୍ତବଜାର ମିଳୁନାହିଁ, ଯଦ୍ୱାରା ଚାଷୀ ହୁଏତ ନିଜ ଉତ୍ପାଦ ପାଇଁ ଲାଭଜନକ ଦର ପାଇପାରନ୍ତା।

ଅନେକ ସମୟରେ କେନ୍ଦ୍ର ସରକାର ଅବା ରାଜ୍ୟ ସରକାରମାନେ ଚାଷୀ ଭୋଟ ହାତେଇବା ପାଇଁ କଳବଳ କୌଶଳ ପ୍ରୟୋଗ କରିଥାନ୍ତି। କିନ୍ତୁ ଅଧୁନା ସମାଜରେ ଚାଷୀ ମାନଙ୍କ ସମସ୍ୟା ପ୍ରତି କୌଣସି ବ୍ୟକ୍ତିବିଶେଷଙ୍କ ନଜର ନ ପଡିବା ଚିନ୍ତାଜନକ।

mail: kchandrasuansia@gmail.com

## ଏଇ ଭାରତରେ

ଲକ୍‌ଡାଉନ୍ ସମୟରେ ଦେଶର ପ୍ରାୟ ସବୁ ହସ୍ପିଟାଲରେ ରୋଗୀମାନଙ୍କ ନିକଟରେ ରହୁଥିବା ଲୋକମାନେ ଖାଦ୍ୟ ପାଇବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଙ୍ଗାଲୁରର ଏକ ହସ୍ପିଟାଲରେ ଏଭଳି ସମସ୍ୟାକୁ ଦୂର କରିବା ଲାଗି ଆଗେଇ ଆସିଛନ୍ତି ସୟଦ ଗୁଲାବ। ରାଜୀବ ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟିବି ଆଣ୍ଡ୍ ଚେଷ୍ଟ ଡିଜିଜ୍ ହତାରେ ସେ ଦୈନିକ ୭୦୦ ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ପ୍ରଥମେ ସେ ୧୦୦ ଜଣଙ୍କୁ ଖାଦ୍ୟ ବାଣ୍ଟୁଥିଲେ। ଏବେ ତାହା ବୃଦ୍ଧି ପାଇ ୭୦୦ରେ ପହଞ୍ଚିଛି। ଏଥିପାଇଁ ସେ ମାସକୁ ୩ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି। ଏହାର ୨୫ ପ୍ରତିଶତ ସେ ନିଜ ପକେଟରୁ ଦେଉଥିବାବେଳେ ଆଉ ସବୁ ଲୋକମାନେ ଦାନ କରୁଛନ୍ତି। ସୟଦ ଏହି କାର୍ଯ୍ୟ ଲକଡାଉନ ସମୟରେ ଆରମ୍ଭ କରିନାହାନ୍ତି, ବରଂ ଏହା ପୂର୍ବରୁ ସେ ଗରିବ ଲୋକମାନଙ୍କୁ କେବଳ ରବିବାର ଦିନ ମାଗଣାରେ ଖାଦ୍ୟ ଦେଉଥିଲେ। କିଛି ଦିନ ପରେ ଦୈନିକ ଖାଦ୍ୟ ବଣ୍ଟନ କରିବା ଲାଗି ସେ ୪ ବର୍ଷ ପୂର୍ବେ 'ରୋଟି ଚ୍ୟାରିଟି ଟ୍ରଷ୍ଟ' ପଞ୍ଜୀକରଣ କରି ଏହି ହସ୍ପିଟାଲରୁ ଅନୁମତି ଲୋଡିଥିଲେ। ପ୍ରଥମେ ହସ୍ପିଟାଲ କର୍ତ୍ତୃପକ୍ଷ ସୟଦଙ୍କ ଉପରେ ସନ୍ଦେହ ପ୍ରକଟ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅନୁମତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟ ଲାଗି ତାଙ୍କୁ ହାଇଦ୍ରାବାଦର ଆଝାର ମ୍ୟାକ୍‌ସୁସିଙ୍କ ସହଯୋଗ ମିଳିଥିଲା। ମ୍ୟାକ୍‌ସୁସି ଦୀର୍ଘଦିନ ହେବ ହାଇଦ୍ରାବାଦରେ ମାଗଣାରେ ଗରିବ ଲୋକମାନଙ୍କୁ ଖାଦ୍ୟ ଯୋଗାଇ ଦେଉଛନ୍ତି। ସୟଦ ସକାଳ ୫ଟାରେ ଉଠି ଘର କାର୍ଯ୍ୟ ଶେଷ କରି ହସ୍ପିଟାଲରେ ପହଞ୍ଚିଯାଉଛନ୍ତି ଓ ୬ଟା ସୁଦ୍ଧା ଧାଡିରେ ଥିବା ଲୋକମାନଙ୍କୁ ଖାଦ୍ୟ ପରଷି ଦେଉଛନ୍ତି। ଏହା ପରେ ସେ ଘରକୁ ଫେରି ପୁଣି ୧.୩୦ ମିନିଟ୍ ସୁଦ୍ଧା ଖାଦ୍ୟ ଧରି ହସ୍ପିଟାଲରେ ପହଞ୍ଚିଯାଉଛନ୍ତି। ଅନେକ ଏଠାରେ ଖାଉଥିବାବେଳେ ଆଉ କେତେଜଣ ପାର୍ସଲ ନେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ମେ ୧୯୯୫

- ସୌଦି ଆରବରେ ହଜ୍‌ଯାତ୍ରା କରୁଥିବା ଇଣ୍ଡୋନେସିଆର ୯୪ ଜଣ ମୁସ୍‌ଲିମ ତୀର୍ଥଯାତ୍ରୀ ଅସହ୍ୟ ଗରମ, ବୟସାଧିକ୍ୟ ଏବଂ ଅସୁସ୍ଥତା ଯୋଗୁ ମୃତ।
- ସୋମାଲିଆର ରାଜଧାନୀ ମୋଗାଡିସୁର ପଡ଼ୋଶୀ ସହର ଚେରମୁଡ଼ାରେ କ୍ଲାନ୍ ଉଗ୍ରପନ୍ଥୀଙ୍କ ମଧ୍ୟରେ ପ୍ରବଳ ସଂଘର୍ଷର ସୂତ୍ରପାତ ଘଟି ୨୦ ବ୍ୟକ୍ତି ମୃତ।
- ତେଲୁଗୁ ସିନେମାର ବୟୋଜ୍ୟେଷ୍ଠ ଅଭିନେତା ତଥା ଥିଏଟର କଳାକାର ନାଗଭୂଷଣମ୍‌ଙ୍କ ହୃଦ୍‌ରୋଗରେ ପରଲୋକ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 3 | D | | B | | 0 | | | | | | 7 | 4 | 6 |
| | 4 | A | | | | | | 3 | | 5 | | 8 | | 1 |
| | | 5 | | A | 1 | | | | | 8 | | | | |
| | B | | D | 6 | | | 4 | | | | C | 3 | | |
| | 0 | | 3 | | 9 | C | | | | | 2 | D | E | |
| | E | | 8 | 5 | | | 0 | 9 | 1 | | 3 | | | |
| | | | | 0 | | | | | | 6 | | | D | |
| | | | 2 | | A | 7 | | | | | 5 | 9 | | |
| | 7 | | 9 | | E | | B | | | 2 | 0 | | 1 | C |
| 2 | | 3 | 4 | 1 | | | 6 | | | | | | | |
| | | | | | | | C | 5 | | | 9 | | 6 | |
| | 2 | | | C | | | | | | | | 4 | | 3 |
| | 8 | E | 1 | | | | 9 | | | | | | | A |
| 3 | C | | | | 0 | 4 | 1 | | E | | | | | |
| D | 1 | 0 | | | | | 8 | | | B | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 5 | 9 | C | B | D | 3 | 0 | 1 | 7 | E | A | 8 | 6 | 4 |
| 4 | E | 8 | 1 | 6 | A | B | C | D | 0 | 2 | 5 | 3 | 7 | 9 |
| 1 | 0 | B | 3 | 7 | 4 | 6 | 8 | A | D | C | 9 | 5 | E | 2 |
| 7 | A | 3 | 5 | 2 | 0 | E | 9 | 4 | 6 | 8 | 1 | D | C | B |
| 6 | C | D | E | 9 | 8 | 2 | 7 | 5 | 3 | B | 4 | 0 | A | 1 |
| 0 | 2 | 5 | 6 | 8 | 9 | 1 | E | 7 | C | 4 | D | B | 3 | A |
| 3 | 7 | 1 | 0 | C | E | A | B | 6 | 9 | 5 | 2 | 4 | 8 | D |
| 8 | 4 | 6 | 7 | D | B | 5 | 2 | C | 1 | A | 3 | 9 | 0 | E |
| C | B | A | 4 | 5 | 3 | 8 | D | 9 | E | 0 | 7 | 2 | 1 | 6 |
| 9 | D | E | A | 1 | 2 | 4 | 3 | 0 | B | 6 | 8 | C | 5 | 7 |
| B | 9 | 7 | D | A | 6 | 0 | 5 | E | 4 | 3 | C | 1 | 2 | 8 |
| A | 1 | C | B | 0 | 5 | 7 | 4 | 8 | 2 | D | E | 6 | 9 | 3 |
| D | 6 | 2 | 8 | 4 | C | 9 | 1 | 3 | A | 7 | 0 | E | B | 5 |
| E | 8 | 0 | 9 | 3 | 7 | D | 6 | 2 | 5 | 1 | B | A | 4 | C |
| 5 | 3 | 4 | 2 | E | 1 | C | A | B | 8 | 9 | 6 | 7 | D | 0 |

ଗତକାଲିର ଉତ୍ତର

# ଅମୃତ ପୁରୁଷ ଭୀମ ଭୋଇ



ଡ. ଉଦ୍ଧବ ଚରଣ ନାୟକ

ଓଡ଼ିଶାର ନିଜସ୍ୱ ଧର୍ମ ମହିମା ଧର୍ମରେ ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି ମହିମା ଗୋସେଇଁ ବା 'ମହିମାସ୍ୱାମୀ'। ମୁଖ୍ୟ ପ୍ରଚାରକ ଭୀମଭୋଇ। ଭୀମଭୋଇ ମହିମାଧର୍ମର ଆଦିକବି। ବୌଦ୍ଧ ଧର୍ମରେ ନାଗାର୍ଜୁନ, ଖ୍ରୀଷ୍ଟଧର୍ମରେ ସେଣ୍ଟପଲ ଓ ବ୍ରାହ୍ମ ସମାଜରେ କେଶବ ଚନ୍ଦ୍ର ସେନ୍‌ଙ୍କ ପରି ମହିମାଧର୍ମରେ ଭୀମଭୋଇଙ୍କ ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଭୀମଭୋଇ ଏକାଧାରରେ ଥିଲେ ଜଣେ କବି, ପଣ୍ଡିତ, ବାଗ୍ମୀ, ସଂଗଠକ, ଧର୍ମପ୍ରଚାରକ ଓ ସଂସ୍କାରକ। ତାଙ୍କ ବ୍ୟକ୍ତିତ୍ୱର ପଟାନ୍ତର ନାହିଁ। ଊନବିଂଶ ଶତକରେ ଭାରତ ବର୍ଷରେ ଧର୍ମ – ସମାଜ କ୍ଷେତ୍ରରେ ପ୍ରକାଶ ପାଇଥିବା ପୁନଃ ଅଭ୍ୟୁତ୍ଥାନ ଆନ୍ଦୋଳନରେ ମହିମା ଗୋସେଇଁ (୧୮୨୬–୧୮୭୬) ଓ ଭୀମଭୋଇ (୧୮୪୬–୧୮୯୫) ଥିଲେ ଅନ୍ୟତମ ପୁରୋଧା। ଭୀମଭୋଇ ଥିଲେ ମହିମାସ୍ୱାମୀଙ୍କର ପ୍ରଧାନ ଗୃହୀଭକ୍ତ। ମହିମା ସ୍ୱାମୀଙ୍କ କୃପାରୁ ତାଙ୍କର କବିତ୍ୱ ବୋଲି ଭୀମଭୋଇ ବାରମ୍ବାର ସ୍ୱରଚନାରାଜିରେ ଉଲ୍ଲେଖ କରିଯାଇଛନ୍ତି।

ତତ୍‌କାଳୀନ ସମାଜରେ ପ୍ରଚଳିତ ହୀନ ଜାତିଭେଦ, ଅନ୍ଧବିଶ୍ୱାସ, କୁସଂସ୍କାର, ପ୍ରତିମାପୂଜା ତଥା ବ୍ରାହ୍ମଣ୍ୟ ଧର୍ମ ପ୍ରଭାବରୁ ସମାଜର ଅସ୍ପୃଶ୍ୟ, ନିଷ୍ପେଷିତ ଦଳିତ ଲୋକଙ୍କୁ ମୁକ୍ତ କରି ସୁସ୍ଥ ରଖିବା ପାଇଁ ଭୀମଭୋଇ ଥିଲେ ଦୃଢ଼ ପରିକର। ଭୀମଭୋଇ ସମାଜକୁ ଆହ୍ୱାନ ଜଣାଇ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ–

''ଜାତି ଖୋଜିଲେ ମୁକ୍ତି ନାହିଁ।
ମୁକ୍ତି ଖୋଜିଲେ ଜାତି ନାହିଁ।।
ଏକ ଶୂନ୍ୟ ବ୍ରହ୍ମଙ୍କଠାରେ ଶରଣପଶ।
ରୂପନାମରେ ମୁକ୍ତି ନାହିଁ।।
କାମନା ହିଁ ମୁକ୍ତିର ପ୍ରତିବନ୍ଧକ।
ଅଲେଖ ଏକାକ୍ଷର ହିଁ ବ୍ରହ୍ମନାମ।।''

ଭୀମଭୋଇଙ୍କର ଏହି ବାଣୀ ହେଉଛି ମହିମାଧର୍ମର ମୂଳନୀତି ଓ ଆଦର୍ଶ। ୧୮୭୬ ମସିହାରେ ଗୁରୁ ମହିମା ସ୍ୱାମୀଙ୍କର ଯୋରନ୍ଦାଠାରେ ବ୍ରହ୍ମଲୀନ ଘଟିବାରୁ ଭୀମଭୋଇ ମହିମା ଧର୍ମ ପ୍ରଚାରରେ ମନ ନିବେଶକରି ମହିମା ଧର୍ମ ସମ୍ପର୍କରେ ରାଶି ରାଶି ଗ୍ରନ୍ଥ ରଚନା କରିବାରେ ଲାଗିଲେ। ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଆସି ଭୀମଭୋଇଙ୍କଠାରୁ ଦୀକ୍ଷା ଗ୍ରହଣ କରି ମହିମାଧର୍ମରେ ଦୀକ୍ଷିତ ହେଲେ। ଭୀମଭୋଇ ସଂସ୍କାରମୂଳକ ସଙ୍ଗୀତ ଗାନକରି ଲୋକମାନଙ୍କୁ ଉଦ୍‌ବୋଧନ ଦେଲେ।

ଛତିଶ କୁଳୀ ବାଉନ ଯେ ପାଟକ
ଯେ ଅଛି ସ୍ତିରୀ ପୁରୁଷ,
ଉଚ୍ଚ ନୀଚ ବୋଲି ବାରଣ ନ କରି
ନାମରେ ଶରଣ ପଶ।

ମହିମା ଧର୍ମ ଦ୍ୱାରା ସମାଜରେ ସଂସ୍କାର ଆଣିବା ନିମନ୍ତେ ଭୀମଭୋଇ ପ୍ରଥମେ ହରିଜନମାନଙ୍କ କୌଳିକ ସଂଜ୍ଞାକୁ ହଟାଇ ସେମାନଙ୍କୁ 'ଶାସେନୀ' ସଂଜ୍ଞା ପ୍ରଦାନ କଲେ। ଦିନକୁ ଦିନ ଭୀମଭୋଇଙ୍କର ଶିଷ୍ୟମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା। ତାଙ୍କର ଚିନ୍ତା, ଚେତନା, ଦର୍ଶନ ଓ ଦୃଷ୍ଟି ନିକ୍ଷେପ ହେଲା ସମାଜ ପାଇଁ – ମାନବ ସମ୍ବଳର ବିକାଶ ପାଇଁ, ସାମଜରେ ଶତ୍ରୁଥିବା ଜନଗଣଙ୍କ ପାଇଁ, ମାନବିକ ମୂଲ୍ୟବୋଧର ବିକାଶ ପାଇଁ, ଜାତୀୟ ଚରିତ୍ର ଗଠନ ପାଇଁ, ଧାର୍ମିକ ସାଂସ୍କୃତିକ ଚେତନାର ଅଭିବୃଦ୍ଧି ପାଇଁ ଓ ନାରୀ ପୁରୁଷ ମଧ୍ୟରେ ସମାନତା ରକ୍ଷା ପାଇଁ। ନିଜ ଆଶ୍ରମ ପ୍ରାଙ୍ଗଣରେ ଭୀମଭୋଇ ପ୍ରତ୍ୟହ ଗୀତା, ଭାଗବତ, ପୁରାଣ ଶାସ୍ତ୍ର, ବେଦ–ବେଦାନ୍ତ ଓ ଦର୍ଶନ ଆଦି ସମ୍ପର୍କରେ ମନମୁଗ୍ଧକର ପ୍ରବଚନ ପ୍ରଦାନ କରୁଥିଲେ। ଭକ୍ତମାନେ ସେସବୁ ଶ୍ରବଣ କରି ଆନନ୍ଦିତ, ଉଲ୍ଲସିତ ଓ ପୁଲକିତ ହୋଇ ଉଠୁଥିଲେ। ଭୀମଭୋଇ ଜଣେ କବି, ସାଧାରଣ ମହିମାଭକ୍ତ ଓ ଧର୍ମ ପ୍ରଚାର କରୁ କରୁ ହୋଇଗଲେ 'ସନ୍ଥ ସାଧକ ଭୀମଭୋଇ'। ସେ ମହିମାଧର୍ମ ଏକେଶ୍ୱରବାଦ ସମ୍ପର୍କରେ ରଚନା କଲେ ରାଶି ରାଶି ପୁସ୍ତକ। ସେ ନିରକ୍ଷର ଥିବାରୁ ଚାରିଜଣ ଲେଖନକାରଙ୍କୁ ଏକାଠି ବସାଇ ଭଜନ ଜଣାଣ ଡାକି ଦେଇଥିଲେ। ସେସବୁ ଏକ ସଙ୍ଗରେ ଚାରୋଟି ସ୍ୱାଦର ଭଜନରେ ପରିଣତ ହୋଇଯାଇଥିଲା। ସେ ଏକଶହ ବତିଶ ଖଣ୍ଡ ପୁସ୍ତକ ସମେତ ହଜାର ହଜାର ଭଜନ ଜଣାଣ ରଚନା କରିଯାଇଥିବାର ଜଣାଯାଏ। ତାଙ୍କ ରଚିତ ପୁସ୍ତକ ମଧ୍ୟରେ ବ୍ରହ୍ମ ନିରୂପଣ ଗୀତା, ସ୍ତୁତି ଚିନ୍ତାମଣି, ଶ୍ରୁତି ନିଷେଦ ଗୀତା, ଶ୍ରୀଶ୍ରୀ ନିର୍ବେଦ ସାଧନ। ଭୀମ ଭୋଇଙ୍କର ବୈଶିଷ୍ଟ୍ୟ ହେଲା ସେ ନିଜର ସମସ୍ତ ରଚନା କଣ୍ଠସ୍ଥ କରି ରଖିଥିଲେ। ଯେତେବେଳେ ଯେଉଁ ପୁସ୍ତକର ଯେଉଁ ଅଧ୍ୟାୟରୁ ତାଙ୍କୁ ବୋଲିବାକୁ କୁହାଯାଉଥିଲା ତାହା ଅନାୟାସରେ ଗାଇ ଦେଇ ପାରୁଥିଲେ। ପୁଣି ସେ ଯେଉଁ ଭଜନ ଜଣାଣ, ଚଉତିଶା ଆଦି ରଚନା କରିଯାଇଛନ୍ତି, ସେସବୁକୁ ସେ କୌଣସି ରାଗ ବା ସ୍ୱର ଦେଇ ରଚନା କରି ନ ଥିଲେ। ସେ ସ୍ୱରଚିତ ଭଜନ, ଜଣାଣକୁ ଏପରି ଭାବରେ ରଚନା କରିଥିଲେ ଯେ, ସେସବୁକୁ ବୋଲିବା ମାତ୍ରେ ସ୍ୱତଃ ତାହା ଏକ ରାଗକୁ ସ୍ପର୍ଶ କରି ଦେଉଥିଲା। ଭୀମଭୋଇ ଓଡ଼ିଆ, ବଙ୍ଗଳା, ସଂସ୍କୃତ, ଓଡ଼ିଆ–ତେଲୁଗୁ ମିଶ୍ରିତ ଭାଷାରେ ବହିମାନ ରଚନା କରିଯାଇଛନ୍ତି। ମହିମା ବିନୋଦ (ବଙ୍ଗଳା) ଓ ମନୁ ସଭା ମଣ୍ଡଳ (ତେଲୁଗୁ, ଓଡିଆ, ସଂସ୍କୃତ ମିଶ୍ରିତ ଭାଷାରେ) ଏହାର ଜ୍ୱଳନ୍ତ ଉଦାହରଣ।

ଭୀମଭୋଇଙ୍କର ଆବିର୍ଭାବ ଘଟିଥିଲା ୧୮୪୬ ମସିହା ବୈଶାଖ ପୂର୍ଣ୍ଣମୀ ତିଥିରେ। ବର୍ତ୍ତମାନର ସୋନପୁର ଜିଲା ଅନ୍ତର୍ଗତ ବୀର ମହାରାଜପୁର ଅଞ୍ଚଳର ଜଟାସିଙ୍ଗା ଗ୍ରାମର ପୋଖରୀ ହୁଡାରେ ଥିବା ତାଳବଣରେ। ତାଙ୍କୁ ପାଇ ନିଃସନ୍ତାନ କନ୍ଧ ଦମ୍ପତି ଦନାର ଭୋଇ ଓ ଗୁରୁବାରୀ ନିଜ ପୁତ୍ର ପରି ପାଳନ କରିଥିଲେ। ଏବେ ବି ତାଙ୍କ ପ୍ରକୃତ ପିତାମାତାଙ୍କ ପରିଚୟ ତମସାଚ୍ଛନ୍ନ। ଏହି ମହାନ୍ ପୁରୁଷ ସନ୍ଥ କବିଙ୍କର ୧୮୯୫ ମସିହା ଶିବରାତ୍ରିରେ ତିରୋଧାନ ଘଟିଥିଲା ସେହି ସୋନପୁରର ଖଲିଆପଲି ମହିମା ଆଶ୍ରମରେ। ଆଜି ସେହି ପୀଠ ମହିମା ଧର୍ମର ଅନ୍ୟତମ ପୁଣ୍ୟ ପୀଠ ଭାବେ ପ୍ରସିଦ୍ଧି ଲାଭ କରିଛି। ଏହି ମହାପୁରୁଷଙ୍କର କ'ଣ ମୃତ୍ୟୁ ହୋଇପାରେ !! ସେ ଅମୃତ ପୁରୁଷ.....

ଭୁବନେଶ୍ୱର, ମୋ–୯୪୩୮୨୯୯୧୭୪

## ପାଠକ ଶ୍ରେଷ୍ଠ ବିଚାରକ

### କାଳିଆ ଯୋଜନାରେ ଅନିୟମିତତା

ମହାଶୟ,

କାଳିଆ ଯୋଜନା ମୁଖ୍ୟମନ୍ତ୍ରୀଙ୍କର ସବୁଠାରୁ ବଡ଼ ଭଲ ଯୋଜନା। ଏ କ୍ଷେତ୍ରରେ ହୋଇଥିବା ଅନିୟମିତତା ଏବଂ ଦୁର୍ନୀତି ନେଇ ଦୃଷ୍ଟାନ୍ତମୂଳକ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣର ଆବଶ୍ୟକତା ରହିଛି। ଫଳରେ ଭବିଷ୍ୟତରେ ଅନ୍ୟ କେହି ଏଭଳି ଦୁର୍ନୀତି କରିବାକୁ ସାହସ କରିବେ ନାହିଁ। ଯାଜପୁର ଜିଲାର ଧର୍ମଶାଳା ବ୍ଲକ ମଧୁପୁରଗଡ ପଞ୍ଚାୟତର ଭୁବନପୁର ଗ୍ରାମର କେତେଜଣ ଗରିବ ଚାଷୀଙ୍କୁ କୃଷକ ବୋଲି ସରକାରଙ୍କ ତରଫରୁ ପୂର୍ବରୁ ବହୁବାର ସ୍ୱୀକୃତି ପ୍ରଦାନ କରାଯାଇଛି। ହେଲେ ଏମାନଙ୍କ ମଧ୍ୟରୁ କେତେକ କାଳିଆ ଯୋଜନାରେ ସହାୟତା ପ୍ରଦାନ ପାଇଁ ମଧ୍ୟ ସରକାରଙ୍କ ତରଫରୁ ପଞ୍ଚାୟତ କାଛରେ ସୂଚନା ପ୍ରଦାନ କରାଯାଇଥିଲା। ଏହାପରେ ଉଦ୍ଦେଶ୍ୟମୂଳକ ଭାବେ ସେମାନଙ୍କ ନାମ କାଟି ଦିଆଯାଇ ଥିବା ବେଳେ ଏହି ପଞ୍ଚାୟତରେ ଚାଷ ସହ କୌଣସି ସମ୍ପର୍କ ନ ଥିବା ଅନେକ ଧନୀ ବ୍ୟକ୍ତିଙ୍କ ପରିବାରରୁ ଏକାଧିକ ଲୋକଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଛି। ଏ ସଂକ୍ରାନ୍ତରେ ଚାଷୀମାନେ ବିଭାଗ ନିକଟରେ ବାରମ୍ବାର ନିଜର ଅଭିଯୋଗ ଦାଖଲ କରି ନିରାଶ ହେଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ତଦନ୍ତ ନିର୍ଦ୍ଦେଶ ଦିଆଯିବାର ବହୁଦିନ ବିତିଥିଲେ ମଧ୍ୟ ଅଦ୍ୟାବଧି ତଦନ୍ତ ବି କରାଯାଇ ନାହିଁ।

ସତୀଶ ବିଶ୍ୱାଳ, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆପଣା ରୂପରେ ହୋଇଛି ବିଭୋରା
ମୃଗନାଭି ବାସେ ବନମୃଗ ପରା,
ଯୌବନ ରସ–ଉଚ୍ଛୁଳା ବକ୍ଷେ
ବୁଲୁଛ ବାତୁଳ ସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି!
(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବଜ୍ରପାତରେ ଗାଈଆଳଙ୍କ ମୃତ୍ୟୁ

**ନୟାଗଡ଼ ଅଫିସ,୬।୫:** ବୁଧବାର ପୂର୍ବାହ୍ନରେ ନୟାଗଡ଼ ଜିଲାରେ ବଜ୍ରପାତ ଘଟି ଜଣେ ଗାଈଆଳଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲିଙ୍ଗରାଜ ବେହେରା(୫୫), ଘର ଶରଣକୁଳ ଥାନାର ବାଉଁଶିଆ ଗାଁରେ। ଲିଙ୍ଗରାଜ ପ୍ରତିଦିନ ପରି ବୁଧବାର ନିକଟସ୍ଥ ପଡିଆ ଜମିକୁ ଗାଈ ଚରାଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ବର୍ଷା ପବନ ସହ ବଜ୍ରପାତ ହୋଇଥିଲା। ଏଥିରେ ଲିଙ୍ଗରାଜଙ୍କ ଶରୀରର ବିଭିନ୍ନ ଅଂଶ ପୋଡି ଯାଇଥିଲା ଏବଂ ଘଟଣାସ୍ଥଳରେ ସେ ପ୍ରାଣ ହରାଇଥିଲେ। ଶରଣକୁଳ ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ୭/୨୦ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଖରିଫ ଧାନ ବିକି ଚାଷୀ ଚଳନ୍ତି: ଭାଜପା

**ଭୁବନେଶ୍ୱର, ୬।୫(ବ୍ୟୁରୋ):** କରୋନା ଲଢ଼େଇରେ ଯୋଦ୍ଧା ହେଉଛନ୍ତି ଚାଷୀ। ସେମାନଙ୍କ ଯୋଗୁ ସମସ୍ତଙ୍କ ଘରେ ଚୁଲି ଜଳେ। ଚଳିତବର୍ଷ ଖରିଫ ଋତୁରେ ଧାନ କିଣିବାର ନିର୍ଦ୍ଧାରିତ ତାରିଖ ପୂର୍ବରୁ ଲକ୍‌ଡାଉନ୍ ଘୋଷଣା ହେବା ଏବଂ ଟୋକନ ସମସ୍ୟା ପାଇଁ ଧାନ ବିକ୍ରିରୁ ବଞ୍ଚିତ ହୋଇ ରାଜ୍ୟର ଅନେକ ଚାଷୀ ଆର୍ଥିକ ଅନଟନ ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟରେ ଧାନ କିଣାରେ ଅହେତୁକ ବିଳମ୍ବ ପରିଲକ୍ଷିତ ହୋଇଛି। ସରକାର ଏନେଇ କୌଣସି ସ୍ପଷ୍ଟୀକରଣ ରଖିନାହାନ୍ତି। ଚାଷୀଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ ପୋଷଣ କରି ତୁରନ୍ତ ସେମାନଙ୍କ ଠାରୁ ଖରିଫ ଧାନ କିଣିବାର ବ୍ୟବସ୍ଥା କରିବାକୁ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ କହିଛନ୍ତି।

### ୫୪୮ ଡାକ୍ତର, ନର୍ସ କୋଭିଡ୍ ସଂକ୍ରମିତ

**ନୂଆଦିଲ୍ଲୀ,୬।୫(ପି.ଟି.):** ଦେଶରେ ପ୍ରାୟ ୫୪୮ ଜଣ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀ କରୋନା ଆକ୍ରାନ୍ତ ଥିବା କେନ୍ଦ୍ର ସରକାରଙ୍କ ତଥ୍ୟରୁ ଜଣାପଡିଛି। ଏଥିରେ କ୍ଷେତ୍ର କର୍ମଚାରୀ, ୱାର୍ଡ ବୟ୍, ପରିମଳ କର୍ମଚାରୀ, ସୁରକ୍ଷା କର୍ମୀ, ଲାବରେଟୋରୀ ଆଟେଣ୍ଡାଣ୍ଟ, ପିଅନ, ଲଣ୍ଡ୍ରି ଓ କିଚେନ୍ ଷ୍ଟାଫଙ୍କୁ ନିଆଯାଇନାହିଁ। ଡାକ୍ତର, ନର୍ସ ଓ ପାରାମେଡିକ୍ କର୍ମଚାରୀ କାହାଠାରୁ ସଂକ୍ରମିତ ହେଲେ ତାହା ଉଲ୍ଲେଖ କରାଯାଇନାହିଁ। ଏହାର ତଦନ୍ତ ମଧ୍ୟ କରାଯାଇନାହିଁ। ତେଣୁ କାର୍ଯ୍ୟସ୍ଥଳୀରେ କେତେଜଣ ଉକ୍ତ ରୋଗ ସଂସ୍ପର୍ଶରେ ଆସିଛନ୍ତି ଓ ସଂକ୍ରମିତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ରାଜଧାନୀ ଦିଲ୍ଲୀରେ ବର୍ତ୍ତମାନ ସୁଦ୍ଧା ୬୯ ଡାକ୍ତର, ୨୭୪ ନର୍ସ ଓ ପାରାମେଡିକ୍ କର୍ମଚାରୀ ଆକ୍ରାନ୍ତ ହୋଇଛନ୍ତି। ଦିଲ୍ଲୀ ସଫଦରଜଙ୍ଗ ହସ୍ପିଟାଲରେ ଜଣେ ପ୍ରଫେସର, ୭ ଡାକ୍ତରଙ୍କ ସମେତ ୧୩ ଜଣ ସଂକ୍ରମିତ ହୋଇଛନ୍ତି।

# ପରିବାରର ୩ ସମେତ ୪ ସଂକ୍ରମିତ

**ଜଗତ୍‌ସିଂହପୁର ଅଫିସ/ ନାଉଗାଁ,୬।୫(ସ୍ୱ.ପ୍ର.)**

**ଜଗତ୍‌ସିଂହପୁର ଜିଲା**
- ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୩ ଜଣଙ୍କ ଭିତରେ ଥିଲେ
- ଜିଲାରେ ଭୟର ବାତାବରଣ

ଜଗତ୍‌ସିଂହପୁର ଜିଲାକୁ ବୁଧବାର କରୋନା ଛୁଇଁଛି। ଜିଲାର ୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସମସ୍ତେ ନାଉଗାଁ ବ୍ଲକ ଅଞ୍ଚଳର ବୋଲି ଜଣାପଡିଛି। ଏହି ୪ଜଣଙ୍କ ମଧ୍ୟରୁ ୩ଜଣ ଗୋଟିଏ ପରିବାରର। ମାତ୍ର ଏହି ପରିବାରର ଜଣେ ସ୍ତ୍ରୀ ଲୋକ ଏବଂ ତାଙ୍କ ଛୋଟ ଝିଅ ସଂକ୍ରମଣରୁ ବର୍ତ୍ତି ଯାଇଛନ୍ତି। ଅନ୍ୟଜଣକ ସେମାନଙ୍କ ସମ୍ପର୍କୀୟ। ଏହି ସୂଚନା ମିଳିବା ପରେ ସାରା ଜିଲାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ନାଉଗାଁ ବିଡିଓ ରଶ୍ମିରେଖା ମଲ୍ଲିକ, ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ, ନାଉଗାଁ ଥାନା ଅଧିକାରୀ ଗୋବର୍ଦ୍ଧନ ସାହୁ ପ୍ରମୁଖ କରୋନା ସଂକ୍ରମିତମାନେ ରହୁଥିବା ଜାମୁଗାଁ ପଞ୍ଚାୟତ ଅନ୍ତର୍ଗତ କଣ୍ଟୁଣିଆହାଟ ହାଇସ୍କୁଲ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରାଥମିକ ଭାବେ ଏହି ହାଇସ୍କୁଲ ଫାଟକ ନିକଟରେ ବ୍ୟାରିକେଡ୍ କରାଯିବା ସହ ୪ ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ କଟକ କିମ୍ବା ପାରାଦୀପସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯିବା ଉପରେ ବିଚାରବିମର୍ଶ ଚାଲିଛି। ମାତ୍ର କେନ୍ଦ୍ରରେ ୧୩ ଜଣ ରହୁଥିବା ଏବଂ ଗୋଟିଏ ପାଇଖାନା ବ୍ୟବହାର କରୁଥିବାରୁ ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରାଯାଉଛି।

ସୂଚନା ମୁତାବକ ଜାମୁଗାଁ ପଞ୍ଚାୟତର ଗୋଟିଏ ପରିବାରର ୫ (୪୭, ୩୨, ୨୭, ୨୬ ଓ ୩ ବର୍ଷର) ଓ ସେମାନଙ୍କ ସମ୍ପର୍କୀୟ ତଥା ତିରୁଣା ପଞ୍ଚାୟତର ଜଣେ ବ୍ୟକ୍ତି (୩୦) ଜଣକା ୩,୫୦୦ ଟଙ୍କା ଲେଖାଏଁ ଭଡା ଦେଇ ସୁରଟରୁ ଏକ ବସ୍‌ରେ କଟକ ଆସିଥିଲେ। ୫ ଜଣିଆ ପରିବାରରେ ସ୍ତ୍ରୀ, ସ୍ୱାମୀ, ସ୍ୱାମୀଙ୍କ ଭାଇ, ଦାଦା ଓ ସେମାନଙ୍କ ଛୋଟ ଝିଅ ଅନ୍ତର୍ଭୁକ୍ତ। ତେବେ କଟକରେ ପହଞ୍ଚିଲା ପରେ ସେମାନଙ୍କୁ ଚାଉଳିଆଗଞ୍ଜସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। ସେଠାରେ ଗୋଟିଏ କୋଠରୀରେ ୬ ଜଣ ରହିଥିଲେ। ୪ ତାରିଖ ଦିନ ଜିଲା ପ୍ରଶାସନ ତରଫରୁ ସେମାନଙ୍କୁ ଜଗତ୍‌ସିଂହପୁର ଅଣାଯାଇ ସରଳାଦେବୀ କଲ୍ୟାଣ ମଣ୍ଡପରେ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ପରେ ସେମାନଙ୍କୁ କଣ୍ଟୁଣିଆହାଟ ହାଇସ୍କୁଲ ପଠାଇ ଦିଆଯାଇଥିଲା। ବୁଧବାର ଏହି ନମୁନା ରିପୋର୍ଟ ଆସିଛି। ରିପୋର୍ଟ ଆସିଲା ପରେ ଶଙ୍କା ବଢିବାରେ ଲାଗିଛି। କାରଣ ଏହି କେନ୍ଦ୍ରରେ ମୋଟ ୧୩ ଜଣ ରହୁଛନ୍ତି। ଗୋଟିଏ କୋଠରିରେ ୬ ଓ ଅନ୍ୟଟିରେ ୭ ଜଣ ରହୁଛନ୍ତି। ଏହି ୭ ଜଣଙ୍କ ମଧ୍ୟରୁ ହାଇଦ୍ରାବାଦ୍‌ରୁ ୩ ଓ ଯାଜପୁର ଫେରନ୍ତା ହେଉଛନ୍ତି ୪। ଅନ୍ୟ ଜଣେ ମଧ୍ୟପ୍ରଦେଶରୁ ଫେରିଥିବା କୁହାଯାଉଥିଲେ ସୁଦ୍ଧା ସେ କେଉଁଠି ରହୁଛନ୍ତି ସ୍ପଷ୍ଟ ହୋଇନାହିଁ। ଏହି ୧୩ ଜଣ ଗୋଟିଏ ପାଇଖାନା ବ୍ୟବହାର କରୁଥିଲେ। ଏ ସମ୍ପର୍କରେ କଣ୍ଟୁଣିଆହାଟର କେତେଜଣ ଲୋକଙ୍କ କହିବା କଥା ହେଲା ଯେହେତୁ ବଜାରଟି ପାଖ ତେଣୁ ସେମାନେ ବଜାର ବୁଲିବାକୁ ଯାଇଥିଲେ ଆଗକୁ ବିପଦ ରହିଛି। କେତେଜଣ ପାନ ଆଦି ସେବନ କରନ୍ତି ତେଣୁ ଲୋକ ସମ୍ପର୍କରେ ଆସିଥିବା ସନ୍ଦେହ କରାଯାଉଛି। ସେହିପରି ତିରୁଣାର ବ୍ୟକ୍ତିଙ୍କ ଭାଇ ମଙ୍ଗଳବାର ତାଙ୍କୁ ଦେଖା କରିବାକୁ ଯାଇଥିଲେ। ମାତ୍ର ସେମାନେ ସାମାଜିକ ଦୂରତା ଅବଲମ୍ବନ କରିଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେଣୁ ସେମାନଙ୍କ ସହ ଆଲୋଚନା କରାଗଲେ ଅଧିକ କିଛି ତଥ୍ୟ ମିଳିପାରେ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ଜିଲାକୁ ୧୩୨ଜଣ ରାଜ୍ୟ ବାହାରୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଏବେ ସୁଦ୍ଧା ୯୮ଜଣଙ୍କ ସ୍ୱାବ୍ ଟେଷ୍ଟ ହୋଇଛି। ସେଥିରୁ ୯୪ ଜଣଙ୍କ ସ୍ୱାବ୍ ନେଗେଟିଭ ଆସିଛି। ଆକ୍ରାନ୍ତମାନେ ୪ ତାରିଖରେ ଫେରିଛନ୍ତି। ପ୍ରଥମର ୪ ପିଜିଟିଭ ହୋଇଥିବାରୁ ସେମାନଙ୍କୁ କଣ୍ଟେନମେଣ୍ଟରେ ରଖାଯାଇଛି। ତେବେ ସେମାନେ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ତାହା ଯାଞ୍ଚ କରାଯାଉଛି। ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

## ନିଜ ଦେଶରେ ବାସହରା ହୋଇଛନ୍ତି କୋଟିଏରୁ ଊର୍ଦ୍ଧ୍ୱ ଶିଶୁ

**ନ୍ୟୁୟର୍କ, ୬।୫**



ନିଜ ଦେଶରେ ବାସହରା ହୋଇଛନ୍ତି ଲକ୍ଷ ଲକ୍ଷ ଶିଶୁ। ପୁଣି ବର୍ଷକ ମଧ୍ୟରେ। ୨୦୧୯ରେ ପୃଥିବୀର ବିଭିନ୍ନ ଦେଶରେ କୋଟିଏ ୯୦ ଲକ୍ଷ ଶିଶୁ ବିସ୍ଥାପିତ ହୋଇଛନ୍ତି। ୟୁନିସେଫ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଏହା ଜଣାପଡ଼ିଛି। 'ଲଷ୍ଟ ଆଟ୍ ହୋମ' ରିପୋର୍ଟରେ ଦର୍ଶାଯାଇଛି ଯେ, ଆଭ୍ୟନ୍ତରୀଣ ସଙ୍କଟ ଏବଂ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଏଭଳି ଘଟିଛି। ତେବେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଅଧିକ ଲୋକ ବାସହରା ହୋଇଥିବା ରିପୋର୍ଟରେ କୁହାଯାଇଛି। ଭାରତ, ବାଂଲାଦେଶ, ଫିଲିପାଇନ୍ସ ଏବଂ ଚାଇନାରେ ବିଭିନ୍ନ କାରଣରୁ ଅଧିକ ଲୋକଙ୍କୁ ବେଘର କରିଛି। ୩୮ ଲକ୍ଷ ଶିଶୁ ହିଂସାକାଣ୍ଡ ଯୋଗୁ ବାସହରା ହୋଇଥିବାବେଳେ ୮୨ ଲକ୍ଷ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇ ଭିଟାମାଟି ଛାଡିଛନ୍ତି। ଏସବୁ ଶିଶୁଙ୍କ ଯୋଗୁ ଆଗାମୀ ଦିନରେ ଶିଶୁ ଶ୍ରମିକ ଏବଂ ବାଲ୍ୟ ବିବାହ ଭଳି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ବିସ୍ଥାପିତ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ବିପନ୍ନ ହେବାରେ ଲାଗିଛି। ୨୦୧୯ରେ ପୃଥିବୀରେ ୩କୋଟି ୩୦ ଲକ୍ଷ ଲୋକ ବାସହରା ହୋଇଥିବାବେଳେ କେବଳ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ୨ କୋଟି ୫୦ ଲକ୍ଷ ବାସସ୍ଥାନ ଛାଡ଼ିଛନ୍ତି। ସେହିପରି ୮୫ ଲକ୍ଷ ଆଭ୍ୟନ୍ତରୀଣ ହିଂସାକାଣ୍ଡ ଯୋଗୁ ଘର ଛାଡିଛନ୍ତି। ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଉପକୂଳ ଅଞ୍ଚଳରେ ୧ କୋଟିରୁ ଅଧିକ ଲୋକ ବାସସ୍ଥାନ ଛାଡ଼ି ପଳାୟନ କରିଛନ୍ତି। ଭାରତରେ ୨୦୧୯ରେ ବିଭିନ୍ନ କାରଣରୁ ୫୦ ଲକ୍ଷ ୩୭ ହଜାର ଲୋକ ବାଧ ହୋଇ ନିଜର ବାସସ୍ଥାନ ଛାଡ଼ିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ସେଥିମଧ୍ୟରୁ କେବଳ ୫୦ ଲକ୍ଷ ୧୮ ହଜାର ଲୋକ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବାସ ହରାଇ ବସିଛନ୍ତି। ଅପରପକ୍ଷରେ ୧୯ ହଜାର ଲୋକ ହିଂସାକାଣ୍ଡ ଯୋଗୁ ଘର ଛାଡ଼ିଛନ୍ତି। ଫିଲିପାଇନ୍ସରେ ୪୨ ଲକ୍ଷ ୭୦ ହଜାର ଲୋକ ବିସ୍ଥାପିତ ହୋଇଛନ୍ତି। ବାଂଲାଦେଶରେ ୪୦ ଲକ୍ଷ ୮୦ ହଜାର ଏବଂ ଚାଇନାରେ ୪୦ ଲକ୍ଷ ୩୦ ହଜାର ଲୋକ ଭିଟାମାଟି ଛାଡ଼ିଛନ୍ତି। ୨୦୧୯ ଶେଷ ସୁଦ୍ଧା ପୃଥିବୀର ୪ କୋଟି ୬୦ ଲକ୍ଷ ଲୋକ ନିଜ ଦେଶରେ ବାସହରା ହୋଇଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମହାମାରୀ କରୋନା ସଂକ୍ରମଣ ସମୟରେ ଭିଟାମାଟି ଛାଡିଥିବା ସଭିଙ୍କ ସୁରକ୍ଷା ଚିନ୍ତାର ବିଷୟ ପାଲଟିଛି। ବିସ୍ଥାପିତଙ୍କ ସୁରକ୍ଷା ପାଇଁ ଇତିମଧ୍ୟରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗ୍ୟୁଟେରସଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି।

# କୋଭିଡ୍ ହେଲ୍‌ଥ ସେଣ୍ଟରରେ ୫-ଟି ସଚିବ

**ନୟାଗଡ଼ ଅଫିସ/ରଣପୁର,୬।୫(ସ୍ୱ.ପ୍ର.)**



କୋଭିଡ୍ ହେଲ୍‌ଥ ସେଣ୍ଟରରେ ୫-ଟି ସଚିବ, ଉନ୍ନୟନ କମିଶନର ଓ ନୟାଗଡ଼ ଜିଲାପାଳ।

ରାଜ୍ୟରେ କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବିଭିନ୍ନ କୋଭିଡ୍ ହସ୍ପିଟାଲ୍ ଯାଇ ସ୍ଥିତି ପରଖୁଛନ୍ତି। ଏହି କ୍ରମରେ ବୁଧବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଉନ୍ନୟନ କମିଶନର ସୁରେଶ ମହାପାତ୍ର ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁରସ୍ଥିତ କୋଭିଡ୍ ହେଲଥ୍ ସେଣ୍ଟର ପରିଦର୍ଶନ କରି ଫେରିଛନ୍ତି। ପୂର୍ବାହ୍ନ ସାଢ଼େ ୯ଟାରେ ପହଞ୍ଚିବା ପରେ ଉଭୟଙ୍କୁ ସୁରକ୍ଷା ବଳୟ ଭିତରେ ଡାକ୍ତରଖାନା ଭିତରକୁ ନିଆଯାଇଥିଲା। ଉଭୟେ ହସ୍ପିଟାଲର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ନିୟୋଜିତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଥିଲେ। କରୋନା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ୧୦ଟି ଆଇସିୟୁ ଶଯ୍ୟା ଓ ୫ଟି ଭେଣ୍ଟିଲେଟରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ଓ ସିଡିଏମଓଙ୍କୁ ପରାମର୍ଶ ଦେଇଥିଲେ। କରୋନା ମୁକାବିଲା କ୍ଷେତ୍ରରେ ଜିଲା ପ୍ରଶାସନର ପଦକ୍ଷେପ ସମ୍ପର୍କରେ ଜିଲାପାଳଙ୍କୁ ପଚାରି ବୁଝିଥିଲେ। ଚାନ୍ଦପୁର କୋଭିଡ୍ ହେଲଥ୍ ସେଣ୍ଟରରେ ୧୩ଜଣ ଡାକ୍ତରଙ୍କ ସମେତ ୧୦୦ଜଣ ବୈଷୟିକ ଜ୍ଞାନକୌଶଳଧାରୀଙ୍କୁ ନିୟୋଜିତ କରାଯାଇଥିବା ଜିଲାପାଳ ଦର୍ଶାଇଥିଲେ। ସେହିଭଳି ଦୁଇଟି କୋଭିଡ୍ ୧୯ କେୟାର ହସ୍ପିଟାଲ ଚାଲୁଥିବା କହିଥିଲେ। ଗ୍ରୀନ ଜୋନରେ ଥିବା ନୟାଗଡ ଜିଲାରେ ସାମାଜିକ ଦୂରତା ରକ୍ଷାକୁ ଅଣଦେଖା କରା ନ ଯାଉ ବୋଲି ୫-ଟି ସଚିବ ପରାମର୍ଶ ଦେଇଥିଲେ। ଜିଲାପାଳ ପୋମା ଟୁଡୁ, ଏସ୍‌ପି ପ୍ରତ୍ୟୁଷ ଦିବାକର, ସିଡିଏମ୍‌ଓ ଶ୍ୱେତ ମହାପାତ୍ର, ଚାନ୍ଦପୁର କୋଭିଡ୍ ହେଲ୍‌ଥ ସେଣ୍ଟରର ଡାକ୍ତର ବି. ସୁର୍ଯ୍ୟା ରାଓ ଉପସ୍ଥିତ ଥିଲେ।

## ୫୯ଜଣଙ୍କ ଚିକିତ୍ସା ଖର୍ଚ୍ଚ ତାଲିକା ଦର୍ଶାଇଲା ସିଏମ୍‌ଓ

**ଭୁବନେଶ୍ୱର, ୬।୫(ବ୍ୟୁରୋ)**

ରାଜ୍ୟରେ ଗୁରୁତର ରୋଗରେ ପୀଡ଼ିତ ହୋଇ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅର୍ଥ ଲାଗି ଆବେଦନ କରିଥିବା ୫୯ଜଣଙ୍କ ତାଲିକା ପ୍ରକାଶ କରାଯାଇଛି। ଉକ୍ତ ୫୯ଜଣଙ୍କ ଚିକିତ୍ସା ଖର୍ଚ୍ଚ ବାବଦକୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରାୟ ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ଅଫିସିଆଲ ଟୁଇଟର ଜରିଆରେ ସୂଚନା ଦିଆଯାଇଛି।

## ଅବସରପ୍ରାପ୍ତ ତ୍ରିବିକ୍ରମଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର, ୬।୫(ବ୍ୟୁରୋ)**

ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ତ୍ରିବିକ୍ରମ ପ୍ରଧାନଙ୍କୁ ବୁଧବାର ଜଳ ସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବଭାବେ ନିଯୁକ୍ତି ଦିଆଯାଇଛି। ଆସନ୍ତା ବର୍ଷେ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ପିଛିଲା ଭାବେ ମେ ୧ ତାରିଖରୁ ତାଙ୍କ ନିଯୁକ୍ତିକୁ ଆସନ୍ତା ବର୍ଷେ ପର୍ଯ୍ୟନ୍ତ ହିସାବକୁ ନିଆଯିବ। ଅବସର ବେଳକୁ ସେ ଅବକାରୀ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱରେ ଥିଲେ। ସେହିପରି ୨୦୧୦ ବ୍ୟାଚ୍ ଆଇଇଏସ(ଇଣ୍ଡିଆନ ଇଞ୍ଜିନିୟରିଂ ସର୍ଭିସ) ପ୍ରଜ୍ଞାସ୍ମିତା ସାହୁଙ୍କୁ ଅର୍ଥ ବିଭାଗର ଡେପୁଟି ସେକ୍ରେଟାରୀ ଭାବେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ସେ କଟକ ସ୍ଥିତ ଏସଆଇଏସଆଇର ନିର୍ଦ୍ଦେଶକଭାବେ କାର୍ଯ୍ୟ କରୁଥିଲେ।

## ମାଉସୀ ମା' ମନ୍ଦିରରେ ଜଳଶାୟୀ ନୀତି

**ପୁରୀ ଅଫିସ, ୬।୫**



ପବିତ୍ର ନୃସିଂହ ଚତୁର୍ଦ୍ଦଶୀରେ ବୁଧବାର ମାଉସୀ ମା' ମନ୍ଦିରରେ ଜଳାଶାୟୀ ନୀତି ସମ୍ପନ୍ନ ହୋଇଛି। ସ୍ଥାନୀୟ ବ୍ରାହ୍ମଣ ଯୁବକମାନେ କୂଅରୁ ଜଳ ଆଣି ଏହି ନୀତିରେ ସାମିଲ ହୋଇ ଥିଲେ। ଠାକୁରାଣୀଙ୍କୁ ଜଳ ମଧ୍ୟରେ ନିମଗ୍ନ କରିଥିଲେ। ତେବେ ଏହି ଜଳ ଆପେ ଆପେ ଅଦୃଶ୍ୟ ହୋଇଯାଇଥିଲା। ପରେ ଭୋଗରାଗ, ନୀତି ହୋଇ ପ୍ରସାଦ ବଣ୍ଟାଯାଇଥିଲା। କରୋନା କବଳରୁ କିପରି ମୁକ୍ତି ମିଳିବ ସେ ନେଇ ମା'ଙ୍କୁ ପ୍ରାର୍ଥନା କରାଯାଇଥିଲା।

ଏହି ନୀତି ସମ୍ପର୍କରେ ପୂଜକ ବିଶ୍ୱନାଥ ମିଶ୍ର କହିଛନ୍ତି, ବହୁ ପୂର୍ବରୁ ପୁରୀ ବଡ଼ଦାଣ୍ଡ ମାଳିନୀ ନଦୀ ଦ୍ୱାରା ଦୁଇ ଭାଗ ଥିଲା। ସେତେବେଳେ ରଥଯାତ୍ରା ସମୟରେ ୬ଟି ରଥ ହେଉଥିଲା। ଶ୍ରୀମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତି ଆସି ନଦୀ ଆରପଟେ ଓହ୍ଲାଉଥିଲେ। ଠାକୁରଙ୍କୁ ନଦୀ ପାର କରାଯାଇ ପୁନଶ୍ଚ ନଦୀ ଏପଟେ ଥିବା ରଥରେ ବିଜେ କରାଯାଉଥିଲା। ଏହି ଅସୁବିଧା ଦେଖି ମହାପ୍ରଭୁଙ୍କ ମାଉସୀ ମାଳିନୀ ନଦୀକୁ ଶୋଷି ଦେଇଥିଲେ, ଯେଉଁଥିପାଇଁ ତାଙ୍କୁ କୁହାଯାଏ ଅର୍ଦ୍ଧଶୋଷିନୀ ବା ଅର୍ଦ୍ଧାଶିନୀ। ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ସେବେଠାରୁ ନୃସିଂହ ଚତୁର୍ଦ୍ଦଶୀରେ ଜଳଶାୟୀ ନୀତି ପାଳନ କରାଯାଉଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ଅସୁବିଧା ଦୂର ପାଇଁ ମାଉସୀ ନଦୀ ଜଳ ଶୋଷି ନେଇଥିବାରୁ ମହାପ୍ରଭୁ ଜଗନ୍ନାଥ କଥା ରକ୍ଷା କରି ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ବାହୁଡ଼ିବା ସମୟରେ ମାଉସୀ ମା' ମନ୍ଦିରରେ ପୋଡ଼ପିଠା ଖାଇ ଯାଇଥାନ୍ତି ବୋଲି ମିଶ୍ର କହିଛନ୍ତି। ସାମାଜିକ ଦୂରତା ରକ୍ଷା କରି ଏହି ନୀତି ସମ୍ପନ୍ନ ହୋଇଥିଲା ବୋଲି ପୂଜକ ମିଶ୍ର ପ୍ରକାଶ କରିଛନ୍ତି।

# ଓପୋଲଫେଡ୍‌ର ହୋମ୍ ଡେଲିଭରି ସେବା

**ଭୁବନେଶ୍ୱର,୬।୫**

ଲକ୍‌ଡାଉନ ସମୟରେ ଓପୋଲଫେଡ୍ ପକ୍ଷରୁ ଗ୍ରାହକଙ୍କୁ ସେବା ଯୋଗାଣଧାରା ଜାରି ରହିଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଏହା ହୋମ୍ ଡେଲିଭରି ସେବା ଯୋଗାଣ ଦ୍ୱାରା ଲୋକଙ୍କ ନିକଟରେ ଉଚିତ ମୂଲ୍ୟରେ ଅଣ୍ଡା ଏବଂ କୁକୁଡ଼ା ମାଂସ ଯୋଗାଇ ଦେଉଛି। ଭୁବନେଶ୍ୱରରେ ୪ଟି ସେଣ୍ଟର ଦ୍ୱାରା ଏହା ସେବା ପ୍ରଦାନ କରୁଛି। ଏହି ସେଣ୍ଟରଗୁଡିକ ଚନ୍ଦ୍ରଶେଖରପୁର, ଓୟୁଏଟି, ଶହୀଦନଗର ଏବଂ ଆଇଆର୍‌ସି ଭିଲେଜରେ ରହିଛି। ନିର୍ଦ୍ଧାରିତ ଫୋନ ନମ୍ବରରେ ଗ୍ରାହକ କଲ୍ ଷ୍ଟୋରରୁ ଅଣ୍ଡା ଏବଂ ମାଂସ ଅର୍ଡର କରିପାରିବେ। ଲୋକଙ୍କୁ ସେବା ଯୋଗାଣ ଲାଗି ବ୍ୟବସ୍ଥା କରାଯାଇଥିବା ବେଳେ ସହଜରେ କିଭଳି ଲୋକ ଏହା ଲାଭ କରିପାରିବେ ତାକୁ ଧ୍ୟାନରେ ରଖାଯାଇଥିବା ଓପୋଲଫେଡ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲା ସ୍ଥିତି ପରଖିଲେ ନୋଡାଲ ଅଧିକାରୀ

## ପାରାଦୀପ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ହେବ

**ଜଗତ୍‌ସିଂହପୁର ଅଫିସ/ବିରିଡି, ୬।୫(ଡି.ଏନ.ଏ.)**

ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ତଥା କୋଭିଡ୍-୧୯ର ଜଗତ୍‌ସିଂହପୁର ଜିଲା ନୋଡାଲ ଅଧିକାରୀ ହେମନ୍ତ ଶର୍ମା ବୁଧବାର ଜଗତ୍‌ସିଂହପୁର ଗସ୍ତ କରିଛନ୍ତି। ଶର୍ମା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ କରୋନା ମୁକାବିଲା ସମ୍ପର୍କିତ ସମୀକ୍ଷା କଲାବେଳେ ସନ୍ତୋଷ ବ୍ୟକ୍ତ କରିଥିଲେ। କିନ୍ତୁ ତା'ର କିଛି ସମୟ ପରେ ଜିଲାର ୪ କରୋନା ସଂକ୍ରମିତ ଚିହ୍ନଟ ହେବାରୁ ସବୁକିଛି ଓଲଟପାଲଟ ହୋଇଯାଇଛି।

ସମୀକ୍ଷା ବୈଠକରେ ଶର୍ମାଙ୍କ ସହ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ମିଶନ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇ ଉପସ୍ଥିତ ଥିଲେ। ଏହି ସମୟରେ ଶର୍ମା କହିଥିଲେ, ୧ମ ଓ ୨ୟ ପର୍ଯ୍ୟାୟ ତାଲାବନ୍ଦ ସମୟରେ ଜିଲା କରୋନା ମୁକ୍ତ ଥିବାରୁ ଗ୍ରୀନ ଜୋନ୍‌ରେ ରହିଥିଲା। ୩ୟ ପର୍ଯ୍ୟାୟରେ ଅନ୍ୟ ରାଜ୍ୟ ଓ ବିଦେଶରୁ ପ୍ରବାସୀ ଓଡ଼ିଆ ଫେରୁଥିବାରୁ ଆଗାମୀ ଦିନଗୁଡିକରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡିବ। ତେଣୁ ଏ ପରିସ୍ଥିତିରେ ପ୍ରଭାବ ନିରୋଧ (କଣ୍ଟେନମେଣ୍ଟ) ଓ କ୍ୱାରାଣ୍ଟାଇନ୍ ଗୁରୁତ୍ୱପୂର୍ଣ୍ଣ। ପାରାଦୀପ କୋଭିଡ ହସ୍ପିଟାଲରେ ୫୫ ଶଯ୍ୟା, ୫ଟି ଆଇସିୟୁ, ୩ଟି ଭେଣ୍ଟିଲେଟର ବ୍ୟବସ୍ଥା କରାଯାଇଛି। କିନ୍ତୁ ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଉ କିଛି ଶଯ୍ୟା ବଢାଇବା ସହିତ ଭେଣ୍ଟିଲେଟର ଓ ଉଚ୍ଚ କ୍ଷମତାସମ୍ପନ୍ନ ଯନ୍ତ୍ରପାତି ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି। ପ୍ରମୁଖ ସଚିବ ଜଗତ୍‌ସିଂହପୁର ଆସିବା ବାଟରେ ବିରିଡ଼ି, ଜଗତ୍‌ସିଂହପୁର ବ୍ଲକ ଓ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳର କିଛି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ସରପଞ୍ଚ ଓ ସ୍ଥାନୀୟ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଜଣେ କରୋନା ସଂକ୍ରମିତ ୩୦ ଦିନରେ ୫୦୦ ଜଣଙ୍କୁ ସଂକ୍ରମିତ କରିପାରେ। ତେଣୁ ଏ ବାବଦରେ ପ୍ରତ୍ୟେକ ସତର୍କ ହେବା ଜରୁରୀ। ଆମ୍ଭମାନଙ୍କୁ ଭାବିବାକୁ ପଡିବ ଯେଉଁମାନେ ବାହାରୁ ଫେରୁଛନ୍ତି ସେମାନେ କରୋନା ସଂକ୍ରମିତ ହୋଇଥାଇ ପାରନ୍ତି। ଜିଲାରେ ଜନସଂଖ୍ୟାର ଘନତ୍ୱ ଅଧିକ ହୋଇଥିବାରୁ ଆଗାମୀ ୧୫ ଦିନ ଅଧିକ ନିର୍ଣ୍ଣାୟକ ହେବ। ଅତିରିକ୍ତ ଶାସନ ସଚିବ ଦଳାଇ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ତେବେ ଏବେ ଜିଲାରେ ୪ କରୋନା ପଜିଟିଭ୍ ଚିହ୍ନଟ ପରେ କି ପଦକ୍ଷେପ ନିଆଯାଉଛି ତାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।



ବିରିଡ଼ିର ଅଲାଣ୍ଡୋ ହାଇସ୍କୁଲରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ଜିଲା ନୋଡାଲ ଅଧିକାରୀ, ଜିଲାପାଳ ଓ ଅନ୍ୟମାନେ।

# 'କ୍ଷରଣ ପାଣି ନିର୍ଗତ ବନ୍ଦ ହେଉ'

**ଯାଜପୁର ଅଫିସ, ୬।୫**

**ଭିସା ଷ୍ଟିଲ କାରଖାନାରୁ ବର୍ଜ୍ୟଜଳ ନିର୍ଗତ ମାମଲା**

ଶିଳ୍ପ ପ୍ରଦୂଷଣ ରୋକାଯାଇ ନ ପାରିଲେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଦାୟୀ ରହିବେ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ଯାଜପୁର ଜିଲା ଅଧୀନ କଳିଙ୍ଗନଗର ଭିସା ଷ୍ଟିଲ କାରଖାନାରେ ଏହା ଲାଗୁ ହୋଇପାରିନାହିଁ। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତିର ସଭାପତି ଅଶ୍ୱିନୀ କୁମାର ଧଳଙ୍କ ଅଭିଯୋଗ ଅନୁସାରେ ଆନାଲିସିସ ରିପୋର୍ଟ ସଦସ୍ୟ ସଚିବଙ୍କ ନିକଟରେ ଦାଖଲ ହେବା ପରେ ଏହା ସ୍ପଷ୍ଟ ହୋଇଛି। ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ଏସ୍‌ପିସିବିର ସଦସ୍ୟ ସଚିବଙ୍କୁ ୧୪ ପୃଷ୍ଠା ସମ୍ବଳିତ ଏକ ରିପୋର୍ଟ ପ୍ରଦାନ କରିଛନ୍ତି। ଉକ୍ତ ରିପୋର୍ଟର ସୁପାରିସରେ ଦର୍ଶାଯାଇଛି, ନିର୍ଦ୍ଧାରିତ ସମୟ ମଧ୍ୟରେ ଭିସା ଷ୍ଟିଲ୍‌କୁ ସର୍ଫେସ ରନ୍ ଅଫ ଡ୍ରେନ ନିର୍ମାଣ କରିବାକୁ ହେବ ଏବଂ କାରଖାନାର କ୍ଷରଣ ପାଣି ବନ୍ଦ ହେବା ଉଚିତ।

ଭିସା ଷ୍ଟିଲ କାରଖାନାର ବିଷାକ୍ତ ପାଣି ପ୍ରତିବର୍ଷ ଚାଷ ଜମି ଦେଇ ପ୍ରବାହିତ ହୋଇ ଗଣ୍ଡନାଳା, ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ଜଳକୁ ଜହର କରୁଛି ବୋଲି ଅଞ୍ଚଳବାସୀ ପୂର୍ବରୁ ଏକାଧିକ ଥର ଅଭିଯୋଗ କରିଛନ୍ତି। ୨୦୧୫ ଜୁନ ୨୨ ଅପରାହ୍ନ ୨ଟା ସମୟରେ ଭିସା ଷ୍ଟିଲ ପ୍ରଥମେ ବିଷାକ୍ତ ପାଉଁଶ ପାଣି ଛାଡି ଦେଇଥିବା ଲୋକଲୋଚନକୁ ଆସିଥିଲା। ଏହାପରେ ଏସପିସିବିର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଚାଷ ଜମିରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବୋରେଟୋରୀକୁ ପଠାଯାଇଥିଲା। ସେହିବର୍ଷ ଜୁଲାଇ ୧୦ ତାରିଖରେ ରାଜ୍ୟ ବିଶ୍ଳେଷକ ପରିଷଦ ପକ୍ଷରୁ ଜଳ ନମୁନାର ରିପୋର୍ଟ ପ୍ରକାଶ ପାଇଥିଲା। ସଂଗୃହୀତ ଜଳ ନମୁନାରୁ ଫେନୋଲିକ କମ୍ପାଉଣ୍ଡ(ତାର୍ ସମ୍ବନ୍ଧୀୟ), ସାଏନାଇଡ, କ୍ରୋମିୟମ ଆଦି ବିଷାକ୍ତ ଦ୍ରବ୍ୟ ପରମିସିବୁଲ ଲିମିଟଠାରୁ ଅଧିକ ରହିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ତେବେ ଗତ ମାର୍ଚ୍ଚରେ କଲଭର୍ଟ-୧ରୁ ନିର୍ଗତ ଜଳ ନମୁନା ସଂଗ୍ରହ କରି ସେଥିରେ ହୋଇଥିବା ପରୀକ୍ଷା ରିପୋର୍ଟରେ ବାହାରକୁ ଛଡ଼ାଯାଉଥିବା ପାଣିରେ ସେତେଟା ବିଷାକ୍ତ ଦ୍ରବ୍ୟ ନ ଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିପରି ବାୟୁ ପ୍ରଦୂଷଣ ମଧ୍ୟ ପରମିସିବୁଲ ମଧ୍ୟରେ ରହୁଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହାକୁ କଳିଙ୍ଗନଗର ପରିବେଶ ସୁରକ୍ଷା ସିମିତି ଗ୍ରହଣ କରି ନ ଥିବାବେଳେ କାରଖାନା ସପକ୍ଷରେ ରିପୋର୍ଟ ଯାଇଥିବା ସଭାପତି ଧଳ ଅଭିଯୋଗ ଆଣିଛନ୍ତି। ଏହାସହ କନସେଣ୍ଟ ଅର୍ଡର ଅନୁଯାୟୀ, ବୁନ୍ଦାଏ ବି କାରଖାନା ପାଣି ବାହାରକୁ ଛଡ଼ା ଯିବା ଉଚିତ ନୁହେଁ ବୋଲି ସଭାପତି ଧଳ ପ୍ରକାଶ କରିଛନ୍ତି। ଏଥିଯୋଗୁ ଚାଷ ଜମି ବହୁଳ ଭାବେ କ୍ଷତିଗ୍ରସ୍ତ ହେଉଥିବାରୁ ସେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ର ଦ୍ୱାରସ୍ଥ ହୋଇଥିଲେ। ଏନ୍‌ଜିଟିରେ ଏସ୍‌ପିସିବିର ସଦସ୍ୟ ସଚିବ, ଏସ୍‌ପିସିବିର ରାଜ୍ୟ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ଭିସା ଷ୍ଟିଲ କାରଖାନା ପରିଚାଳନା ନିର୍ଦ୍ଦେଶକ, ସିପିସିବିର ସଦସ୍ୟ ସଚିବ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ ବେହେରାଙ୍କୁ ପଚାରିବାରେ, ଭିସା କାରଖାନାର ସର୍ଫେସ ପାଣି ନମୁନା ସଂଗ୍ରହ କରି ପରୀକ୍ଷା କରିବା ପରେ ରିପୋର୍ଟ ସଦସ୍ୟ ସଚିବଙ୍କୁ ଦିଆଯାଇଛି। ଏହାସହ ସର୍ଫେସ ରନଅଫ ଡ୍ରେନ ନିର୍ମାଣ ସାରିବାକୁ ଭିସା ଷ୍ଟିଲ କାରଖାନାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।



ଟାଟା ଷ୍ଟିଲ୍‌ରୁ ବାହାରୁଥିବା ବର୍ଜ୍ୟ ପାଣି।

## ସଂକ୍ଷେପରେ

### କଟକଣା ନ ମାନି ବିକୁଛନ୍ତି ଚା

**ଭୁବନେଶ୍ୱର,୬।୫(ବ୍ୟୁରୋ):** କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସାରା ସହରରେ ଚା, ପାନ ସହ ନିଶା ଦ୍ରବ୍ୟ ବିକ୍ରି କରାଯିବା ଉପରେ ସରକାରୀ କଟକଣା ରହିଛି। କିନ୍ତୁ ରାଜଧାନୀର ବିଭିନ୍ନ ସ୍ଥାନରେ ଏହି କଟକଣାକୁ ହେୟଜ୍ଞାନ କରି କେତେଜଣ ଦୋକାନ ଲୁଚାଛପାରେ ଚା ବିକ୍ରି କରୁଥିବାର ଜଣାପଡ଼ିଛି। ଭୁବନେଶ୍ୱରରେ ପାଖାପାଖି ୬ ହଜାରରୁ ଊର୍ଦ୍ଧ୍ୱ ଓମଫେଡ ବୁଥ ଥିବାବେଳେ ୨ହଜାରରୁ ଉର୍ଦ୍ଧ ବୁଥରେ ଲୁଚା ଛପା ସହ କିଛି ବୁଥରେ ଖୋଲାଖୋଲି ଏହି ସବୁ ସାମଗ୍ରୀ ବିକ୍ରି କରାଯାଉଛି। ଏପରିକି କମିଶନରେଟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ନିକଟ ଏକ ଓମଫେଡ ବୁଥରେ ଚା ପାନ ଓ ମାଦକ ଦ୍ରବ୍ୟ ବିକ୍ରି କରାଯାଉଛି। କାର୍ଯ୍ୟାଳୟ ନିକଟରେ ଥାଇ ମଧ ପୋଲିସ କିଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ତାହା ସାଧାରଣରେ ପ୍ରଶ୍ନ ସୃଷ୍ଟି କରୁଛି।

### ଘୋଡ଼ାନାଚ କଳାକାରଙ୍କୁ ସହାୟତା ଦାବି

**ବାଲିଅନ୍ତା,୬।୫(ଡି.ଏନ.ଏ):** ଲକଡାଉନ ଯୋଗୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବନ୍ଦ ରହିଛି। ଏଥିରେ ଓଡ଼ିଶାର ଲୋକନୃତ୍ୟ ଓ ଲୋକକଳା ରୂପେ ପରିଚିତ ଚଇତି ଘୋଡାନାଚ ପରିବେଷଣ ମଧ ବାଦ ପଡ଼ି ନାହିଁ। ଏହି ଲୋକନୃତ୍ୟରେ ଅଭିନୟ କରୁଥିବା କଳକାରମାନେ ଜୀବିକା ହରାଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଏହା ମାର୍ଚ୍ଚଠାରୁ ଜୁନ ମାସ ପର୍ଯ୍ୟନ୍ତ ଚାଲୁଥିବାବେଳେ ଏହି ଦଳରେ ଥିବା ଗାୟକ, ପାଳିଆ, ବାଜା, ମହୁରି ଆଦି ୯ଜଣଙ୍କ ରୁହନ୍ତି। ବୃଦ୍ଧି ପାଉଥିବା ତାଲାବନ୍ଦ ଯୋଗୁ ଏହି ସମସ୍ତ କଳାକାରମାନେ ଏବେ ଭୋକ ଉପବାସରେ କାଳାତିପାତ କରୁଛନ୍ତି। ବନ୍ଦ ଯୋଗୁ ସମସ୍ତ ନିକଟରେ ଆର୍ଥିକ ସଙ୍କଟ ଦେଖାଦେଇଛି। ଏମାନଙ୍କୁ ମଧ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ‘ଖବରକାଗଜ ବିତରକଙ୍କୁ ବୀମାଭୁକ୍ତ କରାଯାଉ’

**ପୁରୀ ଅଫିସ,୬।୫:** ଲକ୍‌ଡାଉନ ପରିପ୍ରେକ୍ଷୀରେ କୌଣସି ସରକାରୀ ସହଯୋଗ ପାଇ ନ ଥିବାରୁ ପୁରୀ ଖବରକାଗଜ ବିତରକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ବିତରକମାନେ ଜଣାଇଛନ୍ତି ଯେ, କରୋନା ଯୋଗୁ ଖବରକାଗଜ ବିତରଣରେ ସମସ୍ୟା ହେବାରୁ ସେମାନେ ବିତରଣ ବନ୍ଦ କରିଦେଇଥିଲେ। ସରକାରଙ୍କ ନିୟମ ମାନି ଘରେ ରହିଥିଲେ। ତେଣୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହେଉଛି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାର କିମ୍ବା କୌଣସି ଅନୁଷ୍ଠାନ ଦୃଷ୍ଟି ଦେବା ପାଇଁ ବିତରକମାନେ ନିବେଦନ କରିଛନ୍ତି। ଗଣମାଧମ ପ୍ରତିନିଧିଙ୍କ ଭଳି ସେମାନେ ମଧ ଖରା, ବର୍ଷା, ଶୀତ କାକରରେ ଘର ଘର ବୁଲି ଖବରକାଗଜ ବିତରଣ କରିଥାନ୍ତି । ଏହି ସମୟରେ ଅନେକ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ଏଥିପାଇଁ ସେମାନଙ୍କ ପରିବାରକୁ ସର୍ବସ୍ୱାନ୍ତ ହେବାକୁ ପଡ଼ିଥାଏ। ଏଭଳି ନଜିର ପୂର୍ବରୁ ରହିଛି। ସରକାର ଏ ଦିଗରେ ଦୃଷ୍ଟି ଦେବା ସହ ସେମାନଙ୍କୁ ବୀମାଭୁକ୍ତ କରିବା ପାଇଁ ଶାନ୍ତନୁ କୁମାର ସାହୁ, ଦିଲୀପ କୁମାର ମହାନ୍ତି, ବେଣୁଧର ସାହୁ, ବିଜୟ କୁମାର ସାହୁ, ବସନ୍ତ ପ୍ରଧାନ, ଚିତ୍ତରଞ୍ଜନ ସାହୁ, ଚନ୍ଦନ ମହାନ୍ତି ପ୍ରମୁଖ ବିତରକମାନେ ଦାବି କରିଛନ୍ତି।

### ଜଟଣୀରେ ଧରାପଡ଼ିଲେ ୧୬ ପ୍ରବାସୀ

**ଜଟଣୀ,୬।୫(ଡି.ଏନ.ଏ.):** ତେଲେଙ୍ଗାନା ରାଜ୍ୟରୁ ଓଡ଼ିଶାକୁ ପଳେଇ ଆସିଥିବା ୧୬ଜଣ ପ୍ରବାସୀ ଓଡ଼ିଆଙ୍କୁ ବୁଧବାର ଜଟଣୀ ପୋଲିସ ଧରିଛି। ପରେ ସ୍ଥାନୀୟ ପ୍ରଶାସନ ପଚରାଉଚୁରା କରି ସେମାନଙ୍କ ଜିଲାକୁ ପଠାଇଛି। ଆସିଥିବା ଏହି ପ୍ରବାସୀମାନଙ୍କ ମଧ୍ୟରୁ ପୁରୀର ୯, କଟକ ୩ ଓ କେନ୍ଦ୍ରାପଡ଼ା ଜିଲାର ୪ଜଣ ରହିଥିଲେ। ଦୁଇଟି ବୋଲେରୋରେ ଏମାନେ ଆସିଥିଲେ। ନିଜ ରାଜ୍ୟକୁ ଫେରିବା ସମୟରେ ଓଡ଼ିଶା ସୀମାରେ ସେମାନଙ୍କର ପଞ୍ଜୀକରଣ ସହ ଷ୍ଟାପିଙ୍ଗ୍ ମଧ ହୋଇଥିଲା। ଭୋର ସମୟରେ ଜଟଣୀ ସହର ମଧରେ ୨ଟି ବୋଲେରୋ ବୁଲୁଥିବା ଦେଖି ପୋଲିସ୍ ସେମାନଙ୍କୁ ଅଟକାଇଥିଲେ। ପରେ ଖବରପାଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ଓ ଅନ୍ୟ ଅଧିକାରୀ ପହଞ୍ଚି ଏହି ୧୬ଜଣ ପ୍ରବାସୀଙ୍କୁ ସ୍ଥାନୀୟ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଥିଲେ। ପରେ ସମ୍ପୃକ୍ତ ଜିଲା ଅଧିକାରୀଙ୍କ ସହ ଯୋଗାଯୋଗ କରି ଛାଡ଼ିଥିଲେ।

# ଜୋର୍ ଧରୁଛି ‘ଜଷ୍ଟିସ୍ ଫର୍ ଏପ୍ରିଲ୍’ କ୍ୟାମ୍ପେନ୍

**ଭୁବନେଶ୍ୱର,୬।୫(ବ୍ୟୁରୋ)**




**ଗର୍ଭିଣୀ କୁକୁରକୁ ପିଟି ହତ୍ୟା ଘଟଣା**

- ପୋଲିସର ନୀରବତା, ଆଇନର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ
- ବୁଲା ଜନ୍ତୁଙ୍କ ଉପରେ ବର୍ବରତାକୁ ନେଇ ଉଦ୍‌ବେଗ

ଲକ୍‌ଡାଉନ୍‌ରେ ବିଭିନ୍ନ ସ୍ଥାନରେ ହତ୍ୟା ଓ ଆକ୍ରମଣ ଶିକାର ହେଉଛନ୍ତି ବୁଲା ଜୀବଜନ୍ତୁ। ଗତ ଏପ୍ରିଲ୍ ମାସରେ ଭୁବନେଶ୍ୱରରେ ଏପ୍ରିଲ ନାମକ ଏକ କୁକୁର ଓ ତା’ ପେଟରେ ଥିବା ଛୁଆକୁ ପିଟି ପିଟି ହତ୍ୟା କରାଯାଇଥିଲା। ଏପରି ନିଷ୍ଠୁରତା ବିରୋଧରେ ଏବେ ଆରମ୍ଭ ହୋଇଛି ବିଦ୍ରୋହ। ଏକାଠି ହୋଇଛନ୍ତି ପଶୁପ୍ରେମୀ। ଏପ୍ରିଲକୁ ନ୍ୟାୟ ଦେବାକୁ ସାଧାରଣ ଜନତା, ସେଲିବ୍ରିଟି ଏବଂ ଆନିମଲ୍ ଆକ୍ଟିଭିଷ୍ଟମାନେ ଏକାଠି ହୋଇଛନ୍ତି। ଅଭିନେତ୍ରୀ ପୁଷ୍ପା ପଣ୍ଡା, ଅନୁଭା ସୌର୍ଯ୍ୟା, ଏଲିନା ସାମନ୍ତରାୟ ପ୍ରମୁଖ ସୋସିଆଲ ମିଡ଼ିଆରେ ‘ଜଷ୍ଟିସ୍ ଫର୍ ଏପ୍ରିଲ’ କ୍ୟାମ୍ପେନ୍‌ରେ ସାମିଲ ହୋଇ ଏପ୍ରିଲକୁ ତୁରନ୍ତ ନ୍ୟାୟ ଦେବାକୁ ଦାବି କରିଛନ୍ତି। ଏପରି କି ସୁଦୂର ବ୍ରିଟେନ୍ ଓ ଆମେରିକାରୁ ଆନିମଲ୍ ଆକ୍ଟିଭିଷ୍ଟମାନେ ଏଥିରେ ସାମିଲ ହୋଇଛନ୍ତି। ଏହାସହ ବୁଲା ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ସରକାର ସଚେତନ ହେବାକୁ ସ୍ୱର ଉଠାଇଛନ୍ତି। ପ୍ରିଭେନ୍‌ଶନ୍ ଅଫ୍ କ୍ରୁଏଲିଟି ଟୁ ଆନିମଲ୍‌ସ ଆକ୍ଟ ଆଧାରରେ ସମ୍ପୃକ୍ତ ମହିଳାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ତାହାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି।

ଗତ ମାସ ୨୧ ତାରିଖରେ ଭୁବନେଶ୍ୱରର ସାମନ୍ତରାପୁର ଅଞ୍ଚଳରେ ଦୁଇଜଣ ମହିଳା ଓ ତାଙ୍କ ପଡ଼ୋଶୀ ଏପ୍ରିଲ ନାମକ ଏକ ଗର୍ଭିଣୀ କୁକୁରକୁ ପିଟି ଗୁରୁତର ଅବସ୍ଥାରେ ଅଳିଆ ଗଦାକୁ ଫିଙ୍ଗି ଦେଇଥିଲେ। ଖବର ପାଇ ଏକାମ୍ର ଆନିମଲ୍ ୱେଲ୍‌ଫେୟାର ଟ୍ରଷ୍ଟର ସଦସ୍ୟମାନେ ଉକ୍ତ କୁକୁରକୁ ଉଦ୍ଧାର କରିଥିଲେ ମଧ ବଞ୍ଚାଇ ପାରି ନ ଥିଲେ। ଅସ୍ତ୍ରୋପଚାର ପରେ ଉକ୍ତ କୁକୁର ପେଟରୁ ଦୁଇଟି ଛୁଆଙ୍କୁ ଜୀବିତ ଅବସ୍ଥାରେ ବାହାର କରାଯାଇଥିଲା। ବଞ୍ଚିବା ପାଇଁ ସଂଘର୍ଷ କରି ଶେଷରେ ୨୮ ତାରିଖରେ ମା’ କୁକୁର ଆଖି ବୁଜିଥିଲା। ଏହାସହ ଦୁଇ କୁକୁର ଛୁଆଙ୍କ ମଧ୍ୟରୁ ଗୋଟିଏର ମୃତ୍ୟୁ ଘଟିଥିବାବେଳେ ଅନ୍ୟଟିର ଅବସ୍ଥା ମଧ ଗୁରୁତର ରହିଛି। ଏହି ଘଟଣାକୁ ନେଇ ଆକ୍ରମଣ କରିଥିବା ମହିଳାଙ୍କ ନାମରେ ଆନିମଲ୍ ୱେଲ୍‌ଫେୟାର ଟ୍ରଷ୍ଟ ପକ୍ଷରୁ ଲିଙ୍ଗରାଜ ଥାନାରେ ଏତଲା ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଟ୍ରଷ୍ଟ ଉଦ୍‌ବେଗ ପ୍ରକାଶ କରିଛି। ଏ ନେଇ ଲିଙ୍ଗରାଜ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର କୁହନ୍ତି, ଏଭଳି ଛୋଟ ଘଟଣାରେ ଆମେ କେବଳ ନୋଟିସ ଜାରି କରିପାରିବୁ। କିନ୍ତୁ ଯାହା ନାମରେ ଅଭିଯୋଗ ହୋଇଛି ସେପରି କୌଣସି ମହିଳାଙ୍କୁ ଆମେ ଖୋଜି ପାଉନୁ। ତଥାପି ଆମେ ଚେଷ୍ଟା କରୁଛୁ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ ମଧ ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ଆଉଏକ କୁକୁରକୁ ହତ୍ୟା କରାଯାଇଥିଲା।

# ଜୀବଜନ୍ତୁଙ୍କୁ ଚିକିତ୍ସା ଆଳରେ ଠକେଇ

**ଭୁବନେଶ୍ୱର, ୬।୫ (ବ୍ୟୁରୋ)**

**ମାତିଛନ୍ତି ସାଇବର ଠକ**

- ଫେକ୍ ୱେବ୍‌ସାଇଟ୍‌କୁ ସାବଧାନ
- କୁକୁର ଛୁଆଙ୍କ ଚିକିତ୍ସା ସହାୟତା ମାଗି ହରାଇଲେ ୫ହଜାର

ଲକ୍‌ଡାଉନ୍‌ରେ ଲୋକେ ଘରେ ରହି ବିଭିନ୍ନ ସେବା ପାଇଁ ଇଣ୍ଟରନେଟ୍ ଉପରେ ଅଧିକ ନିର୍ଭରଶୀଳ ହୋଇପଡିଛନ୍ତି। ଏହାର ସୁଯୋଗ ନେଇ ସାଇବର ଅପରାଧୀମାନେ ସକ୍ରିୟ ହୋଇଉଠିଛନ୍ତି। ଫେକ୍ ୱେବ୍‌ସାଇଟ୍ ଖୋଲି ଠକେଇ କରୁଛନ୍ତି। ରାଜଧାନୀର ବିଭିନ୍ନ ଥାନାରେ ଏପରି ଅଭିଯୋଗ ସଂଖ୍ୟା ବଢ଼ି ଚାଲିଥିବାବେଳେ ଆଉଏକ ଘଟଣା ଏବେ ନଜରକୁ ଆସିଛି। ଅସୁସ୍ଥ କୁକୁର ଛୁଆର ଚିକିତ୍ସା ପାଇଁ ଏଭଳି ଏକ ଫେକ୍ ୱେବ୍‌ସାଇଟ୍‌ରେ ଯୋଗାଯୋଗ କରି ଜଣେ ମହିଳା ୫ହଜାର ଟଙ୍କା ହରାଇଛନ୍ତି। ମହିଳା ଜଣକ ହେଲେ ଶୈଳଶ୍ରୀବିହାରରେ ରହୁଥିବା ଜୟନ୍ତୀ ଗଡ଼ନାୟକ। ତାଙ୍କ ଅଭିଯୋଗକ୍ରମେ ଚନ୍ଦ୍ରଶେଖରପୁର ଥାନା ପୋଲିସ ମାମଲା (ନଂ.୧୩୨/୨୦) ରୁଜୁ କରି ତଦନ୍ତ ଚଳାଇଛି।

ଜୟନ୍ତୀଙ୍କ ଘର ନିକଟରେ ୩ ବୁଲା ରୋଗଗ୍ରସ୍ତ କୁକୁର ଛୁଆ ରହୁଥିଲେ। ଗୋଟିଏ ମରିଯିବା ପରେ ଆଉଦୁଇଟି ଯନ୍ତ୍ରଣାରେ ଛଟପଟ ହେଉଥିଲେ। ସେମାନଙ୍କ ଚିକିତ୍ସା ଓ ଯତ୍ନ ପାଇଁ ଜୟନ୍ତୀ ଇଣ୍ଟରନେଟ୍‌ରେ ଏନ୍‌ଜିଓ ସଂସ୍ଥା ଖୋଜି ଏକ ୱେବ୍‌ସାଇଟ୍ ପାଇଥିଲେ। ସେଥିରେ ରହିଥିବା ହେଲ୍ପଲାଇନ୍ ନମ୍ବର ୧୮୦୦୨୦୮୨୬୯୧ରେ ଜୟନ୍ତୀ କଲ୍ କରିବା ପରେ ଜଣେ ବ୍ୟକ୍ତି କଲ୍ ରିସିଭ୍ କରି ନିଜ ସଂସ୍ଥା ସମ୍ପର୍କରେ କହିବା ସହ ନାମ ରାହୁଲ କୁମାର ବୋଲି ପରିଚୟ ଦେଇଥିଲେ। ଜୟନ୍ତୀ ସମସ୍ୟା ଜଣାଇବା ପରେ ବ୍ୟକ୍ତି ଜଣକ କହିଥିଲେ, ତାଙ୍କ ସଂସ୍ଥାର ଆମ୍ବୁଲାନ୍ସ ପହଞ୍ଚି ମାଗଣାରେ କୁକୁରଛୁଆଙ୍କୁ ଆଣି ଚିକିତ୍ସା କରିବ, ଏଥିପାଇଁ ପ୍ରଥମେ ପଞ୍ଜୀକରଣ କରିବାକୁ ହେବ। ଏହାପରେ ଆପଣଙ୍କ ଫୋନ୍ ନମ୍ବରକୁ ସଂସ୍ଥା ପକ୍ଷରୁ ଏକ ଲିଙ୍କ୍ ଯିବ। ଉକ୍ତ ଲିଙ୍କ୍‌ରେ ଆବଶ୍ୟକ ତଥ୍ୟ ସେବା ସହ ପଞ୍ଜୀକରଣ ଦେୟ ଦେବାକୁ ହେବ ବୋଲି କହିଥିଲେ। ଏହି ଅନୁଯାୟୀ ଜୟନ୍ତୀ ନିଜର ସଂପୂର୍ଣ୍ଣ ତଥ୍ୟ ସହ ବ୍ୟାଙ୍କ୍ ଆକାଉଣ୍ଟର ନମ୍ବର ଦେଇ ୧୦ ଟଙ୍କା ପେମେଣ୍ଟ କରିଥିଲେ। କିନ୍ତୁ କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ୫ ହଜାର ଟଙ୍କା କଟିଯାଇଥିବା ନେଇ ତାଙ୍କ ମୋବାଇଲ୍‌କୁ ମେସେଜ ଆସିଥିଲା। ଏହାପରେ ସେ ଉକ୍ତ ନମ୍ବରକୁ ଯୋଗାଯୋଗ କରିଥିଲେ ମଧ ତାହା ବନ୍ଦ ରହିଥିଲା। ଠକାମିର ଶିକାର ହୋଇଥିବା ଜାଣି ଜୟନ୍ତୀ ଥାନାର ଦ୍ୱାରସ୍ଥ ହୋଇଥିଲେ।

ଏନେଇ ସାଇବର ଏକ୍ସପର୍ଟ ରାକେଶ ସାମନ୍ତରାୟ କୁହନ୍ତି,ସାଇବର ଅପରାଧୀମାନେ ଜାଲ୍ ୱେବ୍‌ସାଇଟ୍ ଖୋଲି ବସିଛନ୍ତି। ଯେଉଁମାନେ ଏଭଳି ଗୁଗଲ୍‌ରେ ସର୍ଚ୍ଚ କରୁଛନ୍ତି ସେମାନେ ସଠିକତା ଯାଞ୍ଚ ନ କରି ଘରେ ବସି ନିଜ ଆକାଉଣ୍ଟର ତଥ୍ୟ ଦିଅନ୍ତୁ ନାହିଁ।



ଭୁବନେଶ୍ୱର ରସୁଲଗଡ଼ ଛକ: କୋହଳ ସମୟ ପୂର୍ବାହ୍ନ ୧୦ଟା ଓ କଟକଣା ପରେ ରାତି ୮ଟାର ଦୃଶ୍ୟ।

# କଟକ: ସନ୍ଧ୍ୟା ୭ରୁ ସକାଳ ୭ ସବୁ ବନ୍ଦ

**କଟକ ଅଫିସ,୬।୫**

- କେବଳ ଖୋଲା ରହିବ ଔଷଧ ଦୋକାନ

କଟକରେ ବୁଧବାର ଠାରୁ ଲାଗୁ ହୋଇଛି କର୍ଫ୍ୟୁ ଭଳି ପରିସ୍ଥିତି। ସନ୍ଧ୍ୟା ୭ଟା ପରେ ସାଧାରଣ ଚଳପ୍ରଚଳ ଉପରେ କଡ଼ା କଟକଣା ଲାଗିଛି। ସନ୍ଧ୍ୟା ୭ରୁ ସକାଳ ୭ଟା ପର୍ଯ୍ୟନ୍ତ ଏହି ପରିସ୍ଥିତି ବଳବତ୍ତର ରହିବ। ସନ୍ଧ୍ୟା ୬ଟା ସୁଦ୍ଧା ଦୋକାନ ବଜାର ବନ୍ଦ କରିବାକୁ କୁହାଯାଇଛି। କେବଳ ମେଡିସିନ ଦୋକାନ ଖୋଲା ରହିବ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ସୋମବାରଠାରୁ ଲକ୍‌ଡାଉନ କଟକଣା କୋହଳ କରାଯିବା ପରେ କଟକ ସହରରେ ଚଳପ୍ରଚଳ ସ୍ୱାଭାବିକ ହୋଇଥିଲା। ପ୍ରଥମେ ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲାଯିବାକୁ ସିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥିଲା। ହେଲେ ବୁଧବାର ଠାରୁ ଏହି ବ୍ୟବସ୍ଥା ଉପରେ କଟକଣା ଲାଗିଛି। ସନ୍ଧ୍ୟା ୬ଟା ସୁଦ୍ଧା ମେଡିସିନ ଦୋକାନ ବ୍ୟତୀତ ସମସ୍ତ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ ପୋଲିସ ବଳୟରେ ସହର ରହିବ। ଏ ସମ୍ପର୍କରେ ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ କହିଛନ୍ତି, ଲୋକଙ୍କ ଚଳପ୍ରଚଳ ଉପରେ ରୋକ ଲଗାଯିବାକୁ ଚେଷ୍ଟା କରାଯାଇଛି। ଦିନ ତମାମ ସମସ୍ତ ସାମଗ୍ରୀ ବିକ୍ରି ପାଇଁ ଉପଲବ୍ଧ ରହୁଛି। ଏଣୁ ସନ୍ଧ୍ୟା ପରଠୁ ବଜାରକୁ ନ ଓହ୍ଲାଇବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସେହିପରି କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ସନ୍ଧ୍ୟା ପରେ ଲୋକଙ୍କ ଚଳପ୍ରଚଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ହୋଇଛି।



# ଲିଙ୍କ୍‌ରୁ ଡାଉନ୍‌ଲୋଡ୍ ନ କରିବାକୁ ପରାମର୍ଶ

**ଭୁବନେଶ୍ୱର,୬।୫(ବ୍ୟୁରୋ)**

- ‘ଆରୋଗ୍ୟ ସେତୁ ଆପ୍’ ନେଇ ପୋଲିସର ସତର୍କତା
- ତଥ୍ୟ ନେଇଯିବେ ପାକିସ୍ତାନୀ ସାଇବର ଅପରାଧୀ

କରୋନା ସଂକ୍ରମିତଙ୍କ ଟେଷ୍ଟକୁ ସରଳ କରିବା ପାଇଁ କେନ୍ଦ୍ର ସରକାର ‘ଆରୋଗ୍ୟ ସେତୁ ଆପ୍’ ତିଆରି କରିଛନ୍ତି। ଏହି ଆପ ଜରିଆରେ ଜଣେ ନାଗରିକ କରୋନା ଲକ୍ଷଣ ଅଛି କି ନାହିଁ ପରୀକ୍ଷା କରି ନିଜେ ଜାଣିପାରିବ। ବର୍ତ୍ତମାନ ଏହି ଆପ ପ୍ରତ୍ୟେକ ନାଗରିକ ପାଇଁ ଜରୁରୀ ଥିବାରୁ କମିଶନରେଟ ପୋଲିସ ପକ୍ଷରୁ ଜନତାଙ୍କୁ ସତର୍କ କରାଯାଇଛି। ଏ ନେଇ ବୁଧବାର କୁହାଯାଇଛି, ପାକିସ୍ତାନ ସାଇବର ଅପରାଧୀମାନେ ଆରୋଗ୍ୟ ସେତୁ ଆପ୍‌କୁ ହ୍ୟାକ କରି ଆପଣଙ୍କ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନେଇଯିବାର ସମ୍ଭାବନା ରହିଛି। ତେଣୁ ଏହି ଆପ୍‌କୁ ହ୍ୱାଟସଆପ୍ କି, ଏସ୍ଏମ୍ଏସ୍‌ରେ ଆସୁଥିବା ଲିଙ୍କ୍‌ରୁ ଡାଉନ୍‌ଲୋଡ୍ ନ କରିବାକୁ କୁହାଯାଇଛି। କାରଣ ଏହି ଆପ୍ ପ୍ରକୃତରେ ଆରୋଗ୍ୟ ଆପ୍‌ର ଲିଙ୍କ୍ ନୁହେଁ। ଯଦି କିଏ କରିଛନ୍ତି ତେବେ, ଏହାକୁ ଅନ୍-ଇନ୍‌ଷ୍ଟଲ୍ କରି ଦିଅନ୍ତୁ। କେବଳ ଗୁଗୁଲ ପ୍ଲେ ଷ୍ଟୋରରୁ ଡାଉନ୍‌ଲୋଡ୍ କରିବାକୁ ପୋଲିସ ପରାମର୍ଶ ଦେଇଛି। ଆରୋଗ୍ୟ ସେତୁ ଆପର ସୁରକ୍ଷିତ ବ୍ୟବହାରର ୫ଟି ଦିଗକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ସାଇବର୍ ସର୍ତ୍ତକତା କରାଯାଇଛି। ଏହି ଆପ୍ ମାଧ୍ୟମରେ ପାକିସ୍ତାନ ସାଇବର ଅପରାଧୀମାନେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହ୍ୟାକ କରୁଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପାକିସ୍ତାନୀ ଅପରାଧୀ ଛାଡ଼ିଥିବା ଲିଙ୍କରେ ଚାଟ୍ ମି ଆପ ବୋଲି କୁହାଯାଇଛି। ତେଣୁ କୌଣସି ଲିଙ୍କ୍‌ରୁ ଆପ ଡାଉନଲୋଡ ନ କରିବାକୁ କୁହାଯାଇଛି। ଆରୋଗ୍ୟ ସେତୁ ଆପ୍ ଦ୍ୱାରା ସହଜରେ ଜଣେ ଲୋକ ପରୀକ୍ଷା କରିହେଉଥିବାରୁ ଏହାକୁ ସମସ୍ତେ ଡାଉନ୍‌ଲୋଡ୍ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅପିଲ୍ କରିଥିଲେ। କିନ୍ତୁ ଏହି ଆପ୍ ମାଧ୍ୟମରେ ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି ହେବାର ସମ୍ଭାବନା ଥିବାରୁ କମିଶନରେଟ୍ ପୋଲିସ ସର୍ତ୍ତକ କରାଯାଇଛି।

# ଶାଳଲଗ, ଗାଡ଼ି ଜବତ

**ଖୁଣ୍ଟୁଣୀ,୬।୫(ଡି.ଏନ.ଏ)**

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନସ୍ଥ ଗୋବରା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଚୋରାରେ ଶାଳ ଓ ଶାଗୁଆନ ଲଗ ନେଇ ଯାଉଥିବା ଏକ ପିକଅପ୍ ଭ୍ୟାନକୁ ବନ ବିଭାଗ ଜବତ କରିଛି। ଜବତ କାଠର ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ବନ ବିଭାଗ କହିଛି। ଏହି ସମୟରେ ଗାଡ଼ି ଛାଡ଼ି ଚାଳକ ଫେରାର ହୋଇଯାଇଛି। ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ବେଆଇନ ଭାବେ ୨୦ଖଣ୍ଡ ଶାଗୁଆନ ଲଗ ନେଇ ଏକ ପିକଅପ ଭ୍ୟାନ ଗୋବରା ଗ୍ରାମ ଦେଇ ଯାଉଥିବାବେଳେ ଗ୍ରାମବାସୀ ଅଟକାଇଥିଲେ। ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରା ପହଞ୍ଚି ଉକ୍ତ ଗାଡ଼ିକୁ ଜବତ କରି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ।

# ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି

**ପୁରୀ ଅଫିସ,୬।୫**



ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ତଥା ନୃସିଂହ ଚତୁର୍ଦ୍ଦଶୀରେ ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି ସମ୍ପନ୍ନ ହୋଇଛି। ଯାତ ଭୋଗ ସରିବା ପରେ ଠାକୁର ଚନ୍ଦନକୁ ଯାଇଥିଲେ। ଏହାପରେ ମହାପ୍ରଭୁଙ୍କ ମଧାହ୍ନ ଧୂପ ହୋଇଥିଲା। ଚନ୍ଦନରୁ ଠାକୁର ଫେରିବା ପରେ ହୋମପାଳିଆ ପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ସିଂହଦ୍ୱାର ଓ ଦୋଳମଣ୍ଡପ ସାହି ଦେଇ ଚକ୍ର ନାରାୟଣ ମନ୍ଦିରକୁ ଯାଇଥିଲେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଚକ୍ରନାରାୟଣଙ୍କୁ ଲାଗି କରି ଫେରିଥିଲେ। ମହାପ୍ରଭୁଙ୍କ ମଇଲମ ହୋଇ ଆଳତି ବଢିଥିଲା। ପରେ ତିନି ବାଡରେ ଠାକୁରଙ୍କ ପଞ୍ଚାମୃତ ମହାସ୍ନାନ ହୋଇଥିଲା। ସର୍ବାଙ୍ଗ ବଢିବା ପରେ ଠାକୁର ନୂଆ ଲୁଗା ଲାଗି ହୋଇ ୬ ମୂର୍ତ୍ତି ଅଳଙ୍କାର ଓ ଆଜ୍ଞାମାଳ ମଧ ଲାଗି ହୋଇଥିଲେ। ପାଣି ପଡ଼ି ସନ୍ଧ୍ୟାଧୂପ ନୀତି ବଢିବା ପରେ ମହାଜନ ସେବକ ନୃସିଂହଙ୍କୁ ଦକ୍ଷିଣୀ ଘରୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଦେବା ପରେ ମହାଜନ ସେବକ ମୁକ୍ତି ମଣ୍ଡପ ଉପରକୁ ନୃସିଂହଙ୍କୁ ଖଟୁଲିରେ ବିଜେ କରାଇଥିଲେ। ନୃସିଂହ ମନ୍ଦିର ଭିତରେ ପତି ମହାପାତ୍ରେ ଏବଂ ମଣ୍ଡପ ଉପରେ ବିଜେ ନୃସିଂହଙ୍କ ପାଖରେ ପଣ୍ଡା ମହାସ୍ନାନ ପୂଜା କରିଥିଲେ। ଶୀତଳଭୋଗ ପଞ୍ଚୋପଚାରରେ ପୂଜା ବଢି ବନ୍ଦାପନା ହୋଇଥିଲା। ମହାଜନେ ନୃସିଂହଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଥିଲେ। ବିମାନ ବଡୁମାନେ ନୃସିଂହଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରାଇଥିଲେ । ସେଠାରେ ଭୋଗ ବନ୍ଦପନା ସରିବା ପରେ ଠାକୁର ବାହୁଡା ବିଜେ କରିଥିଲେ। ନୃସିଂହ ବିଜେ କରିବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଆଳଟ ଲାଗି ହୋଇ ଅନ୍ୟାନ୍ୟ ନୀତି ବଢିଥିଲା।

# ବିକାଶ କାର୍ଯ୍ୟରେ କରୋନା ବାଧକ

**ପୁରୀ ଅଫିସ, ୬।୫**



- ବନ୍ଦ ରହିଛି ଉଚ୍ଛେଦ, ସ୍ୱର୍ଗଦ୍ୱାର କାମ
- ଫୋକସରେ କରୋନା ବିରୋଧୀ ଲଢେଇ

ପୁରୀ ହେବ ବିଶ୍ୱ ଐତିହ୍ୟ ସହର। ବଦଳିଯିବ ଏହାର ରୂପରେଖ। ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଏହା ପରିଗଣିତ ହେବ। ଭକ୍ତ, ପର୍ଯ୍ୟଟକଙ୍କୁ ମିଳିବ ଅତ୍ୟାଧୁନିକ ସେବା ସୁବିଧା। ଏଥିପାଇଁ ଭିତ୍ତିଭୂମିର ବିକାଶ, ନୂଆ ବହୁଆକିଆ ରାସ୍ତା, ସେତୁ, ହ୍ରଦ, ମାର୍କେଟ କମ୍ପ୍ଲେକ୍ସ, ପାର୍କିଂ ଆଦି କରାଯିବ। ତେବେ ଏଥିରେ ବାଧକ ସାଜିଛି ମହାମାରୀ କରୋନା। ମାର୍ଚ୍ଚ ୧୫ ତାରିଖରୁ ପୁରୀର ବିକାଶମୂଳକ କାର୍ଯ୍ୟ ଅଟକି ଯାଇଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ହେଉ କି ସ୍ୱର୍ଗଦ୍ୱାର ଆଧୁନିକୀକରଣ ଅବା ପୁରୀ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ୭ ମେଗା ପ୍ରକଳ୍ପ କାର୍ଯ୍ୟ ସବୁଥିରେ ତାଲା ପକାଇଦେଇଛି କରୋନା।

ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ଲାଗି ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧରେ ଉଚ୍ଛେଦ ଏବଂ ସ୍ୱର୍ଗଦ୍ୱାରର ନବୀକରଣ ପାଇଁ କାମ ଆରମ୍ଭ ହୋଇଥିଲା। ହେଲେ ଏହିସବୁ କାର୍ଯ୍ୟ ଏବେ ବନ୍ଦ ରହିଛି। ଗତ ଜାନୁୟାରୀ ୧୬ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଆସି ୭ଟି ମେଗା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଅନ୍ୟପକ୍ଷରେ ପୁରୀର ବିକାଶ ପାଇଁ ଅବଢା ଯୋଜନାରେ ୩,୨୦୮ କୋଟି ଟଙ୍କାର ଅନୁଦାନକୁ କ୍ୟାବିନେଟ ମଞ୍ଜୁର କରିଥିଲା। ୩ବର୍ଷ ମଧରେ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରହିଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ୭୧୯ କୋଟି, ୨୦୨୦-୨୧ରେ ୧୪୦୨ କୋଟି ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ୧୦୮୭ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସ୍ଥିର ହୋଇଥିଲା। ପୁରୀର ବିକାଶ ପାଇଁ କେତେକ ପ୍ରକଳ୍ପର ଜମି ଗ୍ରହଣ ଚାଲିଥିଲାବେଳେ ତାହା ଏବେ ବନ୍ଦ ରହିଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଶ୍ରୀସେତୁ ହେଉଛି ଅନ୍ୟତମ। ପୁରୀ -ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥର ବାଇପାସ୍‌ଠାରୁ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ହେବାକୁ ଥିବା ପିଲିଗ୍ରିମ ସେଣ୍ଟରକୁ ଶ୍ରୀସେତୁ ଦ୍ୱାରା ସଂଯୋଗ କରାଯିବ। ଅବଢା ଯୋଜନାରେ ନିର୍ମାଣ ହେବାକୁ ଥିବା ରାଜ୍ୟର ଏହି ପ୍ରଥମ ଟ୍ରମ୍ପେଟ ସେତୁ ପାଇଁ ୧୮୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାସ୍ତା ଓ ବ୍ରିଜ୍‌ର ଲମ୍ବ ପ୍ରାୟ ୨.୩ କିମି ହେବ। ସେହିପରି ବାହାରୁ ଆସୁଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ୬ ମହଲା ବିଶିଷ୍ଟ ପିଲିଗ୍ରିମ୍ ସେଣ୍ଟର ବା ତୀର୍ଥଯାତ୍ରୀ କେନ୍ଦ୍ର ତିଆରି କରାଯିବ। ଏଠାରେ ବହୁମୁଖୀ ପାର୍କିଂ, ଧ୍ୟାନକେନ୍ଦ୍ର, ମଲ୍ଟି ମୋଡାଲ ହବ୍, ଜନ ସୁବିଧା କେନ୍ଦ୍ର ନିର୍ମାଣ ହେବ। ଅବଢା ଯୋଜନାରେ ଏଥିପାଇଁ ପ୍ରାୟ ୧୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ମେଡିକାଲ ଛକସ୍ଥିତ ପୁରୁଣା ଜେଲ୍‌ରୋଡ ପରିସରରେ ୪ମହଲା ବିଶିଷ୍ଟ ବହୁତଳ କାର୍ ପାର୍କିଂ ତିଆରି କରାଯିବ। ଏଥିସହ ୩୫୦ ଭେଣ୍ଡିଂ ଆଉଟ୍‌ଲେଟ ରହିବ। ଏ ବାବଦରେ ୯୦ କୋଟି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସରେ ବେସ୍‌ମେଣ୍ଟ ଏବଂ ଗ୍ରାଉଣ୍ଡ ଫ୍ଲୋର ମିଶାଇ ୫ ମହଲା ବିଶିଷ୍ଟ କୋଠା ତିଆରି ହେବ। ଏଠାରେ ୫୦୦ ଦୋକାନ ଘର ଓ ୧୦୦ କାର ପାର୍କିଂ ସୁବିଧା, ୩୦୦ କିଲୋୱାଟ୍‌ର ରୁଫ୍‌ଟପ୍ ସୋଲାର ସିଷ୍ଟମ ରହିବ। ଏଥିପାଇଁ ୪୪କୋଟି ୮୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ।

କିନ୍ତୁ କରୋନା ପାଇଁ ଏହିସବୁ ପ୍ରକଳ୍ପ କାମ ଆରମ୍ଭ ହୋଇନାହିଁ। ସେହିପରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ କାର୍ଯ୍ୟ ମଧ ଅଟକି ରହିଛି। ସ୍ୱର୍ଗଦ୍ୱାର ଆଧୁନିକୀକରଣ ପାଇଁ ମାପଚୁପ ଓ ଭୂମିପୂଜା ସରିଥିଲା। କାମ ଆରମ୍ଭ ପରେ ପରେ ଏହା ଏବେ ବନ୍ଦ ରହିଛି। ଏସବୁ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁଙ୍କୁ ପଚାରିବାରେ କହିଛନ୍ତି, କରୋନା କଟକଣା ପାଇଁ ପୁରୀର ଅନେକ ବିକାଶମୂଳକ କାମ ଅଟକିଛି। କଟକଣା ହଟିବା ପରେ ସ୍ଥିତି ସ୍ୱାଭାବିକ ହେଲେ ପୁଣି କାମ ଆରମ୍ଭ ହେବ।



ଟେଲି ଅଭିନେତ୍ରୀ ଗୋପୀ ବୋହୁ ଫେମ୍ ଦେବୋଲିନା ଭଟ୍ଟାଚାର୍ଯ୍ୟଙ୍କ ସୋସାଇଟିରେ ବୁଧବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିପାଇଁ ଦେବୋଲିନା ଏବେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ଜଣାପଡ଼ିଛି। ମୁମ୍ବାଇର ଗୋରେଗାଁଓ ଅଞ୍ଚଳରେ ଦେବୋଲିନା ନିଜ ମା' ଓ ଭାଇଙ୍କ ସହ ରୁହନ୍ତି। ମା' ଓ ଭାଇ ଆସାମ ଯାଇଥିବା ବେଳେ ଲକ୍‌ଡାଉନ ଯୋଗୁ ଆଉ ମୁମ୍ବାଇକୁ ଫେରି ପାରିନାହାନ୍ତି।

# କୃତିଙ୍କ ତୁଳନା ନାହିଁ



କୃତି ଖରବନ୍ଦା

ମୁମ୍ବାଇ: ବଲିଉଡ ଅଭିନେତ୍ରୀ କୃତି ଖରବନ୍ଦା ଏବେ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ ଅଛନ୍ତି। ଗତ କିଛିଦିନ ତଳେ ସେ ତାଙ୍କ ବୟଫ୍ରେଣ୍ଡ ପୁଲକିତ ସମ୍ରାଟଙ୍କ ସହିତ ଏକ ଫଟୋ ଶେୟାର କରିଥିଲେ। ଯେଉଁଥିରେ ପୁଲକିତ ତାଙ୍କ ହେୟାର ଚମ୍ପି କରୁଥିଲେ। ଲକ୍‌ଡାଉନ୍‌ରେ ଫ୍ୟାନମାନଙ୍କ ମନୋରଞ୍ଜନ ପାଇଁ ଅଭିନେତା ଅଭିନେତ୍ରୀ ବିଭିନ୍ନ ପ୍ରୟାସ ଜାରି ରଖିଛନ୍ତି। କୃତି ହାଉସ୍‌ଫୁଲ୍-୪ର ଏକ ଭିଡିଓ କ୍ଲିପ୍ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ଯେଉଁଥିରେ ସେ ଖଣ୍ଡାଚାଳନା କରୁଥିବା ନଜରକୁ ଆସିଛନ୍ତି। ଏହାକୁ ଶେୟାର କରି ସେ ଲେଖିଛନ୍ତି ଯେ, ବହୁତ ଲୋକ କହିଥିଲେ ଯେ, ଖଣ୍ଡାଚାଳନା କରିବା ମୋ ପକ୍ଷେ କଷ୍ଟସାଧ୍ୟ କିନ୍ତୁ ମୁଁ ସେମାନଙ୍କ କଥାକୁ ଭୁଲ୍ ପ୍ରମାଣିତ କରିଥିଲି। ତାଙ୍କର ଏହି ପୋଷ୍ଟରେ ଫିଲ୍ମର ନିର୍ଦ୍ଦେଶକ ଫରହଦ ଶାମଜୀ ଉଲ୍ଲେଖ କରିଛନ୍ତି ଯେ, 'କୃତି ବହୁତ ବଳବାନ, ତାଙ୍କୁ ଅନ୍ୟ କାହା ସହିତ ତୁଳନା କରିବା କଥା ନୁହେଁ।' ସେ ଏହି ମୁଭିର ପ୍ରତ୍ୟେକ ମୁହୂର୍ତ୍ତକୁ ମନେପକାଇ ଭାବୁକ ହୋଇପଡ଼ିଛନ୍ତି। କହିଛନ୍ତି ଯେ, ମୁଁ ହାଉସ୍‌ଫୁଲ୍ ସେଟ୍‌କୁ ମିସ୍ କରୁଛି। ଫ୍ୟାନମାନଙ୍କୁ କହିଛନ୍ତି, ରାଜକୁମାରୀ ମୀନାଙ୍କ ତରଫରୁ ଏହି ଭିଡଓ ଏକ ଛୋଟ ଉପହାର।

# ନୂତନ ବ୍ରେନ୍ ସର୍କିଟର ଅନୁସନ୍ଧାନ

**ମୁମ୍ବାଇ**

ମାନସିକ ଚାପ ଯୋଗୁ ମାନବ ଶରୀରରେ ଦେଖାଦେଉଥିବା ପ୍ରତିକ୍ରିୟା ତଥା ଅସୁସ୍ଥତାର କାରଣ ଜାଣିବାରେ ବୈଜ୍ଞାନିକମାନେ ସଫଳ ହୋଇଛନ୍ତି। ମଣିଷର ମସ୍ତିଷ୍କରେ ଥିବା ଏକ ସ୍ୱତନ୍ତ୍ର ସର୍କିଟ ଏଥିପାଇଁ ଦାୟୀ ବୋଲି ସେମାନେ ଅନୁସନ୍ଧାନରୁ ଜାଣିବାକୁ ପାଇଛନ୍ତି। ଉକ୍ତ ନୂତନ ସର୍କିଟର ଆବିଷ୍କାର କରିବାରେ ବୈଜ୍ଞାନିକମାନେ ସଫଳ ହୋଇଥିବା ସାଇନ୍ସ ଜର୍ନାଲରେ ରିପୋର୍ଟ ପ୍ରକାଶ ପାଇଛି।

ସାଧାରଣତଃ ହଠାତ ଅଧିକ ଭାବପ୍ରବଣ ବା ସମ୍ବେଦନଶୀଳ ହୋଇଗଲେ ମଣିଷ ଦେହର ହୃଦ୍‌ସ୍ପନ୍ଦନ ବଢ଼ିଯାଇଥାଏ। ଝାଳ ବାହାରିବା ସହ ରକ୍ତଚାପ ଓ ତାପମାତ୍ରାରେ ବୃଦ୍ଧି ଘଟିବା ଭଳି ଶାରୀରିକ ପ୍ରତିକ୍ରିୟାମାନ ଦେଖାଦେଇଥାଏ। ଅଧିକ ସମୟ ଧରି ଏହି ମାନସିକ ଚାପ ଲାଗିରହିଲେ ଏହା ଶରୀରର ବିଭିନ୍ନ ଅଂଶକୁ ପ୍ରଭାବିତ କରି ମଣିଷକୁ ରୋଗଗ୍ରସ୍ତ ମଧ୍ୟ କରିଦିଏ। ଏହି କାରଣରୁ ଅନେକ ଲୋକ ମସ୍ତିଷ୍କ ବିକୃତି, ପିଟିଏସ୍‌ଡି (ପୋଷ୍ଟ ଟ୍ରମାଟିକ୍ ଷ୍ଟ୍ରେସ୍ ଡିଜ୍‌ଅର୍ଡର) ବା ଚାପ ପରବର୍ତ୍ତୀ ବ୍ୟାଧିର ଶୀକାର ହୋଇଥାନ୍ତି। ଏସବୁ ପଛର କାରଣ ଜାଣିବା ଏବଂ ଚିକିତ୍ସା ପାଇଁ ନାଗୋୟା ୟୁନିଭର୍ସିଟି ଗ୍ରାଜୁଏଟ ସ୍କୁଲ ଅଫ୍ ମେଡିସିନ ପକ୍ଷରୁ ପ୍ରଫେସର କାଜୁହିରୋ ନାକାମୁରା ଏବଂ ସହକାରୀ

## ଜଣାପଡ଼ିଲା ମାନସିକ ଚାପଜନିତ ଅସୁସ୍ଥତାର କାରଣ



ପ୍ରଫେସର ନାଓୟା କାଟୋକାଙ୍କ ନେତୃତ୍ୱରେ ଗଠିତ ଅନୁସନ୍ଧାନକାରୀ ଦଳ ଏକ ଅଧ୍ୟୟନ କରିଥିଲେ। ସେମାନେ ମୂଷା ଶରୀରରେ ଚାପ ସୃଷ୍ଟି କରାଇ ମସ୍ତିଷ୍କକୁ ଇଞ୍ଜେକ୍ସନ ମାଧ୍ୟମରେ ଟ୍ରାକର ପଠାଇଥିଲେ। ଉକ୍ତ ଅଧ୍ୟୟନରୁ ଗବେଷକମାନେ ଜାଣିବାକୁ ପାଇଲେ ଯେ, ମାନସିକ ଚାପ ଯୋଗୁ ମସ୍ତିଷ୍କର ଡିପି/ଡିଟିଟି ଅଂଶ (ଡୋରସାଲ ପେଡୁଙ୍କୁଲାର କର୍ଟେକ୍ସ ଏବଂ ଡୋରସାଲ ଟେନିଆ ଟେକ୍ଟା) ଅଧିକ ସକ୍ରିୟ ହୋଇଉଠେ। ଏହା ହାଇପୋଥାଲାମସ (ପିଟୁଇଟାରି ଗ୍ରନ୍ଥି ନିକଟରେ ଅବସ୍ଥିତ, ଯାହା ହରମୋନ ରିଲିଜ କରିବା, ତାପମାତ୍ରା ନିୟନ୍ତ୍ରଣ, ଦୈନନ୍ଦିନ ମନସ୍ତତ୍ତ୍ୱିକ ଚକ୍ର ବଜାୟ ରଖିବା ଆଦି କରିଥାଏ) କୁ ଏକ ସର୍କିଟ ବା ରାସ୍ତା ମାଧ୍ୟମରେ ଚାପର ସଙ୍କେତ ପଠାଇଥାଏ। ତେବେ ଦୀର୍ଘ ସମୟ ପର୍ଯ୍ୟନ୍ତ ମାନସିକ ଚାପ ଲାଗି ରହିଲେ ହାଇପୋଥାଲାମସ ଅତ୍ୟଧିକ ପରିମାଣର ସଂକେତ ପାଇ ଅନାବଶ୍ୟକ ଭାବେ ଶରୀରରେ ବିଭିନ୍ନ ପରିବର୍ତ୍ତନ କରାଇଥାଏ, ଯାହାକି କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଏହି କାରଣରୁ ମୂଷାର ଶରୀରରେ ମଧ୍ୟ ବିଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ପରେ ଗବେଷକମାନେ ହାଇପୋଥାଲାମସକୁ ସଂଯୋଗ କରୁଥିବା ଉକ୍ତ ରାସ୍ତା ବା ସର୍କିଟକୁ ବନ୍ଦ କରି ମୂଷାକୁ ପୁଣି ଚାପର ସମ୍ମୁଖୀନ କରାଇ ନିରୀକ୍ଷଣ କରିଥିଲେ। ଏହାପରେ ମୂଷା ଶରୀରରେ ପୂର୍ବଭଳି ପ୍ରତିକ୍ରିୟା ଦେଖିବାକୁ ମିଳି ନ ଥିଲା। ମାନସିକ ଚାପ ଯୋଗୁ ମସ୍ତିଷ୍କରେ ଡିପି/ଡିଟିଟିରୁ ହାଇପୋଥାଲାମସକୁ ଯାଇଥିବା ସ୍ୱତନ୍ତ୍ର ସର୍କିଟ ଶରୀରରେ ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟିର କାରଣ ହୋଇଥାଏ ବୋଲି ଜଣାପଡ଼ିଥିବା ପ୍ରଫେସର ନାକାମୁରା କହିଛନ୍ତି। ଏହି ସର୍କିଟର ଆବିଷ୍କାର ଆଗାମୀ ଦିନରେ ମାନସିକ ରୋଗୀ ବା ଚାପର ବଶବର୍ତ୍ତୀ ହୋଇ ରୋଗଗ୍ରସ୍ତ ହେଉଥିବା ଲୋକଙ୍କ ଚିକିତ୍ସା ପାଇଁ ଉପଯୋଗୀ ହୋଇପାରେ ବୋଲି ସେ ପ୍ରକାଶ କରିଛନ୍ତି।

# ସ୍ୱାସ୍ଥ୍ୟ ସୁରକ୍ଷା ଓ ସଚେତନତାକୁ ଗୁରୁତ୍ୱ

**ମୁମ୍ବାଇ**

ପ୍ରତିବର୍ଷ ମେ ୭ରେ ବିଶ୍ୱ ଖେଳକୁଦ ଦିବସ ପାଳନ କରାଯାଇଥାଏ। ଖେଳକୁଦର ମହତ୍ୱ ଯୁବପିଢ଼ି ବୁଝିବା ଓ ଏନେଇ ଲୋକଙ୍କୁ ସଚେତନ କରାଇବା ଏହି ଦିବସର ପ୍ରଧାନ କାର୍ଯ୍ୟ। ବିଭିନ୍ନ ବିଦ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକରେ ଏହାକୁ ପ୍ରାଧାନ୍ୟ ଦିଆଯାଇଥାଏ। ମଣିଷର ଶାରୀରିକ ଅଭିବୃଦ୍ଧି, ମାନସିକ ଶାନ୍ତି ଓ ସ୍ୱାସ୍ଥ୍ୟ ସଂକଟକୁ ଏହା ଦୂର କରିଥାଏ। ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି, ଯୋଗଦାନ ଲାଗି ଇଣ୍ଟରନ୍ୟାଶନାଲ ଆମେଚିଓର ଆଥ୍‌ଲେଟିକ୍ସ ଫେଡେରେଶନ(ଆଇଏଏଏଫ୍) ପକ୍ଷରୁ ଏହି ଦିବସକୁ ଆରମ୍ଭ କରାଯାଇଛି। ପ୍ରଥମ ଥର ଲାଗି ତତ୍କାଳିନ ଆଇଏଏଏଫ୍ ଅଧ୍ୟକ୍ଷ ପ୍ରାଇମୋ ନେବିଓଲୋଙ୍କ ଦ୍ୱାରା ୧୯୯୬ରେ ଏହି ଦିସବକୁ ପାଳନ କରାଯାଇଥିଲା। ୧୯୧୨ରେ ସ୍ୱିଡେନ୍‌ରେ ଆଇଏଏଏଫ୍ ପ୍ରତିଷ୍ଠା ହେବା ପରେ ଟ୍ରାକ୍ ଓ ଫିଲ୍ଡ ଆଥ୍‌ଲେଟିକ୍ସକୁ ଗୁରୁତ୍ୱ ଦିଆଯାଇଥିଲା। ଏବେ ବିଶ୍ୱରେ ଶତାଧିକ କ୍ରୀଡ଼ା ଓ ଖେଳକୁଦ ସଂଘ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଜାତୀୟ, ମହାଦେଶୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମମାନ ହେଉଛି। ଯୁବପିଢ଼ି ଏଥିପ୍ରତି ବିଶେଷ ଆଗ୍ରହ ଦେଖାଉଛନ୍ତି। ୱାକିଂ, ଥ୍ରୋଇଂ, ଜମ୍ପିଂ, ରନିଂ ଭଳି ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଏହି ଦିବସରେ ଅନୁଷ୍ଠିତ ହୋଇଥାଏ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ୧୯୪୬ରେ ଗଠନ ହେବା ପରେ ଆଇଏଏଏଫ୍‌ର ସଦସ୍ୟ ହୋଇସାରିଛି। ପିଲାବେଳୁ ସ୍କୁଲ କଲେଜରେ ଖେଳକୁଦ ପ୍ରତି ଆଗ୍ରହ ଜନ୍ମାଇବା, ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟିକରିବା ସହ ଅଲିମ୍ପିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସୀୟ କ୍ରୀଡ଼ା ଭଳି ମହାକୁମ୍ଭ ଲାଗି ପ୍ରସ୍ତୁତ କରିବା ଏହି ଦିବସର ଉଦ୍ଦେଶ୍ୟ। ଚଳିତବର୍ଷ କରୋନା ମହାମାରୀ ଯୋଗୁ ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଏଭଳି ସ୍ଥିତିରେ କୌଣସି କାର୍ଯ୍ୟକ୍ରମ ନ କରିବା ଲାଗି ସରକାର ନିର୍ଦ୍ଦେଶନାମକା ଜାରି କରିଛନ୍ତି।

## ବିଶ୍ୱ ଖେଳକୁଦ ଦିବସ



# ବାଇକ୍‌ରେ ଶାଶୁଘର ଗଲେ ବୋହୂ

ଲକ୍ଷ୍ନୌ: କରୋନା ମହାସଙ୍କଟ ଯୋଗୁ ସାରା ଦେଶରେ ଲକ୍‌ଡାଉନ ଜାରି ରହିଛି। ଏଥିଯୋଗୁ ବିବାହ, ପାର୍ଟି, ଧାର୍ମିକ ସଭା ଆଦି କାର୍ଯ୍ୟକ୍ରମ ଉପରେ ସରକାର ରୋକେ ଲଗାଇଛନ୍ତି। କେତେକ ସ୍ଥାନରେ ବରକନ୍ୟା ଭିଡିଓ କନ୍‌ଫରେନ୍ସିଂ ବିବାହ କରୁଥିବା ବେଳେ ଆଉ କେତେକ ବିବାହ ତାରିଖକୁ ସ୍ଥଗିତ କରିଦେଇଥିବା ନଜିର ରହିଛି। ଇତିମଧ୍ୟରେ ମଧ୍ୟପ୍ରଦେଶରେ ଏକ ନିଆରା ବିବାହ ଦେଖିବାକୁ ମିଳିଛି। ଲକ୍‌ଡାଉନରେ ବିବାହ ପାଇଁ ବର ନିଜେ ବାଇକ୍‌ରେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଇ କନ୍ୟାଙ୍କୁ ଘରୁ ଆଣିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଉତ୍ତରପ୍ରଦେଶର ଅଜନର ଥାନା ନିକଟସ୍ଥ ଅଶୋକ ନଗର ଗାଁର ଇନ୍ଦଲ ରେକୱାରଙ୍କ ବିବାହ ମଧ୍ୟପ୍ରଦେଶ ଟିକମଗଡ଼ ଜିଲାର ଦେବରହା ଗାଁର ଜଣେ ଯୁବତୀଙ୍କ ସହ ଠିକ୍ ହୋଇଥିଲା। ଆଗାମୀ ୧ ବର୍ଷ ପର୍ଯ୍ୟନ୍ତ ଦୁହିଁଙ୍କ ବିବାହଯୋଗ ନ ଥିବାରୁ ଏହି ଲକ୍‌ଡାଉନ ଭିତରେ ନିରାଡ଼ମ୍ବରରେ ବିବାହ କରିବାକୁ ଉଭୟ ପରିବାର ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ବର ଇନ୍ଦଲ ବିନା ବ୍ୟାଣ୍ଡବାଜା ଓ ବରଯାତ୍ରୀରେ ନିଜ ୨ଭାଇ ଓ ବାପାଙ୍କ ସହ ବିବାହ କରିବାକୁ ଉତ୍ତରପ୍ରଦେଶରୁ ମଧ୍ୟପ୍ରଦେଶକୁ ବାଇକ୍‌ରେ ଯାଇଥିଲେ। ଗୋଟିଏ ଦିନ ପୂର୍ବରୁ ସେମାନେ ଉତ୍ତରପ୍ରଦେଶରୁ ବାଇକ୍‌ରେ ବାହାରିଥିଲେ। ମଧ୍ୟପ୍ରଦେଶର ଦେବରାହା ଗାଁରେ ପହଞ୍ଚି ବିବାହର ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ କରିବା ପରେ ଇନ୍ଦଲ କନ୍ୟାଙ୍କୁ ଧରି ବାଇକ୍‌ରେ ବିଦା ହୋଇଥିଲେ। ଠିକ୍ ସେହି ସମୟରେ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ବର୍ଡରରେ ଥିବା ଗରୋଲି ଆଉଟପୋଷ୍ଟ ପୋଲିସ ସେମାନଙ୍କୁ ଅଟକାଇ ପଚରାଉଚରା କରିଥିଲେ। ଇନ୍ଦଲ ସମସ୍ତ କଥା କହିବା ପରେ ପୋଲିସ ନବବିବାହିତାଙ୍କୁ ଶୁଭକାମନା ଜଣାଇ ଘରକୁ ଯିବାକୁ ଦେଇଥିଲେ। ତେବେ ଲକ୍‌ଡାଉନର ସମସ୍ତ ନିୟମ ମାନିବା ସହ ନିଆରା ଢ଼ଙ୍ଗରେ ବିବାହ କରିଥିବାରୁ ଇନ୍ଦଲଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



# ଆମିରଙ୍କ ପ୍ରେମରେ ଆମେରିକା

ମୁମ୍ବାଇ: ଏବେ ସାରା ବିଶ୍ୱରେ କରୋନା ବିରୋଧରେ ଲଢ଼େଇ ଚାଲିଛି। କରୋନା ଯୋଗୁ ସବୁଠୁ ଅଧିକ ପ୍ରଭାବିତ ହୋଇଛି ଆମେରିକା। ଏଠାରେ ଏଯାବତ୍ ୧୧ଲକ୍ଷରୁ ଅଧିକ ଲୋକ କରୋନାରେ ସଂକ୍ରମିତ ହୋଇଥିବା ବେଳେ ୭୦,୦୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇ ସାରିଛନ୍ତି। ସେଠାରେ ବି ଏହି ଲକ୍‌ଡାଉନ୍ ଘୋଷଣା କରାଯାଇଛି। କରୋନାରୁ ରକ୍ଷା ପାଇବା ପାଇଁ ଲୋକେ ଘରେ ରହୁଥିବା ବେଳେ ବିଭିନ୍ନ ଉପାୟରେ ସମୟ ଅତିବାହିତ କରୁଛନ୍ତି। ଅନେକ ଲୋକ ଟିଭି ଦେଖି ସମୟ ବିତାଉଛନ୍ତି। ତେବେ ଲକ୍‌ଡାଉନ୍ ବେଳେ ସେଠାକାର ଲୋକେ ହଲିଉଡ୍ ଅପେକ୍ଷା ବଲିଉଡ୍‌ର ଗୋଟିଏ ଫିଲ୍ମକୁ ସବୁଠାରୁ ଅଧିକ ଥର ଦେଖିସାରିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆମିରଙ୍କ ସୁପରହିଟ୍ ଫିଲ୍ମ 'ଥ୍ରି ଇଡିୟଟ୍‌ସ'କୁ ଆମେରିକା ଲୋକେ ସବୁଠୁ ଅଧିକ ଥର ଦେଖିଛନ୍ତି। ଆଉ ଏହି ଖବର ପାଇବା ପରେ ଫିଲ୍ମର ନିର୍ଦ୍ଦେଶକ ରାଜକୁମାର ହିରାନୀ କୁଆଡେ ବେଶ୍ ଖୁସି ହୋଇଯାଇଛନ୍ତି। ତେବେ ଏହି ମୁଭିଟି ବେଶ୍ ସଫଳ ହୋଇଥିଲା। ୨୦୦୯ରେ ଏହି ମୁଭି ରିଲିଜ ହୋଇଥିଲା। ଆମିରଙ୍କ ସହିତ ଏଥିରେ କରୀନା କପୁର, ଆର. ମାଧବନ, ଶରମନ୍ ଯୋଶୀ,ବୋମନ ଇରାନୀ ପ୍ରମୁଖ ଅଭିନୟ କରିଥିଲେ।



ଆମିର ଖାନ୍

# ପୋଲିସଙ୍କୁ ମାସ୍କ ଦେଲେ ମସାବା



ବଲିଉଡ୍ ଅଭିନେତ୍ରୀ ନିନା ଗୁପ୍ତାଙ୍କ ସହ ଝିଅ ମସାବା ଗୁପ୍ତା।

ମୁମ୍ବାଇ: କରୋନା ଭାଇରସ୍ ସଂକ୍ରମଣ ବିରୋଧରେ ଚାଲିଥିବା ଯୁଦ୍ଧରେ ସମସ୍ତେ ମିଳିମିଶି ଲଢ଼େଇ କରୁଛନ୍ତି। ବଲିଉଡ୍ ତାରକାମାନେ ମଧ୍ୟ ଏଥିରେ ସହଯୋଗର ହାତ ବଢ଼ାଇଛନ୍ତି। ବଲିଉଡ୍ ଅଭିନେତ୍ରୀ ନିନା ଗୁପ୍ତାଙ୍କ ଝିଅ ମସାବା ଗୁପ୍ତା ନିଜ ହାତରେ ମାସ୍କ ପ୍ରସ୍ତୁତ କରି ପୋଲିସ କର୍ମଚାରୀଙ୍କୁ ପ୍ରଦାନ କରିଛନ୍ତି। ଫ୍ୟାଶନ ଡିଜାଇନର ମସାବା ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏହି ମାସ୍କ ପ୍ରଦାନ ବେଳର ଫଟୋଗୁଡ଼ିକୁ ଶେୟାର କରିଛନ୍ତି। କ୍ୟାପ୍‌ଶନରେ ଲେଖିଛନ୍ତି ଯେ, ମୁଁ ଏହି ମାସ୍କ ପ୍ରଦାନ କରି ବହୁତ ଖୁସି। ଆଉ ମଧ୍ୟ କହିଛନ୍ତି ଯେ, ମୁଁ ବଲିଉଡ୍ ଅଭିନେତା ଅଭିନେତ୍ରୀଙ୍କ ପାଇଁ ବହୁତ ଡ୍ରେସ୍ ଡିଜାଇନ କରିଛି କିନ୍ତୁ ପୋଲିସ କର୍ମଚାରୀମାନଙ୍କ ପାଇଁ ମୁଁ ମୋ ଜୀବନରେ ପ୍ରଥମ ଥର କିଛି କରିଛି। ଏଥିପାଇଁ ମୁଁ ଖୁସି ଅନୁଭବ କରୁଛି। ଏହାକୁ ମୁଁ ସାରା ଜୀବନ ମନେରଖିବି। କାରଣ ସାରା ଦେଶ ଲକ୍‌ଡାଉନ୍‌ରେ ବନ୍ଦ ଥିବାବେଳେ ଆମମାନଙ୍କୁ ସୁରକ୍ଷିତ ରଖିବା ପାଇଁ ନିଃସ୍ୱାର୍ଥପର ଭାବେ ପୋଲିସ କର୍ମଚାରୀମାନେ କାର୍ଯ୍ୟ କରିଚାଲିଛନ୍ତି। ଅଭିନେତ୍ରୀ ନିନା ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଲେଖିଛନ୍ତି ଯେ, ମୁଁ ମୋ ଝିଅକୁ ନେଇ ସବୁବେଳେ ଗର୍ବିତ। ସୂଚନାଥାଉ କି, ନିନା ବର୍ତ୍ତମାନ ଲକ୍‌ଡାଉନ୍ ପାଇଁ ମୁକ୍ତେଶ୍ୱରରେ ସମୟ ବିତାଉଥିବାବେଳେ ତାଙ୍କ ଝିଅ ମସାବା ମୁମ୍ବାଇରେ ଅଛନ୍ତି।

# ପୋଷାକୁକୁର ମୃତ୍ୟୁରେ ବିରୁଷ୍କା ଦୁଃଖୀ

ମୁମ୍ବାଇ: ଅନୁଷ୍କା ଶର୍ମା ଏବଂ ତାଙ୍କ ସ୍ୱାମୀ ତଥା ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ନିଜ ପୋଷାକୁକୁର ମୃତ୍ୟୁରେ ଗଭୀର ମର୍ମାହତ। ଏହି କୁକୁରର ନାମ ବ୍ରୁନୋ। ଏହା ବିଗଲ ପ୍ରଜାତିର। ବୁଧବାର ଅନୁଷ୍କା ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ବ୍ରୁନୋର ମୃତ୍ୟୁଖବର ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି ଯେ, ଭଗବାନ ବ୍ରୁନୋର ଆତ୍ମାକୁ ଶାନ୍ତି ଦିଅନ୍ତୁ। ସେପଟେ ବିରାଟ ଲେଖିଛନ୍ତି ଯେ, ୧୧ବର୍ଷ ଜୀବନକାଳ ମଧ୍ୟରେ ସେ ଆମ ସହିତ ସାରା ଜୀବନର ସମ୍ପର୍କ ଯୋଡ଼ି ଦେଇଯାଇଛି। ସେ ଆମ ପରିବାରର ଜଣେ ସଦସ୍ୟ ଥିଲା। ତେବେ ଅନୁଷ୍କା ଏବଂ



ବିରାଟ ବ୍ରୁନୋ ସହିତ ବହୁତ କ୍ଲୋଜ ଥିଲେ। ଅନୁଷ୍କା ସବୁବେଳେ ତା' ସହିତ ଫଟୋ ମଧ୍ୟ ଛାଡୁଥିଲେ। ତେବେ ବିରାଟ ବ୍ରୁନୋ ପାଇଁ ଦୁଃଖୀ ହୋଇଯାଇଛନ୍ତି। ସୂଚନାଥାଉ କି ସେମାନଙ୍କ ପାଖରେ ଆଉ ଏକ ଲାବ୍ରାଡର ପ୍ରଜାତିର କୁକୁର ଅଛି। ଯାହାର ନାମ ଡ୍ୟୁଡ୍। ନିକଟରେ ଅନୁଷ୍କା ଡ୍ୟୁଡ୍‌କୁ ଧରି ଏକ ଫଟୋ ଶେୟାର କରି ଲେଖିଥିଲେ ଯେ, ବିଶ୍ୱ ଏବେ କରୋନା ପାଇଁ ଲଢ଼େଇ କରି ଚାଲିଛି। ଆମେ ଏହି କଷ୍ଟର ଦିନକୁ ଅତି ଶୀଘ୍ର ହିଁ ପାର କରିବା।

## ସଂକ୍ଷେପରେ

### ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିପାରିବେ ପ୍ରବାସୀ ଗର୍ଭବତୀ

**ଛତ୍ରପୁର,୬ା୫(ଡି.ଏନ୍.ଏ.):** ଗଞ୍ଜାମ ଜିଲାକୁ ସୁରଟ, କେରଳରୁ ପ୍ରବାସୀ ଓଡ଼ିଆମାନେ ଆସିବାରେ ଲାଗିଛନ୍ତି। ପ୍ରବାସୀମାନଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଉଛି। ସେମାନଙ୍କ ମଧରେ କେତେଜଣ ଗର୍ଭବତୀ ମଧ ଅଛନ୍ତି। ଆବଶ୍ୟକ ହେଲେ ପ୍ରବାସୀ ଗର୍ଭବତୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇ ପାରିବ। ଏନେଇ ଜିଲାର ସମସ୍ତ ୨୨ ବିଡିଓଙ୍କୁ ଜିଲାପାଳ ବିଜୟ୍ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟକର୍ମୀମାନେ କ୍ୱାରେଣ୍ଟାଇନରେ ଥିବା ଗର୍ଭବତୀଙ୍କ ସମେତ ସମସ୍ତ ପ୍ରବାସୀଙ୍କ ଉପରେ ନଜର ରଖିବେ। ଆବଶ୍ୟକ ହେଲେ ସ୍ୱାସ୍ଥ୍ୟକର୍ମୀ ଏ ସମ୍ପର୍କରେ ଏନ୍ଏମଙ୍କୁ ଖବର ଦେବେ। ଏନଏମ୍ ମେଡିକାଲ ଟିମକୁ ଜଣାଇବେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

### ଶ୍ରୀକାକୁଲମ୍‌ରୁ ଚାଲି ଚାଲି ଫେରିଲେ ଶ୍ରମିକ



**ପୁରୁଷୋତ୍ତମପୁର,୬ା୫(ଡି.ଏନ୍.ଏ.):** ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ନିକଟସ୍ଥ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ପୁରୁଷୋତ୍ତମପୁର ବ୍ଲକ ଆଛୁଲି ପଞ୍ଚାୟତ ମେଣ୍ଡାପଲ୍ଲୀ ଗ୍ରାମର ରଘୁ ନାହାକ ଚାଲି ଚାଲି ବୁଧବାର ଅପରାହ୍ନରେ ପୁରୁଷୋତ୍ତମପୁରରେ ପହଞ୍ଚିଛନ୍ତି। ୩ଦିନ ଭୋକ ଉପାସରେ ଚାଲିଚାଲି ପୁରୁଷୋତ୍ତମପୁର କଲେଜ ଛକ ନିକଟରେ ପହଞ୍ଚିବା ପରେ କେତେଜଣ ଲୋକ ଦେଖି ବିଡିଓ ସୀମାଞ୍ଚଳ ମହାନ୍ତିଙ୍କୁ ଜଣାଇଥିଲେ। ବିଡିଓ କର୍ମଚାରୀଙ୍କୁ ପଠାଇ ତାଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନେଇଥିଲେ। ରଘୁଙ୍କ ହାତରେ ସିଲ୍ ଓ କାଳି ଲାଗିଛି। ଚାଲି ଚାଲି ଆସୁଥିବା ବେଳେ ଇଚ୍ଛାପୁର ନିକଟରେ ତାଙ୍କୁ ପରୀକ୍ଷା କରି ସିଲ୍ ଓ କାଳି ଲଗାଯାଇଥିବା ସେ କହିଛନ୍ତି।

### ବିଷାକ୍ତ ଛତୁ ଖାଇ ୪ ଅସୁସ୍ଥ

**କେନ୍ଦୁଝର,୬ା୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅଧୀନ ପଟାବାରୀ ଗ୍ରାମରେ ମଙ୍ଗଳବାର ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୪ଜଣ ଅସୁସ୍ଥ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ପଟାବାରୀ ଗ୍ରାମର ଜଗବନ୍ଧୁ ପଲେଇ ନିକଟସ୍ଥ ଜଙ୍ଗଲରୁ ବିଷାକ୍ତ ମଣ୍ଡା ଛତୁ ଆଣିଥିଲେ। ସ୍ତ୍ରୀ ଚିନିମିନି, ଝିଅ ମୀରା ଓ ବୋହୂ ସୁଷମାଙ୍କ ସହ ସେ ମଧ୍ୟାହ୍ନଭୋଜନରେ ଛତୁ ତରକାରୀ କରି ଖାଇଥିଲେ। ପରେ ସମସ୍ତଙ୍କର ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇ ଗୁରୁତର ହୋଇ ପଡ଼ିଥିଲେ। ଅପରାହ୍ନରେ ଗ୍ରାମବାସୀ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ଭଲ ଥିବା ଡାକ୍ତରଖାନା ପକ୍ଷରୁ ଜଣାପଡିଛି।

### ଉଦ୍ଧାର ହେଲେ ୪ ସୁରଟ ଫେରନ୍ତା

**ଆନନ୍ଦପୁର,୬ା୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅଞ୍ଚଳରୁ ୪ ସୁରଟ ଫେରନ୍ତା ପ୍ରବାସୀ ଓଡ଼ିଆଙ୍କୁ ବୁଧବାର ଉଦ୍ଧାର କରାଯାଇଛି। ପ୍ରଶାସନର ସହଯୋଗରେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଇ ଦିଆଯାଇଛି। ବୁଧବାର ଭୋର ପ୍ରାୟ ୫ଟା ୩୦ ସମୟରେ ରଙ୍ଗୋଲୀ ନାମକ ଏକ ଯାତ୍ରାବାହୀ ବସ୍ ଆନନ୍ଦପୁର ବ୍ରିଜଛକଠାରେ ଅଟକି ଥିଲା। ସେଥିରୁ ୪ ଯୁବକ ଓହ୍ଲାଇଥିଲେ। ସ୍ଥାନୀୟ ଗଣମାଧମ ପ୍ରତିନିଧିମାନେ ସେମାନଙ୍କ ପରିଚୟ ଜାଣିବା ସହିତ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକଙ୍କୁ ଅବଗତ କରାଇଥିଲେ। ଏହି ୪ ପ୍ରବାସୀ ଓଡ଼ିଆ ମୟୂରଭଞ୍ଜ ଜିଲା ସାତକୋଶିଆ, ରରୁଆଁ, ଠାକୁରମୁଣ୍ଡା ଏବଂ ଯଶିପୁର ଅଞ୍ଚଳର ବୋଲି ଜଣାପଡ଼ିଥିଲା। ପରେ ସେମାନେ ଅନ୍ୟ ଏକ ବସ୍ ଯୋଗେ ଠାକୁରମୁଣ୍ଡା ଅଞ୍ଚଳକୁ ଯାଇଥିଲେ। ଉକ୍ତ ଯୁବକମାନେ ସକାଳେ ପହଞ୍ଚିବା ପରେ ଭୋକିଲା ଥିବା ଅନୁଭବ କରି ଗଣମାଧମ ପ୍ରତିନିଧିମାନେ ସେମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦେଇଥିଲେ।

# ୨୫ ଛୁଇଁଲା କରୋନା ଆକ୍ରାନ୍ତଙ୍କ ସଂଖ୍ୟା

**ବାଲେଶ୍ୱର ଅଫିସ/ଖଇରା, ୬ା୫ (ଡି.ଏନ.ଏ.)**

ବାଲେଶ୍ୱର ଜିଲାରେ ବୁଧବାର ଆଉ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ୱେବସାଇଟ୍‌ରେ ସୂଚନା ପ୍ରଦାନ କରାଯାଇଛି। ଚିହ୍ନଟ ହୋଇଥିବା ସଂକ୍ରମିତ ଜଣଙ୍କ ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବାରିଙ୍ଗିଆ ଗ୍ରାମର ବୋଲି ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ ଚିହ୍ନଟ ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ ଓ ଟ୍ରାଭେଲ ହିଷ୍ଟ୍ରି ସଂଗ୍ରହ ଆରମ୍ଭ ହୋଇଛି। ଏଥିସହିତ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୫ରେ ପହଞ୍ଚି ଥିବାବେଳେ ୫ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ସୁଦ୍ଧା ଜିଲାକୁ ବିଦେଶରୁ ଫେରିଥିବା ୨୭୦ ଜଣ ଓ ଅନ୍ୟ ରାଜ୍ୟରୁ ଜିଲାକୁ ଫେରିଥିବା ମୋଟ୍ ୨୦,୬୨୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେହିପରି ଜିଲାରେ ମୋଟ୍ ୪୯୩୯ଟି ନମୁନା(ସାମ୍ପୁଲ) ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇ ଥିବାବେଳେ ମୋଟ୍ ୩୫୮୯ଟିର ଟେଷ୍ଟ ରିପୋର୍ଟ ହସ୍ତଗତ ହୋଇଥିବା ଜଣାପଡ଼ିଛି।

ବୁଧବାର ଖଇରା ବ୍ଲକରେ ଚିହ୍ନଟ ହୋଇଥିବା ୪୮ ବର୍ଷୀୟ ଏହି ନୂଆ ଆକ୍ରାନ୍ତ ଜଣକ କୋଲକାତାର ଏକ ଟ୍ରାନ୍ସପୋର୍ଟ କମ୍ପାନୀରେ କାର୍ଯ୍ୟ କରୁଥିଲେ। ମାର୍ଚ୍ଚ ୨୮ ତାରିଖରେ ଅନ୍ୟ ୧୧ଜଣଙ୍କ ସହ ଏକ ବୋଲେରୋରେ ଘରକୁ ଫେରିଥିଲେ। ୧୪ଦିନ ନିଜ ଘରେ ସଙ୍ଗରୋଧରେ ରହିବା ପରେ କୌଣସି ଲକ୍ଷଣ ପ୍ରକାଶ ନ ପାଇବାରୁ ସେ ଅନ୍ୟମାନଙ୍କ ସହ ମିଳାମିଶା କରିଥିଲେ। ଏପ୍ରିଲ ୨୮ରେ ତାଙ୍କର ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ଏହାକୁ ମିଶାଇ ଖଇରା ବ୍ଲକରେ ସଂକ୍ରମିତଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ବାରିଙ୍ଗିଆ ସମେତ ଚକାପଦା ମହିସାମୁଣ୍ଡା ଓ ପାଞ୍ଚଗୋଛିଆ ଗ୍ରାମକୁ ଆବଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି।



ବାରିଙ୍ଗିଆ ଗ୍ରାମରେ ପ୍ରଶାସନିକ ଅଧିକାରୀମାନେ।

ଜିଲାର ବସ୍ତା ବ୍ଲକରେ ମଙ୍ଗଳବାର ୩ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ କ୍ରମେ ଆବଦ୍ଧାଞ୍ଚଳ (କଣ୍ଟେନ୍‌ମେଣ୍ଟ ଜୋନ୍) ଘୋଷଣା କରାଯାଇଛି। ଆବଦ୍ଧାଞ୍ଚଳ କଟକଣା ୭ଦିନ ଅର୍ଥାତ୍ ଆସନ୍ତା ମେ ୧୨ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସୂଚନା ଦିଆଯାଇଛି।

ବସ୍ତା ତହସିଲର ନଟାକଟା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମରେ କରୋନା ପଜିଟିଭ ଚିହ୍ନଟ ପରେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳକୁ ଆବଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ସେହିପରି ବାଲେଶ୍ୱର ତହସିଲର କୁରାଡ଼ିଆ ପଞ୍ଚାୟତର ପୋଖରୀ ସାହି ଅଞ୍ଚଳ, ବସ୍ତା ତହସିଲର ପାଉଁଶକୁଲି ପଞ୍ଚାୟତର ମସଡା ଗ୍ରାମକୁ ଆବଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ସମସ୍ତ ଆବଦ୍ଧାଞ୍ଚଳର ପ୍ରବେଶ ପଥକୁ ସିଲ କରାଯିବା ସହିତ ସେହି ଅଞ୍ଚଳରେ କୌଣସି ଲୋକଙ୍କର ପ୍ରବେଶ ଓ ପ୍ରସ୍ଥାନ ଉପରେ ନିଷେଧାଦେଶ ଜାରି କରାଯାଇଛି। ସମସ୍ତ ସରକାରୀ ଓ ଘରୋଇ ଯାନ ଚଳାଚଳ ଉପରେ ରୋକ ଲଗାଯାଇଛି। ସେହି ଅଞ୍ଚଳରେ ରହୁଥିବା ସମସ୍ତ ଜନସାଧାରଣଙ୍କୁ ଘର ଭିତରେ ହିଁ ରହିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଆବଦ୍ଧାଞ୍ଚଳ ମଧରେ ପରିମଳ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣ ଲାଗି ସ୍ଥାନୀୟ ବିଡିଓ, ଆଇନଶୃଙ୍ଖଳା ବ୍ୟବସ୍ଥା ଲାଗି ସ୍ଥାନୀୟ ତହସିଲଦାର ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଆବଶ୍ୟକତା ଲାଗି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସମସ୍ତ କାର୍ଯ୍ୟର ତଦାରଖ ପାଇଁ ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।

**ବାଲେଶ୍ୱର ଜିଲା**
- ଆଉ ୪ ଅଞ୍ଚଳ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ
- ସୁସ୍ଥ ହୋଇ ଘରକୁ ଫେରିଲେଣି ୫

# ୩ ଟ୍ରେନ୍‌ରେ ଗଞ୍ଜାମ ଆସିଲେ ୩,୪୦୪ ପ୍ରବାସୀ

**ଛତ୍ରପୁର,୬ା୫(ଡି.ଏନ୍.ଏ.)**

ସୁରଟରୁ ଗତ ୪ଦିନ ହେଲା ସ୍ୱତନ୍ତ୍ର ଟ୍ରେନ ଯୋଗେ ପ୍ରବାସୀ ଓଡିଆମାନେ ଗଞ୍ଜାମ ସମେତ ଓଡିଶାର ବିଭିନ୍ନ ଜିଲାକୁ ଫେରିବାରେ ଲାଗିଛନ୍ତି। ଏହିକ୍ରମରେ ବୁଧବାର ୩ଟି ଟ୍ରେନ୍ ଗଞ୍ଜାମ ଜିଲା ଜଗନ୍ନାଥପୁର ଷ୍ଟେଶନରେ ଆସି ପହଞ୍ଚିଥିଲା। ଏଥିରେ ମୋଟ ୩,୪୯୬ ଜଣ ଓଡ଼ିଶାକୁ ଫେରିଥିବା ବେଳେ ସେଥିମଧ୍ୟରୁ ୩,୪୦୪ ଜଣ କେବଳ ଗଞ୍ଜାମ ଜିଲାକୁ ଆସିଛନ୍ତି। ବଳକା ୯୨ ଜଣ ଅନ୍ୟ ଜିଲାର। ଟ୍ରେନରୁ ଓହ୍ଲାଇବା ପରେ ସମସ୍ତ ପ୍ରବାସୀଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇ ବସ୍ ଯୋଗେ ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଛି। ସୁରଟରୁ ବୁଧବାର ଆଉ ଟ୍ରେନ ଓଡ଼ିଶା ଅଭିମୁଖେ ବାହାରିଛି। ଗୁରୁବାର ଏହା ଜଗନ୍ନାଥପୁର ଷ୍ଟେଶନରେ ଲାଗିବ।

ବୁଧବାର ଅପରାହ୍ନ ୧ଟା୫୭ ମିନିଟ୍‌ରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିବା ପ୍ରଥମ ଟ୍ରେନ୍‌ରେ ମୋଟ ୧୨୨୫ ଜଣ ପ୍ରବାସୀ ଓଡ଼ିଆ ଆସିଥିଲେ। ସେଥିମଧ୍ୟରେ ଗଞ୍ଜାମ ଜିଲାର ୧୧୯୫ ଜଣ, ନୟାଗଡ ଜିଲାର ୨୧, ବଲାଙ୍ଗିର ଜିଲାର ୩ ଏବଂ କଟକ, ବୌଦ୍ଧ ଓ ଅନୁଗୋଳ ଜିଲାର ୨ ଜଣ ଲେଖାଏ ଆସିଥିଲେ।

ସେହିପରି ଦ୍ୱିତୀୟ ଟ୍ରେନ୍‌ଟି ଅପରାହ୍ନ ୫ଟା ୪୦ ମିନିଟ୍‌ରେ ଆସି ପହଞ୍ଚିଥିଲା। ସେଥିରେ ୧୧୬୪ ଜଣ ପ୍ରବାସୀ ଓଡିଆ ଆସିଥିବା ବେଳେ ୧୧୪୯ ଜଣ କେବଳ ଗଞ୍ଜାମ ଜିଲାର। ସେହିପରି ତୃତୀୟ ଟ୍ରେନରେ ମୋଟ ୧୧୦୭ ପ୍ରବାସୀ ଓଡ଼ିଆ ଆସିଥିଲେ। ସେମାନଙ୍କ ମଧ୍ୟରୁ ୧୦୬୦ ଜଣ ଗଞ୍ଜାମ ଜିଲାର ହୋଇଥିବା ବେଳେ ନୟାଗଡ଼ ଜିଲାର ୩୫, ଖୋର୍ଦ୍ଧାର ୭, କଳାହାଣ୍ଡିର ୪ ଓ ରାୟଗଡ଼ାର ଜଣେ ଥିଲେ। ସୁରଟ ଫେରନ୍ତାମାନେ ସ୍ୱତନ୍ତ୍ର ବସ ଯୋଗେ ସେମାନଙ୍କ ଜିଲାକୁ ଯାଇଛନ୍ତି।

**ଅନ୍ୟ ଜିଲାକୁ ଗଲେ ୯୨ ସୁରଟ ଫେରନ୍ତା**

# ଆଇଟିଆଇ ପ୍ରସ୍ତୁତ କଲା ୟୁଭିସି ସାନିଟାଇଜ୍ ମେଶିନ

## ଇଲେକ୍ଟ୍ରୋନିକ୍ସ ଉପକରଣକୁ କରିହେବ ସାନିଟାଇଜ୍

**ବ୍ରହ୍ମପୁର ଅଫିସ,୬ା୫**

କୋଭିଡ୍-୧୯ ଭୂତାଣୁ ସାରା ଦେଶ ତଥା ବିଶ୍ୱରେ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ଏହି ସମୟରେ ଇଲେକ୍ଟ୍ରନିକ୍ସ ଉପକରଣ ଦ୍ୱାରା ଏହି ଭୂତାଣୁ ସଂକ୍ରମଣକୁ ରୋକିବା ନେଇ ଏକ ସ୍ୱତନ୍ତ୍ର ୟୁଭିସି(ଅଲ୍‌ଟ୍ରା ଭାଉଲେଟ୍ ଚାମ୍ବର) ସାନିଟାଇଜ୍ ମେଶିନ ପ୍ରସ୍ତୁତ କରିଛି ବ୍ରହ୍ମପୁର ଆଇଟିଆଇ। ଏହା ଦ୍ୱାରା ଜଳ ତଥା ସାନିଟାଇଜର ଦ୍ୱାରା ବିଶୋଧନ କରାଯାଇ ପାରୁ ନ ଥିବା ମୋବାଇଲ, ଲାପ୍‌ଟପ୍, ଟାବ୍‌ଲେଟ ଭଳି ଯାନ୍ତ୍ରିକ ଉପକରଣ ବିଶୋଧିତ କରାଯାଇ ପାରିବ ବୋଲି ଆଇଟିଆଇ ପକ୍ଷରୁ କୁହାଯାଇଛି। କୋଭିଡ୍-୧୯ କ୍ଷେତ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମୀ, ଡାକ୍ତରମାନେ ବ୍ୟବହାର କରୁଥିବା ଇଲୋକ୍ଟ୍ରୋନିକ୍ସ ଉପକରଣ ଦ୍ୱାରା ଭୂତାଣୁ ସଂକ୍ରମିତ ହେବାର ଆଶଙ୍କା ରହିଥାଏ। ତେଣୁ ନିତ୍ୟ ବ୍ୟବହୃତ ମୋବାଇଲ, ଲାପଟପ୍ ସମେତ ସମସ୍ତ ବ୍ୟବହାର୍ଯ୍ୟ ଉପକରଣକୁ ସାନିଟାଇଜ୍ ତଥା ବିଶୋଧନ କରିବାର ଆବଶ୍ୟକତା ରହିଛି। ତେବେ ଏହି ୟୁଭିସି ସାନିଟାଇଜ୍‌ରେ ବ୍ୟବହୃତ ଅଲଟ୍ରାଭାୟୋଲେଟ ରଶ୍ମି ଦ୍ୱାରା ମାତ୍ର ୧୫ ମିନିଟ ମଧ୍ୟରେ ସମସ୍ତ ଉପକରଣ ସାନିଟାଇଜ୍ କରାଯାଇ ପାରିବ। ଏହି ଉପକରଣ ଘରେ ବ୍ୟବହୃତ ପୁରୁଣା ମାଇକ୍ରୋୱେଭ୍ ଓଭନ୍ ଉପକରଣର ଅପ୍‌ଗ୍ରେଡେଶନ କରାଯାଇ ପ୍ରସ୍ତୁତ କରାଯାଇଛି। ମାତ୍ର ୧୨୦୦ ଟଙ୍କାରେ ଏହି ଉପକରଣ ପ୍ରସ୍ତୁତ ହୋଇପାରୁ ଥିବାରୁ ଏହାକୁ ଘର ଭିତରେ ମଧ ଇଲେକ୍ଟ୍ରୋନିକ୍ସ ଉପକରଣଗୁଡିକୁ ସାନିଟାଇଜ୍ ପାଇଁ ବ୍ୟବହାର କରାଯାଇ ପାରିବ। ଇଣ୍ଡିଆନ୍ କାଉନ୍‌ସିଲ ଅଫ ମେଡିକାଲ ରିସର୍ଚ୍ଚ ଅନୁମତି ପତ୍ର ପ୍ରଦାନ ପରେ ଏହାକୁ ପ୍ରତ୍ୟେକ କୋଭିଡ୍-୧୯ ହସ୍‌ପିଟାଲକୁ ଯୋଗାଇ ଦିଆଯିବ ବୋଲି ଆଇଟିଆଇ ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।




ଆଇଟିଆଇ ପକ୍ଷରୁ ୟୁଭିସି ସାନିଟାଇଜ୍ ଉପକରଣ।

# ହାତୀ ମୃତ୍ୟୁ ଘଟଣାରେ କାରଣ ଦର୍ଶାଅ ନୋଟିସ

**କେନ୍ଦୁଝର, ୬ା୫( ସ୍ୱ.ପ୍ର.):** ଚମ୍ପୁଆ ରେଞ୍ଜ ବାମେବାରୀ ସେକ୍ସନ କେନ୍ଦୁଘାଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ କେନ୍ଦୁଝର ଡିଏଫ୍ଓ ସନ୍ତୋଷ ଯୋଶୀ ନୋଟିସ୍ ଜାରି କରିଛନ୍ତି। ଚମ୍ପୁଆ ରେଞ୍ଜର କାଶୀନାଥ ହେମ୍ବ୍ରମ, ବାମେବାରୀ ଫରେଷ୍ଟର ଯତୀନ୍ଦ୍ର ସାହୁ, ବନରକ୍ଷୀ ହୃଷିକେଶ ପାତ୍ରଙ୍କୁ ଏହି କାରଣ ଦର୍ଶାଅ ନୋଟିସ କରିଛନ୍ତି। କାହିଁକି ଦୀର୍ଘ ଏକ ମାସ ଧରି ହାତୀ ମରିଥିଲେ ହେଁ କେହି ଜାଣିପାରିଲେ ନାହିଁ ସେ ନେଇ ନୋଟିସ ଇସ୍ୟୁ କରିଛନ୍ତି। ଉତ୍ତର ଆସିବା ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫଓ ସୂଚନା ଦେଇଛନ୍ତି। ସେହିପରି ହାତୀର ହାଡ଼ ଓ ଅବଶେଷକୁ ଡେରାଡୁନ୍‌କୁ ପଠା ଯାଇଛି। ସେଠାରୁ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଓ ଅନ୍ୟାନ୍ୟ ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି।

# ବିଶୃଙ୍ଖଳିତ ସୁରଟ ଫେରନ୍ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର



ଗୋକର୍ଣ୍ଣପୁର କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ କରୁଛନ୍ତି ଉପଜିଲାପାଳ।

**ଦିଗପହଣ୍ଡି,୬ା୫(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ ରାଧାଶ୍ୟାମ ବାଳିକା ହାଇସ୍କୁଲ ପରିସରରେ ଥିବା କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ କରିଛନ୍ତି ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ। ବୁଧବାର ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ବିଡିଓ ହଳଧର ଶବର, ସରପଞ୍ଚ ବି.କ୍ରିଷ୍ଣା ରାଓ ସୁବୁଦ୍ଧିଙ୍କ ଉପସ୍ଥିତିରେ ଉପଜିଲାପାଳ ସେଠାରେ ରନ୍ଧାଖାଦ୍ୟ ଓ ଆନୁଷଙ୍ଗିକ ସୁବିଧା ତଦାରଖ କରିଥିଲେ। ପୂର୍ବରୁ ସେ ସିଦ୍ଧେଶ୍ୱର, ଗୋକର୍ଣ୍ଣପୁର ଗ୍ରାମ ସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟରଗୁଡ଼ିକୁ ପରିଦର୍ଶନ କରି ପ୍ରବାସୀ ଶ୍ରମିକଙ୍କ ସହ ସବିଶେଷ ଆଲୋଚନା କରି ବିଶୃଙ୍ଖଳିତ ନ ହେବାକୁ ପରାମର୍ଶ ଦେଇଥିଲେ।

ସିଦ୍ଧେଶ୍ୱର କ୍ୱାରାଣ୍ଟାଇନ୍ ସେଣ୍ଟରରେ କିଛି ପ୍ରବାସୀ ଶ୍ରମିକ ବାରମ୍ବାର ବିଶୃଙ୍ଖଳା କରୁଥିବା ନେଇ ସରପଞ୍ଚ ପ୍ରତିନିଧି ସରୋଜ କୁମାର ଜେନା ଅଭିଯୋଗ କରିଥିଲେ। ପରେ ସମ୍ପୃକ୍ତ ସୁରଟ ଫେରନ୍ତା ଯୁବକଙ୍କୁ ଚିହ୍ନଟ କରାଯାଇ ଭୀଷ୍ମଗିରି କ୍ୱାରାଣ୍ଟାଇନ୍ ସେଣ୍ଟରକୁ ସ୍ଥାନାନ୍ତରିତ କରାଯାଇଥିଲା। ପୁଣି ବିଶୃଙ୍ଖଳା କଲେ ସୁଦୂର ମାଲକାନଗିରି ଜିଲା କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଇ ଦିଆଯିବ ବୋଲି ସେ ଚେତାବନୀ ଦେଇଥିଲେ।

**କ୍ୱାରାଣ୍ଟାଇନ୍ କେନ୍ଦ୍ର ପରିଦର୍ଶନ କଲେ ଉପଜିଲାପାଳ**

# କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଅବ୍ୟବସ୍ଥାକୁ ନେଇ ଉତ୍ତେଜନା

**ସୋର.୬ା୫(ଡି.ଏନ୍.ଏ.):** ସୋର ବ୍ଲକ ଅନ୍ତର୍ଗତ ତଳନଗର ପଞ୍ଚାୟତ ଅନ୍ତର୍ଗତ ଦୁଇଟି ଗ୍ରାମର ୨ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସେହି ପଞ୍ଚାୟତର ୫ଟି ଗ୍ରାମ ସହ ସଂଲଗ୍ନ ସବିରା ପଞ୍ଚାୟତର ଗୋଟିଏ ଗ୍ରାମକୁ କଣ୍ଟେନ୍‌ମେଣ୍ଟନ ଜୋନ୍ ଭାବେ ଘୋଷଣା କରାଯାଇଛି। ହେଲେ ଏହି ଅଞ୍ଚଳର ଲୋକଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବା ସହ ଚିକିତ୍ସା ବ୍ୟବସ୍ଥାରେ ଅବହେଳା ହେଉଥିବାରୁ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟପକ୍ଷେ ଜଣେ ଗୁରୁତର ଅସୁସ୍ଥ ଯୁବକଙ୍କୁ ଡାକ୍ତରଖାନାକୁ ନେବାକୁ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରା ନ ଯିବାରୁ ସ୍ଥାନୀୟ ଲୋକେ ଏହି ଅସୁସ୍ଥଙ୍କୁ ରାସ୍ତାରେ ଶୁଆଇ ପ୍ରତିବାଦ କରିଥିଲେ। ସୋର ବିଡିଓ ସୁଶାନ୍ତ କୁମାର ବାରିକ ଓ ସୋର ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀବଲ୍ଲଭ ସାହୁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା କମିଥିଲା।



ପୋଲିସ ଅଧିକାରୀ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ଠାକୁରମୁଣ୍ଡାରେ ବାଘ ଆତଙ୍କ

**ଠାକୁରମୁଣ୍ଡା,୬ା୫(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଡଙ୍ଗାଡିହା ଗ୍ରାମରେ ବାଘ ଆତଙ୍କ ଦେଖା ଦେଇଛି। ଗତ ଦେଢ଼ ମାସ ମଧରେ ସ୍ଥାନୀୟ ପତ୍ରପୋଡ଼ା, ଡଙ୍ଗାଡିହା, ଭେଜଡିହା ଗ୍ରାମର ଗୃହପାଳିତ ପଶୁଙ୍କୁ ବାଘ ଆକ୍ରମଣ କରିଥିବା ଜଣାପଡିଛି। ପତ୍ରପୋଡ଼ା ଗ୍ରାମର ଡମ୍ବରୁଧର ପିଙ୍ଗୁଆ ଓ ଡଙ୍ଗାଡିହା ଗ୍ରାମର ଲକ୍ଷ୍ମଣ ମୁର୍ମୁଙ୍କ ଗାଇକୁ ବାଘ ମାରି ଖାଇ ଦେଇଥିବା ବେଳେ ଡଙ୍ଗାଡିହା ଗ୍ରାମର ଲକ୍ଷ୍ମଣ ହୋଙ୍କ ଏକ ମଇଁଷିକୁ ଭେଜିଡିହା ନିକଟ ଠାକୁରମୁଣ୍ଡା-ଶରତ ମୁଖ୍ୟ ରାସ୍ତାରେ ବାଘ ଆକ୍ରମଣ କରିଥିଲା। ଆକ୍ରମଣସ୍ଥଳରେ ପଡିଥିବା ପାଦ ଚିହ୍ନରୁ ମହାବଳ ଓ କଲରାପତରିଆ ବାଘ ଆକ୍ରମଣ କରୁଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ମଙ୍ଗଳବାର ସକାଳେ ଡଙ୍ଗାଡିହା ଗ୍ରାମ ନିକଟ ଶାଗୁଆନ ବଗିଚାରେ ଚରୁଥିବା ଗୋଟିଏ ବାଛୁରୀକୁ ବାଘ ଆକ୍ରମଣ କରିଥିଲା।

# ୧୪ ଦିନ ପରେ ବି ଘରକୁ ଛାଡୁନି ପ୍ରଶାସନ

**କେନ୍ଦୁଝର, ୬ା୫(ସ୍ୱ.ପ୍ର.)**

୧୪ ଦିନ କ୍ୱାରାଣ୍ଟାଇନ୍ ଅବଧି ଶେଷ ପରେ ମଧ ପାସ୍ ମିଳୁ ନ ଥିବାରୁ କେନ୍ଦୁଝର ସହର ମୋଟିବନ୍ଧ ହାଇସ୍କୁଲ ପରିସରରେ ରହିଥିବା ୧୧ଜଣ ପଶ୍ଚିମବଙ୍ଗର ଶ୍ରମିକ ଘରକୁ ଫେରି ପାରୁ ନାହାନ୍ତି। ଏନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ କୋଠା ବାଡିରେ ନିର୍ମାଣ ଶ୍ରମିକ ଓ ମିସ୍ତ୍ରୀ ଭାବରେ କାମ କରୁଥିଲେ। ଲକ୍‌ଡାଉନ୍ ଘୋଷଣା ପରେ ସାଇକେଲରେ ପଶ୍ଚିମବଙ୍ଗର ବର୍ଦ୍ଧମାନ ଅଞ୍ଚଳକୁ ଅନ୍ୟମାନଙ୍କ ସହିତ ପଳାଇ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇ ଅସ୍ଥାୟୀ କ୍ୱାରାଣ୍ଟାଇନ୍‌ରେ ରଖିଥିଲେ। ଇତି ମଧରେ ୧୭ ଦିନ ବିତି ଯାଇଥିଲେ ମଧ ପ୍ରଶାସନ ସେମାନଙ୍କୁ ଘରକୁ ଫେରିବା ପାଇଁ ଅନୁମତି ଦେଉନାହିଁ। ପାସ୍ ପାଇଁ ଆବେଦନ କରିଥିଲେ ହେଁ ପ୍ରଶାସନ ସେନେଇ କିଛି ପଦକ୍ଷେପ ଗ୍ରହଣ କରୁ ନ ଥିବା ପ୍ରଭାଶ ମଣ୍ଡଳ, ସମୀର ହଲଦାର, ସୁବ୍ରତ ଦାସ, ସୁଜିତ ଦାସଙ୍କ ସମେତ ଅନ୍ୟମାନେ କହିଛନ୍ତି। ସେମାନଙ୍କ ପାଖରେ ପଇସା ନ ଥିବାରୁ ସାଇକେଲରେ ଯିବାକୁ ପାସ୍ ମିଳୁ ନ ହେଲେ ଗାଡ଼ି ବ୍ୟବସ୍ଥା କରି ଛାଡ଼ିଲେ ଉପକୃତ ହେବୁ ବୋଲି ସେମାନେ ନିବେଦନ କରିଛନ୍ତି। ଏନେଇ ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି ଯେ, ସେମାନଙ୍କ ରାଜ୍ୟରୁ ଅନୁମତି ମିଳିଲେ ତାଙ୍କୁ ପଠାଯିବ। ନଚେତ ସେମାନେ ଅସୁବିଧାର ସମ୍ମୁଖୀନ ହେବେ।

# ସଙ୍ଗରୋଧ ଗୃହରେ ଗାୟତ୍ରୀ ଜପ

**ଭଦ୍ରକ ଅଫିସ, ୬ା୫:** ଭଦ୍ରକ ଜିଲା ତିହିଡ଼ି ବ୍ଲକର ଏକ ସଙ୍ଗରୋଧ ଗୃହରେ ପ୍ରବାସୀ ଓଡ଼ିଆଙ୍କ ଟିକ୍‌ଟକ ଭିଡିଓ ଭାଇରାଲ ହେବା ଘଟଣାକୁ ରାଜ୍ୟବ୍ୟାପୀ ନିନ୍ଦା କରାଯାଇଥିବା ବେଳେ ଧାମନଗର ବ୍ଲକ ଅଧୀନ ଏକ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ସୁରଟ ଫେରନ୍ତା ଯୁବକ ଗାୟତ୍ରୀ ମନ୍ତ୍ର ଜପ କରିବା ନିଆରା ଉଦାହରଣ ସୃଷ୍ଟି କରିଛି। ଏହିଭଳି ଘଟଣାକୁ ନେଇ ଧାମନଗର ବିଡିଓ ଦୁର୍ଗାଚରଣ ମୁର୍ମୁ ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସଙ୍ଗରୋଧ ଗୃହରେ ଥିବା ସମସ୍ତ ଯୁବକଙ୍କ ସେ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଧାମନଗର ବ୍ଲକ ଅସୁରାଳୀ ସ୍ଥିତ ଏକ ଇଞ୍ଜିନିୟରିଂ କଲେଜ ସଙ୍ଗରୋଧ ଗୃହରେ ୧୮ ଜଣ ସୁରାଟ ଫେରନ୍ତା ଯୁବକ ରହୁଛନ୍ତି। ସନ୍ଧ୍ୟାରେ ସେମାନେ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରୁଛନ୍ତି। ଏମାନଙ୍କର ଏଭଳି ଗାୟତ୍ରୀ ମନ୍ତ୍ର ଉଚ୍ଚାରଣକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ସଙ୍ଗରୋଧ କେନ୍ଦ୍ରରେ ଯୋଗ କଲେ ପ୍ରବାସୀ



ବଡବଦାଙ୍ଗୀ ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀ ଯୋଗ କରୁଛନ୍ତି।

**ସୋରଡା,୬ା୫(ଡି.ଏନ୍.ଏ.)**

ସୋରଡା ବ୍ଲକର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ୨୨୦୮ ଜଣ ସୁରଟ ଫେରନ୍ତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ୨୦୪୦, ମହିଳା ୯୬ ଓ ୭ ଜଣ ଶିଶୁ ଅଛନ୍ତି । ତେବେ ଅନ୍ୟ ବ୍ଲକ ଅଞ୍ଚଳର ସଙ୍ଗରୋଧ କେନ୍ଦ୍ରମାନଙ୍କରେ ଯୁବକମାନେ ପାଟିତୁଣ୍ଡ ସହ ଖାଦ୍ୟ ଫିଙ୍ଗୁଥିବାବେଳେ ଏହି ବ୍ଲକ ବଡବଦାଙ୍ଗୀ କେନ୍ଦ୍ରରେ କିନ୍ତୁ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳୁଛି। ସେଠାରେ ଥିବା ୫୩ ଜଣ ଯୁବକ ସକାଳୁ ସାମାଜିକ ଦୂରତା ରଖି ଯୋଗ, ପ୍ରାଣାୟମ କରୁଛନ୍ତି। ଏହା ସହ ସରକାରୀ ନୀତିନିୟମ ମାନି ରହିବାକୁ ମଧ ଅନ୍ୟ କେନ୍ଦ୍ରର ପ୍ରବାସୀ ଓଡ଼ିଆଙ୍କୁ ଅନୁରୋଧ କରିଛନ୍ତି।

# ସାମାଜିକ ଦୂରତ୍ୱ ରଖି ରାସ୍ତାକୁ ଓହ୍ଲାଇଲେ ମହିଳା

**ଜଗନ୍ନାଥପ୍ରସାଦ,୬ା୫(ଡି.ଏନ୍.ଏ.)**

ଜଗନ୍ନାଥପ୍ରସଦ ବ୍ଲକ ଛାମୁଣ୍ଡା ପଞ୍ଚାୟତ ଚୋପ୍ରା ଗ୍ରାମ ୧୩ ନଂ. ୱାର୍ଡର ଶତାଧିକ ମହିଳା ବୁଧବାର ବିଭିନ୍ନ ଦାବି ନେଇ ରାସ୍ତାକୁ ଓହ୍ଲାଇଛନ୍ତି। ରାସ୍ତା ଉପରେ ଗୋଲ ଚିହ୍ନ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷାକରି ଛିଡାହୋଇ ପ୍ରତିବାଦ କରିଥିଲେ। ସେମାନେ ଗରିବ ଓ ଅଧିକାଂଶ ଶ୍ରମିକ ଶ୍ରେଣୀର ହୋଇଥିଲେ ବି ନା ଜବ୍‌କାର୍ଡ ଅଛି ନା ରାଶନ କାର୍ଡ। ପରିବାରର ପୁରୁଷମାନେ ବାହାରେ ଦାଦନ ଖଟି ଟଙ୍କା ପଠାଇଲେ ଘର ଚଳେ। ମାତ୍ର ଲକ୍‌ଡାଉନ୍ ଯୋଗୁ ସେମାନଙ୍କ ଅବସ୍ଥା ଶୋଚନୀୟ। ରାଶନ କାର୍ଡ, ଜବ୍ କାର୍ଡ ପାଇଁ ନିର୍ବାଚିତ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ବହୁବାର ଗୁହାରି କଲେ ବି କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ମାଳତୀ ପରିଡା, ଖଦଲି ଗୌଡ଼, ସୁନୀତା ବେହେରା, ରୁନୁ ଗୌଡ଼ ପ୍ରମୁଖ। ସରକାର ଏବଂ ସ୍ଥାନୀୟ ପ୍ରଶାସନ ରାଶନ କାର୍ଡ, ଜବ୍ କାର୍ଡ ସହ ବର୍ତ୍ତମାନ ପରିସ୍ଥିତିରେ ଅର୍ଥ ଓ ଖାଦ୍ୟ ସାମଗ୍ରୀ ଯୋଗାଇବାକୁ ସେମାନେ ଦାବି କରିଛନ୍ତି। ଖବର ପାଇ ସ୍ଥାନୀୟ ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ପହଞ୍ଚି ପ୍ରଶାସନର ଦୃଷ୍ଟିଆକର୍ଷଣ କରିବାକୁ କହିଥିଲେ ମଧ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିଲେ।

**ରାଶନ, ଜବ୍‌କାର୍ଡ ପ୍ରଦାନ ଦାବି**




ରାସ୍ତାକୁ ଓହ୍ଲାଇଥିବା ଶତାଧିକ ମହିଳା।

# ଗାର୍ଡେନିଂରେ ବିତୁଛି ସମୟ


କରୀନା

ଏବେ ସମଗ୍ର ବିଶ୍ୱ କରୋନା କବଳିତ। ଏଥିରୁ ନିଜକୁ ରକ୍ଷା କରିବା ପାଇଁ ଆମ ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଫଳରେ ସମସ୍ତେ ଘରେ ହିଁ ରହୁଛନ୍ତି। ଅତି ଆବଶ୍ୟକ ପଡିଲେ ବାହାରକୁ ବାହାରୁଛନ୍ତି। ଆଉ ସେଥିରୁ ବଲିଉଡ୍ କଳାକାର ବାଦ୍ ପଡିବେ ବା କିପରି ? ତେବେ ଏହି ଲିଜର ସମୟରେ କରୀନା କ'ଣ କରୁଛନ୍ତି। ଘରେ ପରିବାର ସହ ଟାଇମ ପାସ କରୁଛନ୍ତି। ତା' ସହ ପୁଅ ତୈମୁରକୁ ଅଧିକ ସମୟ ଦେଉଛନ୍ତି। ଏହା ଭିତରେ ତାଙ୍କର ଆଉ ଏକ ଅଭ୍ୟାସକୁ ସେ ଭୁଲି ନାହାନ୍ତି। ଘରେ ଥିଲେ ସେ ନିଜକୁ କିଛି ସମୟ ଗାର୍ଡେନିଂରେ ନିୟୋଜିତ ରଖିଥାଆନ୍ତି। ତେଣୁ ସେ ଲଗାଇଥିବା ଫୁଲଗଛର ଯତ୍ନ ନେଉଛନ୍ତି। ଅନ୍ୟପକ୍ଷରେ ଶୁଟିଂ ସମୟରେ ନିଜର ଫଟୋଗୁଡ଼ିକୁ ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି।

# ବୋନିଙ୍କୁ ରାଖୀ ବାନ୍ଧୁଥିଲେ ଶ୍ରୀଦେବୀ



ବୋନି କପୁର ଏବଂ ଶ୍ରୀଦେବୀଙ୍କ ପ୍ରେମ କାହାଣୀକୁ ନେଇ ସେତେବେଳେ ଅନେକ ଚର୍ଚ୍ଚା ହୋଇଥିଲା। ଶେଷରେ ପତ୍ନୀ ମୋନାଙ୍କୁ ଛାଡ଼ପତ୍ର ଦେଇ ଶ୍ରୀଦେବୀଙ୍କୁ ବିବାହ କରିଥିଲେ ବୋନି। ହେଲେ ବିବାହ ପୂର୍ବରୁ ଏକ ରୋଚକ କଥା ଏବେ ଜଣାପଡିଛି। ବୋନିଙ୍କ ପତ୍ନୀ ସାଜିବା ପୂର୍ବରୁ ଶ୍ରୀଦେବୀ ତାଙ୍କ ଘରକୁ ଆସୁଥିଲେ। କାହିଁକି ଜାଣନ୍ତି ? ରାଖୀ ବାନ୍ଧିବାକୁ। ଏହି ପ୍ରକ୍ରିୟା କିଛି ବର୍ଷ ଚାଲିବା ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ଆଉ ଶେଷରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସୂଚନାଯୋଗ୍ୟ ପରଲୋକଗତା ଶ୍ରୀଦେବୀଙ୍କ ଝିଅ ଜାହ୍ନବୀ 'ଧଡକ୍' ଚଳଚ୍ଚିତ୍ରରୁ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିସାରିଛନ୍ତି।

# ସଙ୍ଗୀତ ମାୟାରେ ଲୋକନାଥ



ସଙ୍ଗୀତ ମନରେ ଭରିଦିଏ ଆନନ୍ଦ। ଭାରାକ୍ରାନ୍ତ ମନକୁ ହାଲକା କରିବାକୁ ଅନେକ ମନ ପସନ୍ଦର ଗୀତ ଶୁଣିଥାଆନ୍ତି। ପୁଣି ଗୀତ ଗାଇବାର ମଜା ନିଆରା। ବର୍ତ୍ତମାନ କରୋନା ପାଇଁ ଘରେ ରହିବାକୁ ପଡୁଛି। ତେଣୁ ଏହି ସମୟରେ ପ୍ରଯୋଜକ ଲୋକନାଥ ଦାଶ କ'ଣ କରୁଛନ୍ତି ? ପରିବାର ସହ ତ ସମୟ କଟୁଛି। ହେଲେ ଘରେ ରହି ସଙ୍ଗୀତ ଅଭ୍ୟାସ ଜାରି ରଖିଛନ୍ତି। ଗୋଟିଏ ପଟେ ଚଳଚ୍ଚିତ୍ର ପ୍ରଯୋଜନା ଏବଂ ଅନ୍ୟପଟରେ ସଙ୍ଗୀତ–ଏପରି ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ଆଗେଇ ନେଉଛନ୍ତି ଟୁଇ-ଇନ୍-ୱାନ୍ ଲୋକନାଥ। ଏ ସମ୍ପର୍କରେ ସେ କହନ୍ତି, "ସଙ୍ଗୀତ ପ୍ରତି ମୋର ପିଲାଟି ଦିନରୁ ରୁଚି ଥିଲା। ଧୀରେ ଧୀରେ ଏହା ମୋର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ମୋ ବଡ ଭଉଣୀ ହରପ୍ରିୟା ଦାଶ ମଧ୍ୟ ଆକାଶବାଣୀରେ ଗୀତ ଗାଉଥିଲେ, ଯାହାକୁ ଶୁଣି ଶୁଣି ଜଣେ ଗାୟକ ହେବାର ଆଶା ମୋର ଦ୍ୱିଗୁଣିତ ହୋଇଥିଲା। ସତ କଥା କହିବାକୁ ଗଲେ ପୁରୁଣା ଗୀତର ଚାର୍ମ ଅଲଗା। ସେହି ଗୀତଗୁଡିକ ଗାଇଲେ ମନରେ ଶିହରଣ ଖେଳିଯାଏ। ସେଥିପାଇଁ ବିଶିଷ୍ଟ ଗାୟକ ମୁକେଶ, ମହମ୍ମଦ ରଫି, କିଶୋର କୁମାର, ମାନ୍ନା ଦେ, ଶୈଳେନ୍ଦ୍ର ସିଂଙ୍କ ବ୍ୟତୀତ ମହମ୍ମଦ ଅଜିଜ, ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କରଙ୍କ ଗୀତ ମୋତେ କେତେ ପ୍ରଭାବିତ କରିଛି ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ। ବିଶେଷଭାବରେ ଓଡ଼ିଆ ଗୀତ 'ଏ ବନର ଛାଇ' ଏବଂ 'ହୃଦୟର ଏଇ ଶୂନ୍ୟତାକୁ' ଗାଇଲେ ମୋତେ ବେଶ୍ ଆତ୍ମତୃପ୍ତି ମିଳିଥାଏ। ଏବେ ତ ଲକ୍‌ଡାଉନ ଚାଲିଛି। ତେଣୁ ଘରେ ବସି ଅନ୍ୟ କାମ ସହ ଗୀତ ପ୍ରାକ୍ଟିସ ମଧ୍ୟ ଜାରି ରଖିଛି।" ସୂଚନାଯୋଗ୍ୟ କିଛି ବର୍ଷ ପୂର୍ବେ ରିଲିଜ ହୋଇଥିବା ଓଡ଼ିଆ ସିନେମା 'କିଡନାପ୍'ର ପ୍ରଯୋଜନା କରିଥିଲେ ଲୋକନାଥ, ଯେଉଁ ସିନେମାରୁ ନାୟିକା ଭାବରେ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ କୁନମୁନ୍ ମହାପାତ୍ର।

# କ'ଣ କରୁଛନ୍ତି ଆହାନା


ଆହାନା

ଓଡ଼ିଆ ସିନେମା 'ଭୈରବ'ରୁ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ତା'ପରେ ମ୍ୟୁଜିକାଲ ହିଟ୍ 'ବ୍ଲାକ୍ ମେଲ୍'ର ଅନ୍ୟତମ ନାୟିକା ଭାବରେ ସେ ଅଭିନୟ କରି ସାଉଁଟିଥିଲେ ଅନେକ ସଫଳତା। ପ୍ରାରମ୍ଭରୁ ନବାଗତା ଭାବରେ ଦର୍ଶକଙ୍କୁ ପ୍ରଭାବିତ କରିପାରିଥିବା ଏହି ନାୟିକା ଜଣକ ହେଲେ ଆହାନା। ଏବେ ତ ମହାମାରୀ କରୋନା ପାଇଁ ସମଗ୍ର ଦେଶରେ ଲକ୍ ଡାଉନ୍ ଘୋଷଣା କରାଯାଇଛି। ଯେହେତୁ ଶୁଟିଂ ନାହିଁ ତେଣୁ ସମସ୍ତ କଳାକାର ଏବଂ ସିନେମା ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଘରେ ହିଁ ସମୟ କାଟୁଛନ୍ତି। ତେବେ ଏହି ସମୟରେ ଆହାନା କ'ଣ କରୁଛନ୍ତି ? ଏହି ପ୍ରଶ୍ନର ଉତ୍ତରରେ ସେ କହନ୍ତି, 'ଏବେ ମୁଁ ଗାଁକୁ ଆସିଛି। ଲକ ଡାଉନ୍ ପାଇଁ ଘରେ ହିଁ ରହୁଛି। ଏତେ ଦିନେ ପରିବାର ସହ ପର୍ଯ୍ୟାପ୍ତ ସମୟ କଟାଇବାକୁ ସୁଯୋଗ ମିଳିଛି। ହେଲେ ନିଜକୁ ଫିଟ୍ ରଖିବାକୁ ମୁଁ ଭୁଲି ଯାଇନାହିଁ। ସେଥିପାଇଁ ପ୍ରତିଦିନ ସକାଳେ ଘରେ ଲାଇଟ୍ ଏକ୍ସରସାଇଜ ସହ ଯୋଗ କରୁଛି। ସକାଳୁ ବ୍ରେକଫାଷ୍ଟ ପରେ ଘର କାମରେ ମନ ଦେଉଛି। ମା'ଙ୍କୁ ରୋଷେଇରେ ସାହାଯ୍ୟ କରୁଛି। ତା' ସହ ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତ ମଧ୍ୟ କରୁଛି। ବାହାରକୁ ତ ଯାଇହେଉନାହିଁ। ତେଣୁ ଘରେ ପିଲାଙ୍କ ସହ ଇଣ୍ଡୋର ଗେମ୍ ଖେଳୁଛି। ଗୋଟିଏ କଥା ଆମେ ସରକାରଙ୍କ ଦ୍ୱାରା ଘୋଷିତ ନିୟମକୁ ମାନିବା ନିହାତି ଦରକାର। ବାହାରକୁ ଗଲେ ନିଶ୍ଚୟ ମାସ୍କ ଏବଂ ଗ୍ଲୋଭସ ପିନ୍ଧନ୍ତୁ। ତା' ସହ ସୋସିଆଲ ଡିଷ୍ଟାନ୍ସ ମେଣ୍ଟେନ୍ କରନ୍ତୁ। ଲକ୍‌ଡାଉନ୍ ଆମ ପାଇଁ। ତେଣୁ ସମସ୍ତେ ଘରେ ରହିବା ସହ ପରିବାର ସହ ସମୟ କାଟନ୍ତୁ।' ଆହାନାଙ୍କ ଅଭିନୀତ ଆଉ ଏକ ଓଡ଼ିଆ ସିନେମା 'ଜଙ୍ଗଲ' ଚଳିତବର୍ଷ ହୋଲିରେ ରିଲିଜ ହୋଇଥାଆନ୍ତା, ହେଲେ କରୋନା ପାଇଁ ତାହା ସ୍ଥଗିତ ରହିଛି।

# ୨୯ ବର୍ଷ ବୟସରେ...


ଅନୁପମ

ଅଭିନୟରେ ଅନୁପମ ଖେର କେତେ ଦକ୍ଷ ତାହା କହିବା ବାହୁଲ୍ୟ। ଭୂମିକାଟି ଯେମିତି ହୋଇଥାଉ ନା କାହିଁକି ତାକୁ ନେଇ ଆଣି ଥୋଇବାରେ ସେ ବେଶ୍ ପାରଙ୍ଗମ। ଥରେ ମନେପକାନ୍ତୁ ନା ସୁପରହିଟ୍ ଫିଲ୍ମ 'ସାରାଂସ'କୁ। ଏଥିରେ ଅନୁପମ ଜଣେ ୬୦ବର୍ଷ ବୟସ୍କ ବୁଢ଼ା ଭୂମିକାରେ ଅଭିନୟ କରିଥିଲେ। ହେଲେ ସେତେବେଳେ ତାଙ୍କୁ କେତେ ବୟସ ହୋଇଥିଲା ଜାଣନ୍ତି ? ମାତ୍ର ୨୯ବର୍ଷ। ଅର୍ଥାତ୍, ଯୁବକ ଅବସ୍ଥାରେ ସେ ଏହି ରୋଲ୍‌ଟିକୁ ଏପରି ତୁଲାଇଥିଲେ ଯେ ତାହା ଏ ପର୍ଯ୍ୟନ୍ତ ଅନେକଙ୍କ ମନରେ ସତେଜ ହୋଇ ରହିଛି। ଏହାର ନିର୍ଦ୍ଦେଶକ ମହେଶ ଭଟ୍ଟ ପ୍ରଥମେ ଉକ୍ତ ଭୂମିକା ପାଇଁ ଅନୁପମଙ୍କୁ ଚୟନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କୁ କାଷ୍ଟିଂରୁ ବାଦ୍ ଦିଆଯାଇଥିଲା। ହେଲେ ଠିକ୍ ସମୟରେ ନିଜ ଭୁଲ୍‌କୁ ବୁଝିପାରିବା ସହ ମହେଶ ପୁଣି ଥରେ ତାଙ୍କୁ ଯୋଗାଯୋଗ କରିଥିଲେ ଏବଂ ଅନୁପମ ପୂର୍ବ କଥାକୁ ଭୁଲି ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। 'ସାରାଂସ' ଚଳଚ୍ଚିତ୍ର ପାଇଁ ସେ ଶ୍ରେଷ୍ଠ ଅଭିନେତା ଭାବରେ ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ।

# ଅତୀତରୁ..

- ନିତାଇପାଲିତଙ୍କପ୍ରଯୋଜନାରେପ୍ରସ୍ତୁତହୋଇଥିଲାଓଡ଼ିଆଚଳଚ୍ଚିତ୍ର 'ଅନୁରାଗ'। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଭୁବନ-ହରି। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ମାଳବିକା ରାୟ, ବୀରେନ୍ ରାଉତରାୟ, ନରି ଏବଂ ଜୟୀରାମ ସାମଲ।
- ଓଡ଼ିଆ ଚଳଚ୍ଚିତ୍ର 'ବାଟ ଅବାଟ'ର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା। ଚିତ୍ରର ମେଲ୍ ଲିଡ୍‌ରେ ଅଜିତ ଦାସ ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଥିଲେ ମହାଶ୍ୱେତା ରାୟ।
- ଇଚ୍ଛା ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା 'ତ୍ରିନାଥ ମେଳା', ଯାହାର ପ୍ରଯୋଜନା ସହ ନିର୍ଦ୍ଦେଶନା ଦେଇଥିଲେ କୃଷ୍ଣଚନ୍ଦ୍ର ରଥ। ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ରାଖାଲ ମହାନ୍ତି। ରବୀନ୍ଦ୍ର ରଥ, ଶୁଭ୍ରା ପତି, ନିର୍ମଳ ମହାପାତ୍ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।
- ଓଡ଼ିଆ ଚଳଚ୍ଚିତ୍ର 'ଅଗ୍ନି ପରୀକ୍ଷା'ର ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ଶ୍ରୀରାମ ପଣ୍ଡା। ଏହି ସିନେମାରେ ମହାଶ୍ୱେତା ରାୟ ଏବଂ ପ୍ରସନ୍ନ ମିଶ୍ର ମଧ୍ୟ ଅଭିନୟ କରିଥିଲେ।
- ଶ୍ରୀ ଶ୍ରୀ ଆଖଣ୍ଡଳମଣି ଫିଲ୍ମସ, ବାଲେଶ୍ୱର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଦେବଜାନୀ'। ଏହାର ନିର୍ଦ୍ଦେଶନା ଦେଇଥିଲେ ବ୍ୟୋମକେଶ ତ୍ରିପାଠୀ। ଗୀତଗୁଡ଼ିକୁ ସ୍ୱର ସଂଯୋଜନା କରିଥିଲେ ପ୍ରଫୁଲ୍ଲ କର। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଅଜିତ ଦାସ, ଚକ୍ରପାଣି, ଶ୍ରାବଣୀ ରାୟ, ରାମ ପ୍ରତିହାରୀ ପ୍ରମୁଖ କଳାକାର।

# ବଲିଉଡ୍ ହାଲଚାଲ

- କରନ୍ ଜୋହରଙ୍କ ପ୍ରଯୋଜନାରେ ନିର୍ମିତ 'ବ୍ରହ୍ମାସ୍ତ୍ର' ପାଞ୍ଚଟି ଭାଷା-ହିନ୍ଦୀ, ତାମିଲ, କନ୍ନଡ, ମାଲାୟାଲମ, ତେଲୁଗୁରେ ରିଲିଜ ହେବ। ଆର୍ଯ୍ୟନ ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ଚିତ୍ରର ବିଭିନ୍ନ ଭୂମିକାରେ ଅମିତାଭ ବଚ୍ଚନ, ରଣବୀର କପୁର, ଆଲିୟା ଭଟ୍ଟ, ନାଗାର୍ଜୁନ ଏବଂ ମୌନି ରୟ ଅଭିନୟ କରିଛନ୍ତି।
- ଖୁବ୍‌ଶୀଘ୍ର ଦୀପିକା ପାଦୁକୋନ୍‌ଙ୍କ ସହ ଅନନ୍ୟା ପାଣ୍ଡେ ଏକାଠି ଅଭିନୟ କରିବେ। ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ଏହାର ନିର୍ଦ୍ଦେଶନା ଦେବେ ଶକୁନ୍ ବାତ୍ରା।
- ନିକଟରେ ଆମୀର ଖାଁ 'ଦ ଟ୍ୱିଷ୍ଟ' ନାମକ କ୍ଷୁଦ୍ର ଚଳଚ୍ଚିତ୍ରକୁ ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି, ଯାହା ବେଶ୍ ଭାଇରାଲ ହୋଇଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ରିତଭିକ ସାହୋରେ। ଏହାପୂର୍ବରୁ ଆମୀର ଅଭିନୀତ 'ଦଙ୍ଗଲ'ରେ ସେ ଆକ୍ଟିଂ କରିଥିଲେ। ୧୩ ମିନିଟ୍ ବିଶିଷ୍ଟ ଏହି ଚଳଚ୍ଚିତ୍ରଟି ଚଳିତବର୍ଷ ଏପ୍ରିଲ ୨୮ରେ ଡିଜିଟାଲ ରିଲିଜ ହୋଇଛି। ଇତି ମଧ୍ୟରେ ଏହାକୁ ୧.୬ ମିଲିୟନ ଦର୍ଶକ ଦେଖିସାରିଛନ୍ତି।
- ରଣବୀର ସିଂ ଅଭିନୀତ '୮୩' ଚଳିତବର୍ଷ ଜୁନ୍ ୨୫ରେ ରିଲିଜ କରାଇବାକୁ ପ୍ରଯୋଜନା ସଂସ୍ଥା ଯୋଜନା କରୁଛି। କାରଣ ଏହି ଦିନ ଭାରତ ପ୍ରଥମ ଥର ପାଇଁ ବିଶ୍ୱକପ କ୍ରିକେଟ ଚାମ୍ପିୟନ ହୋଇଥିଲା। ଏପରି ଗୌରବ ଆଣିଥିଲେ ବିଶିଷ୍ଟ ଅଲରାଉଣ୍ଡର ତଥା ସେତେବେଳେ ଭାରତୀୟ ଦଳର କ୍ୟାପଟେନ ସାଜିଥିବା କପିଳ ଦେବ। ତାଙ୍କର ଜୀବନୀକୁ ନେଇ ପ୍ରସ୍ତୁତ ତଥା ରୋହିତ ସେଟ୍ଟିଙ୍କ ନିର୍ଦ୍ଦେଶନାରେ ଏହାର ଲିଡ୍ ରୋଲ୍‌ରେ ରଣବୀର ଏବଂ ଦୀପିକା ପାଦୁକୋନ୍‌ଙ୍କୁ ଦେଖିବାକୁ ମିଳିବ।


ରଣବୀର

## ୧୦ଜଣଙ୍କ ନମୁନା ରିପୋର୍ଟ ନେଗେଟିଭ୍

ଚୌଦ୍ୱାର,୬।୫(ଡି.ଏନ.ଏ.): ଚୌଦ୍ୱାର ପୌରାଞ୍ଚଳରୁ ମଙ୍ଗଳବାର ୧୦ଜଣଙ୍କ ନମୁନା ଟେଷ୍ଟ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ବୁଧବାର ସମସ୍ତ ପରୀକ୍ଷଣ ନମୁନା ନେଗେଟିଭ୍ ଥିବା ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା କହିଛନ୍ତି। ଗତ ୨୭ତାରିଖରେ ନାଗପୁର ଅଞ୍ଚଳରୁ ଟ୍ରଲର ଯୋଗେ ଏକ ଜେସିବି ମେସିନ ଅନଲୋଡିଂ ପାଇଁ ଚାରିଘରିଆକୁ ଆସିଥିଲା। ସେଠାରେ ଟ୍ରଲର ଡ୍ରାଇଭର ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ସେ ନାଗପୁର ଫେରିଯାଇଥିଲେ। ସେ କରୋନାରେ ଆକ୍ରାନ୍ତ ହେବାରୁ ତାଙ୍କ ଟ୍ରାଭେଲ ହିଷ୍ଟ୍ରି ଖୋଜିବାରୁ ଚୌଦ୍ୱାର ଲିଙ୍କ ଥିବା ଜଣାପଡିଥିଲା।



**ସଂକ୍ଷେପରେ**

### ଝିଅକୁ ହରାଇଥିବା ହୋମ୍‌ଗାର୍ଡ ଗୌରୀଙ୍କୁ ସହାୟତା

**ପିପିଲି, ୬।୫(ଡି.ଏନ.ଏ/ସ୍ୱ.ପ୍ର.):** ପିପିଲି ଥାନାର ହୋମ୍‌ଗାର୍ଡ ଗୌରୀ ବେହେରା କରୋନା ବିରୋଧୀ ଲଢେଇ ଲଢୁଥିବା ବେଳେ ତାଙ୍କର କର୍କଟ ପୀଡ଼ିତା ୧୩ ବର୍ଷୀୟା ଝିଅ ସବୁଦିନ ପାଇଁ ଆଖି ବୁଜି ଦେଇଥିଲା। ଝିଅର ଚିକିତ୍ସା ପାଇଁ ଗୌରୀ ନିଜର ସମସ୍ତ ସଞ୍ଚିତ ଅର୍ଥ ଖର୍ଚ୍ଚ କରିଦେଇଥିଲେ। ତେବେ ତାଙ୍କ ମନୋବଳ ଦୃଢ ଥିଲା। ଏଥିଲାଗି ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ମହଲରେ ପ୍ରସଂଶା କରାଯାଇଥିଲା। ଝିଅର ଶୁଦ୍ଧିକ୍ରିୟା ପାଇଁ ପୁରୀ ଜିଲା ପୋଲିସ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ପିପିଲି ବ୍ଲକ ଅଞ୍ଚଳ ଓ ପୋଲିସର ବିଭିନ୍ନ ବିଭାଗରେ ଚାକିରି କରିଥିବା ସାମରିକ ଏବଂ ଅର୍ଦ୍ଧସାମରିକ ବ୍ୟକ୍ତିମାନେ ଏକଜୁଟ ହୋଇ ପୋଲିସ ସର୍ଭିସ୍ ଗ୍ରୁପ୍ ଗଠନ କରି ସଂଗୃହୀତ ୨୦ହଜାର ଟଙ୍କା ଗୌରୀଙ୍କୁ ଦାନ କରିଛନ୍ତି।

### ଚାଷୀଙ୍କୁ ସୁଧମୁକ୍ତ ଋଣ ଦେବାକୁ ଦାବି

**କଟକ ଅଫିସ,୬।୫:** କରୋନା ପାଇଁ ଦେଶରେ ଲକ୍‌ଡାଉନ୍ ଜାରି ରହିଛି। ଏହା ଦ୍ୱାରା ଚାଷୀ ଓ ଶ୍ରମିକମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ସେମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ ଦାବି କରିଛି। ବୁଧବାର ଏ ନେଇ ସରକାରଙ୍କ ଉଦ୍ଦେଶ୍ୟରେ ୧୨ଦଫା ସମ୍ବଳିତ ଦାବିପତ୍ର କଟକ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ହୋଇଛି ଯେ, ଲକ୍‌ଡାଉନ୍ ଯୋଗୁ ଚାଷ କାର୍ଯ୍ୟ ପ୍ରାୟ ବନ୍ଦ ରହିଛି। ଅମଳ ପନିପରିବା ବିକ୍ରି ହୋଇପାରୁ ନାହିଁ। କ୍ଷେତରେ ଶସ୍ୟ ଉଜୁଡ଼ିଯାଉଛି। ଗରିବ ଚାଷୀ ମୂଲିଆଙ୍କ ଆର୍ଥିକ ଅବସ୍ଥା କ୍ରମାଗତ ଭାବେ ଦୁର୍ବିସହ ହୋଇପଡୁଛି। ମଣ୍ଡିରେ ଚାଷୀ ଧାନ ଦେଇପାରୁ ନାହାଁନ୍ତି। ତେଣୁ ଚାଷୀଙ୍କୁ ବ୍ୟାଙ୍କ ଋଣ ସମ୍ପୂର୍ଣ୍ଣ ଛାଡ କରିବା, ସୁଧମୁକ୍ତ ଋଣ ଦେବା, ଚାଷ କାମ ପାଇଁ ବିନା ମୂଲ୍ୟରେ ସାର, ଉପକରଣ ଆଦି ଯୋଗାଇବା, ଚାଷୀଙ୍କଠୁ ଶସ୍ୟ ଖରିଦ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଦେବା, କ୍ଷତିଗ୍ରସ୍ତ ପରିବା ଚାଷୀଙ୍କୁ ଏକର ପିଛା ୨୦ହଜାର ଟଙ୍କା ପ୍ରଦାନ ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଙ୍ଗଠନର କଟକ ଜିଲା ଇନଚାର୍ଜ ବସନ୍ତ ନାୟକ, ଖଗେଶ୍ୱର ସେଠୀ, ରାଜ କିଶୋର ମଲ୍ଲିକ, ଅଶୋକ ବେହେରା, ବିରେନ ପାଇତାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଅଗ୍ନିଶମ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ଜଟଣୀ,୬।୫(ଡି.ଏନ.ଏ.):** କରୋନା ଭୂତାଣୁ ମୁକାବିଲାରେ ଅନ୍ୟତମ ଯୋଦ୍ଧା କୁହାଯାଉଥିବା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଜଟଣୀ ନଗର କଂଗ୍ରେସ ପକ୍ଷରୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ, ତାଙ୍କ ପୁତ୍ର କ୍ୟାପ୍‌ଟେନ୍ ମନ୍ମଥ ରାଉତରାୟ, ଜିଲା କଂଗ୍ରେସ ଓବିସି ସେଲ୍ ସଭାପତି କଳିଙ୍ଗ ସାହୁ ଓ ଅନ୍ୟଦଳୀୟ କର୍ମୀଙ୍କ ଉପସ୍ଥିତିରେ ଏହି କର୍ମଚାରୀଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦିଆଯାଇ ଉତ୍ସାହିତ କରାଯାଇଥିଲା। ଏଥିସହ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇ ସଚେତନ କରାଯାଇଥିଲା।

### ସାହିବସ୍ତିରେ ମାସ୍କ, ସାନିଟାଇଜର ବଣ୍ଟନ

**କଟକ ଅଫିସ, ୬।୫:** ଦି' ଲ କଲେଜ ପୁରାତନ ଛାତ୍ରସଂଘ ପକ୍ଷରୁ କଟକ ସହରର ବିଭିନ୍ନ ସାହିବସ୍ତିରେ ମାସ୍କ ଓ ସାନିଟାଇଜର ବଣ୍ଟାଯାଇଛି। ଏଥିସହ ହାତ ଧୋଇବା, ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ଅବଲମ୍ବନ ପାଇଁ ସଚେତନ କରାଯାଇଛି। ଛାତ୍ର ସଂଘ ସଭାପତି ଆଇନଜୀବୀ ଡ. ଟହଲି ଚରଣ ମହାନ୍ତି, ମୁଖ୍ୟ ଉପଦେଷ୍ଟା ଗୌରାଙ୍ଗ ଚରଣ ଭୂୟାଁ, ଉପସଭାପତି ଆଇନଜୀବୀ ସୁବାସ ଚନ୍ଦ୍ର ମହାନ୍ତି, ସୁମନ୍ତ କୁମାର ରାୟ, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧ୍ୟକ୍ଷ ଚିନ୍ମୟ ମହାପାତ୍ର, ଆଇନଜୀବୀ ଗୌତମ ମୁଖାର୍ଜୀ, କାଳୀପ୍ରସନ୍ନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ,୬।୫:** ଚାନ୍ଦିନୀଚୌକ ଦରଜିସାହିର କଟକ ମହାନଗର ନିଗମ (ସିଏମ୍‌ସି) ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସାହି ମୁରବି ସଞ୍ଜୀବ ମହାରଣାଙ୍କ ତତ୍ତ୍ୱାବଧାନରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଏଭଳି ପରିସ୍ଥିତିରେ ସେମାନେ ନିଜ ଦାୟିତ୍ୱ ପ୍ରତି ସଚେତନ ଥିବାରୁ ପ୍ରଶଂସା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସାହିର ରବିନ୍ଦ୍ର ସ୍ୱାଇଁ, ବୈଦନାଥ ମହାରଣା, ଶ୍ରୀକାନ୍ତ ଦାସ, ସୁରେନ୍ଦ୍ର ମହାରଣା, ଲିଟିଲ ମହାରଣା, ଆଇନଜୀବୀ ତାପସ କୁମାର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ଛତ୍ରଛାୟା ତଳେ ଚୋରା ମଦ ବେପାର

**ଖୋର୍ଦ୍ଧା ଅଫିସ,୬।୫**

ମହାମାରୀ କରୋନା (କୋଭିଡ-୧୯)କୁ ପ୍ରତିହତ କରିବା ଲାଗି ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଛି। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହୁଥିବା ବେଳେ ମଦ ଦୋକାନ ବନ୍ଦ ଲାଗି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ଖୋର୍ଦ୍ଧାରେ ଚୋରା ମଦ ଓ ଗଞ୍ଜେଇ ବେପାର ବଢ଼ି ଚାଲିଛି। ଅବକାରୀ ଓ ପୋଲିସର ଛତ୍ରଛାୟା ତଳେ ଏହି ବେପାର ଚାଲିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ସୂଚନାଥାଉ କି, ଲକ୍‌ଡାଉନ ଜାରି ରହିଥିବା ବେଳେ ଗତ ଏପ୍ରିଲ ୨୪ ତାରିଖରେ କୌଣସି ସୂତ୍ରରୁ ଖବରପାଇ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ଟିମ୍ ସହ ଟାଉନ(ଆଦର୍ଶ) ଥାନା ଅନ୍ତର୍ଗତ ପଲ୍ଲା ତୋଟାପଡା ସ୍ଥିତ ଏକ ବନ୍ଦ କୋଠରୀର ତାଲା ଭାଙ୍ଗି ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୩୧ଶହ ପେଟି ବିଦେଶୀ ମଦ ଜବତ କରିଥିଲେ। ସେହିପରି ଗତ ଫେବୃୟାରୀ ୬ ତାରିଖରେ ଅବକାରୀ ପୋଲିସ ଖୋର୍ଦ୍ଧା ଉପକଣ୍ଠ ମୁକୁନ୍ଦପ୍ରସାଦ ଅଞ୍ଚଳରୁ ୮ଲକ୍ଷ ଟଙ୍କା ମୂଲ୍ୟର ୧୬୦କେଜି ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଥିଲେ। ମାର୍ଚ୍ଚ ୧୯ରେ ତୋଟାପଡା ଛକ ନିକଟରୁ ଅବକାରୀ ଗୁଇନ୍ଦା ବିଭାଗର ଏକ ସ୍ୱତନ୍ତ୍ର ଟିମ ଚଢ଼ାଉ କରି ଜଣକୁ ଗିରଫ କରିବା ସହ ତାଙ୍କ ଠାରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୨୩କେଜି ଗଞ୍ଜେଇ ବସ୍ତା ଜବତ କରିଥିଲେ। ଖୋର୍ଦ୍ଧା ଅବକାରୀ ଏପ୍ରିଲ୨୪ ରେ ବେଗୁନିଆ ବ୍ଲକ ରାସୋଲ ଗ୍ରାମରେ ଚାଲିଥିବା ଏକ ନକଲି ମଦ ଦୋକାନକୁ ଠାବ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଥିବା ବେଳେ ତାଙ୍କ ଠାରୁ ଏକ କାର ଏବଂ ୧୭ଲକ୍ଷ ୬୦ହଜାର ଟଙ୍କା ଏବଂ କାର ଜବତ ହୋଇଥିଲା। ଗତ ମଙ୍ଗଳବାର ବୋଲଗଡ ଥାନା ଅସରଳା ଗ୍ରାମରେ ଅବକାରୀ ବିଭାଗ ଚଢ଼ାଉ କରି ୭୫କେଜି ଗଞ୍ଜେଇ ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୨ଲକ୍ଷ ୬୦ହଜାର ଟଙ୍କା ଓ ଏକ କାର ଜବତ କରାଯାଇଛି। ମାର୍ଚ୍ଚ ୨୩ରୁ ଏ ପର୍ଯ୍ୟନ୍ତ ଖୋର୍ଦ୍ଧା ପୋଲିସ ପକ୍ଷରୁ ଏ ନେଇ ୪୧ଟି ମାମଲା ରୁଜୁ ହୋଇଥିବା ବେଳେ ବିପୁଳ ପରିମାଣର ମଦ ଜବତ କରାଯାଇଛି। ଏ ସମ୍ପର୍କରେ ଏସ୍‌ପି ସ୍ୱାଇଁ କହିଛନ୍ତି, ଲକ୍‌ଡାଉନ ସମୟରେ ଜିଲାର ସମସ୍ତ ଥାନା ଅଞ୍ଚଳରେ ଚଢ଼ାଉ ଜାରି ରହିଛି। ଚୋରା ମଦ କାରବାର ଘଟଣାରେ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଛି। ରାତ୍ରି ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ଚୋରା ମଦ କାରବାରକୁ ପ୍ରୋତ୍ସାହନ ଦିଆଯିବ ନାହିଁ।



ନୃସିଂହ ଚତୁର୍ଦ୍ଦଶୀ ଅବସରରେ ବୁଧବାର ପୁରୀ ବାରବାଟୀ ଜାଗାରେ ନୃସିଂହ ଠାକୁରଙ୍କ ବେଶ।



ମଙ୍ଗଳା ନଦୀର ପ୍ରାକୃତିକ ମୁହାଣରେ ବାଲି ମାଡ଼ି ଯାଇଥିବାରୁ ମୁହାଣ ବନ୍ଦ ହୋଇଯାଇଛି।

# ବନ୍ଦ ହୋଇଯାଇଛି ମଙ୍ଗଳା ମୁହାଣ

**ପୁରୀ ଅଫିସ, ୬।୫**

ବନ୍ଦ ହୋଇଯାଇଛି ମଙ୍ଗଳା ମୁହାଣ। ମଙ୍ଗଳା ନଦୀ ଯେଉଁ ସ୍ଥାନରେ ସମୁଦ୍ରରେ ମିଶିଛି ସେଠାରେ ବାଲି ଜମିଯିବାରୁ ମୁହାଣ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇପଡ଼ିଛି। ଫଳରେ ମଙ୍ଗଳା ନଦୀର ପାଣି ସମୁଦ୍ରକୁ ଯାଇ ପାରୁନାହିଁ କିମ୍ବା ସମୁଦ୍ର ପାଣି ନଦୀକୁ ପଶୁନାହିଁ। ତେବେ ମୁହାଣ ବନ୍ଦ ହୋଇଯିବା କିଛି ନୂଆ କଥା ନୁହେଁ। ସମୁଦ୍ରର ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ପୁଣି ଜୁଆରରେ ବାଲି ହଟିଯାଇ ମୁହାଣ ଖୋଲିଯିବ ବୋଲି ସହରବାସୀ କହିଛନ୍ତି।

ହୋଟେଲ ଷ୍ଟର୍ଲିନ ପଛ ପାର୍ଶ୍ୱରେ ମଙ୍ଗଳା ନଦୀ ସମୁଦ୍ରରେ ମିଶିଛି। କିନ୍ତୁ ଅଧିକାଂଶ ସମୟରେ ମଙ୍ଗଳା ନଦୀର ପ୍ରାକୃତିକ ମୁହାଣ ଅବରୋଧ ହୋଇଥାଏ। ବାଲି ଜମିଯିବାରୁ ସମୁଦ୍ର ଓ ନଦୀର ଜଳରାଶି ଗତିପଥ ବଦଳାଇ ନୂଆ ମୁହାଣ ସୃଷ୍ଟି କରିଥାନ୍ତି। ଏହାଦ୍ୱାରା ସ୍ଥଳ ଭାଗ ପ୍ରତି ବିପଦ ସୃଷ୍ଟି ହୋଇଥାଏ। ଗତ କିଛିଦିନ ହେଲା ମଙ୍ଗଳା ନଦୀର ପ୍ରାକୃତିକ ମୁହାଣରେ ବାଲି ମାଡ଼ି ଯାଇଥିବାରୁ ଏହା ବନ୍ଦ ହୋଇଯାଇଛି। କିନ୍ତୁ କୌଣସି ନୂଆ ମୁହାଣ ହୋଇନାହିଁ। ସୂଚନାଥାଉ କି, ସହରର କୋଳାହଳମୟ ପରିବେଶଠାରୁ ବେଶ୍ ଦୂରରେ ଥିବା ମଙ୍ଗଳା ମୁହାଣ ପର୍ଯ୍ୟଟକଙ୍କ ଖାସ୍ ଆକର୍ଷଣ ସାଜିଥାଏ। ଶାନ୍ତ ଶୀତଳ ପରିବେଶ ସାଙ୍ଗକୁ ସବୁଜିମାଭରା ବୃକ୍ଷରାଜି ମଧ୍ୟରୁ ନଦୀ-ସମୁଦ୍ରର ମିଳନସ୍ଥଳକୁ ପର୍ଯ୍ୟଟକ ଉପଭୋଗ କରିଥାନ୍ତି। ହେଲେ ବର୍ତ୍ତମାନ ଲକ୍‌ଡାଉନ କଟକଣା ଯୋଗୁ ପୁରୀରେ ପର୍ଯ୍ୟଟକ ନ ଥିବାବେଳେ ମଙ୍ଗଳା ମୁହାଣ ଅଞ୍ଚଳ ବି ଶୂନଶାନ ରହିଛି।

## ଶିଶୁ, ଗର୍ଭବତୀ କରୋନା ରୋଗୀଙ୍କ ଯତ୍ନ ପାଇଁ ତାଲିମ

**କଟକ ଅଫିସ, ୬।୫**

ସଙ୍କଟାପନ୍ନ ସ୍ଥିତିରେ ଥିବା ରୋଗୀଙ୍କ ଜୀବନ ରକ୍ଷା ପାଇଁ ଏସ୍‌ସିବିରେ ସ୍ୱାସ୍ଥ୍ୟକର୍ମୀଙ୍କୁ କୋଭିଡ କ୍ରିଟିକାଲ କେୟାର ଟ୍ରେନିଂ ଦିଆଯାଉଛି। ଏହି କ୍ରମରେ ବୁଧବାର ପୂର୍ବାହ୍ନରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟର ସମସ୍ତ କୋଭିଡ ହସ୍ପିଟାଲର ଡାକ୍ତର ଓ ନର୍ସ ଯୋଗଦେଇଥିଲେ। ଏସ୍‌ସିବିର ସ୍ତ୍ରୀ ରୋଗ ବିଭାଗ ମୁଖ୍ୟ ପ୍ରଫେସର ଡା. ତୁଷାର କର, ଶିଶୁ ରୋଗ ବିଭାଗ ଡାକ୍ତର ମାନସ ପ୍ରଜ୍ଞା ଯୋଗଦେଇ ଏହି ଚିକିତ୍ସା ଓ ଯତ୍ନ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବୋଲି କାର୍ଯ୍ୟକ୍ରମର ମୁଖ୍ୟ ଅଧିକାରୀ ଡା. ଜୟନ୍ତ ପଣ୍ଡା କହିଛନ୍ତି।

## ବିଦ୍ୟୁତ୍, ପାଣି ବିଲ୍ ଛାଡ଼ ଦାବି କଲା କଂଗ୍ରେସ

**ପୁରୀ ଅଫିସ,୬।୫**

କରୋନା ଲକ୍‌ଡାଉନର ପ୍ରଭାବ ପ୍ରାୟ ସବୁବର୍ଗର ଲୋକଙ୍କ ଉପରେ ପଡ଼ିଛି। ତେଣୁ ଜନସାଧାରଣଙ୍କ ଉପରେ ଏବେ କୌଣସି ପ୍ରକାର ଆର୍ଥିକ ବୋଝ ନ ଲଦିବା ଲକ୍ଷ୍ୟରେ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛି ପୁରୀ ଜିଲା କଂଗ୍ରେସ। ବିନାୟକ ଦାସମହାପାତ୍ର, ବୀରେନ୍ଦ୍ର ଭୂଷଣ ହୋତା, ନିରଞ୍ଜନ ରଥ, ବିଦ୍ୟୁଲତା ଆଚାର୍ଯ୍ୟ ଏବଂ ଆଲୋକ କୁମାର ଦାଶ ପ୍ରମୁଖ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ମୁଖ୍ୟତଃ ୩ଟି ଦାବି ରହିଛି। ସେଗୁଡ଼ିକ ହେଲା ପୁରୀ ଗ୍ରୀନ୍ ଜୋନରେ ଥିବାରୁ ସମସ୍ତ ବ୍ୟବସାୟୀ ସଂସ୍ଥାଗୁଡ଼ିକୁ ଖୋଲିବା ଲାଗି ଅନୁମତି ଦିଆଯାଉ। କ୍ୟାବିନ କରି ବ୍ୟବସାୟ କରୁଥିବା ସବୁ ବ୍ୟବସାୟୀଙ୍କୁ ୫ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଉ, ସମସ୍ତ ବିପିଏଲ୍ ଏବଂ ଏପିଏଲ୍ ପରିବାରକୁ ଲକ୍‌ଡାଉନ ସମୟର ବିଦ୍ୟୁତ୍, ପାଣି ଦେୟ ଛାଡ କରାଯାଉ ବୋଲି ଦାବି କରାଯାଇଛି।

# କରୋନା ଯୁଦ୍ଧ ପାଇଁ ସବୁ ପାସୋରିଛନ୍ତି ଶ୍ରୀକାନ୍ତ

**କଟକ ଅଫିସ, ୬।୫**




ଶ୍ରୀକାନ୍ତ ଦଳେଇ

ବାହାଘରର ମାତ୍ର ଦିନ କେଇଟା ପରେ ଅଫିସ୍‌ରୁ ଫାୟାରମ୍ୟାନ୍ ଶ୍ରୀକାନ୍ତ ଦଳେଇଙ୍କୁ ଅବଗତ କରାଗଲା କରୋନା ମୁକାବିଲା ପାଇଁ ଶୀଘ୍ର ଆସି କାମରେ ଯୋଗ ଦିଅ। ଖବର ପାଇବା ମାତ୍ରେ ଶ୍ରୀକାନ୍ତ କର୍ମସ୍ଥଳୀ କଟକକୁ ବାହୁଡ଼ି ଆସିଲେ। କରୋନା ଲଢେଇରେ ନିଜକୁ ସାମିଲ କରିଥିବାରୁ ସେବେଠାରୁ ଆଉ ଗାଁ ମାଟି ମାଡ଼ି ପାରିନାହାନ୍ତି। ତେବେ ଘରୁ ଦୈନିକ ଫୋନ୍ ଆସୁଛି ଛୁଟି ନେଇ ଯିବାକୁ। ନବବିବାହିତା ସ୍ତ୍ରୀ ଆଉ ରୋଗିଣା ମା'ର ମୁହଁ ମନେ ପଡ଼ିଯାଉଛି। ତଥାପି ଶ୍ରୀକାନ୍ତ ବିଚଳିତ ନ ହୋଇ ନିରବଚ୍ଛିନ୍ନ ଭାବେ ନିଜ କର୍ତ୍ତବ୍ୟ ଜାରି ରଖିଛନ୍ତି। ମନରେ ଗୋଟିଏ କଥା 'ଯେମିତି ହେଲେ ବି କରୋନା ଯୁଦ୍ଧରେ ଜିତିବାକୁ ହେବ'। ସେଇଥି ପାଇଁ ତ ରାତି ପାହୁ ପାହୁ କାନ୍ଧରେ ବିଶୋଧନ ସିଞ୍ଚନ ମେଶିନ ଝୁଲାଇ ବାହାରି ପଡ଼ନ୍ତି ନିଜ କର୍ମକ୍ଷେତ୍ର ଏସ୍‌ସିବି ହସ୍ପିଟାଲ। ସକାଳରୁ ସଞ୍ଜ ଯାଏ ୱାର୍ଡରୁ ୱାର୍ଡ ବୁଲି ବିଶୋଧନ କରନ୍ତି। ସେଇଥିରୁ ଆତ୍ମସନ୍ତୋଷ ପାଉଥିବା ଶ୍ରୀକାନ୍ତ କହିଛନ୍ତି।

ଗତ ଫେବୃୟାରୀ ୨୮ତାରିଖରେ ୨୯ ବର୍ଷୀୟ ଶ୍ରୀକାନ୍ତଙ୍କର ବାହାଘର ହୋଇଥିଲା। ଏହାପରେ ଇଚ୍ଛା ଥିଲା ଘରେ ଜୀବନସାଥିଙ୍କ ସହ କିଛିଦିନ ମନଖୁସିରେ ବିତାଇବେ। ରୋଗିଣା ମା'ଙ୍କୁ ଡାକ୍ତର ଦେଖାଇ ଚିକିତ୍ସା କରାଇବେ। ହେଲେ ହଠାତ୍ ମାର୍ଚ୍ଚ ମାସରେ ସାରା ଦେଶରେ ଆରମ୍ଭ ହୋଇଗଲା ମହାମାରୀ କରୋନାର ତାଣ୍ଡବ। ଓଡ଼ିଶା ବି ଏଥିରୁ ବାଦ୍ ପଡ଼ିଲା ନାହିଁ। ଅଫିସରୁ ଡାକରା ପାଇ ତୁରନ୍ତ ଗାଁ ମାଟି ଗୋହୁହା ପାଟଣାରେ ସ୍ତ୍ରୀ ଓ ବୃଦ୍ଧା ମା'ଙ୍କୁ ଛାଡ଼ି ସେ କଟକ ଏସ୍‌ସିବିକୁ ଦୌଡ଼ି ଆସିଲେ। ଏଠାରେ ଅଗ୍ନିଶମ ବିଭାଗରେ ସେ ଫାୟାରମ୍ୟାନ୍ ଭାବେ କାମ କରନ୍ତି। ଏଠାକୁ ଆସିବା ପରଠୁ ସବୁକିଛି ପାଶୋରି ସେ ନିଜ କର୍ତ୍ତବ୍ୟରେ ଦିନରାତି ଲାଗିପଡ଼ିଛନ୍ତି। ସବୁ ଦିନେ ମା' ଓ ସ୍ତ୍ରୀ ପଚାରୁଛନ୍ତି ଘରକୁ ଫେରିବାର କଥା। କିନ୍ତୁ କରୋନା ଯୋଦ୍ଧା ଶ୍ରୀକାନ୍ତ କେବଳ କହୁଛନ୍ତି ପଦିଏ କଥା 'କାମ ସରି ନାହିଁ। କର୍ତ୍ତବ୍ୟ ଆଗ, ଆଉ ସବୁ ପଛ' ବୋଲି ଉଚିତ ମନେ କରୁଥିବା ଏପରି କରୋନା ଯୋଦ୍ଧାଙ୍କୁ ଲକ୍ଷେ ସଲାମ ବୋଲି ଶ୍ରୀକାନ୍ତଙ୍କ ବିଷୟରେ ଆଲୋଚନାବେଳେ କେତେଜଣ ହସ୍ପିଟାଲ କର୍ମଚାରୀ କହିଛନ୍ତି।

# ବନ୍ଧୁକ ଦେଖାଇ ଗର୍ଭପାତ କଲେ ପୋଲିସ ଅଧିକାରୀ

**ଭୁବନେଶ୍ୱର,୬।୫ (ବ୍ୟୁରୋ):** ଖାକି ବର୍ଦ୍ଦିରେ ପୁଣି ଲାଗିଲା କଳଙ୍କର ଦାଗ। ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ କରି ବ୍ଲାକ ମେଲିଂ କରିଛନ୍ତି ଜଣେ ପୋଲିସ ଅଧିକାରୀ। ଏଥିସହ ଉକ୍ତ ଯୁବତୀଙ୍କ ମୁଣ୍ଡରେ ସର୍ଭିସ ପିସ୍ତଲ ଲଗାଇ ତାଙ୍କ ଗର୍ଭପାତ କରାଯାଇଥିବା ଜଣାପଡିଛି। କେବଳ ସେତିକି ନୁହେଁ, ଉଭୟ ବିବାହ କରି ଏକାଠି ରହିବାର ସ୍ୱପ୍ନ ଦେଖାଇ କାର କିଣିବା ଆଳରେ ଯୁବତୀଙ୍କଠାରୁ ୫ ଲକ୍ଷ ଟଙ୍କା ଠକି ନେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏନେଇ ଯୁବତୀ ଜଣକ ଭୁବନେଶ୍ୱର ମହିଳା ଥାନାକୁ ଯାଇ ଅଭିଯୋଗ କରିବା ପରେ ଘଟଣାକୁ ଚପାଇ ଦେବାପାଇଁ ଉଦ୍ୟମ ଚାଲିଛି। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ଗତ ମାର୍ଚ୍ଚ ମାସରେ ଅଭିଯୁକ୍ତ ଅଧିକାରୀ ଓ ଯୁବତୀଙ୍କ ମଧ୍ୟରେ ବିବାଦ ପରେ ମନମାଳିନ୍ୟ ହେବାରୁ ଅଭିଯୋଗକାରିଣୀ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ଉଭୟ ପକ୍ଷ ପରିବାର ବର୍ଗଙ୍କ ଆପୋସ ବୁଝାମଣା ହୋଇଥିଲା। ୧୫ ଦିନ ଭିତରେ ବିବାହ ହେବା ସହ ବିବାହ ପରେ ସେମାନେ ଆସି ମହିଳା ଥାନାରେ ଦେଖା କରିବେ ବୋଲି ସର୍ତ୍ତ ରହିଥିଲା। ଏଥିରେ ଉଭୟ ପକ୍ଷରୁ କେହି କେହି ଖିଲାପ କଲେ ଦଣ୍ଡ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ ଚେତାଇ ଦେଇଥିଲା। ଏବେ ଏହି ବୁଝାମଣାକୁ ସମ୍ପୃକ୍ତ ଅଭିଯୁକ୍ତ ଅଧିକାରୀ ବେଖାତିର କରି ଧୋକା ଦେଇ ଫେରାର ହୋଇଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରୁଛି କହି ମାମଲାକୁ ଚପାଇ ଦେବାପାଇଁ ବିଭିନ୍ନ ଦିଗରୁ ଯୁବତୀଙ୍କ ଉପରେ ଚାପ ପକାଯାଉଥିବା ସେ ଗଣମାଧ୍ୟମକୁ କହିଛନ୍ତି। ଏନେଇ ମହିଳା ଥାନା ଅଧିକାରିଣୀ ବନିତା ମହାରଣାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରି ନ ଥିଲା।

# ଆଠଗଡ଼ରେ କରୋନା ସ୍ଥିତି ସମୀକ୍ଷା କଲେ ଜିଲାପାଳ

**ଆଠଗଡ଼,୬।୫(ସ୍ୱ.ପ୍ର.)**

କଟକ ଜିଲା ଆଠଗଡ଼ ଉପଖଣ୍ଡର ଟିଗିରିଆ ବ୍ଲକରୁ ମଙ୍ଗଳବାର କରୋନା ପଜିଟିଭ ଚିହ୍ନଟ ହେବା ପରେ ବୁଧବାର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ କଟକ ଜିଲା କୋଭିଡ୍-୧୯ ପର୍ଯ୍ୟବେକ୍ଷକ ସୁଶାନ୍ତ କୁମାର ମହାପାତ୍ର ଆଠଗଡର ମାଧପୁରସ୍ଥିତ ଗୋପବନ୍ଧୁ କୋଭିଡ୍-୧୯ ହସ୍ପିଟାଲ ପରିଦର୍ଶନ କରିବା ସହ ସେଠାକାର ସ୍ଥିତି ସମୀକ୍ଷା କରିଛନ୍ତି। ଏହି ହସ୍ପିଟାଲରେ ଆଠଗଡ, ଟିଗିରିଆ, ବଡ଼ମ୍ବା ଓ ନରସିଂହପୁର ବ୍ଲକର ଲୋକମାନେ ସହଜରେ ଚିକିତ୍ସିତ ହୋଇପାରିବେ ବୋଲି ଜିଲାପାଳ ଚୟନୀ କହିଛନ୍ତି। ତେଣୁ ହସ୍ପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି। ସେହିପରି ଟିଗିରିଆ ଅଞ୍ଚଳର ୨ ଆଇସୋଲେଶନ ସେଣ୍ଟର ଦେଇ ଯାଇଥିବା ରାସ୍ତାକୁ ପ୍ରଶାସନ ପକ୍ଷରୁ ସିଲ୍ କରିଦିଆଯାଇଛି। ଏଥିସହ ସ୍ଥାନୀୟ ଖୁଣ୍ଟୁକଟାଠାରେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଥିବା ୪୨ ପ୍ରବାସୀ ଓଡ଼ିଆଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ଟେଷ୍ଟ ପାଇଁ ପଠାଯାଇଛି।

## ରାତିରେ ଯାତାୟାତ ରୋକିବାକୁ ଭୂତ ଉଦାହରଣ

**ଭୁବନେଶ୍ୱର,୬।୫ (ବ୍ୟୁରୋ)**

ରାଜଧାନୀରେ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ କେବଳ ଭୂତମାନଙ୍କୁ ବୁଲିବା ନେଇ ଅନୁମତି ଦିଆଯାଇଛି। ସେମାନଙ୍କ ମଧ୍ୟରେ ଆପଣ ନୁହନ୍ତି। ଏ ନେଇ ବୁଧବାର କମିଶନରେଟ ପୋଲିସ ପକ୍ଷରୁ ଟୁଇଟ୍ କରାଯାଇଛି। କମିଶନରେଟ ପୋଲିସର ଏହି ଟୁଇଟକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ମାତ୍ର ରାତ୍ରି ସମୟରେ ଜରୁରିକାଳୀନ ସେବାରେ ନିୟୋଜିତ ଡାକ୍ତର, ମିଡିଆ ଏବଂ ପାଣି ଯୋଗାଣ ଭଳି କର୍ମଚାରୀମାନେ ବିଳମ୍ବିତ ରାତିରେ ଘରକୁ ଫେରୁଛନ୍ତି। ତେଣୁ ସେମାନେ ଭୂତକୁ ଭେଟିବେ ବୋଲି ମତ ପ୍ରକାଶ ପାଇଛି। ସୂଚନାଥାଉ କି, ମେ ୪ରୁ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ଚେକିଂ କଡ଼ାକଡ଼ି କରାଯାଇଛି। ତଥାପି ଲୋକେ କଟକଣା ମାନୁ ନ ଥିବାରୁ କମିଶନରେଟ ପୋଲିସ ପକ୍ଷରୁ ଏଭଳି ଉଦାହରଣ ଦିଆଯାଇଛି।

**କମିଶନରେଟ ପୋଲିସର ଟୁଇଟ୍‌କୁ ନେଇ ଚର୍ଚ୍ଚା**




# ପାର୍ସଲ ଗୁପ୍‌ଚୁପ୍ ବେପାର ଏବେ ଭରସା

**କଟକ ଅଫିସ, ୬।୫**

**ରୋଜଗାରର ବାଟ ଖୋଜୁଛି ମଣିଷ...**



ଲକ୍‌ଡାଉନ ଯୋଗୁ ଉଭୟ ଜୀବନ ଆଉ ଜୀବିକା ପ୍ରଭାବିତ। ପେଟପାଟଣା ପାଇଁ ପ୍ରତିଦିନ ସଂଘର୍ଷ କରିବାକୁ ଘରୁ ପାଦ କାଢୁଥିବା ମଜୁରିଆ ଶ୍ରେଣୀର ମଣିଷ ଏବେ ହାତବାନ୍ଧି ବସିଛି। ଗୁଜୁରାଣ ମେଣ୍ଟାଇବାକୁ ବାହାର ରାଜ୍ୟରୁ ଆସି କାମ କରୁଥିବା ଲୋକ ଏବେ ଭୋକରେ ଆତୁର ହେଉଛି। ଯିଏ ଲକ୍‌ଡାଉନ ପୂର୍ବରୁ ନିଜ ରାଜ୍ୟକୁ ଫେରିଯାଇଛି ସେ ଏବେ କରୋନା ଡରରୁ ମୁକ୍ତ ହୋଇ ନ ଥିଲେ ବି ଖାଦ୍ୟ ସଙ୍କଟରୁ ମୁକ୍ତ। ଯିଏ ରହିଯାଇଛି, ସେମାନେ ଏବେ ବି ପେଟ ଚାଖଣ୍ଡକ ପାଇଁ ରୋଜଗାରର ଭିନ୍ନଭିନ୍ନ ବାଟ ଖୋଜୁଛି...।

୧୮ ବର୍ଷ ବୟସର ବିକାଶ କୁମାର ପଣ୍ଡିତ। ଘର ବିହାର ଛପରା ଅଞ୍ଚଳର ଏକ ବସ୍ତିରେ। ଗୁପଚୁପ ବ୍ୟବସାୟ କରିବାକୁ ଗତ ଫେବୃୟାରୀ ମାସରେ କଟକ ଆସିଥିଲେ। ନିଜ ଅଞ୍ଚଳର କେତେଜଣ ଯୁବକ ତାଙ୍କୁ ଅର୍ଥ ରୋଜଗାର କରିବାର ଲାଳସା ଦେଖାଇ କଟକ ନେଇ ଆସିଥିଲେ। କଟକରେ ତାଙ୍କର ଜଣେ ସମ୍ପର୍କୀୟ ଭାଇ ମଧ୍ୟ ଗୁପ୍‌ଚୁପ୍ ବ୍ୟବସାୟ କରନ୍ତି। ଲକ୍‌ଡାଉନର ଦୁଇଦିନ ପୂର୍ବରୁ ଆସିଥିବା ବିକାଶ ବ୍ୟବସାୟ ଆରମ୍ଭ କରିବା ଆଗରୁ ଦୋକାନବଜାର ବନ୍ଦ ହୋଇଗଲା। ଘରକୁ ଯିବାକୁ ବାହାରିଥିଲେ ବି ଯାତାୟତ ବ୍ୟବସ୍ଥା ନ ଥିବାରୁ କଟକରେ ଫସି ରହିଲେ। ନିଜ ସମ୍ପର୍କୀୟ ଭାଇ ପାଖରେ ରହିବାକୁ ବାଧ୍ୟ ହେଲେ। କୌଣସି ରୋଜଗାର ନ ଥିବାରୁ ଦିନକୁ ଦୁଇ ଓଳି ଖାଇବା ଦୁଇ ଭାଇଙ୍କ ପାଇଁ କଷ୍ଟକର ହୋଇ ପଡ଼ିଲା। କଟକଣା କୋହଳ ହେବା ପରେ ରାସ୍ତାକୁ ଓହ୍ଲାଇଛନ୍ତି ବିକାଶ। ଗୁପଚୁପ ବ୍ୟବସାୟ କରୁଛନ୍ତି ହେଲେ ପୂର୍ବଭଳି ଢ଼ଙ୍ଗରେ ନୁହେଁ। କେବଳ ଛଣା ଗୁପଚୁପକୁ ପାର୍ସଲ କରି ବିକ୍ରି କରୁଛନ୍ତି। ଏଥିରେ ଗୁପଚୁପରେ ବ୍ୟବହାର ହେଉଥିବା ଅନ୍ୟ କୌଣସି ଖାଦ୍ୟ ସାମଗ୍ରୀ ନାହିଁ। ପାର୍ସଲ ଗୋଟିକ ୧୫ ଟଙ୍କା। ଦିନକୁ ୫୦ରୁ ୭୦ଟି ପାର୍ସଲ ବିକ୍ରି ହେଉଛି ବୋଲି ବିକାଶ କହିଛନ୍ତି। ଲିଙ୍କରୋଡ, ଛତ୍ରବଜାର, ଶଙ୍କରପୁର, ରାଜେନ୍ଦ୍ରନଗର, କଲ୍ୟାଣୀନଗର ଅଞ୍ଚଳରେ ବୁଲିବୁଲି ଏହି ବ୍ୟବସାୟ କରୁଛନ୍ତି। ବିକାଶଙ୍କ କହିବା ଅନୁଯାୟୀ, ଦିନକୁ ଅତିକମ୍‌ରେ ୨୦୦ ଟଙ୍କା ନ ହେଲେ କଟକରେ ଚଳି ହେବନି। ଘର ଭଡ଼ା ଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ କିଣିବାକୁ କଷ୍ଟକର ହୋଇ ପଡ଼ିଥିଲା। କିଛି ଦିନ ହେବ ଖାଦ୍ୟ ସାମଗ୍ରୀ ବିକ୍ରି କରିବାକୁ ଯୋଜନା କରିଥିଲୁ। ହେଲେ ପୋଲିସର ଭୟ ଯୋଗୁ ବାହାରକୁ ଆସି ପାରୁ ନ ଥିଲୁ। ଏବେ କଟକଣା କୋହଳ ହେବା ପରେ ରୋଜଗାର ଆରମ୍ଭ କରିଛୁ ବୋଲି ବିକାଶ କହିଛନ୍ତି।

## ସଂକ୍ଷେପରେ

### ବଢୁଛି ପ୍ରବାସୀ ଓଡିଆଙ୍କ ସଂଖ୍ୟା

**ମାର୍ଶାଘାଇ,୬।୫(ଡି.ଏନ୍.ଏ.):** କେନ୍ଦ୍ରାପଡା ଜିଲାର ମାର୍ଶାଘାଇ ବ୍ଲକରେ ଦିନକୁ ଦିନ ପ୍ରବାସୀ ଓଡିଆଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ଏପ୍ରିଲ ୨୪ ତାରିଖରୁ ପଞ୍ଜୀକରଣ କାର୍ଯ୍ୟ ଚାଲିଥିବା ବେଳେ ବୁଧବାର ସୁଦ୍ଧା ୫୧୪୦ଜଣ ପ୍ରବାସୀ ଓଡ଼ିଆଙ୍କ ନାମ ପଞ୍ଜୀକରଣ କରାଯାଇଛି। ଏହି ସଂଖ୍ୟା ଆଗକୁ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ବ୍ଲକର ୧୯,୮୦୦ ଜଣ ବାହାର ରାଜ୍ୟରେ ରହୁଛନ୍ତି। ତେବେ ୮ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡିଆ ଗାଁକୁ ଫେରିବାର ଆକଳନ କରାଯାଉଛି ବୋଲି ବିଡିଓ ଶ୍ରୀଧର ବିଶ୍ୱାଳ ସୂଚନା ଦେଇଛନ୍ତି। ଏବେ ସୁଦ୍ଧା ୧୧୧ ଜଣ ପ୍ରବାସୀ ଓଡ଼ିଆ ବିଭିନ୍ନ ରାଜ୍ୟରୁ ଫେରିଛନ୍ତି। ସେମାନଙ୍କୁ ବ୍ଲକର ବିଭିନ୍ନ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥଇଥାନ କରାଯାଇଛି। ପ୍ରବାସୀ ଓଡିଆଙ୍କ ଆଗମନକୁ ଦୃଷ୍ଟିରେ ରଖି ବ୍ଲକରେ ୮୪ କ୍ୱାରାଣ୍ଟାଇନ୍ କେନ୍ଦ୍ର ଖୋଲଯାଇଛି।

### ଦୋକାନ ବନ୍ଦ କଲା ପ୍ରଶାସନ

**ଏରସମା,୬।୫(ସ୍ୱ.ପ୍ର.):** ଏରସମା ବ୍ଲକ୍ ଅଧୀନ ବିଭିନ୍ନ ବଜାରରେ ବେଆଇନ ଭାବେ ଖୋଲିଥିବା ଦୋକାନକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। କଟକରେ ଦୋକାନ ଖୋଲିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେବାପରେ ତାହାର ପ୍ରଭାବ ଏରସମା ଉପରେ ପଡିଥିଲା। ଫଳରେ ବୁଧବାର ବ୍ଲକ ମୁଖ୍ୟ ବଜାରରେ କପଡ଼ା, ଜୁଏଲାରୀ, ବୈଦ୍ୟୁତିକ ସାମଗ୍ରୀ, ପାନ, ଚା' ଓ ହୋଟେଲ ଆଦି ଖୋଲିଥିଲା। ଖବର ପାଇ ଏରସମା ତହସିଲଦାର ଚିତ୍ତରଞ୍ଜନ ମହାନ୍ତ, ଅତିରିକ୍ତ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ପ୍ରମୁଖ ବଜାରରେ ବୁଲି ଦୋକାନଗୁଡିକୁ ବନ୍ଦ କରିଥିଲେ। ଆଗକୁ ବିନା ନୋଟିସରେ ଦୋକାନ ଖୋଲିଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ମହାନ୍ତ ଚେତାବନୀ ଦେଇଛନ୍ତି।

### ୪୧ ଭିନ୍ନକ୍ଷମଙ୍କୁ ସହାୟତା

**ଏରସମା,୬।୫(ସ୍ୱ.ପ୍ର.):** ଏରସମା ବ୍ଲକ ପଦ୍ମପୁର ମଙ୍ଗଳା ପୀଠ ପରିସରରେ ବୁଧବାର ସ୍ଥାନୀୟ ଯୁବ ବିକାଶ ପରିଷଦ ପକ୍ଷରୁ ୪୧ଜଣ ଭିନ୍ନକ୍ଷମଙ୍କୁ ସହାୟତା ପ୍ରଦାନ କରାଯାଇଛି। ସ୍ଥାନୀୟ ସରପଞ୍ଚ କେଶବ ପାତ୍ର, ବୈଦ୍ୟନାଥ ବିଶ୍ୱାଳ, ଅରୁଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା, ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗଛାୟତ, ପୂର୍ବତନ ପ୍ରଧାନ ଶିକ୍ଷକ ନିମାଇଁ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ। ଭିନ୍ନକ୍ଷମଙ୍କୁ ଚୁଡା, ଚାଉଳ, ପନିପରିବା ଓ ବସ୍ତ୍ର ସହିତ ଅର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

### ନୀଳମାଧବ ଜୀଉଙ୍କ ଗ୍ରାମ ବିଜେ ପରମ୍ପରା ବନ୍ଦ

**ଖଣ୍ଡପଡ଼ା,୬।୫(ସ୍ୱ.ପ୍ର.):** ଲକ୍‌ଡାଉନ ଯୋଗୁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କଣ୍ଟିଲୋ ବିଜେ ଶ୍ରୀ ନୀଳମାଧବ ଜୀଉଙ୍କ ବାହ୍ୟ ଚନ୍ଦନ ଚାପ ଅକ୍ଷୟ ତୃତୀୟାଠାରୁ ବନ୍ଦ ହୋଇଯାଇଛି। ସୂଚନାଯୋଗ୍ୟ ପରମ୍ପରା ଅନୁସାରେ ଶ୍ରୀ ନୀଳମାଧବ ଜୀଉଙ୍କର ଚଳନ୍ତି ପ୍ରତିମା ମଦନ ମୋହନ, ଲକ୍ଷ୍ମୀ ସରସ୍ୱତୀ ଓ ଶିବ ପାର୍ବତୀ ୩ ଗୋଟି ମଣି ବିମାନରେ ଅକ୍ଷୟ ତୃତୀୟାଠାରୁ ୨୧ ଦିନ ପର୍ଯ୍ୟନ୍ତ ମନ୍ଦିର ନିକଟ ଚନ୍ଦନ ପୁଷ୍କରିଣୀକୁ ଚାପକୁ ବିଜେ ହୋଇଥାନ୍ତି। ୧୧ଦିନ ଚାପ ଖେଳିସାରିବା ପରେ ଶ୍ରୀ ଜୀଉମାନେ ମଣିବିମାନରେ ବାଟଭୋଳିଁ ଗ୍ରାମ ବିଜେ କରି ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହି ଦିନଠାରୁ ଠାକୁରମାନେ କଣ୍ଟିଲୋ ଓ ପାଟଣା ଅଞ୍ଚଳର ବିଭିନ୍ନ ସାହି ବିଜେ ହୋଇ ପ୍ରତ୍ୟେକଙ୍କ ଦୁଆରେ ଆଳତି ପୂଜା ହୋଇ ଚାଚେରି ଭୋଗ ଖାଇଥାନ୍ତି। ମାତ୍ର ଦେଶର ସାମ୍ପ୍ରତିକ ପରିସ୍ଥିତି ଯୋଗୁ ଏହି ପରମ୍ପରା ବନ୍ଦ ହୋଇଯାଇଛି।

### ନୀଳମାଧବ ମନ୍ଦିରରେ ନୃସିଂହ ଜନ୍ମ ଉତ୍ସବ

**ଖଣ୍ଡପଡ଼ା,୬।୫(ସ୍ୱ.ପ୍ର.):** କଣ୍ଟିଲୋ ବିଜେ ଶ୍ରୀ ନୀଳମାଧବ ମନ୍ଦିର ପରିସରସ୍ଥିତ ପ୍ରଭୁ ଶ୍ରୀ ନୃସିଂହଙ୍କ ଜନ୍ମ ଉତ୍ସବ ମଙ୍ଗଳବାର ସାମାଜିକ ଦୂରତ୍ୱ ବଜାୟ ରଖି ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଲକ୍‌ଡାଉନ ଯୋଗୁ ଏକମାସରୁ ଊର୍ଦ୍ଧ୍ୱ ସମୟ ମନ୍ଦିର ଜନଶୂନ୍ୟ ହୋଇଯାଇଥିବାରୁ କେତେକ ପାଳିଆ ସେବାୟତଙ୍କୁ ନେଇ ମନ୍ଦିର ପ୍ରଶାସନ ଶ୍ରୀ ଜୀଉଙ୍କ ନୀତି ଚାଲୁ ରଖିଥିବା ଜଣାଯାଇଛି।

# ରାଶନ କାର୍ଡ ନ ଥିବାରୁ ମିଳୁନି ସହାୟତା

**ରସୁଲପୁର,୬।୫(ଡି.ଏନ୍.ଏ)**



ରାଶନକାର୍ଡରୁ ବଞ୍ଚିତ ହିତାଧିକାରୀ।

**ରସୁଲପୁର ବ୍ଲକ**
- ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ସହାୟତାରୁ ବଞ୍ଚିତ
- ଖାଦ୍ୟ ସୁରକ୍ଷା ଆଇନ ୱେବ୍‌ସାଇଟ୍ ବନ୍ଦ
- ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୋଗାଇ ଦେଉଛନ୍ତି ଖାଦ୍ୟ

କରୋନା ମହାମାରୀ ପ୍ରଭାବରେ ବହୁ ଗରିବ ଲୋକ କାମଧନ୍ଦା ହରାଇ ଭୋକ ଉପାସରେ ଦିନ କାଟୁଛନ୍ତି। ଏନେଇ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ଥିବା ହିତାଧିକାରୀଙ୍କୁ ଆଗୁଆ ୩ ମାସର ରାଶନ ସାମଗ୍ରୀ ଯୋଗାଇ ଦେଇଛନ୍ତି। ଏସବୁ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କିଲୋ ଚାଉଳ ଓ ୩ କିଲୋ ଡାଲି ଆଦି ଅତ୍ୟାବଶକ ସାମଗ୍ରୀ ଯୋଗାଇ ଦେବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ରାଶନ କାର୍ଡ ପାଇ ନ ଥିବା ବହୁ ଗରିବ ଲୋକଙ୍କ ପାଇଁ ସରକାର କୌଣସି ଚିନ୍ତା ନ କରି ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହାର ଏକ ଉଦାହରଣ ଯାଜପୁର ଜିଲାର ରସୁଲପୁର ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକରେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ୩୦୦ରୁ ଊର୍ଦ୍ଧ୍ୱ ଆବେଦନ କରିଥିଲେ ମଧ୍ୟ ଖାଦ୍ୟ ସୁରକ୍ଷା ଆଇନ ସାଇଟ୍ ବନ୍ଦ ଥିବାରୁ ସେମାନଙ୍କୁ ରାଶନ କାର୍ଡ ମିଳିପାରି ନାହିଁ। ଏହାଛଡା ଅନେକ ଗରିବ ଓ ଅସହାୟ ଏପର୍ଯ୍ୟନ୍ତ ଏହି ଯୋଜନା ପାଇଁ ଆବେଦନ ପତ୍ର ମଧ୍ୟ ଦାଖଲ କରିପାରିନାହାନ୍ତି। ଏସବୁ ସଂଖ୍ୟାକୁ ଗଣନା କରାଗଲେ ୧୦୦୦ରୁ ଊର୍ଦ୍ଧ୍ୱଙ୍କୁ ଏପର୍ଯ୍ୟନ୍ତ ରାଶନକାର୍ଡ ମିଳିପାରି ନାହିଁ। ଏଥିସହ ବାହାରୁ ଆସି ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏଠାରେ ବସବାସ କରି ଆସୁଥିବା ବହୁ ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇନାହିଁ। ବ୍ଲକର ଭୋଟକା ପଞ୍ଚାୟତ କାର୍ଯ୍ୟାଳୟ, ରାହାମ୍ଭା ପଞ୍ଚାୟତର ମିର୍ଜାପୁର, ବଡକଇଁଚି ପଞ୍ଚାୟତ ବେଦମତୀ ଗ୍ରାମ, ମୁଗୁପାଳ ପଞ୍ଚାୟତର ସାରଙ୍ଗପୁର ମେଲଣ ପଡିଆ, ଗନ୍ଧଣ ପଞ୍ଚାୟତର ଏକତଳା, ଦରକୁଣ୍ଡି, ନରସିଂହପୁର ପଞ୍ଚାୟତର ଗୋବିନ୍ଦପୁର, ଗୌରଶ୍ୟାମପାଟଣା ଓ ହରିପୁର ଭଳି ଅନେକ ସ୍ଥାନରେ ବହୁ ଗରିବ ପରିବାରଙ୍କ ନିକଟରେ ରାଶନ କାର୍ଡ ନ ଥିବାରୁ ସରକାରୀ ଯୋଜନାରେ ସାମିଲ ହୋଇ ନ ପାରି ଭୋକ ଉପାସରେ ଦିନ କାଟୁଛନ୍ତି। ଭୋଟକା ପଞ୍ଚାୟତ ନିକଟରେ ବସବାସ କରୁଥିବା ଡମ ପ୍ରଜାତିର କେବଳ ୫ ପରିବାରକୁ ରାଶନକାର୍ଡ ମିଳିଥିବା ବେଳେ ଶ୍ରୀପତି ବେହେରା ଓ ମହେଶ୍ୱର ବେହେରାଙ୍କ ପରିବାର ସମେତ ୩ ପରିବାରଙ୍କୁ ଏଥିରେ ସାମିଲ କରାଯାଇନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଦୃଷ୍ଟି ଦେଉ ନ ଥିବା ବେଳେ ସେମାନଙ୍କ ଦୁରବସ୍ଥା ଦେଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗେଇ ଆସି ଖାଦ୍ୟ ଯୋଗାଇ ଦେଉଛନ୍ତି।

ଏସମ୍ପର୍କରେ ରସୁଲପୁର ବ୍ଲକ ଯୋଗାଣ ଅଧିକାରିଣୀ ଚୁନାରଣୀ ସାହୁ କହିଛନ୍ତି, ସରକାରୀ ନିୟମ ଅନୁସାରେ ଯାହା ସହାୟତା ମିଳିବା କଥା ତାହା ଯୋଗାଇ ଦିଆଯିବ। ରାଶନକାର୍ଡରେ ନାମ ଥିବା ହିତାଧିକାରୀଙ୍କୁ ହିଁ କେବଳ ମାଗଣା ଚାଉଳ ମିଳିପାରିବ। ଅନ୍ୟମାନଙ୍କ ସମ୍ପର୍କରେ ସେ କିଛି କହି କରିପାରିବେ ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି। ଏପରିସ୍ଥିତିରେ ଏହି ଗରିବ ପରିବାରଗୁଡିକୁ ସହାୟତା ଯୋଗାଇ ଦେବାପାଇଁ ସାଧାରଣରେ ଦାବି ହୋଇଛି।

## ଆଳିକୁ ଫେରିଲା କରୋନା

**କେନ୍ଦ୍ରାପଡ଼ା ଅଫିସ/ଆଳି, ୬।୫ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଞ୍ଚଳର ଜଣେ ବ୍ୟକ୍ତି କରୋନା ପଜିଟିଭ ବୋଲି ବୁଧବାର ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଏବେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ସେ କୋଲକାତାରୁ ସିଧା ଆସି ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବାରୁ ଜିଲାର କୌଣସି ଅଞ୍ଚଳ କଣ୍ଟେନମେଣ୍ଟ ଜୋନ ଭାବେ ଚିହ୍ନଟ ହେବ ନାହିଁ ବୋଲି ଜିଲାପାଳ ସମର୍ଥ ବର୍ମା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଳି ବ୍ଲକ ଡିମିରିପାଳ ପଞ୍ଚାୟତର ଏହି ବ୍ୟକ୍ତି ଦୀର୍ଘବର୍ଷ ହେବ କୋଲକାତାରେ ରହୁଛନ୍ତି। ତାଙ୍କର ଦେହ ଖରାପ ହେବାରୁ ଗତ ୪ତାରିଖରେ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ପରୀକ୍ଷା ପରେ କରୋନା ପଜିଟିଭ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଆଳି ବ୍ଲକରେ ଜଣେ ଓ ରାଜନଗର ବ୍ଲକର ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ।

# ଟ୍ରଲିରେ ବୁହାହେଲେ ଗର୍ଭବତୀ

**ରତ୍ନଗିରି (ଡି.ଏନ.ଏ)/ ବରୀ(ସ୍ୱ.ପ୍ର.), ୬।୫**

ବରୀ ବ୍ଲକ ଅଧୀନ ବାଇଁଶିରିଆ ପଞ୍ଚାୟତରୁ ୨ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ମେ ୧୬ ପର୍ଯ୍ୟନ୍ତ ଉକ୍ତ ପଞ୍ଚାୟତକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଉକ୍ତ ଅଞ୍ଚଳରେ ବୁଧବାର

**କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ଆସିଲାନି ଆମ୍ବୁଲାନ୍ସ**

ଏକ ଅଭାବନୀୟ ଘଟଣା ନଜରକୁ ଆସିଛି। ଆମ୍ବୁଲାନ୍ସକୁ ଯୋଗାଯୋଗ କରିବା ପରେ ବି ନ ଆସିବାରୁ ଗର୍ଭବତୀଙ୍କୁ ପରିବାର ଲୋକେ ଟ୍ରଲିରେ ବୋହି ମେଡିକାଲକୁ ନିଆଯାଉଥିବା ଦେଖାଯାଇଥିଲା। ତେବେ ବାଲିଆପାଳ ବିଧାନଚନ୍ଦ୍ର ଏକାଡେମୀ ନିକଟରେ ପହଞ୍ଚିବା ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ଗର୍ଭବତୀଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ଜଣାପଡ଼ିଛି।

ଉକ୍ତ ପଞ୍ଚାୟତର କନକଲତା ଓଝା (୩୫) ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ୧୦୪ ଓ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଦୀର୍ଘ ସମୟ ଧରି କୌଣସି ସୂଚନା ନ ମିଳିବାରୁ କନକଲତାଙ୍କୁ ଟ୍ରଲିରେ ମେଡିକାଲକୁ ନେଇଥିଲୁ ବୋଲି ପରିବାର ଲୋକେ କହିଛନ୍ତି। ମେଡିକାଲରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କୁ ପଚାରିବାରେ ଏଭଳିସ୍ଥିତିରେ ମେଡିକାଲକୁ ଯୋଗାଯୋଗ କରାଗଲେ, ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ବ୍ୟବସ୍ଥା କରିବା ପାଇଁ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ସୂଚନା ଦିଆଯାଇଛି। ଆଗକୁ ଏଭଳି ସମସ୍ୟା ଯେଭଳି ନ ଉପୁଜେ ସେ ଦିଗରେ ଧ୍ୟାନ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପଟେ ସମ୍ପୃକ୍ତା ମହିଳା ଗର୍ଭଧାରଣ ସମୟରୁ ସ୍ଥାନୀୟ ଆଶା କର୍ମୀ ବା ଅଙ୍ଗନୱାଡି କର୍ମୀଙ୍କ ସହ ଯୋଗାଯୋଗ ନ କରିବା ଓ କୌଣସି ସ୍ୱାସ୍ଥ୍ୟ ପରୀକ୍ଷା ନ କରାଇବା ଯୋଗୁ ନବଜାତକର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିବାରୁ ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କୌଶିକ ପାତ୍ର ସୂଚନା ଦେଇଛନ୍ତି।



ଗର୍ଭବତୀଙ୍କୁ ଟ୍ରଲିରେ ନିଆଯାଉଛି।

## ଆମ୍ବୁଲାନ୍ସ ଭାଙ୍ଗିବାକୁ ଉଦ୍ୟମ: ଯୁବକ ଅଟକ

**ଧର୍ମଶାଳା, ୬।୫ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ କଣ୍ଟିଗଡିଆ ଗ୍ରାମ ରାସ୍ତାରେ ରୋଗୀ ଆଣିବାକୁ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସକୁ ଅଟକାଇ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଜଣେ ମଦ୍ୟପ ଯୁବକଙ୍କୁ ଥାନାରେ ଅଟକ ରଖାଯାଇଛି। ଉକ୍ତ ଆମ୍ବୁଲାନ୍ସର ଡ୍ରାଇଭର ଏ ନେଇ ଧର୍ମଶାଳା ଥାନା ପୋଲିସକୁ ଜଣାଇବା ପରେ ଥାନାଧିକାରୀ ସରୋଜ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକକୁ କାବୁ କରି ଥାନାରେ ଅଟକ ରଖିଥିବା ଜଣାପଡିଛି। ଆମ୍ବୁଲାନ୍ସଟି ରୋଗୀ ଆଣିବାକୁ ଯାଉଥିବା ବେଳେ ସମ୍ପୃକ୍ତ ଯୁବକ ଜଣକ ଏହାକୁ ଅଟକାଇବା ସହ ଚାଳକଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଆମ୍ବୁଲାନ୍ସକୁ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲା।

## ଯୁଗ୍ମ କମିଟି ଦ୍ୱାରା ନଦୀବନ୍ଧ ସ୍ଥିତି ଅନୁଧ୍ୟାନ



ଯୁଗ୍ମ କମିଟି ସଦସ୍ୟମାନେ ନଦୀବନ୍ଧ ବୁଲି ଦେଖୁଛନ୍ତି।

**ବିରିଡ଼ି,୬।୫(ଡି.ଏନ.ଏ.)**

ବିରିଡ଼ି ତହସିଲ ଅନ୍ତର୍ଗତ କାଠଯୋଡ଼ି, ବିଲୁଆଖାଇ ଓ ଦେବୀନଦୀ ବନ୍ଧର ସ୍ଥିତି ଅନୁଧ୍ୟାନ କରିଛନ୍ତି ଯୁଗ୍ମ କମିଟି ସଦସ୍ୟ। ଏହି ସଦସ୍ୟଙ୍କ ମଧ୍ୟରେ ରାଜସ୍ୱ ଓ ଜଳସମ୍ପଦ ବିଭାଗ ଅଧିକାରୀ ରହିଛନ୍ତି। ଏମାନେ କାଠଯୋଡ଼ି ନଦୀର କଇଜଙ୍ଗଠାରୁ କଣ୍ଟାପଡ଼ା, ବିଲୁଆଖାଇ ନଦୀର କଣ୍ଟାପଡ଼ାଠାରୁ କୃତ୍ତିବାସ ପାଟଣାର ୧୧.୨୦୦ କି.ମି.ଭିତରେ ଥିବା ଚାନ୍ଦପୁରଠାରୁ ବିରିଡି ପର୍ଯ୍ୟନ୍ତ ୫ ଶହ ମିଟର, କିମ୍ବିରିଖାତିଆ ପାଖରେ ୯୦ମିଟର, କୃତ୍ତିବାସପାଟଣାଠାରୁ ଦୋବନ୍ଧି ୧୨୦ ମିଟର ସ୍ଥାନ ବୁଲି ଦେଖିଥିଲେ। ତେବେ ଏସବୁ ଦୁର୍ବଳ ଥିବା ଜାଣିବାକୁ ପାଇଥିଲେ। ସେହିପରି ଦେବୀନଦୀର ବାମପଟ ବନ୍ଧ ସଞ୍ଚାରସାହିରୁ ନୀଳମହଲ ୧୦.୬୬କି.ମି. ଭିତରେ ଥିବା ରହମ୍ଭା ପାଖରେ ୧୫୦ମିଟର, ବିଲୁଆଖାଇ ନଦୀର ଡାହାଣପଟ ବନ୍ଧ ସଞ୍ଚାରିସାହିରୁ ନୀଳମହଲ ୧୩.୮୬ କି.ମି. ଭିତରେ ଥିବା ମଙ୍ଗୁଲି ପାଖରୁ ଚାଷୀଖଣ୍ଡ ପ୍ରାୟ ୧ କି.ମି.ରୁ ଊର୍ଦ୍ଧ୍ୱ ନଦୀବନ୍ଧ ଦୁର୍ବଳ ରହିଥିବା ଦେଖିଥିଲେ। ଅନୁଧ୍ୟାନ କାରୀ ଦଳରେ ବିରିଡି ତହସିଲଦାର ସାଗରିକା ପ୍ରିୟଦର୍ଶିନୀ, ବିଲୁଆଖାଇ କେନାଲ ସବଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀ ଦଳପତିମଣ୍ଡଳ ଓ ଦଳେଇଘାଇ ସହକାରୀ ଯନ୍ତ୍ରୀ ସୁବୋଧ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଉପରୋକ୍ତ ସ୍ଥାନଗୁଡ଼ିକ ବର୍ଷାଦିନ ପୂର୍ବରୁ ମରାମତି କରିବା ଜରୁରୀ ବୋଲି ଜିଲାପରିଷଦ ସଭ୍ୟ ପ୍ରତାପ ବେହେରା ପ୍ରକାଶ କରିଛନ୍ତି।

## ସକାଳ ୭ରୁ ଅପରାହ୍ନ ୧ଟା ଯାଏ ଖୋଲିବ ଦୋକାନ

**ଯାଜପୁର ଅଫିସ,୬।୫:** କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଯାଜପୁର ଜିଲାର ବିଭିନ୍ନ ଦୋକାନ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଅଧିକ ଗହଳି ରୋକିବା ପାଇଁ ଅନୁମତିପ୍ରାପ୍ତ ଦୋକାନଗୁଡିକ ହୋମ ଡେଲିଭରି କରିବାକୁ ଜିଲାପାଳ ଦାସ ପରାମର୍ଶ ଦେଇଛନ୍ତି। ଏହାସହ ଶିଶୁ ଓ ବୃଦ୍ଧଙ୍କୁ ବାହାରକୁ ନ ବାହାରିବା, ମାସ୍କ ପରିଧାନ ଓ ସାମାଜିକ ଦୂରତା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ଦୋକାନଗୁଡିକ ମଧ୍ୟରେ ପାଥୋଲ୍ୟାବ, ଗ୍ରସରି, ବେକରି, ପନିପରିବା, ଆମିଷ, ପ୍ରାଣୀ ଖାଦ୍ୟ, ପୁସ୍ତକ, ଏଲପିଜି ଗ୍ୟାସ, ପରିବହନ, କୃଷିଜାତ ସାମଗ୍ରୀ, ଘର ନିର୍ମାଣ ସାମଗ୍ରୀ, ହାର୍ଡୱେର ଷ୍ଟୋର, ଇଲେକ୍ଟ୍ରିକ ଦୋକାନ ଆଦି ରହିଛି। ସେହିପରି ମୋବାଇଲ ରିଚାର୍ଜିଂ ସେଣ୍ଟର, ଅଟୋମୋବାଇଲ ସ୍ପେୟାର ପାର୍ଟ୍ସ, ଗ୍ୟାରେଜ, ଫଳ, କ୍ଷୀର, ଏନଏଚ୍‌ରେ ଅନୁମତିପ୍ରାପ୍ତ ଢାବା, ସ୍ୱାସ୍ଥ୍ୟସେବା, ଔଷଧ, ପେଟ୍ରୋଲ ପମ୍ପ (ସକାଳ ୭ଟାରୁ ସନ୍ଧ୍ୟା ୭ଟା)ଖୋଲିବାକୁ ଅନୁମତି ଦିଆଯାଇଛି।

# କଣ୍ଟେନମେଣ୍ଟ ଜୋନ୍‌ରେ ୩ ପଞ୍ଚାୟତର ୯ଗାଁ





କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ରାସ୍ତାଘାଟ ସାନିଟାଇଜ କରାଯାଉଛି।

**ରସୁଲପୁର ବ୍ଲକର ଦ୍ୱିତୀୟ କରୋନା ପଜିଟିଭ୍‌ଙ୍କ କଣ୍ଟାକ୍ଟ ଟ୍ରେସ୍**
- ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୩୬ଜଣ କ୍ୱାରାଣ୍ଟାଇନ୍‌ରେ
- ମେ ୧୯ ସକାଳ ୬ଟା ଯାଏ କଣ୍ଟେନ୍‌ମେଣ୍ଟ ଜୋନ୍ କଟକଣା
- ବିଶୋଧନ ପ୍ରକ୍ରିୟା ଜାରି, ରିପୋର୍ଟ ସଂଗ୍ରହ କରିବ ମେଡିକାଲ ଟିମ୍

**ରସୁଲପୁର, ୬।୫ (ଡି.ଏନ୍.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ନଠୁଆବର ପଞ୍ଚାୟତର ଜଣେ ୫୮ବର୍ଷୀୟ ବ୍ୟକ୍ତି କରୋନା ପଜିଟିଭ୍ (କ୍ରମିକ ନଂ.୧୭୬)ଙ୍କ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ତାଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ୩୬ଜଣଙ୍କ ମଧ୍ୟରୁ ୧୦ ଜଣ ପୂର୍ବରୁ କ୍ୱାରାଣ୍ଟାଇନରେ ରହୁଥିବା ବେଳେ ବୁଧବାର ଅନ୍ୟମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଥିବା ସୂଚନା ମିଳିଛି। ଏଥିସହ ନଠୁଆବର ପଞ୍ଚାୟତର ଆଦମପୁର, କପିଳ, କୃଷ୍ଣପଡା, କୋରକୋରା, ନଗୁଆଁ ସମେତ ଓଡିଶୋ ପଞ୍ଚାୟତର ବାହାବଳପୁର, କରଞ୍ଜିଆରୀ, ମେଳକ, ବଡକଇଁଚି ପଞ୍ଚାୟତର କାଇଁଚବାଡ (କଇଁଚିଶାସନ, ବେଦମତି, ନାଉପାଳ) ଗୋପୀନାଥପୁର ପଡ଼ା (ମହାନ୍ତି ସାହି, ନିହାରୀ ସାହି)କୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଉକ୍ତ ଅଞ୍ଚଳଗୁଡ଼ିକରେ ମେ ୬ ତାରିଖ ସକାଳ ୬ଟାରୁ ଜୁନ୍ ୨ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ କଟକଣା ବଳବତ୍ତର ରହିବ। ମେଡିକାଲ ଟିମ୍ ସେଠାକାର ପ୍ରତ୍ୟେକ ପରିବାର ସଦସ୍ୟଙ୍କ ରିପୋର୍ଟ ସଂଗ୍ରହ କରିବା ସହ ଉକ୍ତ ଜୋନ୍‌କୁ ପ୍ରବେଶ ଓ ପ୍ରସ୍ଥାନ ଉପରେ ମଧ କଟକଣା ରହିବ ବୋଲି ସୂଚନା ମିଳିଛି। ଏହାଛଡ଼ା କଣ୍ଟେନମେଣ୍ଟ ଜୋନ୍‌ରେ ବିଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା, କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ରସୁଲପୁର ବ୍ଲକ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧୀର କୁମାର ସାହୁ ପ୍ରମୁଖ କଣ୍ଟେନମେଣ୍ଟ ଜୋନ୍‌ରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ତଦାରଖ କରୁଛନ୍ତି।

ମିଳିଥିବା ସୂଚନା ଅନୁସାରେ, କରୋନା ଆକ୍ରାନ୍ତ (କ୍ରମିକ ନଂ.୧୭୬) ମାର୍ଚ୍ଚ ୨୮ ତାରିଖରେ କଲିକତାରୁ ଆସିବା ପରେ ଗାଁ ମନ୍ଦିରରେ ପୂଜାପାଠ କରିବା ସହ ପ୍ରସାଦ ସେବନର ବନ୍ଦୋବସ୍ତ କରାଇଥିଲେ।

## ନଠୁଆବର, ରାହାମ୍ଭା ନୂଆ କଣ୍ଟେନ୍‌ମେଣ୍ଟ ଜୋନ୍

**ରସୁଲପୁର, ୬।୫ (ଡି.ଏନ୍.ଏ.)**

**ମେ ୭ରୁ ଜୁନ୍ ୩ ଯାଏ ଲାଗୁହେବ କଟକଣା**

ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତ ନଠୁଆବର ଓ ରାହାମ୍ଭା ପଞ୍ଚାୟତ ସଦାନନ୍ଦପୁରରୁ ବୁଧବାର ଜଣେ ଲେଖାଏଁ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ୪ରେ ପହଞ୍ଚିଛି। ଦୁଇଦିନ ମଧ୍ୟରେ ଚିହ୍ନଟ ୩ ଆକ୍ରାନ୍ତ କଲିକତା ଫେରନ୍ତା ବୋଲି ଜଣାପଡ଼ିଛି। ୩ୟ ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯିବା ପରେ ସେ ୫ଜଣଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ତାଙ୍କ ପରିବାରର ୪ଜଣ ଥିବା ବେଳେ ଜଣେ ରସୁଲପୁର ପଞ୍ଚାୟତ ଅଞ୍ଚଳର। ସେମାନଙ୍କୁ ସଂଗରୋଧ ଗୃହରେ ରଖାଯାଇଛି। ଏଥିସହ ନଠୁଆବର ସମେତ ଆଖପାଖର ୩ଟି ପଞ୍ଚାୟତର ୭ଟି ଗାଁକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହିପରି ରାହାମ୍ଭା ପଞ୍ଚାୟତସଦାନନ୍ଦପୁରରୁ ଚିହ୍ନଟ ବ୍ଲକର ୪ର୍ଥ କରୋନା ପଜିଟିଭ୍ ନିଜ ପରିବାର ସଦସ୍ୟଙ୍କ ସମେତ ୬ଜଣଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ରାହାମ୍ଭା ପଞ୍ଚାୟତର ମିର୍ଜାପୁର, ରାହାମ୍ଭା, କୋଳଥଳ, ସଦାନନ୍ଦପୁର ସମେତ ରସୁଲପୁର ପଞ୍ଚାୟତର ଖୋସାଲପୁର, ଭୋଟକା ପଞ୍ଚାୟତର ସେରପୁର, ସାନରମ୍ଭେଇ ଆଦି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ରାହାମ୍ଭା ଓ ନଠୁଆବର ଜୋନ୍‌ରେ ଗୁରୁବାର ସକାଳଠାରୁ କଣ୍ଟେନମେଣ୍ଟ କଟକଣା ଲାଗୁ ହୋଇ ୨୮ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବ୍ଲକର ୩ୟ ଓ ୪ର୍ଥ ଆକ୍ରାନ୍ତଙ୍କୁ ଡୁବୁରୀସ୍ଥିତ କୋଭିଡ୍-୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ୧୧୫୭ ପ୍ରବାସୀଙ୍କ ମଧ୍ୟରୁ ୫୮ କରୋନା ନେଗେଟିଭ୍

**କେନ୍ଦ୍ରାପଡ଼ା ଅଫିସ, ୬।୫**

ଗତ ୪ ତାରିଖରୁ ଅଦ୍ୟାବଧି ୧୧୫୭ ପ୍ରବାସୀ ଜିଲାକୁ ଫେରିଛନ୍ତି। ସେମାନଙ୍କଠାରୁ ସଂଗୃହୀତ ସ୍ୱାବ୍ ଟେଷ୍ଟିଂ ପରେ ୫୮ ଜଣ କରୋନା ନେଗେଟିଭ୍ ବୋଲି ଜିଲା ପ୍ରଶାସନ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛି। ଜିଲାର ୪ଟି ସ୍ଥାନରେ କରୋନା ଭୂତାଣୁ ନମୁନା ସଂଗ୍ରହ କେନ୍ଦ୍ର ଖୋଲାଯାଇ ସ୍ୱାବ୍ ସଂଗ୍ରହ ଚାଲିଥିବା ଜିଲାପାଳ ସମର୍ଥ ବର୍ମା ପ୍ରକାଶ କରିଛନ୍ତି। କେନ୍ଦ୍ରାପଡା ଜିଲାର ଲକ୍ଷାଧିକ ଲୋକ ଫେରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଏଥିମଧ୍ୟରୁ ୫ ତାରିଖ ସୁଦ୍ଧା ୫୭୧ ଜଣ ଆସିଥିବା ବେଳେ ୬ ତାରିଖ ମଧ୍ୟାହ୍ନ ସୁଦ୍ଧା ୬୨୬ ଜଣ ଆସିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକକୁ ୨୦୨ଜଣ ଫେରିଥିବାବେଳେ ଗରଦପୁରକୁ ୩୧, ମହାକାଳପଡାକୁ ୨୯୮, ଡେରାବିଶକୁ ୬୯, କେନ୍ଦ୍ରାପଡାକୁ ୧୦୨, ମାର୍ଶାଘାଇକୁ ୧୩୦, ଆଳିକୁ ୩୮, ରାଜନଗରକୁ ୨୧୬ ଓ ରାଜକନିକାକୁ ୯୧ ଜଣ ଆସିଛନ୍ତି। ପଶ୍ଚିମବଙ୍ଗ, ଆନ୍ଧ୍ର, କେରଳ ଓ ସୁରଟରୁ ଆସିଥିବା ଏହି ବ୍ୟକ୍ତିଙ୍କୁ ବ୍ଲକ ଅଞ୍ଚଳର ବିଭିନ୍ନ ସଙ୍ଗରୋଧ ଗୃହରେ ରଖାଯାଇଛି। ଜିଲାର ୨୪୯ ପଞ୍ଚାୟତରେ କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ୧୧୧୧ଟି ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଥିବା ଏଡିଏମ୍ ବସନ୍ତ କୁମାର ରାଉତ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଜିଲାରେ ଥିବା ୧୧୧୧ ସଙ୍ଗରୋଧ ଗୃହରେ ୪୧୬୯୩ଟି ଶଯ୍ୟା ପ୍ରସ୍ତୁତ ହୋଇଛି। ପ୍ରତ୍ୟେକ ପ୍ରବାସୀଙ୍କଠାରୁ ସ୍ୱାବ୍ ଟେଷ୍ଟିଂ ପାଇଁ ନମୁନା ସଂଗ୍ରହ ସହ ୧୪ ଦିନିଆ ସଙ୍ଗରୋଧ ନିୟମ ପାଳନକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଏଡିଏମ୍‌ଓ ଡା. ମିର୍ଜା ବାବର ବେଗ୍ କହିଛନ୍ତି, ଜିଲାରେ ୧୫୦୪ଟି କରୋନା ଭୂତାଣୁ ପରୀକ୍ଷା ପାଇଁ ନମୁନା ସଂଗ୍ରହ ହୋଇଛି। ଇତିମଧ୍ୟରେ ୧୪୪୭ଟି ନମୁନା ପରୀକ୍ଷା କରାଯାଇ ୨ଟି ପଜିଟିଭ ଥିବାବେଳେ ଅନ୍ୟସବୁ ନେଗେଟିଭ୍ ଥିବା ଗତ ଏପ୍ରିଲ ୭ ଓ ୧୨ ତାରିଖରେ ଜଣାପଡିଥିଲା।

## ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲା ଏସ୍‌ଏଚ୍‌ଆର୍‌ପିସି

**ରୋହିତ ଫେରୋଟେକ କାରଖାନାରେ ଶ୍ରମିକ ଆତ୍ମହତ୍ୟା ମାମଲା**

**ଯାଜପୁର ଅଫିସ, ୬।୫:** ଯାଜପୁର ଜିଲା କଳିଙ୍ଗନଗର ରୋହିତ ଫେରୋଟେକ୍ କାରଖାନାରେ ଜଣେ ଶ୍ରମିକ ମାନସିକ ନିର୍ଯାତନା ପାଇ ଆତ୍ମହତ୍ୟା କରିବା ଅଭିଯୋଗ ସଂକ୍ରାନ୍ତରେ ଜାତୀୟ ମାନବାଧିକାର କମିଶନ(ଏନଏଚଆରସି)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍(ଏସ୍‌ଏଚ୍‌ଆର୍‌ପିସି)ର ଅତିରିକ୍ତ ଡିଜି ପତ୍ର ସଂଖ୍ୟା-୬୬୦୫/୫।୫।୨୦୨୦ରେ ଯାଜପୁର ଏସ୍‌ପିଙ୍କୁ ରିପୋର୍ଟ ମାଗିଛନ୍ତି। ଉକ୍ତ ରିପୋର୍ଟରେ ୧୫ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ୨୫ ତାରିଖ ରାତିରେ କଳିଙ୍ଗନଗରସ୍ଥିତ ରୋହିତ ଫେରୋଟେକ କାରଖାନାରେ ଜଣେ ଶ୍ରମିକ ସୁନୀଲ କର୍ମକାର ଆତ୍ମହତ୍ୟା କରିଥିଲେ। କାରଖାନା କର୍ତ୍ତୃପକ୍ଷ ମାନସିକ ନିର୍ଯାତନା ଦେବାରୁ ସେ ଆତ୍ମହତ୍ୟା କରିଥିବା ମାନବାଧିକାର କର୍ମୀ ଭଜମନ ବିଶ୍ୱାଳ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଫେରାଦ ହୋଇଥିଲେ। ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ସହ ଦୋଷୀଙ୍କ ବିରୋଧରେ ୩୦୬ ଦଫାରେ ମାମଲା ରୁଜୁ କରିବାକୁ ସେ ନିବେଦନ କରିଥିଲେ। ଏ ନେଇ ଏନ୍‌ଏଚ୍‌ଆର୍‌ସି ତତ୍ପରତା ପ୍ରକାଶ କରି ୧୨୪୬/୧୮/୨୪/୨୦୨୦ରେ ଏକ ମାମଲା ପଞ୍ଜୀକୃତ କରି ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଥିଲେ।

## ସନ୍ଧ୍ୟା ୬ ପର୍ଯ୍ୟନ୍ତ ଖୋଲିବ ଦୋକାନ

**କେନ୍ଦ୍ରାପଡ଼ା ଅଫିସ, ୬।୫:** କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ କେନ୍ଦ୍ରାପଡା ଜିଲାରେ ପ୍ରତିଦିନ ୨୦ ଘଣ୍ଟା ତାଲାବନ୍ଦ ହେଉଥିଲା। ତେବେ ବୁଧବାରଠାରୁ ଏହି ସମୟ ଅବଧିକୁ ଜିଲା ପ୍ରଶାସନ ପକ୍ଷରୁ ପରିବର୍ତ୍ତନ କରାଯାଇଛି। ସକାଳ ୭ଟାଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଓ କେତେକ ନିର୍ଦ୍ଦିଷ୍ଟ ଦୋକାନ ଖୋଲାଯିବ ବୋଲି ଜିଲାପାଳ ସମର୍ଥ ବର୍ମା ବିଜ୍ଞପ୍ତି (ନଂ-୨୧୨୪) ଜାରି କରିଛନ୍ତି। ଏଥିରେ ପୂର୍ବପରି ମଦ ବ୍ୟବସାୟ, ମଲ୍ ଆଦି ବନ୍ଦ ରହିବ ବୋଲି ଉଲ୍ଲେଖ କରାଯାଇଛି।

## ସଂକ୍ଷେପରେ

### ବିଭିନ୍ନ ସମସ୍ୟା ନେଇ ଚାଷୀଙ୍କ ଦାବିପତ୍ର

କେନ୍ଦୁଝର, ୬।୫ (ସ୍ୱ.ପ୍ର.)-କୃଷି ଓ କୃଷକ ମାନଙ୍କ ସମସ୍ୟାକୁ ନେଇ ଅଲ ଇଣ୍ଡିଆ କିଶାନ କ୍ଷେତ ମଜଦୂର ସଂଗଠନ ପକ୍ଷରୁ ସର୍ବ ଭାରତୀୟ ଦାବି ଦିବସ ପାଳିତ ହୋଇଯାଇଛି । କରୋନା ପାଇଁ ଲକ ଡାଉନ ଘୋଷଣା ପରେ ପନିପରିବା ଚାଷୀ ଉତ୍ପାଦିତ ସାମଗ୍ରୀ ବିକି ନ ପାରି କ୍ଷତିଗ୍ରସ୍ତ ହୋଇଛନ୍ତି। ଧାନ ମଣ୍ଡିରେ ଚାଷୀ ଧାନ ବିକି ପାରୁନାହାନ୍ତି। ଫଳରେ ଅଭାବୀ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ମୁଗ, ବିରି, ସୂର୍ଯ୍ୟମୁଖୀ, ବାଦାମ ଆଦି ବିକ୍ରି ପାଇଁ ମଣ୍ଡି ନ ଥିବାରୁ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ବିକ୍ରି କରି କ୍ଷତି ସହୁଛନ୍ତି। ଏଣୁ ଋଣ ଛାଡ କରିବା ଚାଷୀଙ୍କୁ ସୁଧ ମୁକ୍ତ ଋଣ ପ୍ରଦାନ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି । ସେହିପରି ଖରିଫ୍ ଋତୁ ପାଇଁ ବିନା ମୂଲ୍ୟରେ ବିହନ, ସାର, ଔଷଧ, ବିଦ୍ୟୁତ, ଡିଜେଲ, କିରୋସିନି ଆଦି ଯୋଗାଇଦେବାକୁ ଦାବି କରିଛନ୍ତି। ଏଣୁ ସମସ୍ତ ସୁବିଧା ଯୋଗାଇଦେବା ସହ ମୁଗ, ବିରି ଆଦି ଶସ୍ୟର ଦର ନିର୍ଦ୍ଧାରଣ, କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା କ୍ଷତିପୂରଣ ଦେବା ପାଇଁ ସଂଗଠନର ଜିଲା କମିଟି ସମ୍ପାଦକ ବେଣୁଧର ସର୍ଦ୍ଦାର, ସଭାପତି ଘନଶ୍ୟାମ ମହାନ୍ତ ସମେତ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ୧୨ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି ।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କେନ୍ଦୁଝର, ୬।୫(ସ୍ୱ.ପ୍ର.)-ଜଙ୍ଗଲକୁ ଛତୁ ଆଣିବାକୁ ଯାଇଥିବାବେଳେ ଭାଲୁ ହାବୁଡ଼ରେ ପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଘଟଗାଁ ଥାନା ଦାଣ୍ଡିପୋଶି ଗ୍ରାମର ଲମ୍ବୋଦର ନାଏକ(୩୩) ବୁଧବାର ମଧ୍ୟାହ୍ନରେ ୪ଜଣ ସାଙ୍ଗଙ୍କ ସହ ଜଙ୍ଗଲକୁ ଛତୁ ଆଣିବା ପାଇଁ ଯାଇଥିଲେ। ହଠାତ୍ ଏକ ଭାଲୁ ବୁଦାରୁ ବାହାରି ଆସି ସେମାନଙ୍କ ମଧ୍ୟରୁ ଲମ୍ବୋଦରଙ୍କ ପେଟକୁ କାମୁଡ଼ି ଦେଇଥିଲା। ସାଙ୍ଗମାନେ ଏକ ଠେଙ୍ଗାରେ ପିଟିବାରୁ ଭାଲୁଟି ସେଠାରୁ ପଳାଇ ଯାଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# କୃଷି, ଶିଳ୍ପ, ଶ୍ରମଭିତ୍ତିକ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଗୁରୁତ୍ୱ

- ରାଜ୍ୟ ନୋଡାଲ୍ ଅଫିସରଙ୍କ କେନ୍ଦୁଝର ଗସ୍ତ
- କରୋନା ପ୍ରତିରୋଧ ନେଇ ସମୀକ୍ଷା

କେନ୍ଦୁଝର,୬।୫(ସ୍ୱ.ପ୍ର/ଡି.ଏନ୍.ଏ.)

କେନ୍ଦୁଝର ଜିଲାରେ ମହାମାରୀ କରୋନାର ପ୍ରତିରୋଧ ପାଇଁ ନିଆଯାଇଥିବା ପଦକ୍ଷେପର ତଦାରଖ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ୍ ଅଫିସର ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀକାନ୍ତ ପ୍ରୁଷ୍ଟି ମଙ୍ଗଳବାର କେନ୍ଦୁଝର ଜିଲା ଗସ୍ତରେ ଆସିଥିଲେ। ଏହି ଦୁଇ ଅଧିକାରୀ ଜିଲାର ବିଭିନ୍ନ ବ୍ଲକ୍ ପରିଦର୍ଶନ କରିବା ସହ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ତଦାରଖ ଓ ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲାରେ କୃଷି, ଶିଳ୍ପ ଓ ଶ୍ରମଭିତ୍ତିକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଆଶିଷ ଠାକରେ ମହାମାରୀ କରୋନାର ପ୍ରତିରୋଧ ପାଇଁ ଜିଲା ପ୍ରଶାସନ ତରଫରୁ ନିଆଯାଇଥିବା ବହୁବିଧ ପଦକ୍ଷେପ


ରାଜ୍ୟ ନୋଡାଲ ଅଫିସର ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ପ୍ରମୁଖ ଶାସନ ସଚିବ ଏସ୍. କୁମାର ଉଦ୍‌ବୋଧନ ଦେଇ ରବି ଫସଲର ସ୍ଥିତି ଓ ଫସଲ ସଂଗ୍ରହ ସମ୍ପର୍କରେ ସମୀକ୍ଷା କରି ଖରିଫ୍ ଚାଷ ପାଇଁ ଯଥାଯଥ ଯୋଜନା ଓ କୌଶଳ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ଉଦ୍ୟାନ କୃଷି କାର୍ଯ୍ୟକ୍ରମ ଜରିଆରେ ଚାଷୀମାନେ କିପରି ଉପକୃତ ହୋଇପାରିବେ ସେଥିପାଇଁ ପଦକ୍ଷେପ ନେବାକୁ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ଜିଏନଆରଇଜିଏସ୍ ଜରିଆରେ ଶ୍ରମଜୀବୀମାନଙ୍କୁ କାମ ଯୋଗାଇବା ସହିତ ଅଧିକରୁ ଅଧିକ ଶ୍ରମଦିବସ ସୃଷ୍ଟି କରିବା ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅର୍ଥନୀତି ଓ ଜୀବନଜୀବିକାର ପୁନରୁଦ୍ଧାର ପାଇଁ ପୂର୍ବରୁ ଚାଲୁ ରହିଥିବା ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଶିଳ୍ପ ସଂସ୍ଥା ତଥା ଖଣି ଖାଦାନକୁ ରିତିମତ୍ ଚାଲୁ କରିବା ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍.ପି. ମିତ୍ରଭାନୁ ମହାପାତ୍ର, ପିଡି ଡିଆରଡିଏ ଡ. ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ଜିଲାପାଳ ଡ.ଭକ୍ତଚରଣ ପ୍ରଧାନ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ନାୟକ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାଶ, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଏଡିପିଏଚ୍‌ଓ(ଭିବିଡି) ଡା.ଦେବେନ ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ, ସମୀକ୍ଷା ବୈଠକ ପୂର୍ବରୁ ଅଧିକାରୀ ଦ୍ୱୟ ଆନନ୍ଦପୁର ଏବଂ ଚମ୍ପୁଆ ଉପଖଣ୍ଡର ବିଭିନ୍ନ ବ୍ଲକ୍ ଗସ୍ତ କରି କେତେକ କ୍ୱାରାଣ୍ଟାଇନ୍ ସେଣ୍ଟର ପର୍ଯ୍ୟବେକ୍ଷଣ କରିଥିଲେ ଏବଂ ଚମ୍ପୁଆଠାରେ ବର୍ଡର ଚେକ୍ ପୋଷ୍ଟ ତଦାରଖ କରିଥିଲେ।

# ଅସ୍ଥାୟୀ ମେଡିକାଲ କ୍ୟାମ୍ପ ପରିଦର୍ଶନ କଲେ ଏମ୍‌ପି


ଏମ୍‌ପି ଇଂ. ବିଶେଶ୍ୱର ଟୁଡୁ ମେଡିକାଲ କ୍ୟାମ୍ପ ପରିଦର୍ଶନ କରୁଛନ୍ତି।

ବାରିପଦା ଅଫିସ, ୬।୫

ମୟୂରଭଞ୍ଜ ଏମ୍‌ପି ଇଂ. ବିଶେଶ୍ୱର ଟୁଡୁ ଶିମିଳିପାଳ ଭିତରେ ଥିବା ୩ଟି ପଞ୍ଚାୟତର ସମସ୍ତ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ବୁଲି ଦେଖିଛନ୍ତି। କେଉଁଠି ଖଟ ଓ ବେଡ୍‌ସିଟ ପଡ଼ି ନ ଥିବା ଏବଂ କେଉଁଠି ବିଦ୍ୟୁତ୍ ସେବା ଉପଲବ୍ଧ ନ ଥିବା ଏମ୍‌ପି କହିଛନ୍ତି। ଏହି ୩ଟି ଅସ୍ଥାୟୀ କେନ୍ଦ୍ର ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ଦାୟିତ୍ୱରେ ରହିଥିବାରୁ ଏମ୍‌ପି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ୩ଟି କେନ୍ଦ୍ରରେ ଦେଖା ଦେଇଥିବା ଅବ୍ୟବସ୍ଥାକୁ ସୁଧୁରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଏମ୍‌ପି ପରାମର୍ଶ ଦେଇଛନ୍ତି।

## ନାବାଳିକାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ଯୁବକ ଗିରଫ

ପାଟଣା,୬।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଭଲପାଇ ଗର୍ଭବତୀ କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଯୁବକ ଜଣକ ହେଉଛନ୍ତି କାମେଶ୍ୱରପୁର ଗ୍ରାମର ଶରତ ମୁଣ୍ଡା। ଏନେଇ ପାଟଣା ପୋଲିସ ଏକ ମାମଲା (ନଂ.୭୩/ ୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ନାବାଳିକା ଜଣକ ୮ମାସର ଗର୍ଭବତୀ ଥିବା ପୋଲିସ ସୂଚନା ଦେଇଛି।

## ଚାଲି ଚାଲି ପଳାଉଛନ୍ତି ଶ୍ରମିକ

କେନ୍ଦୁଝର, ୬।୫(ସ୍ୱ.ପ୍ର.)

କରୋନା ପାଇଁ ଲକ୍‌ଡାଉନ୍ ଘୋଷଣା ହୋଇଥିଲେ ହେଁ ଶହ ଶହ ଲୋକ କେନ୍ଦୁଝର ଜିଲା ଦେଇ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ଜିଲାକୁ ସାଇକେଲରେ ଓ ଚାଲି ଚାଲି ପଳାଇ ଯାଉଛନ୍ତି। କେତେକଙ୍କୁ ଜିଲା ପ୍ରଶାସନ ଅଟକାଇ ସଙ୍ଗରୋଧ କେନ୍ଦ୍ରରେ ରଖିବା ବ୍ୟବସ୍ଥା କରୁଥିଲେ ହେଁ ଅନେକ ମୁଖ୍ୟ ରାଜପଥରେ ପଳାଇବାକୁ ସକ୍ଷମ ହେଉଛନ୍ତି। ଏଭଳି ବୁଧବାର ସକାଳେ କେତେକ ଶ୍ରମିକ ଚାଲି ଚାଲି ଏନଏଚ-୪୯ରେ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଥିଲା। ସେମାନେ ଛତିଶଗଡରୁ ୧୦ ଦିନ ହେଲା ଚାଲି ଚାଲି ଆସିଥିବା ଆଉ ରାସ୍ତାରେ ଥକା ମେଣ୍ଟାଇ ପୁଣି ଚାଲିଥିବା କଥା କହିଥିଲେ। ସେମାନେ କାନ୍ଧ ଓ ହାତରେ ବିଭିନ୍ନ ସାମଗ୍ରୀ ଧରି ଚାଲିଥିବା ବେଳେ ଆହୁରି ଅନେକ ଲୋକ ଏଭଳି ଚାଲି ଚାଲି ଆସୁଥିବା କହିଥିଲେ।

## ଆନ୍ତଃରାଜ୍ୟ ଫେରନ୍ତାଙ୍କୁ ସଙ୍ଗରୋଧ କେନ୍ଦ୍ର ପଠାଗଲା

ଯୋଡ଼ା,୬।୫ (ଡି.ଏନ୍.ଏ.)

ରାଜ୍ୟ ବାହାରେ ଫସି ରହିଥିବା ପ୍ରବାସୀ ଓଡିଆଙ୍କୁ ଫେରାଇ ଆଣିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କରୁଛନ୍ତି। ଆନ୍ତଃରାଜ୍ୟ ଫେରନ୍ତାଙ୍କୁ ନିଜ ଅଞ୍ଚଳରେ କରାଯାଇଥିବା ସଙ୍ଗରୋଧ କେନ୍ଦ୍ରରେ ୧୪ ଦିନ ରହିବାର ସମସ୍ତ ବ୍ୟବସ୍ଥା ସହିତ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଉଛି। ଇତି ମଧ୍ୟରେ ରାଜସ୍ଥାନ କୋଟାରୁ ଫେରିଥିବା ୧୧ ଜଣ ଛାତ୍ରୀଛାତ୍ର ଓ ବିଶାଖାପାଟଣାରୁ ଫେରିଥିବା ୩ ଜଣ ଲୋକଙ୍କୁ ଯୋଡା ଟାଟାଷ୍ଟିଲ ଦ୍ୱାରା କରାଯାଇଥିବା ବିଭିନ୍ନ ସଙ୍ଗରୋଧ କେନ୍ଦ୍ରକୁ ପଠାଯାଇଛି। ପୂର୍ବରୁ ରାଜ୍ୟ ଭିତରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୦ ଜଣଙ୍କୁ ଯୋଡାରେ ଥିବା ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ସେହିପରି ତହସିଲଦାରଙ୍କଠାରୁ ଅନୁମତି ନେଇ ଏକ ବସ୍ ରିଜର୍ଭ କରି ବୁଧବାର ଅପରାହ୍ନରେ ଏକ ଠିକାସଂସ୍ଥା ୟୁନିଭର୍ସାଲ ଇନଫ୍ରାରେ କାର୍ଯ୍ୟ କରୁଥିବା ୪୦ ଜଣ ଖଣି ଶ୍ରମିକଙ୍କୁ ପଶ୍ଚିମବଙ୍ଗର ନଦିଆ ଜିଲାକୁ ନେବାପାଇଁ ବ୍ୟବସ୍ଥା କରାଯାଇଛି।

## ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ବାଲେଶ୍ୱର ଅଫିସ,୬।୫

ସମ୍ପ୍ରତି ସାରା ଦେଶରେ ଲକ୍‌ଡାଉନ୍ ଅବଧି ବୃଦ୍ଧି କରାଯାଇଥିଲା ବେଳେ ବାଲେଶ୍ୱର ଜିଲା ରେଳବାଇ ସୁଇପର କଲୋନୀରେ ରହୁଥିବା ଶତାଧିକ ଅନ୍ତେବାସୀଙ୍କ ଦୁଃଖ ବଢ଼ିଯାଇଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ଏହି କଲୋନୀର ଶତାଧିକ ପରିବାରକୁ ୫ଦିନ ପାଇଁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଶୁଖିଲା ଖାଦ୍ୟ ମଧ୍ୟରେ ଚାଉଳ, ଡାଲି, ତେଲ, ବିସ୍କୁଟ, ସାବୁନ୍, ମାସ୍କ ଏବଂ ପନିପରିବା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ସମୟରେ ସାମାଜିକ ଦୂରତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଇଥିଲା। କଂଗ୍ରେସ ନେତା ତଥା ଲୋକସଭା ନିର୍ବାଚନ


ଜିଲା କଂଗ୍ରେସ କର୍ମକର୍ତ୍ତାମାନେ ଶୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି।

ମଣ୍ଡଳୀର ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକଙ୍କ ପରାମର୍ଶକ୍ରମେ ପିସିସି ପୂର୍ବତନ ସାଧାରଣ ସମ୍ପାଦକ ସଞ୍ଜୀବ ଗିରିଙ୍କ ମାର୍ଗଦର୍ଶନରେ ନଗର କଂଗ୍ରେସ ପୂର୍ବତନ ସଭାପତି ପଦ୍ମଲୋଚନ ଲେଙ୍କା, ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ଗୋପୀନାଥ ପାଢ଼ୀ, ରାଜ୍ୟ ଛାତ୍ର କଂଗ୍ରେସର ଆବାହକ ଗୌତମ ସାହୁ, ଜିଲା ଛାତ୍ର କଂଗ୍ରେସର ଆବାହକ ଜ୍ଞାନରଞ୍ଜନ ମହାନ୍ତି, ଜିଲା ଛାତ୍ର କଂଗ୍ରେସ ଉପସଭାପତି ଜୀବନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେନ୍ ସୁବିଧା ଛାଡ଼ି ବସ୍‌ରେ ଆସିଲେ ପ୍ରବାସୀ


ଉପଜିଲାପାଳ ଓଏସ୍‌ଆରଟିସି କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ।

ଭଞ୍ଜନଗର,୬।୫(ଡି.ଏନ.ଏ.)

ପ୍ରବାସୀ ଓଡ଼ିଆଙ୍କୁ ସୁରଟରୁ ଫେରାଇ ଆଣିବା ନିମନ୍ତେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି। ଗତ ଶନିବାରଠାରୁ ସୁରଟରୁ ଓଡିଶାକୁ ଟ୍ରେନ୍ ଆସିବା ଆରମ୍ଭ କରିବା ପରେ ଲୋକେ ଆଉ ବସ୍‌ରେ ଆସିବେନି ବୋଲି ଆଶା କରାଯାଉଥିଲା। ଗତ ୪ ଦିନ ହେଲା ସୁରଟରୁ ଗଞ୍ଜାମକୁ ଟ୍ରେନ ଆସୁଥିଲେ ମଧ୍ୟ ଲୋକ ବସ୍ରୁ ଆସିବା ବନ୍ଦ କରିନାହାନ୍ତି। ସୋମବାର ସନ୍ଧ୍ୟାରେ ସୁରଟ ଛାଡିଥିବା ବସ୍ ବୁଧବାର ଗଞ୍ଜାମ ଜିଲାରେ ପହଞ୍ଚିଛି। ଅପରାହ୍ନ ୪ଟା ସୁଦ୍ଧା ୧୪ଟି ବସ୍ ଗଞ୍ଜାମ ଆସିଥିବା ଜଣାପଡ଼ିଛି। ଏହାକୁ ମିଶାଇ ଏ ପର୍ଯ୍ୟନ୍ତ ୨୮୩ଟି ବସ୍ ସୁରଟରୁ ଓଡିଆଙ୍କୁ ନେଇ ଗଞ୍ଜାମ ଜିଲାକୁ ଆସିଲାଣି। ବସ୍‌ଗୁଡ଼ିକରେ ସାମାଜିକ ଦୂରତ୍ୱ ବଜାୟ ରହୁନାହିଁ। ସେପଟେ ଜିଲାରେ ସୁରଟ ଫେରନ୍ତା ୪ ଜଣ କରୋନା ପଜିଟିଭ୍ ବାହାରିଲେଣି। ଜିଲାର ପ୍ରଥମ ୩ କରୋନା ଆକ୍ରାନ୍ତ ଭଞ୍ଜନଗର ଉପଖଣ୍ଡ ଅଞ୍ଚଳର। କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଏମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ନିଆଯାଇଥିଲା। ବୁଧବାର ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଭଞ୍ଜନଗରରେ ହୋଇଥିବା ସ୍ୱାବ୍ ସଂଗ୍ରହ କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ସ୍ଥାନୀୟ ଓଏସ୍‌ଆରଟିସି କାର୍ଯ୍ୟାଳୟ ପରିଦର୍ଶନରେ ଯାଇଥିଲେ।

## ଦୁଇ ପରିବାର ମଧ୍ୟରେ ସଂଘର୍ଷ, ୫ ଆହତ

ଭଞ୍ଜନଗର,୬।୫(ଡି.ଏନ.ଏ.)

ଭଞ୍ଜନଗର ଥାନା ମୁଜାଗଡ଼ରେ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ଜଣାପଡିଛି। ଆହତମାନେ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପ୍ରକାଶ ଯେ, ବୁଧବାର ଅପରାହ୍ନରେ କୌଣସି ଏକ କଥାକୁ ନେଇ ମୁଜାଗଡ଼ର ଦୁଇ ପରିବାର ମଧ୍ୟରେ ବଚସା ହୋଇଥିଲା। ଏହାପରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ।

## ସୁରଟରୁ ଶେରଗଡ଼ ଆସିଲେଣି ୨୫ଶହ

ଶେରଗଡ଼,୬।୫(ଡି.ଏନ୍.ଏ.)

ଶେରଗଡ଼ ବ୍ଲକକୁ ୭ ଦିନରେ ମୋଟ ୨୫୦୦ ପ୍ରବାସୀ ସୁରଟରୁ ଆସିଲେଣି। ସେମାନଙ୍କୁ ୧୯ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ଜିଲା ପ୍ରଶାସନ ଦ୍ୱାରା ଜାରି ତାଲିକା ଅନୁସାରେ ଖାଦ୍ୟ ଦିଆଯିବା ସହ ସମସ୍ତଙ୍କ ସ୍ୱାବ୍ ଟେଷ୍ଟ ପାଇଁ ବ୍ରହ୍ମପୁର ପଠାଯାଇଛି। ଆଦର୍ଶ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା କେତେଜଣଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିଛି। ମୋଟ ୧୦ହଜାର ବାହାର ଫେରନ୍ତାଙ୍କ ପାଇଁ କ୍ଷେତ୍ର ପ୍ରସ୍ତୁତ ଥିବା ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡା କହିଛନ୍ତି। ମୋଟ ୧୪୬ ବିଦ୍ୟାଳୟରେ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା କରାଯାଇଛି।

## ବ୍ରହ୍ମପୁର

### ଗଛରେ ପିଟି ହେଲା ମିନି କଣ୍ଟେନର, ଚାଳକ ଗୁରୁତର

ବାଲିଗୁଡା,୬।୫(ଡି.ଏନ୍.ଏ.)– ବାଲିଗୁଡା ଉପଖଣ୍ଡ ତୁମୁଡ଼ିବନ୍ଧ ଥାନା କୁର୍ତ୍ତମଗଡ଼ ପନ୍ଦରମାଇଲ ନିକଟରେ ଏକ ମିନି କଣ୍ଟେନର ବୁଧବାର ଗଛରେ ପିଟି ହେବାରୁ ଚାଳକ ଗୁରୁତର ହୋଇଛନ୍ତି। ବ୍ରହ୍ମପୁରରୁ ତୁମୁଡ଼ିବନ୍ଧ ଅଭିମୁଖେ କଣ୍ଟେନରଟି ଯାଉଥିବା ବେଳେ ଭାରସାମ୍ୟ ହରାଇ ପନ୍ଦର ମାଇଲ ନିକଟରେ ରାସ୍ତା କଡ଼ ଗଛରେ ପିଟି ହୋଇଯାଇଥିଲା। ତୁମୁଡ଼ିବନ୍ଧ ଅଗ୍ନିଶମ କର୍ମଚାରୀ ଓ ପୋଲିସ ପହଞ୍ଚି ଗାଡ଼ିକୁ କାଟି ଚାଳକ ତ୍ରିଲୋଚନ ମହାପାତ୍ର(୨୨)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଫୁଲବାଣୀକୁ ସ୍ଥାନାନ୍ତର କରାଯାଇଛି।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଆସିକା,୬।୫(ଡି.ଏନ୍.ଏ.)

ଆସିକା ଥାନା ଅନ୍ତର୍ଗତ ଫାପଲପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁନ୍ଦରୀ ସିଅ (୬୦)। ଘରେ ଶୋଇଥିବା ବେଳେ ରାତି ପ୍ରାୟ ସାଢେ ୧୧ଟାରେ ସୁନ୍ଦରୀଙ୍କୁ ସାପ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ଆସିକା ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁନ୍ଦରୀଙ୍କ ପୁଅ ଟୁନାଏ ନେଇ ଥାନାରେ ଜଣାଇଥିଲେ। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ କରାଇଛି। ନଂ.୮/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ଛତ୍ରପୁର ଏନ୍‌ଏସିରେ ଦୈନିକ ୧୨ ଘଣ୍ଟା ଶଟ୍‌ଡାଉନ୍

- ସନ୍ଧ୍ୟା ୭ରୁ ସକାଳ ୭ ସବୁ ବନ୍ଦ
- ଖୋଲାରହିବ ଔଷଧ ଦୋକାନ
- ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଛତ୍ରପୁର,୬।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁର ଏନ୍‌ଏସି ଦୈନିକ ସନ୍ଧ୍ୟା ୭ଟାରୁ ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶର୍ଟଡାଉନ୍ ରହିବ। କେବଳ ଔଷଧ ଦୋକାନ ଖୋଲାରହିବ। ଶର୍ଟଡାଉନ୍ ସମୟରେ କୌଣସି ବ୍ୟକ୍ତି ଘରୁ ବାହାରି ପାରିବେ ନାହିଁ। ଏଥିରେ ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏପରି ଚାଲିବ। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ଅରେଞ୍ଜ ଜୋନ୍ ଗାଇଡଲାଇନ୍ ମୁତାବକ ଛତ୍ରପୁର ଏନ୍‌ଏସିରେ ଥିବା ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ସକାଳ ୭ ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ଏ ସମ୍ପର୍କରେ ବୁଧବାର ଛତ୍ରପୁର ଏନଏସି ପକ୍ଷରୁ ଡାକବାଜି ଯନ୍ତ୍ରରେ ଜନ ସାଧାରଣଙ୍କୁ ଅବଗତ କରାଯାଇଛି। ଚା, କଫି, ପାନ, ଦୋକାନ, ଗୁଟଖା, ଗୁପଚୁପ୍, ଆଇସକ୍ରିମ୍, କୁଲଫି, ଜଳଖିଆ ଦୋକାନ, ଠେଲା, ସେଲୁନ୍, ବିୟୁଟି ପାର୍ଲର, ମାର୍କେଟ କମ୍ପ୍ଲେକ୍ସ , ସପିଂ ମଲ୍ , ଜିମ୍, ସଭାଗୃହ, କଲ୍ୟାଣ ମଣ୍ଡପ, ସୁଇମିଂ ପୁଲ୍, ପାର୍କ, ବାର୍, ଅଡିଟୋରିୟମ, ସ୍ପୋର୍ଟସ କମ୍ପ୍ଲେକ୍ସ, ଶିକ୍ଷାନୁଷ୍ଠାନ, କୋଚିଂ କ୍ଲାସ ବନ୍ଦ ରହିବ। ହୋଟେଲ, ରେଷ୍ଟୁରାଣ୍ଟରୁ କେବଳ ପାର୍ସଲ ନେଇ ହେବ। ୭୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ଗର୍ଭବତୀ ଓ ଛୋଟ ଶିଶୁମାନଙ୍କୁ ଘରେ ରହିବାକୁ ଅନୁରୋଧ କରାଯାଇଛି। ସର୍ବସାଧାରଣରେ ଛେପ ନ ପକାଇବା, ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ଦୋକାନୀମାନେ ଏହା ସୁନିଶ୍ଚିତ କରାଇବେ। ଉକ୍ତ ଆଦେଶ ଗୁଡିକର ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନଏସି ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଜାରି କରିଛନ୍ତି।

## ଦେଶୀ ମଦ, ୫ ହଜାର କେଜି ପୋଚ ଜବତ

ବ୍ରହ୍ମପୁର ଅଫିସ,୬।୫

ଲକ୍‌ଡାଉନ୍‌ରେ ସହରତଳି ଓ ଆଦିବାସୀ ଗ୍ରାମଗୁଡିକରେ ବେଆଇନ ଭାବେ ଅପମିଶ୍ରିତ ଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗରେ ଅବକାରୀ ବିଭାଗ ଏବେ ସଜାଗ ହୋଇ ଉଠିଛି। ବ୍ରହ୍ମପୁର ଅବକାରୀ ଓ ଗୋଇନ୍ଦା ବିଭାଗ ଟିମ୍ ମିଳିତ ଭାବେ କୁକୁଡାଖଣ୍ଡି ବ୍ଲକ ଉପର କୁମ୍ଭଝରି, ସୁକୁଣ୍ଡା ଛକ ଓ ଗୋକର୍ଣ୍ଣପୁରରେ ଚାଲିଥିବା ବେଆଇନ ମଦ ଭାଟି ଉପରେ ଚଢାଉ କରି ସେଠାରୁ ବିପୁଳ ପରିମାଣର ରନ୍ଧା ମଦ ଓ ପୋଚ ଜବତ କରିଥିଲେ। କୁକୁଡଡାଖଣ୍ଡି ତହସିଲଦାର ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଉପସ୍ଥିତିରେ ମଦଭାଟି ଗୁଡିକ ନଷ୍ଟ କରାଯାଇଥିଲା। ଘଟଣାସ୍ଥଳରୁ ୧୮୦ ଲିଟର ଦେଶୀ ମଦ, ୫ ହଜାର ୩୦୦ କେଜି ଗୁଡମିଶ୍ରିତ ପୋଚ, ପ୍ଲାଷ୍ଟିକ ଡ୍ରମ୍ ଓ ମଦ ପ୍ରସ୍ତୁତି ସରଞ୍ଜାମ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମଦ ଚାଲାଣରେ ବ୍ୟବହୃତ ୨ ବାଇକ୍ ମଧ୍ୟ ଜବତ କରାଯାଇଛି।

## ରାଶନ ନେବାବେଳେ ରହୁନି ସାମାଜିକ ଦୂରତ୍ୱ

ଗଞ୍ଜାମ,୬।୫(ଡି.ଏନ୍.ଏ.)

କରୋନା ମୁକାବିଲା ପାଇଁ ସରକାର ସାମାଜିକ ଦୂରତ୍ୱ ଓ ମାସ୍କ ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଗଞ୍ଜାମ ଏନ୍‌ଏସି ଅଞ୍ଚଳରେ ପିଡିଏସ୍ ଚାଉଳ ନେବାକୁ ଆସୁଥିବା ଲୋକେ ସାମାଜିକ ଦୂରତ୍ୱକୁ ମାନୁ ନାହାନ୍ତି। ଗଞ୍ଜାମ ଜିଲାରେ ୪ କରୋନା ଆକ୍ରାନ୍ତ ଚିହ୍ନଟ ହେଲେଣି। ଏଥିପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବଡିଓ ଜ୍ୟୋତି ଶଙ୍କର ରାୟ କହିଛନ୍ତି, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ କଥାବାର୍ତ୍ତା ପରେ ପଦକ୍ଷେପ ନିଆଯିବ।


ପିଡିଏସ୍ ଚାଉଳ ପାଇଁ ହିତାଧିକାରୀଙ୍କ ଭିଡ଼।

## ପ୍ରବାସୀଙ୍କୁ ଘରେ ରଖିଲେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

ଛତ୍ରପୁର,୬।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲାର କେତେକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବାସୀମାନେ ବିଶୃଙ୍ଖଳା କରୁଛନ୍ତି। ଏପରି କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଅନ୍ୟ ଜିଲାର କ୍ୱାରାନଣ୍ଟାଇନ ସେଣ୍ଟରକୁ ପଠାଇ ଦିଆଯିବ ବୋଲି ଗଞ୍ଜାମ ଏସପି ବ୍ରିଜେଶ କୁମାର ରାୟ କହିଛନ୍ତି। ପ୍ରବାସୀଙ୍କୁ ଘରେ କେହି ରଖନ୍ତୁ ନାହିଁ। ଏଥିରେ ଖିଲାପ କଲେ ଯେଉଁ ବ୍ୟକ୍ତି ଘରେ ରଖିଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ସତର୍କ କରାଇ ଦେଇଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରେ କୌଣସି ଅସୁବିଧା ହେଲେ ବିଡିଓ, ତହସିଲଦାର ଓ ସରପଞ୍ଚଙ୍କୁ ଜଣାଇବାକୁ ଏସ୍‌ପି ଅନୁରୋଧ କରିଛନ୍ତି। ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ୨୬୮ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୧୭,୨୪୪ ଜଣ ରହିଛନ୍ତି। ଦୈନିକ ସ୍ଥାନୀୟ ଥାନା ପୋଲିସ କ୍ୱାରାଣ୍ଟାଇନ୍ ସେଣ୍ଟରର ମନିଟରିଂ କରୁଛନ୍ତି। ଥାନା ପକ୍ଷରୁ ଦୈନିକ ରିପୋର୍ଟ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ପଠାଯାଉଛି। ରିପୋର୍ଟ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ଏସ୍‌ପି କହିଛନ୍ତି।

# କାଳବୈଶାଖୀର ତାଣ୍ଡବ

**ବରଗଡ଼ ଅଫିସ/ସୋନପୁର ଅଫିସ/ବୌଦ୍ଧ,୬।୫(ସ୍ୱ.ପ୍ର.)**

- ବରଗଡ଼,ବୌଦ୍ଧ,ସୋନପୁର ଜିଲାରେ ବ୍ୟାପକ କ୍ଷତି
- ବହୁ ସଂଖ୍ୟାରେ ଘର ଭାଙ୍ଗିଲା, ଉଜାଡ଼ିଲା ପନିପରିବା ଫସଲ
- ଆମ୍ବ ଚାଷୀ କ୍ଷତିଗ୍ରସ୍ତ

ମଙ୍ଗଳବାର ରାତିରେ କାଳବୈଶାଖୀ ବରଗଡ଼, ବୌଦ୍ଧ ଓ ସୋନପୁର ଜିଲାରେ ତାଣ୍ଡବ ରଚିଛି । ଏଥିଯୋଗୁ ବହୁ ଘରଦ୍ୱାରା ଭାଙ୍ଗିପଡ଼ିଥିବା ବେଳେ ବ୍ୟାପକ ପନିପରିବା ଫସଲ ନଷ୍ଟ ହୋଇଛି । ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଛି। ଏଥିଯୋଗୁ କେତେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି ।

ଆମ ବରଗଡ଼ ଅଫିସର ସୂଚନା ଅନୁଯାୟୀ, କାଳବୈଶାଖୀ ଯୋଗୁ ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ପଞ୍ଚାୟତର ଡିହାଡ଼ିଟିକ୍ରାରେ ବହୁଘର ଛାତ ଉଡ଼ି ଯାଇଛି । ଚାଳଘର ସାଙ୍ଗକୁ ଉଭୟ ଆଜବେଷ୍ଟସ୍, ଖପର ଛାତ ପ୍ରଭାବିତ ହୋଇଛି । ସେହି ଗ୍ରାମର ଗଣନାଥ ପ୍ରଧାନ, ପ୍ରେମ ପ୍ରଧାନ, ଦେବାନନ୍ଦ ତ୍ରିପାଠୀ ପ୍ରମୁଖଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଗାଇସୀମା, ତାଳପାଲି, ଅଡ଼ଗାଁ ଆଦି ଗ୍ରାମବାସୀ ପ୍ରଭାବିତ ହୋଇଛନ୍ତି । ଏହା ସହିତ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିବାବେଳେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇ ପଡ଼ିଛି । ବୁଧବାର ସକାଳୁ ଲୋକେ ଘରଛାତ ସଜାଡ଼ିବାରେ ଲାଗିଛନ୍ତି ।

ବୌଦ୍ଧ ଜିଲାରେ କାଳ ବୈଶାଖୀର ତାଣ୍ଡବ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ବଡ ବଡ ଗଛ ଉପୁଡି ପଡିଥିବାବେଳେ ଶତାଧିକ ଚାଳ , ଆଜବେଷ୍ଟସ ଓ ଟିଣ ଘର ମଧ୍ୟ କ୍ଷତିଗସ୍ତ ହୋଇଛି । ବୌଦ୍ଧ ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଗ୍ରାମରେ ଏହାର ପ୍ରଭାବ ପଡିଛି। ୫ଶହରୁ ଉର୍ଦ୍ଧ୍ୱ ପରିବାର କ୍ଷତିଗସ୍ତ ହୋଇଛନ୍ତି । ବ୍ଲକର ଗୋଛାପଡା, ବାଉଁଶୁଣୀ, ଖଲିଆପାଲି, ଗୁନ୍ଦୁଳିଆ, ଦହ୍ୟା,ମନୁପାଲି, ଓ ଅଇଁଳାପାଲି ଆଦି ପଞ୍ଚାୟତରେ କାଳବୈଶାଖୀରେ ବ୍ୟାପକ କ୍ଷତି ଘଟାଇଛି । ପବନର ବେଗ ଏତେ ପ୍ରଖର ଥିଲା ଯେ ବାଉଁଶୁଣୀର ବହୁ ବିଦ୍ୟୁତ୍ ଖୁଣ୍ଟି ଭାଙ୍ଗି ପଡିଛି । ଏଥିଯୋଗୁ ମଙ୍ଗଳବାର ରାତିରୁ ୧୫ ପଞ୍ଚାୟତରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ହରଭଙ୍ଗା ବ୍ଲକର ବନ୍ଧାପଥର ପଞ୍ଚାୟତର ବିଭିନ୍ନ ଗ୍ରାମରେ କାଳବୈଶାଖୀ ତାର ତାଣ୍ଡବଲୀଳାର ଚିହ୍ନ ଛାଡି ଯାଇଛି। ବୌଦ୍ଧ ସହର ମଧ୍ୟ ଏଥିଯୋଗୁ ପ୍ରଭାବିତ ହୋଇଛି। ପନିପରିବା ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି । କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଦେବାକୁ ଦାବି ହୋଇଛି।

ସେହିପରି ସୁବର୍ଣ୍ଣପୁର ଜିଲାରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଡଘଡି ସହ ପ୍ରବଳ ବର୍ଷା ଓ ପବନ ବୋହିଥିଲା। ଏଥିଯାଗୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଥିବା ବେଳେ ବଡ଼ ବଡ଼ ଗଛ ଉପୁଡି ପଡ଼ିଛି। କେବଳ ଜିଲା ସଦର ମହକୁମାରେ ୪୦ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି । କଚେରି ଛକ, ଏସ୍‌ପିଙ୍କ ବାସଭବନ ସମ୍ମୁଖ, ସୋନପୁର କଲେଜ, ନଳିନୀ ଛକ, ବ୍ଲକ ଛକ ଓ ମଙ୍ଗଳବାର ବଜାରରେ ବଡ଼ ବଡ଼ ଗଛ ଭାଙ୍ଗି ତଳେ ପଡ଼ିଛି । ପନିପରିବା, ଆମ୍ବ ଚାଷୀ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ରାତିରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ସେହିପରି ବ୍ଲକ ଛକରେ ଗଛ ପଡି ୫୭ ନଂ ଜାତୀୟ ରାଜପଥରେ ଯୋଗାଯୋଗ ବନ୍ଦ ଥିଲା। ଅଗ୍ନିଶମ ବିଭାଗ, ବନ ବିଭାଗ ଓ ମ୍ୟୁନିସିପାଲିଟିର କର୍ମଚାରୀ ଗଛ ଗୁଡିକୁ କାଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ରବି ଚାଷ କ୍ଷତିଗ୍ରସ୍ତ ହୋଇଛି।


ବୌଦ୍ଧରେ କ୍ଷତିଗସ୍ତ ହୋଇଥିବା ଘର ଓ ଭାଙ୍ଗି ପଡିଥିବା ଗଛ ।


ସୁବର୍ଣ୍ଣପୁର ଏସ୍‌ପିଙ୍କ ସରକାରୀ ବାସଭବନ ପାଚେରି ଗଛ ପଡି ଭାଙ୍ଗି ଯାଇଛି।


ସୋନପୁର-ବିନିକା ମୁଖ୍ୟରାସ୍ତାର ସେଲେଡି ନିକଟରେ ଏକ ଗଛ ଉପୁଡି ରାସ୍ତାରେ ପଡିଛି।

## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ୪ ଜଣଙ୍କୁ ଧରିଲା ପୋଲିସ

**ଲୋଇସିଂହା, ୬।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଆଗଲପୁର ବ୍ଲକ କଠିପାଲି ଛକଠାରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ମଙ୍ଗଳବାର ଅପରାହ୍ନରେ ଲୋଇସିଂହା ପୋଲିସ ଚଢାଉ କରିଥିଲା। ଏହି ଜୁଆ ଆଡ୍ଡାରୁ ୯ ହଜାର ୬୫୦ ଟଙ୍କା, ୪ଟି ବାଇକ୍, ୫ଟି ମୋବାଇଲ ସହ ତାସ ପୁଡ଼ିଆ ଜବତ ହୋଇଛି। ଏହାସହ ପୋଲିସ ସେଠାରୁ ୪ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ସ୍ଥାନୀୟ ଗ୍ରାମର ପ୍ରଭାକର ପଣ୍ଡା, ବେଣୁଧରପଣ୍ଡା, ଶ୍ୟାମସୁନ୍ଦର ଦଣ୍ଡସେନା ଓ ଗଙ୍ଗାଧର ମେହେର। ବୁଧବାର ପୋଲିସ ଏମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୫୫/୨୦) ରୁଜୁ ହୋଇଥିବା ଆଇଆଇସି ଲଲିତା ଲାକ୍ରା କହିଛନ୍ତି।

### ଢାବାରେ ଧରା ପଡ଼ିଲା ମଦ କାରବାର

**ଲୋଇସିଂହା,୬।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ଥାନା ଅଧୀନ ଆଗଲପୁର ବ୍ଲକ କଠିପାଲି ଛକସ୍ଥିତ ଏକ ଢାବାରେ ବେଆଇନ ବିଦେଶୀ ମଦ କାରବାର ଧରାପଡ଼ିଛି। ଚଢାଉ ବେଳେ ଢାବାରେ ବିପୁଳ ପରିମାଣର ବିଦେଶୀ ମଦ ଗଚ୍ଛିତଥିବା ପୋଲିସ ଦେଖିବାକୁ ପାଇଛି। ପୋଲିସ ଏହି ମଦ ଜବତ କରିବା ସହ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମନୁ ବେହେରା। ବୁଧବାର ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନ ମିଳିବାରୁ ଜେଲ୍ ଯିବାକୁ ପଡ଼ିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୫୪/୨୦) ରୁଜୁ ହୋଇଛି। ସୂଚନାଯୋଗ୍ୟ, କରୋନା ପରିସ୍ଥିତି ପାଇଁ ଏବେ ମଦ ଦୋକାନଗୁଡିକ ବନ୍ଦ ରହିଛି। ହେଲେ ଲୁଚାଛପାରେ ମଦ କାରବାର ଚାଲିଛି। ପୋଲିସ ଧରପଗଡ଼ ଚଳାଇଥିଲେ ବି ଏଥିରେ ଜଡିତ ବ୍ୟବସାୟୀଙ୍କ ଭୟ ରହୁନି।

### କଂକ୍ରିଟ ମିକ୍ସଚର ମେଶିନରେ ଚାପିହୋଇ ଅପରେଟର ମୃତ

**ଦେବଗଡ଼,୬।୫(ଡି.ଏନ.ଏ.):** ଦେବଗଡ଼ ଜିଲା ରିଆମାଳ ବ୍ଲକ ସୁବର୍ଣ୍ଣପାଲିରେ କଂକ୍ରିଟ ମିକ୍ସଚର ମେଶିନରେ ଚାପି ହୋଇ ବୁଧବାର ଜଣେ ଅପରେଟରଙ୍କର ମୃତ୍ୟୁ ଘଟିଛି । ସେ ହେଲେ କୁନା ପେଣ୍ଡେଇ(୨୫)। ସେ ଗଡାଇ ଗଡାଇ ମେଶିନକୁ ନେଉଥିବା ସମୟରେ ହଠାତ୍ ଭାରସାମ୍ୟ ହରାଇ ଜଣେ ବ୍ୟକ୍ତିଙ୍କ ଘରର କାନ୍ଥରେ ପିଟି ହୋଇଯାଇଥିଲା। ଏଥିରେ ଚାପିହୋଇ କୁନା ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର କିନ୍ତୁ ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଅସ୍ଥାୟୀ ଶିବିରରୁ ଖସି ପଳାଇଲେ ୭ ସୁରଟ ଫେରନ୍ତା

**ନୂଆପଡା ଅଫିସ,୬।୫**

**ଶ୍ରମ ବିଭାଗ-ବ୍ଲକ୍ କର୍ତ୍ତୃପକ୍ଷ ଦୋଷ ଲଦାଲଦି**

କରୋନା ସାରା ବିଶ୍ୱରେ ମହାମାରୀର ରୂପ ନେଇଛି। ଏହାର ମୁକାବିଲା ପାଇଁ ସାରା ପୃଥିବୀ ଏବେ ଲଢେଇ କରୁଛି। ଭାରତକୁ ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାର ଲକ୍ ଡାଉନ କରି ରଖିଛନ୍ତି। ତେବେ ଓଡ଼ିଶାର ବିଭିନ୍ନ ଜିଲାର ଲୋକେ କାମ ଧନ୍ଦା କରିବାକୁ ଯାଇ ବିଭିନ୍ନ ରାଜ୍ୟରେ ଅଟକି ରହିଛନ୍ତି। ବିମାନ, ରେଳ, ଗାଡିମୋଟର ବନ୍ଦ ଯୋଗୁ ଘରକୁ ଫେରିବା ସେମାନଙ୍କ ଲାଗି ଅସମ୍ଭବ ହୋଇ ପଡ଼ିଛି। ଏଣୁ ଓଡ଼ିଶା ସରକାର ଏବେ ପ୍ରବାସୀ ଓଡ଼ିଆମାନଙ୍କୁ ଘରକୁ ଫେରାଇ ଆଣିବାକୁ ସହଯୋଗ କରୁଛନ୍ତି। ବିଭିନ୍ନ ରାଜ୍ୟରେ ଫସି ରହିଥିବା ଶ୍ରମିକ ଓ ଛାତ୍ରୀଛାତ୍ର ଓଡ଼ିଶା ଫେରିଲେଣି। ଏହିକ୍ରମରେ ଗୁଜରାଟ ସୁରଟର ଏକ କମ୍ପାନୀ ସହାୟତାରେ ନୂଆପଡ଼ାର ୬୩ଜଣ ଶ୍ରମିକ ଫେରିଛନ୍ତି। ଏଥି ମଧ୍ୟରୁ ୫୬ଜଣଙ୍କୁ ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ହେଲେ ଏମାନଙ୍କ ଭିତରେ ଥିବା ପଡୋଶୀ ଛତିଶଗଡର ୫ଜଣ ଏବଂ ବରଗଡର ୨ଜଣ ଶ୍ରମିକ ପଳାଇ ଯାଇଛନ୍ତି।

ସୁରଟର ଏକ ଟ୍ରାନ୍ସପୋର୍ଟ କମ୍ପାନୀରେ ଏହି ଶ୍ରମିକମାନେ କାମ କରୁଥିଲେ। ଏମାନେ ଦୁଇଟି ଗାଡି ଯୋଗେ ସେଠାକାର ପ୍ରଶାସନର ଅନୁମତିକ୍ରମେ ଆସି ପହଞ୍ଚିଛନ୍ତି। ଗୋଟିଏ ଗାଡିରେ ୩୮ଜଣ ଥିଲାବେଳେ ଅନ୍ୟ ଗାଡିର ୨୫ ଜଣ ଆସିଥିଲେ। ପ୍ରଥମ ଗାଡିରେ ଥିବା ୩୮ ଜଣଙ୍କ ଭିତରୁ ନୂଆପଡା ଜିଲାର ୩୧ଜଣ ଥିଲେ। ଏହି ୩୧ ଜଣଙ୍କୁ ନିଜ ନିଜ ପଞ୍ଚାୟତରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ହେଲେ ଛତିଶଗଡର ୫ ଜଣ ଏବଂ ବରଗଡର ୨ ଜଣଙ୍କୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ନିକଟ ଅସ୍ଥାୟୀ ଶିବିରରେ ରଖାଯାଇଥିଲା। ହେଲେ ରାତି ୮ଟାବେଳକୁ ସେମାନେ ସେଠାରୁ ପଳାଇ ଥିବା ଜଣା ପଡ଼ିଥିଲା। ତେବେ ଖବର ନେବାରେ ଜଣାପଡଛି ଯେ, ଖସି ପଳାଇଥିବା ଏହି ୭ ଜଣ ଶ୍ରମିକମାନଙ୍କ ଭଲମନ୍ଦ ବୁଝିବାକୁ କୌଣସି ଅଧିକାରୀ ନ ଥିଲେ। ଏଣୁ ସେମାନେ ବେସାହାରା ହୋଇ ଚାଲି ଯିବାକୁ ବାଧ୍ୟ ହୋଇଥିଲେ। ଏହା ଉପରେ ନୂଆପଡା ଶ୍ରମ ବିଭାଗ ସଫେଇ ଦେଇ କହିଛି ଯେ, ଏହା ବ୍ଲକ ପ୍ରଶାସନର ଦାୟିତ୍ୱ। ଅନ୍ୟପକ୍ଷେ ଏହା ଶ୍ରମ ବିଭାର କାମ ବୋଲି କହି ବ୍ଲକ୍ କର୍ତ୍ତୃପକ୍ଷ ଦୋଷ ଲଦିଛି।

## ମାସ୍କ ନ ପିନ୍ଧି ଜରିମାନା ଗଣିଲେ ୧୪୨ଜଣ

**ବରଗଡ଼ ଅଫିସ,୬।୫**

ଘାତକ କରୋନା(କୋଭିଡ୍-୧୯) ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି । ଏହାକୁ ଉଲ୍ଲଂଘନ କଲେ ଜରିମାନା ଅସୁଲି କରାଯାଉଛି । ଏହି କ୍ରମରେ ମଙ୍ଗଳବାର ବରଗଡ଼ ଜିଲା ପୋଲିସ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଧରପଗଡ଼ ଚାଲିଥିଲା ଏବଂ ଏଥିରେ ୧୪୨ଜଣଙ୍କଠାରୁ ୨୮ହଜାର ୩୦୦ ଟଙ୍କା ଜରିମାନା ଅସୁଲି ହୋଇଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଟୁଇଟ୍ ପରେ ପ୍ରବାସୀ ଶ୍ରମିକ ପରିବାରକୁ ମିଳିଲା ଆଶ୍ରୟ

**ବରଗଡ଼ ଅଫିସ,୬।୫**

ଝାଡ଼ଖଣ୍ଡରୁ ଅତାବିରାକୁ ମଙ୍ଗଳବାର ପହଞ୍ଚିଥିବା ଏକ ପ୍ରବାସୀ ଶ୍ରମିକ ପରିବାର ଆଶ୍ରୟ ପାଇଁ ସମସ୍ୟାରେ ପଡିଥିଲେ । ସେମାନେ ପୂର୍ବରୁ ଏକ ଘରଭଡ଼ା ନେଇଥିଲେ ସୁଦ୍ଧା ଘର ମାଲିକ ସେମାନଙ୍କୁ ରଖିବାକୁ ମନା କରି ଦେଇଥିଲେ । ସେହିପରି ସ୍ଥାନୀୟ ପୋଲିସ, ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସେମାନଙ୍କୁ କିଛି ସୁଫଳ ମିଳି ନ ଥିଲା । ଫଳରେ ସେମାନେ ରାସ୍ତାପାର୍ଶ୍ୱ ଏବଂ ଏକ ମନ୍ଦିର ସମ୍ମୁଖରେ ଦୀର୍ଘ ସମୟ ଧରି ଖୋଲା ଆକାଶତଳେ ରହିଥିଲେ। ଏ ନେଇ ବରଗଡ଼ ଜିଲା ପାଇକମାଲ ବ୍ଲକ ଅନ୍ତର୍ଗତ ଟେମରି ଗ୍ରାମର ସାମାଜିକ କର୍ମୀ ଦୀପା ବାରିକ ବରଗଡ଼ ଜିଲାପାଳଙ୍କୁ ଫୋନ କରି ଜଣାଇଥିଲେ । ତଥାପି କୌଣସି ସନ୍ତୋଷଜନକ ଉତ୍ତର ନ ପାଇ ଦୀପା ମୁଖ୍ୟମନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି) ପ୍ରଦୀପ ଜେନା ପ୍ରମୁଖଙ୍କୁ ଟୁଇଟ୍ କରି ନିଜର କ୍ଷୋଭ ପ୍ରକାଶ ସହିତ ସମ୍ପୃକ୍ତ ପ୍ରବାସୀ ଶ୍ରମିକଙ୍କୁ ଆଶ୍ରୟ ଦେବାକୁ ନିବେଦନ କରିଥିଲେ । ଏହାପରେ ଏସ୍‌ଆରସି ଜେନା ତତ୍କାଳ ବରଗଡ଼ ଜିଲାପାଳଙ୍କୁ ସେହି ପ୍ରବାସୀ ଶ୍ରମିକଙ୍କୁ ଆଶ୍ରୟ ଦେବା ବ୍ୟବସ୍ଥା କରିବା ସହିତ ବୁଧବାର ସୁଦ୍ଧା ସେ ନେଇ ଏକ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସମ୍ପୃକ୍ତ ପ୍ରବାସୀ ଶ୍ରମିକଙ୍କୁ ଲାଦେରପାଲିର ଏକ ଘରେ ରାତାରାତି ଆଶ୍ରୟ ଦିଆଯାଇଥିଲା । ଏସ୍‌ଆରସି ଜେନାଙ୍କ ଏଭଳି ତ୍ୱରିତ୍ ପଦକ୍ଷେପ ଯୋଗୁ ମଙ୍ଗଳବାର ରାତିରେ ହୋଇଥିବା ଝଡ଼ବର୍ଷା, ବଜ୍ରପାତରୁ ଏହି ପ୍ରବାସୀ ପରିବାର ରକ୍ଷା ପାଇଥିଲେ। ଏଥିପାଇଁ ସାମାଜିକ କର୍ମୀ ଦୀପା ଏସ୍‌ଆରସି ଜେନାଙ୍କୁ ଅନ୍ୟ ଏକ ଟୁଇଟ୍‌ରେ ଧନ୍ୟବାଦ ଜ୍ଞାପନ କରିଛନ୍ତି ।


YouthAgainstCorruption, Jokhipali
@jokhipali
Replying to @PradeepJenalAS @CharubalaB and 7 others
However, after your order,the family is temporarily adjusted at a house of a person at Ladarpalli, who is a resident of Uttar Pradesh. Food is also supplied.Please ensure permanent shelter for them tomorrow..Thank you so much @PradeepJenalAS sir for your timely help..🙏🙏🙏🙏

ଏସଆରସିଙ୍କୁ ଟୁଇଟ୍‌ର ନକଲ ।

# ପୁଣି ଏକ ବାଲ୍ୟବିବାହ ରୋକିଲା ଚାଇଲ୍ଡଲାଇନ


ଚାଇଲ୍ଡଲାଇନ କର୍ମକର୍ତ୍ତା ରାଇତାଳ ଗ୍ରାମରେ ବାଲ୍ୟବିବାହ ରୋକିବାକୁ ବୁଝାଉଛନ୍ତି।

**ଦେବଗଡ଼, ୬।୫(ଡି.ଏନ.ଏ.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ରାଇତାଳ ଗ୍ରାମରେ ବାଲ୍ୟବିବାହ ପାଇଁ ଯୋଜନା ଚାଲିଥିବା ବେଳେ ଚାଇଲ୍ଡଲାଇନ ପକ୍ଷରୁ ଏହାକୁ ରୋକାଯାଇଛି। ଏପ୍ରିଲ ୨୬ରେ ରାଇତାଳରେ ଏକ ବାଲ୍ୟବିବାହ ପାଇଁ ଉଦ୍ୟମ ହେଉଥିଲା। ଅଙ୍ଗନୱାଡି କର୍ମୀ ଅମୃତବାଳା କିଷାନ ଓ ୱାର୍ଡମେମ୍ବର ବିନୋଦିନୀ ପ୍ରଧାନ ଉଭୟ ବର ଓ କନ୍ୟା ପକ୍ଷଙ୍କୁ ବୁଝାଇ ବନ୍ଦ କରିଥିଲେ । ମାତ୍ର ପୁଣି ଗୋପନରେ ବିବାହ ପାଇଁ ଉଦ୍ୟମ ହେଉଥିବା କୌଣସି ସୂତ୍ରରୁ ସୂଚନା ପାଇ ଦେବଗଡ଼ ଚାଇଲ୍ଡଲାଇନର ସଂଯୋଜକ ରମାକାନ୍ତ ସାହୁ, ସଦସ୍ୟ ଉପେନ୍ଦ୍ର ଭଞ୍ଜ ଓ ଆକ୍ସନ ଏଡ଼ର ବାଲ୍ୟବିବାହ ନିରୋଧ ଜିଲା ପରାମର୍ଶଦାତା କୁମୁଦ ଚନ୍ଦ୍ର ଶତପଥୀ ପ୍ରମୁଖ ସେଠାରେ ପହଞ୍ଚିଥିଲେ। ଉଭୟ ବର ଓ କନ୍ୟା ପକ୍ଷଙ୍କୁ ବାଲ୍ୟବିବାହ ଆଇନସମ୍ମତ ହୋଇ ନ ଥିବା ଦର୍ଶାଇ ବୁଝାଶୁଝା କରିବା ସହ ଏହାକୁ ସ୍ଥଗିତ ରଖିବାକୁ ପରାମର୍ଶ ଦେଇଥିଲେ । ଏଥିରେ ଉଭୟ ପକ୍ଷ ରାଜି ହେବା ପରେ ସାକ୍ଷୀମାନଙ୍କ ଉପସ୍ଥିତିରେ ଏକ ଚୁକ୍ତିନାମା ସ୍ୱାକ୍ଷର କରି ବିବାହକୁ ସ୍ଥଗିତ ରଖାଯାଇଥିଲା।

## କୂଅରୁ କରୋନା ଆକ୍ରାନ୍ତଙ୍କ ବଡ଼ବାପାଙ୍କ ମୃତଦେହ ଉଦ୍ଧାର

**ବଲାଙ୍ଗୀର ଅଫିସ/ଗୁଡଭେଲା/ ଦେଓଗାଁ, ୬।୫ (ଡି.ଏନ୍.ଏ.)**

ପାଞ୍ଚଦିନ ପୂର୍ବରୁ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଲିଖିରିଆ ଗାଁ ଚର୍ଚ୍ଚାକୁ ଆସିଥିଲା । ଏହି ଗାଁର ଦୁଇ ତାମିଲନାଡୁ ଫେରନ୍ତା ଯୁବ ଶ୍ରମିକ କରୋନା ଆକ୍ରାନ୍ତ ବୋଲି ଚିହ୍ନଟ ହୋଇଥିଲେ । ବୁଧବାର ଏହି ଗାଁର ଏକ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ତାଙ୍କ ନାଁ ଶୁକଦେବ ଭୋଇ (୫୦)। ଗତ ରବିବାର ରାତିରୁ ସେ ନିଖୋଜ ହୋଇଯାଇଥିଲେ। ସକାଳେ ତାଙ୍କ ମୃତଦେହ ଗାଁର ଏକ କୂଅରେ ଭାସୁଥିବା ଦେଖାଯାଇଥିଲା। ମୃତ ଶୁକଦେବ କରୋନା ଆକ୍ରାନ୍ତ ଦୁଇ ଶ୍ରମିକଙ୍କ ମଧ୍ୟରୁ ଜଣଙ୍କର ବଡବାପା ବୋଲି ଜଣାପଡିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଥିଲା । ଘଟଣା ସମ୍ପର୍କରେ ଖବର ପାଇ ତୁଷୁରା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଲିଖିରିଆ ଗାଁରେ ପହଞ୍ଚି ଉକ୍ତ କୂଅରୁ ଶୁକଦେବଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସଦର ଏସଡିପିଓ ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି। ପୋଲିସ ଏହି ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରଖିଛି ବୋଲି ସେ କହିଛନ୍ତି । ଲିଖିରିଆ ଗାଁଟି ଏବେ କଣ୍ଟେନମେଣ୍ଟ ଜୋନ୍‌ରେ ରହିଥିବାରୁ ପ୍ରଶାସନ ପକ୍ଷରୁ ମୃତ ଶୁକଦେବଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ପରିବାରର ମାତ୍ର ୫ଜଣଙ୍କୁ ଅନୁମତି ଦିଆଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷେ ନିଜ ପୁତୁରା କରୋନା ଆକ୍ରାନ୍ତ ବୋଲି ଜାଣିବା ପରେ ମାନସିକ ଭାରସାମ୍ୟ ହରାଇ ଶୁକଦେବ କୂଅକୁ ଡେଇଁ ପଡ଼ିଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

# ଲୋକଙ୍କ ଆଶା ମଉଳିଯାଇଛି

**ସମ୍ବଲପୁର,୬।୫(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ କାର୍ଯ୍ୟାଳୟରୁ ୧୫କି.ମି. ଦୂର ବୀରସିଂଗଡ଼ ପଞ୍ଚାୟତ ଅଧୀନ ହାତିବାରୀ ଗାଁ। ଏହି ଗାଁରେ ଏକ ଜଳ ଯୋଗାଣ ପ୍ରକଳ୍ପ ରହିଛି। ହେଲେ ତାହା କୌଣସି କାମରେ ଲାଗୁ ନାହିଁ। ୫ ବର୍ଷ ହେଲା ଏହି ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡିଛି। ପମ୍ପଘର ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି । ପାଇପ୍ ଗୁଡିକ ଫାଟି ଗଲାଣି। ଷ୍ଟାଣ୍ଡପୋଷ୍ଟ ଗୁଡିକ ଭାଙ୍ଗି ଯାଇଛି। ନିର୍ମାଣ ସମୟରେ ପାଣି ମିଳିବ ବୋଲି ଆଶା କରି ୩ଟି ପଡାବାସୀ ବେଶ୍ ଖୁସି ଥିଲେ। ହେଲେ କେବଳ ଉଦ୍‌ଘାଟନ ପରେ ହାତଗଣତି କେଇଦିନ ଏହି ପ୍ରକଳ୍ପ ଚାଲିବା ପରେ ବନ୍ଦ ହୋଇଗଲା। ଏଣୁ ଲୋକଙ୍କ ସବୁ ଆଶା ଭାଙ୍ଗିଗଲା। ସବୁ ସମୟରେ ଗାଁରେ ଜଳ ସଙ୍କଟ ରହିଛି । ନିର୍ବାଚନ ସମୟରେ ଆସୁଥିବା ମାଳମାଳ ରାଜନେତାଙ୍କ ଏବେ ଦେଖା ମିଳୁନାହିଁ। ଫୋନ୍ ଯୋଗେ ପାଣି ସମସ୍ୟାର ସମାଧାନ ପାଇଁ ଅନୁରୋଧ କଲେ କେବଳ ପ୍ରତିଶ୍ରୁତି ମଲୁଛି। ଅନ୍ୟପଟେ ପ୍ରଶାସନିକ ଓ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ସହ ରାସ୍ତାରୋକ ଭଳି ପଦକ୍ଷେପ ଗ୍ରହଣ କଲାପରେ ମଧ୍ୟ ସମାଧାନ ହୋଇ ପାରିଲା ନାହିଁ। ଏଣୁ ସରକାରଙ୍କ ଜଳଯୋଗାଣ ଯୋଜନା ଫେଲ୍ ମାରିଛି। ବସୁଧା ଯୋଜନା ମଧ୍ୟ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଯଦି ମରାମତି କରିବାକୁ ବର୍ଷ ବର୍ଷ ଲାଗୁଛି ତାହା ହେଲେ ଜୀବନ ଗଲାପରେ କ'ଣ ପାଣି ମିଳିବ କି ବୋଲି ଗ୍ରାମବସୀ କ୍ଷୋଭରେ କହିଛନ୍ତି। କେବଳ ଖରା ଦିନେ ନୁହେଁ, ବରଂ ବର୍ଷା ଓ ଶୀତ ଦିନରେ ମଧ ଜଳ କଷ୍ଟ ରହିଥାଏ। ହେଲେ ପାଖରେ ଥିବା ଏକ ନାଳା ଓ ପଡାରେ ଥିବା ନଳକୂଅ ଯୋଗୁ କିଛି ଦୁଃଖ ଦୂର ହୋଇଥାଏ। ପ୍ରତିବର୍ଷ ଫେବୃୟାରୀରୁ ଜୁନ ପର୍ଯ୍ୟନ୍ତ ପାଣି ପାଇଁ ଗ୍ରାମବାସୀ ଡହଳବିକଳ ହୁଅନ୍ତି। ଏଥିପାଇଁ ବିଭାଗର ଅଧିକାରୀଙ୍କ ସହ ପଞ୍ଚାୟତରେ ମଧ ଅଭିଯୋଗ କରାଯାଇଛି । ହେଲେ ମରାମତି କରାଯାଉ ନାହିଁ। ଏବେ କରୋନାକୁ ନେଇ ସରକାରୀ କଳ ବାହାନା କରୁଛି। ଯଦି ଏଭଳି ପରିସ୍ଥିତି ଲାଗି ରହେ ତେବେ ଲୋକମାନେ କରୋନାରେ ନୁହେଁ ବରଂ ଜଳକଷ୍ଟରେ ଜୀବନ ହରାଇବେ ବୋଲି ଗାଁ ଲୋକେ କହିବାକୁ ପଛାଇ ନାହାନ୍ତି।

୨୦୧୧-୧୨ରେ ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା । ଜଳ ଯୋଗାଣ ପାଇଁ ପାଇପ ବିଛା ଯାଇଛି। ବିଜୁଳି ସଂଯୋଗୀକରଣ କରି ଟ୍ରାନ୍ସଫର୍ମର ଲଗା ଯାଇଛି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁ ପ୍ରକଳ୍ପରୁ ଗ୍ରାମବାସୀଙ୍କୁ ପାଣି ମିଳିପାରୁନାହିଁ । କିନ୍ତୁ ପ୍ରକଳ୍ପ ନାଁରେ ପ୍ରତିମାସ ପଞ୍ଚାୟତ ପକ୍ଷରୁ ବିଦ୍ୟୁତ୍ ଦେୟ ପଇଠ କରାଯାଉଛି । ପ୍ରକଳ୍ପ ନିର୍ମାଣ ସମୟରେ ବିଭାଗ ପକ୍ଷରୁ ସୂଚନା ଫଳକରେ ସବିଶେଷ ତଥ୍ୟ ଉଲ୍ଲେଖ କରିବା କଥା। ହେଲେ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ସୂଚନା ଫଳକ ନ ଥିବାରୁ ଏହାର ପ୍ରକୃତ ବ୍ୟୟ ଅଟକଳ କେତେ, କେବେ କାମ ଆରମ୍ଭ ଓ ଶେଷ, ଠିକାଦାର କିଏ, କେତେ ପାଣି ମିଳିବ ଆଦି ବିଷୟରେ ସୂଚନା ଦିଆଯାଇନାହିଁ । ଏ ସମ୍ପର୍କରେ ଆରଡବ୍ଲ୍ୟୁଏସ୍ଏସ୍ ନିର୍ବାହୀଯନ୍ତ୍ରୀ ବି.କେ. ରାଉତରାୟ କହିଛନ୍ତିଯେ, ଏ ସମ୍ପର୍କରେ ତାଙ୍କ ପାଖରେ ଅଭିଯୋଗ ହୋଇନାହିଁ। ହେଲେ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୩ଟି ୱାର୍ଡ଼କୁ ନେଇ ଏହି ଗାଁ ଗଠିତ। ଏହି ଗାଁର ପ୍ରାୟ ୨୫୦୦ରୁ ଉର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ଏତେ ସଂଖ୍ୟକ ଲୋକଙ୍କ ଲାଗି ଏହି ଗାଁରେ ମାତ୍ର ୭ଟି ନଳକୂଅ ରହିଛି। ହେଲେ କେଉଁ ନଳକୂଅ ଚାଲୁଛି ତ ଆଉ କେଉଁଥିରୁ ପିଇବା ଯୋଗ୍ୟ ପାଣି ବାହାରୁନି। ଏଣୁ ଏହି ସବୁ ନଳକୂଅ ଲୋକଙ୍କ ଆବଶ୍ୟକତା ମେଣ୍ଟେଇ ପାରୁନାହିଁ।


ହାତିବାରୀରେ ଥିବା ଜଳ ଯୋଗାଣ ପ୍ରକଳ୍ପ ।

# ଦିନକ ପରେ ଧାନକିଣା, ଚାଷୀଙ୍କୁ ଅଡୁଆ କଟକଣା

**ବରଗଡ଼ ଅଫିସ୍,୬।୫**

ବରଗଡ଼ ଜିଲାରେ ରବିଋତୁ ଧାନ ଅମଳ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଦିନକ ପରେ ଅର୍ଥାତ୍ ଶୁକ୍ରବାରରୁ ଜିଲାରେ ଧାନ କିଣାବିକା ଆରମ୍ଭ ହେବ । ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପଟେ ଅଳ୍ପଦିନ ବ୍ୟବଧାନରେ କାଳବୈଶାଖୀ ମାଡ଼ି ଆସୁଛି। ଫଳରେ ଚାଷୀମାନେ ମଧ୍ୟ ସେମାନଙ୍କ ଅମଳ ଧାନ ତୁରନ୍ତ ବିକ୍ରି କରିବାକୁ ଚାହୁଁଛନ୍ତି । କିନ୍ତୁ ଏଥର ଧାନ କିଣାବିକା ପ୍ରକ୍ରିୟାରେ ଲକ୍ ଡାଉନ୍ ପ୍ରଭାବ ପଡ଼ିବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଛି । ଲକ୍ ଡାଉନ୍ ଯୋଗୁ ଗୋଟିଏ ପଟେ ଜିଲାରେ କୃଷି ଶ୍ରମିକଙ୍କ ଅଭାବ ଦେଖାଯାଇ ଥିବାବେଳେ ଅନ୍ୟପଟେ ସାମାଜିକ ଦୂରତ୍ୱ ନେଇ କଟକଣା ଧାନ କିଣାବିକାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି । ଫଳରେ ଏହା ଏବେ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥା କାରଣ


ଅତାବିରା ବ୍ଲକ ପୋଡ଼ବାଡ଼ି ପାଲିଟିକ୍ରାରେ ଜଣେ ଚାଷୀ ଅମଳ ଧାନକୁ ବିକ୍ରି ପାଇଁ ତାରପୋଲିନ ଘୋଡ଼ାଇ ରଖିଛନ୍ତି ।

- ସାମାଜିକ ଦୂରତ୍ୱକୁ ଏଥର ଗୁରୁତ୍ୱ
- ଦିନକୁ ଆସିପାରିବେ ୩୦ ଚାଷୀ
- ଏକର ପ୍ରତି ବିକିବେ ୨୬ କୁଇଣ୍ଟାଲ

ପାଲଟିଛି । କୃଷି ଶ୍ରମିକଙ୍କ ଅଭାବ ଲାଗି ରହିଲେ ଏବଂ ମଣ୍ଡିରୁ ତୁରନ୍ତ ଧାନ ଉଠା ନ ଗଲେ ଅଭାବୀ ବିକ୍ରି ସାଙ୍ଗକୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଅଚଳାବସ୍ଥା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି ।

ବରଗଡ଼ ଜିଲାରେ ୭୩ହଜାର ୭୬୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା । ତେବେ ଇତିମଧ୍ୟରେ ଧାନ ବିକ୍ରି ପାଇଁ ୭୩ ହଜାର ୨୧୫ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି । ଧାନ କିଣାବିକା ପାଇଁ ସମୁଦାୟ ୧୩୭ଟି ମଣ୍ଡି ଖୋଲାଯିବାର ବ୍ୟବସ୍ଥା ରହିଛି । ସେଥିରୁ ୧୨୪ଟି ମଣ୍ଡିରେ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଏବଂ ଅନ୍ୟ ୧୩ଟିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଧାନକ୍ରୟ କରିବାର ବ୍ୟବସ୍ଥା କରାଯାଇଛି । ଧାନ କିଣାବିକାରେ ଏଥର ଜିଲାର ୧୧୪ଟି ରାଇସ୍ ମିଲକୁ ସାମିଲ୍ କରାଯାଇଛି । ତେବେ କରୋନା(କୋଭିଡ୍-୧୯) ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଏଥର ମଣ୍ଡିରେ ମଧ୍ୟ ସାମାଜିକ ଦୂରତ୍ୱ ଅବଲମ୍ବନକୁ ଗୁରୁତ୍ୱ ଦିଆଯାଇଛି । ଏକର ପ୍ରତି ୨୬ କୁଇଣ୍ଟାଲ ହାରରେ ପ୍ରତି ମଣ୍ଡିକୁ ଦିନକୁ କେବଳ ୩୦ଜଣ ଚାଷୀ ସାମାଜିକ ଦୂରତା ରଖି ଧାନ ବିକ୍ରିପାଇଁ ଆସି ପାରିବେ ବୋଲି କଟକଣା କରାଯାଇଛି । ଏହା ସେମାନଙ୍କୁ ଅଡୁଆରେ ପକାଇବ ବୋଲି ଚାଷୀମହଲରେ ମତପ୍ରକାଶ ପାଇଛି ।

ବରଗଡ଼ ବ୍ଲକ କଲାପାଣିର ଜଣେ ଚାଷୀ ଏକାଦଶିଆ ସାହୁ କହିଛନ୍ତି, ଏଥର ଧାନବିକ୍ରିରେ ଚାଷୀ ବହୁ ହଇରାଣ ହରକତରେ ପଡ଼ିବ। ତାହା ଏବେଠାରୁ ବାରି ହୋଇ ପଡ଼ିଲାଣି । କୃଷି ଶ୍ରମିକ ନ ପାଇ ଚାଷୀମାନେ ନିଜ ପରିବାର ଲୋକଙ୍କୁ ନେଇ ଧାନ ଅମଳ କରୁଛନ୍ତି। ଅଥଚ ୮ତାରିଖରୁ ମଣ୍ଡି ଖୋଲିଲେ ସୁଦ୍ଧା ମିଲର୍ସମାନେ ନାନା ଆଳ ଦେଖାଇ ଧାନ ଉଠାଇବାକୁ ଆସିବେ ନାହିଁ ଏବଂ ଜାଣିଶୁଣି ବିଳମ୍ବ କରିବେ । ଏଭଳି ହେଲେ ଚାଷୀ ବହୁତ ଅସୁବିଧାରେ ପଡ଼ିବ ଏବଂ ଏଥିପ୍ରତି ପ୍ରଶାସନ ବେଳ ଥାଉଥାଉ ପଦକ୍ଷେପ ନେବା ଦରକାର । ଅନ୍ୟପଟେ ବରଗଡ଼ ଆରଏମସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ କହିଛନ୍ତି, ଧାନ ସଂଗ୍ରହ ପାଇଁ ବରଗଡ଼ ଆରଏମସି ଅଧିନ ୧୮ଟି ସ୍ଥାୟୀ ବଜାର ପ୍ରାଙ୍ଗଣ ଏବଂ ୩୫ଟି ଧାନକ୍ରୟ କେନ୍ଦ୍ର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ।

ଅତାବିରା ଆରଏମସି ସମ୍ପାଦକ ବିଶ୍ୱଜିତ ବାରିକ କହିଛନ୍ତି, ୮ରୁ ଧାନ କିଣାବିକା ଆରମ୍ଭ ହେବ । କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଏଥର ମଣ୍ଡି ଗୁଡ଼ିକରେ ମଧ୍ୟ ଧାନ କିଣାବିକା ସମୟରେ ସତର୍କତା, ସଚେତନତା ପଦକ୍ଷେପ ନିଆଯାଉଛି । ପ୍ରତି ମଣ୍ଡିରେ ମାସ୍କ, ସାନିଟାଇଜିଂ ବ୍ୟବସ୍ଥା ସହିତ ତାକୁ ଗଚ୍ଛିତ ରଖାଯାଇଛି । ସିଏସଓ ଦୁର୍ଗାଚରଣ ଭେସ୍ରା କହିଛନ୍ତି, ୮ତାରିଖ ଧାନ କିଣାବିକା ପ୍ରକ୍ରିୟାର ଉଦଘାଟନ ହେବ । ଉଦଘାଟନର ୨/୩ ଦିନ ପରେ ଧାନ କିଣାବିକା ସ୍ୱାଭାବିକଭାବେ ଚାଲିବ। ମଣ୍ଡି ଗୁଡ଼ିକରେ ଦିନକୁ କେବଳ ୩୦ଜଣ ଲେଖାଏଁ ଚାଷୀ ଧାନ ବିକ୍ରି ପାରିବେ। ଚାଷୀଙ୍କୁ ପୂର୍ବରୁ ଜଣାଇ ଦିଆଯିବ।

## ସଂକ୍ଷେପରେ

### ମହିଳାଙ୍କୁ ଟାଙ୍ଗିଆରେ ଆକ୍ରମଣ, ଯୁବକ ଗିରଫ

ରେଙ୍ଗାଲି,୬।୫(ଡି.ଏନ.ଏ.): ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଜଙ୍ଗଲା ଗ୍ରାମରେ ସୁକୁମାରୀ ମାଝି (୪୦) ନାମ୍ନୀ ଜଣେ ମହିଳାଙ୍କୁ ସେହି ଗ୍ରାମର ଶ୍ରୀକାନ୍ତ ବାଗ୍(୨୯) ଟାଙ୍ଗିଆରେ ଆକ୍ରମଣ କରିଥିବା ବୁଧବାର ଅଭିଯୋଗ ହୋଇଛି। ପୋଲିସ ଶ୍ରୀକାନ୍ତଙ୍କୁ ଗିରଫ କରିବା ସହ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି। ସୁକୁମାରୀ ଗାଧୋଇ ଘରକୁ ଫେରୁଥିବା ବେଳେ ଶ୍ରୀକାନ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସୁକୁମାରୀଙ୍କ ବାମ ହାତ ପାପୁଲି, ବାମ କାନ ଏବଂ ପିଠିରେ ଗଭୀର ଆଘାତ ଲାଗିଛି । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସୂଚନା ପାଇଛି ।

### ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର

ଜୁନାଗଡ଼,୬।୫(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଞ୍ଚଳରେ ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବତୀ(୨୦)ଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡିତା ୭ମାସର ଅନ୍ତଃସତ୍ତ୍ୱା ଥିବାବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଜୁନାଗଡ଼ ଥାନା ଅନ୍ତର୍ଗତ ନକଟିଗୁଡା ଗ୍ରାମର ପରିଚୟ ଲହଜଲ(୩୨)। ସେ ବିବାହିତ। ହେଲେ ସେ ଗତ ଏକବର୍ଷ ହେଲା ସଂପୃକ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଇତିମଧରେ ଯୁବତୀ ଜଣକ ଅନ୍ତଃସତ୍ତ୍ୱା ଥିବା ଜଣାପଡିବା ପରେ ତାଙ୍କୁ ସେ ବିବାହ କରିବାକୁ ମନା କରିଦେଇଥିଲେ। ଗତ ଏପ୍ରିଲ ୨୩ରେ ଯୁବତୀଙ୍କ ପରିବାର ଲୋକେ ଏ ନେଇ ପଞ୍ଚାୟତରେ ଅଭିଯୋଗ କରିଥିଲେ। ଏଥିପାଇଁ ଏକ ସଭା ବସିଥିଲା । ପରିଚୟ ଉକ୍ତ ଯୁବତୀଙ୍କ ସହିତ ଗତ ଏକ ବର୍ଷ ଧରି ଶାରୀରିକ ସମ୍ପର୍କ ରଖିଥିବା ସ୍ୱୀକାର କରିଥିଲେ। ପରେ ଅନ୍ତଃସତ୍ତ୍ୱା ଯୁବତୀଙ୍କୁ ଦ୍ୱିତୀୟ ସ୍ତ୍ରୀର ମର୍ଯ୍ୟାଦା ଦେବା ପାଇଁ ପଞ୍ଚାୟତ ସମ୍ମୁଖରେ ପରିଚୟ କଥା ଦେଇଥିଲେ। ହେଲେ କିଛିଦିନ ପରେ ଅନ୍ତଃସତ୍ତ୍ୱାଙ୍କୁ ରଖିବି ନାହିଁ ବୋଲି ସେ ରୋକ୍‌ଠୋକ୍ ମନାକରି ନାନା ଧମକଚମକ ଦେଇଥିବା ଜୁନାଗଡ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଜୁନାଗଡ ଥାନାରେ ଦଫା ୩୭୬, ୫୦୬ରେ ଏକ ମାମଲା (ନ.୧୩୨/୨୦)ରୁଜୁ ହୋଇଛି। ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭିଯୁକ୍ତ ଓ ପୀଡିତାଙ୍କର ଡାକ୍ତରୀ ମାଇନା କରାଯାଇଛି।

### ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କଲେ ଜିଲାପାଳ

ଜୁନାଗଡ,୬।୫(ଡି.ଏନ୍.ଏ): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବୁଡିପଦର ଓ ତଳମଲାଠାରେ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରକୁ ବୁଧବାର ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ ପରିଦର୍ଶନ କରିଥିଲେ। ସେଠାରେ ରହୁଥିବା ଶ୍ରମିକଙ୍କ ସ୍ଥିତି ବୁଝିବା ସହ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲାପାଳଙ୍କ ସହ ପିଡି ପ୍ରଭାତ କୁମାର ମହାପାତ୍ର, ବିଡିଓ ଦୁଲାରାମ ମାରାଣ୍ଡି, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, ବିଏସଏସଓ୍ ତୁଷାରରଞ୍ଜନ ସାହୁ, ସରପଞ୍ଚମାନେ ଉପସ୍ଥିତ ଥିଲେ।

# ୩ ବର୍ଷର ସମ୍ପର୍କ ପରେ ଥାନାରେ ହେଲା ବାହାଘର

**ବାମରା,୬।୫ (ଡି.ଏନ.ଏ.)**

- ଲକ୍‌ଡାଉନ ଯୋଗୁ ବିବାହ ଘୁଞ୍ଚାଇବାକୁ ଜିଦ୍ ଧରିଥିଲେ ବରପକ୍ଷ
- ପୋଲିସ ଉପସ୍ଥିତିରେ କନ୍ୟା ମଥାରେ ସିନ୍ଦୂର ପିନ୍ଧାଇଲେ ବର

ଦୀର୍ଘ ୩ ବର୍ଷର ସମ୍ପର୍କ ପରେ ଗତ ମଙ୍ଗଳବାର ସ୍ଥାନୀୟ ମହୁଲପାଲି ଥାନାରେ ସେମାନଙ୍କ ବାହାଘର ସମ୍ପନ୍ନ ହୋଇଛି । ବିଭିନ୍ନ କାରଣରୁ ସେମାନଙ୍କ ବିବାହ ତାରିଖ ଘୁଞ୍ଚି ଚାଲିଥିଲା । ଶେଷରେ ସେଥିରେ ପ୍ରତିବନ୍ଧକ ସୃଷ୍ଟି କଲା କରୋନା କଟକଣା । ଏହାକୁ ନେଇ କନ୍ୟା ଓ ବରପକ୍ଷ ଚିନ୍ତାରେ ଥିଲେ । ଏପରି କି ଗତ ୫ ତାରିଖରେ ବାହାଘର ପାଇଁ ଲଗ୍ନଧାର୍ଯ୍ୟ ହୋଇଥିଲା । କନ୍ୟାଘରେ ସେଥିପାଇଁ ପ୍ରସ୍ତୁତି ଚାଲିଥିଲା । ଗତ ୩ ତାରିଖରେ କନ୍ୟାଙ୍କ ଘରେ ତୈଳଭିଷେକ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ହେଲେ ବରପକ୍ଷ ପୁଣିଥରେ ଏହି ବାହାଘରକୁ ଆସନ୍ତା ଅକ୍ଟୋବର ମାସକୁ ଘୁଞ୍ଚାଇବାକୁ ଖବର ଦେଇଥିଲେ । ଏହାକୁ ନେଇ କନ୍ୟାପକ୍ଷ ଚିନ୍ତାରେ ପଡିଥିଲେ । ଶେଷରେ ଏହି ବିବାଦ ମହୁଲପାଲି ଥାନାରେ ପହଞ୍ଚି ଥିଲା। ଥାନା ଅଧିକାରୀଙ୍କ ହସ୍ତକ୍ଷେପ ପରେ ଉଭୟ ପକ୍ଷର ହାତଗଣତି ସମ୍ପର୍କୀୟ ଓ ଲକ୍‌ଡାଉନ କଟକଣା ମଧ୍ୟରେ ଏହି ବିବାହ ସମ୍ପନ୍ନ ହୋଇଛି ।

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ବକ୍ସମା ଗାଁର କୁମତି ସିଂ (୩୦)ଙ୍କ ସହ ମହୁଲପାଲି ଥାନା ଅନ୍ତର୍ଗତ କୁନ୍ତରା ଗାଁର ବିକାଶ ସୁରୁଜାଲିଆଙ୍କ (୩୩)ଙ୍କ ମଧରେ ଗତ ୩ ବର୍ଷ ତଳେ ବିବାହ ଧାର୍ଯ୍ୟ ହୋଇଥିଲା । ହେଲେ ବିଭିନ୍ନ କାରଣରୁ ତାହା ଘୁଞ୍ଚି ଚାଲିଥିଲା । ତଥାପି ଉଭୟେ ବିବାହ ପାଇଁ ରାଜି ଥିଲେ । ସେମାନଙ୍କ ଏପରି ନିଷ୍ପତ୍ତି ପରେ ଉଭୟ ପରିବାର ଲୋକେ ବିବାହ ପାଇଁ ସମ୍ମତି ପ୍ରଦାନ କରିଥିଲେ । ମେ' ୫ ତାରିଖ ଦିନ ବାହାଘର ପାଇଁ ଲଗ୍ନ ଧାର୍ଯ୍ୟ କରାଯାଇଥିଲା । ହେଲେ ଲକ୍‌ଡାଉନ କଟକଣା ସେଥିରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ଏଥିପାଇଁ ଦୁଇ ପରିବାର କୁସୁମି ଫାଣ୍ଡି ଓ ମହୁଲପାଲି ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ ବିବାହ ଧୁମ୍‌ଧାମ୍‌ରେ କରିବାକୁ ଅନୁମତି ମିଳି ନ ଥିଲା । ତଥାପି ଲଗ୍ନ ମୁତାବକ ମେ' ୩ ତାରିଖ ଦିନ କନ୍ୟା ଘରେ ତୈଳଭିଷେକ କାର୍ଯ୍ୟକ୍ରମ ଚାଲିଥିଲା । ମାତ୍ର ସେଦିନ ବରପକ୍ଷ ବାହାଘର ଆସନ୍ତା ଅକ୍ଟୋବରରେ କରିବାକୁ ଫୋନ ଦ୍ୱାରା କନ୍ୟାପକ୍ଷଙ୍କୁ


କୁମତିଙ୍କ ମଥାରେ ସିନ୍ଦୂର ଭରୁଛନ୍ତି ବିକାଶ ।

ଜଣାଇଥିଲେ । ଏହାକୁ ନେଇ କନ୍ୟାପକ୍ଷ ସମ୍ପୂର୍ଣ୍ଣ ଭାଙ୍ଗିପଡିବା ସହ କୁସୁମି ଫାଣ୍ଡି ଅଧିକାରୀ ଦେବରାଜ ସାହୁଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଥିରେ ହସ୍ତକ୍ଷେପ କରିଥିଲେ ମହୁଲପାଲି ଥାନା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ବେହେରା । ସେ ଉଭୟ ପକ୍ଷଙ୍କୁ ମଙ୍ଗଳବାର ଥାନାକୁ ଡକାଇ ବୁଝାସୁଝା କରିବା ପରେ ସେଠାରେ ହିଁ ବାହାଘର ସମ୍ପନ୍ନ ହୋଇଥିଲା । ଲକ୍‌ଡାଉନ ନିୟମକୁ ଦୃଷ୍ଟିରେ ରଖି ସାମାଜିକ ଦୂରତ୍ୱ ରକ୍ଷା ସହିତ ବରକନ୍ୟା ଓ ଉପସ୍ଥିତ ସମ୍ପର୍କୀୟମାନେ ମାକ୍ସ ପିନ୍ଧି ଥିଲେ । ସମସ୍ତେ ସାନିଟାଇଜରରେ ହାତ ସଫା କରିଥିଲେ। ଶେଷରେ ବରକନ୍ୟା ପାରମ୍ପରିକ ବିବାହ ବେଶରେ ପରସ୍ପରକୁ ମାଲ୍ୟାର୍ପଣ କରିଥିଲେ। ବରକନ୍ୟା ମଥାରେ ସିନ୍ଦୁର ପିନ୍ଧାଇବା ପରେ ଏହି ବାହାଘର ଶେଷ ହୋଇଥିଲା । ଶେଷରେ ବରକନ୍ୟା ଉପସ୍ଥିତ ସମ୍ପର୍କୀୟଙ୍କ ପାଦ ସ୍ପର୍ଶ କରି ଆଶୀର୍ବାଦ ଭିକ୍ଷା କରିଥିଲେ।

# ବନ୍ଧାହେଲେ ଠିକା ମ୍ୟାନେଜର, ବଡ଼ବଡ଼ିଆ ଫେରାର

**ବଲାଙ୍ଗୀର ଅଫିସ/ପାଟଣାଗଡ଼, ୬।୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ତମିଆଁ-ମୁନ୍ଦଲସର ସୁକ୍‌ତେଲ ବ୍ରିଜର ଗତ ଏପ୍ରିଲ ୨୯ ତାରିଖରେ ମରାମତି ଚାଲିଥିବାବେଳେ ଭୁଶୁଡି ପଡିଥିଲା। ବ୍ରିଜ୍ ସ୍ଲାବ୍ ତଳେ ଚାପି ହୋଇ ନିର୍ମାଣ କାମରେ ନିୟୋଜିତ ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ । ଏହି ଘଟଣାରେ ପୋଲିସ ବୁଧବାର ଠିକାସଂସ୍ଥାର ମ୍ୟାନେଜର ଦିନେଶ ନାୟାରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପାଟଣାଗଡ ଉପକାରାଗାରକୁ ପଠାଇ ଦିଆଯାଇଛି। ବ୍ରିଜ୍ ଭୁଶୁଡିବା ଘଟଣାକୁ ନେଇ ଲରମ୍ବା ଥାନାରେ ଏକ ମାମଲା (ନଂ.୪୮/୨୦) ରୁଜୁ ହୋଇଥିଲା । ଏହି ମାମଲା ଆଧାରରେ ଠିକାସଂସ୍ଥା ମ୍ୟାନେଜର ନାୟାରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିଲା। ପରେ ତାଙ୍କୁ ଗିରଫ କରାଯାଇଥିବା ପାଟଣାଗଡ ଏସ୍‌ଡିପିଓ ସୁରେଶ ନାୟକ ସୂଚନା ଦେଇଛନ୍ତି। ବ୍ରିଜ୍ ଭୁଶୁଡିବା ଘଟଣା ପରଠାରୁ ଠିକା ସଂସ୍ଥା ରାମକୁମାର ଅଗ୍ରୱାଲ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ, ପାଟଣାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଓ କନିଷ୍ଠ ଯନ୍ତ୍ରୀ ଫେରାର ହୋଇଯାଇଥିବା ଜଣାପଡ଼ିଛି । ପୋଲିସ ସେମାନଙ୍କ ମଧ୍ୟରୁ ଜଣଙ୍କୁ ବି ଗିରଫ କରିପାରିନାହିଁ । ବ୍ରିଜ୍ ଭୁଶୁଡି ପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା । ନିମ୍ନମାନର କାମ ଯୋଗୁ ବ୍ରିଜ୍‌ଟି ଭୁଶୁଡି ପଡିଲା ଓ ଏଥିରେ ଦୁଇଜଣ ଶ୍ରମିକଙ୍କ ଜୀବନ ଗଲା ଅଭିଯୋଗ କରି ଲୋକେ ଠିକାସଂସ୍ଥା ମାଲିକ, ବିଭାଗୀୟ ଏସ୍‌ଡିଓ ଓ କନିଷ୍ଠ ଯନ୍ତ୍ରୀଙ୍କ ଗିରଫ ଦାବି କରିଥିଲେ । ଗତ ୩୦ ତାରିଖରେ ଭୁବନେଶ୍ୱରରୁ ଏକ ଉଚ୍ଚସ୍ତରୀୟ ଟିମ୍ ବ୍ରିଜ୍ ଭୁଶୁଡିବା ଘଟଣାକୁ ନେଇ ତଦନ୍ତ କରିଥିଲା । ଓଡିଶା ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ ସତ୍ୟଜିତ୍ ଚକ୍ରବର୍ତ୍ତୀ ଓ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର (ବ୍ରିଜ୍) ହେମନ୍ତ କୁମାର ଦତ୍ତ ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ଓ ଏହା ପରେ ରାଜ୍ୟ ସରକାର ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ । ତେବେ ବ୍ରିଜ୍ ଭୁଶୁଡିବା ୭ ଦିନ ବିତିଯାଇଥିଲେ ମଧ ସରକାର ଏନେଇ କ'ଣ ପଦକ୍ଷେପ ନେଇଛନ୍ତି ଜଣାପଡିନାହିଁ । ଏପଟେ ବିଭାଗୀୟ ଯନ୍ତ୍ରୀ ଓ ଠିକାସଂସ୍ଥା ମାଲିକ ଲକ୍‌ଡାଉନ୍ ସମୟରେ ଫେରାର ହୋଇଥିବାରୁ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ବ୍ରିଜ୍‌କୁ ସମ୍ପୂର୍ଣ୍ଣ ନୂଆ କରି ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

**ସୁକ୍‌ତେଲ ବ୍ରିଜ୍ ଭୁଶୁଡ଼ିବା ଘଟଣା**


ଠିକାସଂସ୍ଥା ପ୍ରୋଜେକ୍ଟ ମ୍ୟାନେଜର ଦିନେଶ ନାୟାରଙ୍କୁ ପୋଲିସ କୋର୍ଟଚାଲାଣ କରୁଛି ।

# ଚାଲି ଚାଲି ଫେରୁଛନ୍ତି ଝାଡ଼ଖଣ୍ଡ, ବିହାରର ୩୦ଶ୍ରମିକ

**ଦେବଗଡ଼, ୬।୫(ଡି.ଏନ.ଏ.)**



ସରକାରଙ୍କ ନିକଟରେ ନାମ ପଞ୍ଜୀକରଣ ନ ହେବା ଏବଂ କାର୍ଯ୍ୟ କରୁଥିବା ନିର୍ମାଣକାରୀ ସଂସ୍ଥାରୁ ଆଶାଜନକ ସହଯୋଗ ନ ପାଇବାରୁ ୩୦ଜଣ ଶ୍ରମିକ ଦେବଗଡ଼ ଜିଲା ବାରକୋଟ ଛାଡି ନିଜ ରାଜ୍ୟ ଝାଡ଼ଖଣ୍ଡ ଓ ବିହାର ଅଭିମୁଖେ ମୁହାଁଇଛନ୍ତି। ବାରକୋଟ ସଦର ମହକୁମାର ୪୯ନମ୍ବର ଜାତୀୟ ରାଜପଥରେ ନିର୍ମାଣାଧୀନ ଏକ ପୋଲ ନିର୍ମାଣ କାର୍ଯ୍ୟରେ ଅନ୍ୟ ଶ୍ରମିକମାନଙ୍କ ସହ ଝାଡ଼ଖଣ୍ଡ ଏବଂ ବିହାର ରାଜ୍ୟର ବହୁ ଶ୍ରମିକ ନିୟୋଜିତ ଥିଲେ। ଲକ୍‌ଡାଉନ୍ ଯୋଗୁ ଦୀର୍ଘଦିନ ଧରି ନିର୍ମାଣ କାମ ବନ୍ଦ ରହିବାରୁ ସେମାନେ ନିଜ ରାଜ୍ୟକୁ ଫେରି ନ ପାରି ବାରକୋଟରେ ଅଟକି ରହିଥିଲେ । ଲକ୍‌ଡାଉନ୍ କୋହଳ ପରେ ପୋଲ କାମ ଆରମ୍ଭ ହୋଇଥିଲେ ମଧ ସେମାନେ ସରକାରଙ୍କ ନିକଟରେ ନାମ ପଞ୍ଜୀକରଣ କରିପାରି ନ ଥିଲେ। ଏଥିଯୋଗୁ ସେମାନେ ଏଠାକାର ସରକାରଙ୍କ ତରଫରୁ କୌଣସି ସରକାରୀ ସହାୟତା ପାଇବା ଆଶ ହରାଇଥିଲେ। ଫଳରେ ନିରାଶ ହୋଇ ସେମାନେ ନିଜ ନିଜର ଜିନିଷପତ୍ର ମୁଣ୍ଡରେ ବୋହିବା ସହ ପାଦରେ ଚାଲିଚାଲି ଭିଟାମାଟିକୁ ଫେରୁଥିବା ଦେଖିବାକୁ ମିଳିଥିଲା। ସେମାନଙ୍କର ଏଭଳି ଅବସ୍ଥା ଦେଖି ବହୁ ସହୃଦୟ ବ୍ୟକ୍ତି ସେମାନଙ୍କୁ ବାଟରେ ପାନୀୟ ଜଳ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ ।

# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଢ଼ିଲା କଣ୍ଟେନମେଣ୍ଟ ଅବଧି

**ବଲାଙ୍ଗୀର ଅଫିସ, ୬।୫**

- ସ୍ଥିତି ଅନୁଧ୍ୟାନ ପରେ ନିଆଯିବ ପରବର୍ତ୍ତୀ ପଦକ୍ଷେପ: ଜିଲାପାଳ
- ମିଳିଥିବା ସମସ୍ତ ସ୍ୱାବ୍ ରିପୋର୍ଟ ନେଗେଟିଭ
- ୫୦ ଘରକୁ ନେଇ ସର୍ଭେ କରୁଛି ଗୋଟିଏ ଟିମ୍
- ନୟାଗଡ ପ୍ରଶାସନ ପଠାଇଲା ଚାଲି କରି ଆସୁଥିବା ଶ୍ରମିକଙ୍କୁ
- କ୍ୱାରାଣ୍ଟାଇନ୍ ସେଣ୍ଟର ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ

କରୋନା ଭାଇରସ୍ ସଂକ୍ରମିତ ଚିହ୍ନଟ ହେବା ପରେ ଗତ ମେ ୧ ତାରିଖରୁ ବଲାଙ୍ଗୀର ଜିଲା ତୁଷରା ଏନ୍‌ଏସି, ଗୁଡଭେଲା ଓ ଦେଓଗାଁ ବ୍ଲକର ୨୨ ଗାଁକୁ ନେଇ କଣ୍ଟେନମେଣ୍ଟ ଓ ବଫର ଜୋନ୍ କରାଯାଇଥିଲା । ଜିଲାପାଳ କାର୍ଯ୍ୟାଳୟ ଜରୁରୀ ଶାଖା ନିର୍ଦ୍ଦେଶନାମା ବଳରେ ୬ତାରିଖ ମଧରାତ୍ର ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଘୋଷଣା କରାଯାଇଥିଲା। ଏହି କଣ୍ଟେନମେଣ୍ଟ ଅବଧିକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିବା ଜିଲାପାଳ ଅରିନ୍ଦମ ଡାକୁଆ ବୁଧବାର ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ସ୍ଥିତି ଅନୁଧ୍ୟାନ କରି ନିଷ୍କର୍ଷରେ ପହଞ୍ଚିବା ପରେ ଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ ଜଣାଇଛନ୍ତି । କରୋନା ସଂକ୍ରମିତ ଦୁଇ ଶ୍ରମିକଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସଂସ୍ପର୍ଶରେ ଯେଉଁମାନେ ଆସିଥିଲେ ସେମାନଙ୍କ ତାଲିକା ପ୍ରସ୍ତୁତ କରାଯାଇ ସ୍ୱାବ୍ ସଂଗ୍ରହ କରାଯାଇଥିଲା । ଏ ପର୍ଯ୍ୟନ୍ତ ଯେତିକି ସ୍ୱାବ୍ ପରୀକ୍ଷା ରିପୋର୍ଟ ମିଳିଛି ସେସବୁ ନେଗେଟିଭ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ତେବେ କଣ୍ଟେନମେଣ୍ଟ ଅଞ୍ଚଳରେ ଅନୁସନ୍ଧାନ କାମ ଜାରି ରହିଛି। ଆଶା, ଅଙ୍ଗନୱାଡି ଓ ଏଏନ୍‌ଏମ୍‌ମାନେ ୫୦ଟି ଘର ପିଛା ଗୋଟିଏ ଟିମ୍ ହୋଇ ସର୍ଭେ କାମ କରୁଛନ୍ତି । ପ୍ରତିଦିନ ସେମାନଙ୍କ ଘରକୁ ଘର ଯାଇ କୌଣସି ବ୍ୟକ୍ତିଙ୍କ ଜ୍ୱର, କାଶ, ସର୍ଦ୍ଦି ଲକ୍ଷଣ ରହିଛି କି ତାହାର ତାଲିକା ପ୍ରସ୍ତୁତ କରାଯାଉଛି । କେଉଁଠାରୁ କରୋନା ସଂକ୍ରମଣ ଆସିଛି ଓ କେଉଁମାନେ ଏପର୍ଯ୍ୟନ୍ତ ସଂକ୍ରମିତ ହୋଇଛନ୍ତି ସେସବୁ ଅନୁସନ୍ଧାନ ଚାଲିଛି ବୋଲି ଜିଲାପାଳ ଡାକୁଆ ଜଣାଇଛନ୍ତି। ପଞ୍ଚାୟତସ୍ତରରେ ନିର୍ମିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବାହାର ରାଜ୍ୟରୁ ଫେରୁଥିବା ଶ୍ରମିକମାନଙ୍କୁ ରହିବା ପାଇଁ ବ୍ୟବସ୍ଥା କରାଯାଇଛି । ରାଜ୍ୟ ବାହାରୁ ଫେରିଥିବା କେତେକ ଶ୍ରମିକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଲେଣି । ସେଠାରେ ସେମାନଙ୍କ ପାଇଁ ଯଥେଷ୍ଟ ବ୍ୟବସ୍ଥା କରାଯାଇଛି । ତେବେ ସେହି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଶ୍ରମିକମାନଙ୍କୁ ନିୟମ ମାନି ଚଳିବାକୁ ପଡିବ ଓ ଏହାକୁ କଡାକଡି ପାଳନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଏ ଦିଗରେ ବିଡିଓମାନଙ୍କୁ ସଚେତନ କରାଯାଇଛି। ବଲାଙ୍ଗୀର ଜିଲାର କେତେକ ଶ୍ରମିକ ବାହାର ରାଜ୍ୟରୁ ଚାଲିଚାଲି ନୟାଗଡ ପର୍ଯ୍ୟନ୍ତ ଆସୁଥିଲେ। ନୟାଗଡ ଜିଲା ପ୍ରଶାସନ ଏକ ବସ୍ ବ୍ୟବସ୍ଥା କରି ସେ ସମସ୍ତ ଶ୍ରମିକଙ୍କୁ ବଲାଙ୍ଗୀର ପଠାଇଥିବା ସୂଚନା ଦେଇଛନ୍ତି। ସମସ୍ତ ନୀତି ନିୟମ ମାନି ଚଳିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି। ବ୍ୟବସାୟୀମାନେ ମଧ ନିର୍ଦ୍ଦେଶନାମା ମାନିବାକୁ କୁହାଯାଇଛି । ଏହାର ଖିଲାପ କରାଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ରବି ଧାନ ବିକ୍ରି, ୧୯ରୁ ଖୋଲିବ ମଣ୍ଡି

**ବୌଦ୍ଧ,୬।୫(ସ୍ୱ.ପ୍ର.)**

ରବି ଧାନ କ୍ରୟ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ୧୯ରୁ ମଣ୍ଡି ଖୋଲିବ ବୋଲି ବୁଧବାର ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଜିଲାରେ ୨୫ଟି ମଣ୍ଡି ଖୋଲିବ। ୨ ଲକ୍ଷ କୁଇଣ୍ଟାଲ ରବି ଧାନକ୍ରୟ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ସମୁଦାୟ ୩୩୦୦ ଜଣ ଚାଷୀ ଧାନ ବିକ୍ରୟ ପାଇଁ ନାମ ପଞ୍ଜିକୃତ କରିଛନ୍ତି । ଜୁନ ୩୦ ପର୍ଯ୍ୟନ୍ତ ମଣ୍ଡି ଖୋଲା ରଖିବାକୁ ନିଷ୍ପତି ହୋଇଛି । ଦୈନିକ ୫ ରୁ ୧୦ ଜଣ ଚାଷୀଙ୍କ ଠାରୁ ୧୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ କିଣାଯିବ ବୋଲି ସ୍ଥିର କରାଯାଇଛି। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ମଣ୍ଡିରେ ସାମାଜିକ ଦୂରତା ନିୟମ ପାଳନ କରାଯିବା ସହିତ ଚାଷୀ ଓ ମଣ୍ଡି କର୍ମଚାରୀମାନେ ସାନିଟାଇଜର ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଣ୍ଡିରେ ଚାଷୀଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯିବ।

# ଦେବଗଡ଼ରେ ସ୍ଥିତି ସମୀକ୍ଷା କଲେ କୋଭିଡ୍ ପର୍ଯ୍ୟବେକ୍ଷକ


କୋଭିଡ ପର୍ଯ୍ୟବେକ୍ଷକ ଦେବଗଡ କୋଭିଡ ହସ୍ପିଟାଲ ପରିଦର୍ଶନ କରୁଛନ୍ତି।

**ଦେବଗଡ଼, ୬।୫(ଡି.ଏନ.ଏ.)**

କୋଭିଡ-୧୯ ପାଇଁ ରାଜ୍ୟ ସରକାରଙ୍କ ଦେବଗଡ ଜିଲା ନିମନ୍ତେ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ଶକ୍ତି ବିଭାଗର ସଚିବ ବିଷ୍ଣୁପଦ ସେଠୀ ଏବଂ ସ୍ୱତନ୍ତ୍ର ସଚିବ ଗୋପବନ୍ଧୁ ଶତପଥୀ ବୁଧବାର ଦେବଗଡ ଜିଲା ଗସ୍ତରେ ଆସିଥିଲେ। ଜିଲା ପ୍ରଶାସନ ପକ୍ଷରୁ କୋଭିଡ-୧୯ ମୁକାବିଲା ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ପ୍ରସ୍ତୁତି ଉପରେ ଅଧିକାରୀ ଦ୍ୱୟ ଆଲୋଚନା କରିଥିଲେ। ସ୍ଥାନୀୟ ସର୍କିଟ୍ ହାଉସଠାରେ ଆୟୋଜିତ ବୈଠକରେ ସେମାନେ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲାର କଣ୍ଟେନମେଣ୍ଟ ଅଞ୍ଚଳର ପରିସ୍ଥିତିର ସମୀକ୍ଷା କରିଥିଲେ । ଏଥିସହ ଜିଲାର ବିଭିନ୍ନ ପଞ୍ଚାୟତରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । କଣ୍ଟେନମେଣ୍ଟ ଅଞ୍ଚଳରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକ ପରେ ସେମାନେ ଜିଲା କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର, କୋଭିଡ ପ୍ରଯତ୍ନ କେନ୍ଦ୍ର, ଆଇସୋଲେଶନ ସେଣ୍ଟର ଏବଂ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲାପାଳ ସୁଧାଂଶୁ ମୋହନ ସାମଲ, ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଧରମ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ୨ବଖରା ଜଳିଗଲା

କାମାକ୍ଷାନଗର, ୬।୫(ଡି.ଏନ.ଏ.): ଢେଙ୍କାନାଳ ଜିଲା ଭୁବନ ବ୍ଲକ ସୁରପ୍ରତାପପୁର ପଞ୍ଚାୟତର କୁଣ୍ଡିଗଡ଼ା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ବଜ୍ରପାତ ଘଟି ନବ ନାଏକଙ୍କ ୨ବଖରା ଘର ଜଳିଯାଇଛି। ପରିବାର ଲୋକେ ଶୋଇଥିବାବେଳେ ଏହି ଘଟଣା ଘଟିଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ଆସବାବପତ୍ର ପୋଡ଼ିଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ହିଂସା ରୋକିବାକୁ ଫୋନ୍ ନମ୍ବର ଜାରି

ଢେଙ୍କାନାଳ ଅଫିସ, ୬।୫: ଲକ୍‌ଡାଉନ୍ ସମୟରେ ଢେଙ୍କାନାଳ ଜିଲାରେ ଘରୋଇ ହିଂସା ରୋକିବା ଲାଗି ପୋଲିସ ପକ୍ଷରୁ ବିଭିନ୍ନ ଥାନା, ଫାଣ୍ଡି ଅଧିକାରୀଙ୍କ ଫୋନ୍ ନମ୍ବର ଜାରି କରାଯାଇଛି। ଆବଶ୍ୟକସ୍ଥଳେ ସଦର ଏସ୍‌ଡିପିଓ (୯୪୩୮୯୧୬୬୭୮), କାମାକ୍ଷାନଗର ଏସ୍‌ଡିପିଓ (୯୪୩୮୯୧୬୬୭୯), ହିନ୍ଦୋଳ ଏସ୍‌ଡିପିଓ (୯୪୩୭୦୯୨୩୬୦)ଙ୍କୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଢେଙ୍କାନାଳ ଟାଉନ ଥାନାଧିକାରୀ (୯୪୩୮୯୧୬୪୮୪), ସଦର ଥାନାଧିକାରୀ(୯୪୩୮୯୧୬୪୮୩), ମୋଟଙ୍ଗା ଥାନାଧିକାରୀ (୯୪୩୮୯୧୬୪୭୯), କଣ୍ଟାବଣିଆ ଥାନାଧିକାରୀ (୯୪୩୮୯୧୬୪୭୮), ଗଁଦିଆ ଥାନାଧିକାରୀ (୯୪୩୮୯୧୬୪୭୪), କାମାକ୍ଷାନଗର ଥାନାଧିକାରୀ (୯୪୩୮୯୧୬୪୭୬), ପରଜଙ୍ଗ ଥାନାଧିକାରୀ (୯୪୩୮୯୧୬୪୮୧), ଭୁବନ ଥାନାଧିକାରୀ (୯୪୩୮୯୧୬୪୭୨), କଙ୍କଡ଼ାହାଡ଼ ଥାନାଧିକାରୀ (୯୪୩୮୯୧୬୪୭୭), ହିନ୍ଦୋଳ ଥାନାଧିକାରୀ (୯୪୩୮୯୧୬୪୭୫), ଡିପିଓ କଣ୍ଟ୍ରୋଲ ରୁମ୍-୧୦୦ ସମେତ ଅଞ୍ଚଳରେ ଅନ୍ୟ ଥାନା, ଫାଣ୍ଡିରେ ଯୋଗାଯୋଗ କରିବାକୁ ଗୋଇନ୍ଦା ଡିଏସ୍‌ପି ଯୋଗେଶ୍ୱର ଓରାମ୍ ନିବେଦନ କରିଛନ୍ତି।

### ମନସ୍ତାତ୍ତ୍ୱିକ ପରାମର୍ଶ ଦେବେ ସ୍ୱେଚ୍ଛାସେବୀ

ଢେଙ୍କାନାଳ ଅଫିସ, ୬।୫: ସଙ୍ଗରୋଧ କେନ୍ଦ୍ର, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିବା ବ୍ୟକ୍ତିଙ୍କୁ ଶାରୀରିକ ଏବଂ ମାନସିକସ୍ତରରେ ସହାୟତା ଯୋଗାଇ ଦେବାଲାଗି ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବାକୁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ପ୍ରବାସୀ ଶ୍ରମିକମାନେ ସଙ୍ଗରୋଧ କେନ୍ଦ୍ରରେ ଯେପରି ନିଃସଙ୍ଗ ଅନୁଭବ ନ କରିବେ ସେଥିଲାଗି ଯୋଗାଭ୍ୟାସ, ଶିଶୁ ଚିତ୍ରକଳା ପ୍ରତିଯୋଗିତା, ଅନ୍ତାକ୍ଷରୀ, ଉତ୍ସାହୀ ଆଲୋଚନା, କାହାଣୀ ଉପସ୍ଥାପନା, ମନସ୍ତାତ୍ତ୍ୱିକ ପରାମର୍ଶ ଦେବା ଲାଗି ସ୍ୱେଚ୍ଛାସେବୀମାନେ ନିୟୋଜିତ ହେବେ। ଏ ନେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସ୍ୱେଚ୍ଛାସେବୀ ସଙ୍ଗଠନ, ସଚେତନ ବୁଦ୍ଧିଜୀବୀ ଏବଂ ସାମାଜିକ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। କରୋନା ବିପତ୍ତି ସମୟରେ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକର ସହାୟତା ନେବାକୁ ଓସ୍‌ଡମାର ପରିଚାଳନା ନିର୍ଦ୍ଦେଶକ ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ପ୍ରଦୀପ ଜେନା ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଜିଲାରେ କାର୍ଯ୍ୟରତ ପ୍ରମୁଖ ସ୍ୱେଚ୍ଛାସେବୀ ସଙ୍ଗଠନ ସାମାଜିକ ଦୂରତ୍ୱ ରକ୍ଷା, ବ୍ୟକ୍ତିଗତ ପରିଚ୍ଛନ୍ନତା ସମେତ ଅନ୍ୟାନ୍ୟ ସତର୍କତାମୂଳକ ପଦକ୍ଷେପ ପାଇଁ ଜନସଚେତନତା ସୃଷ୍ଟି କରିବେ। ସଙ୍ଗରୋଧ କେନ୍ଦ୍ରର ପରିଚାଳନା ପାଇଁ ଉତ୍ସାହୀ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ଏନ୍‌ଜିଓଗୁଡ଼ିକର ଦୈନନ୍ଦିନ କାର୍ଯ୍ୟକ୍ରମ ସମ୍ପର୍କରେ ଓସ୍‌ଡମାକୁ ରିପୋର୍ଟ ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ କହିଛନ୍ତି।

# ବାଣ ବିସ୍ଫୋରଣରେ ୨ ନାବାଳକ ମୃତ

- ସୋଗରରେ ଅଭାବନୀୟ ଘଟଣା
- ଗୋଟିଏ ପରିବାର କୋଳଶୂନ୍ୟ
- ଭୁଶୁଡ଼ିଗଲା କୋଠା, ଜଣେ ଗୁରୁତର

କାମାକ୍ଷାନଗର, ୬।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଂହା ଥାନା ପଣ୍ଡୁଆ ଫାଣ୍ଡି ଅଧୀନ ସୋଗର ଗ୍ରାମରେ ବୁଧବାର ଅଭାବନୀୟ ଘଟଣା ଘଟିଛି। ଦୋକାନରେ ବିକ୍ରି ଲାଗି ଘରେ ଗଚ୍ଛିତ ଥିବା ବାଣ ବିସ୍ଫୋରଣରେ ୨ ନାବାଳକଙ୍କ ଜୀବନ ଯାଇଛି। ଅନ୍ୟଜଣେ ସଙ୍କଟାପନ୍ନ ଅବସ୍ଥାରେ କଟକରେ ଚିକିତ୍ସିତ ହେଉଛନ୍ତି। ବାଣ ଗୋଟିଏ ପରିବାରକୁ କୋଳଶୂନ୍ୟ କରିଦେଇଥିବାବେଳେ ଏହି ଦୁଃଖଦ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୋଗର ଗ୍ରାମର ସରୋଜ ସାହୁ ପଣ୍ଡୁଆ ଛକରେ ଏକ ପୂଜା ସାମଗ୍ରୀ ଦୋକାନ କରିଛନ୍ତି। ଦୋକାନରେ ବିବାହ, ବ୍ରତ କାର୍ଯ୍ୟ ଲାଗି ଖଲି, ଚଉପଦି ସହ ବାଣ ମଧ୍ୟ ବିକ୍ରି କରିଥାନ୍ତି। ଏବେ ଲକ୍‌ଡାଉନ୍ ଥିବାରୁ ସେ ଦୋକାନକୁ ବାଣ ନ ନେଇ ଘରର ଦ୍ୱିତୀୟ ମହଲାରେ ରଖିଥିଲେ। ଉକ୍ତ ପ୍ରକୋଷ୍ଠରେ ଦୋକାନ ସାମଗ୍ରୀ ମଧ୍ୟ ମହଜୁଦ୍ ଥିଲା। ତଳ ମହଲାରେ ସରୋଜ ଏବଂ ତାଙ୍କ ସାନଭାଇ ବରୁଣ ସପରିବାର ରହୁଥିଲେ। ବୁଧବାର ସକାଳେ ଉପର ମହଲାରେ ସରୋଜଙ୍କ ଦୁଇପୁଅ ସମ୍ବିତ ଓରଫ୍ କୁଲୁ (୧୨), ସାହିଲ ଓରଫ୍ ସାଇ (୧୦), ବରୁଣଙ୍କ ଝିଅ ବିଦୁସ୍ମିତା (୮) ଏବଂ ପଡ଼ୋଶୀ ମନୋଜ ସାହୁଙ୍କ ପୁଅ କ୍ରିଷ୍ଣା (୧୦) ଖେଳୁଥିଲେ। ବରୁଣଙ୍କ ସ୍ତ୍ରୀ ନମିତା ଉପର ଘରେ ଠାକୁର ପୂଜା ସାରି ଝିଅ ବିଦୁସ୍ମିତାଙ୍କୁ ଚାହା ପିଇବାକୁ ତଳକୁ ନେଇ ଆସିଥିଲେ। ତା' ସାଙ୍ଗକୁ ଅନ୍ୟ ପିଲାମାନଙ୍କୁ ମଧ୍ୟ ତଳକୁ ଆସିବାକୁ କହିଥିଲେ। ତଳେ ପହଞ୍ଚି ଚାହା ପିଇବା ପୂର୍ବରୁ ଏକ ପ୍ରଚଣ୍ଡ ଶବ୍ଦ ଶୁଭିଥିଲା। ଏହାକୁ ଭୂମିକମ୍ପ ଭାବି ନମିତାଙ୍କ ସମେତ ପରିବାରର ଅନ୍ୟମାନେ ବାହରକୁ ଦୌଡ଼ିଥିଲେ। ପଦାକୁ ଆସି ଦେଖିବା ବେଳକୁ ଘରର ଛାତ ଭୁଶୁଡ଼ି ପଡ଼ିଥିଲା। ଏଥିସହ ବାଣ ବିସ୍ଫୋରଣ ହେଉଥିଲା। ଉପରେ ୩ଜଣ ଶିଶୁ ରହିଯାଇଥିବାରୁ ସେମାନଙ୍କୁ ଉଦ୍ଧାର କରିବାକୁ ସମସ୍ତେ ବିକଳ ହୋଇ ଚିତ୍କାର କରିଥିଲେ ମଧ୍ୟ ଉପାୟ ନ ଥିଲା। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ ମଧ୍ୟ ପିଲାଙ୍କୁ ଉଦ୍ଧାର କରିବା ଲାଗି ସାହସ ଜୁଟାଇ ପାରି ନ ଥିଲେ। ଅଗ୍ନିଶମ ଅଧିକାରୀ ସରୋଜ କୁମାର ମହାପାତ୍ର କୁହନ୍ତି, ବିସ୍ଫୋରଣରେ ଛାତ ସହ ଶିଡ଼ି ମଧ୍ୟ ଭୁଶୁଡ଼ି ପଡ଼ିଥିଲା। ତେଣୁ ତୁରନ୍ତ ଘର ଭିତରକୁ ଯାଇ ପିଲାଙ୍କୁ ଉଦ୍ଧାର କରିବା ଅସମ୍ଭବ ହୋଇପଡ଼ିଥିଲା। ଗ୍ରାମବାସୀଙ୍କ ସହାୟତାରେ ଝରକା ଏବଂ କାନ୍ଥ ଭାଙ୍ଗି ପ୍ରଥମେ ସମ୍ବିତଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ଏକ ଅଟୋରିକ୍ସାରେ ପ୍ରଥମେ ଅଁଳାବେରଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସଙ୍କଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିଲା। ପ୍ରାୟ ଦେଢ଼ଘଣ୍ଟାର କସରତ ପରେ ସାହିଲ ଏବଂ କ୍ରିଷ୍ଣାଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ମନୋଜଙ୍କ ଏକମାତ୍ର ପୁଅ କ୍ରିଷ୍ଣାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି। ଏମ୍‌ପି ମହେଶ ସାହୁ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

ଏ ନେଇ ସୋଗର ପଞ୍ଚାୟତର ସମିତିସଭ୍ୟ ଲତିଫ୍ କୁମାର ସାହୁ କୁହନ୍ତି, ସୂଚନା ଦେବା ସତ୍ତ୍ୱେ ୧୦୮ ଆମ୍ବୁଲାନ୍ସ ପହଞ୍ଚିଲା ନାହିଁ। ତେଣୁ ଘରୋଇ ଗାଡ଼ିରେ ପିଲାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଠିକ୍ ସମୟରେ ଅକ୍ସିଜେନ୍ ନ ମିଳିବାରୁ ଦୁଇଶିଶୁଙ୍କ ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଛନ୍ତି। ଅଗ୍ନିଶମ କର୍ମଚାରୀ ବିଳମ୍ବରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବାରୁ ଦୁଇ ପିଲାଙ୍କୁ ବଞ୍ଚାଯାଇ ପାରି ନ ଥିବା ସେ କହିଛନ୍ତି। ଅନ୍ୟପଟେ ପଣ୍ଡୁଆ ଫାଣ୍ଡିଠାରୁ ସରୋଜଙ୍କ ଦୋକାନ ମାତ୍ର ୧୦ ମିଟର ଦୂର। ସେଠାରେ ବାଣ ବିକ୍ରି କରାଯାଉଥିବା ବିଷୟରେ ପୋଲିସ କିପରି ଜାଣିପାରିଲାନାହିଁ ଏବଂ ସରୋଜ କାହାଠାରୁ ଅନୁମତି ଆଣି ବାଣ ବିକ୍ରି କରୁଥିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ତୁମୁସିଂହା ଥାନାଧିକାରୀ ଆନନ୍ଦ ଚରଣ ଡୁଙ୍ଗଡୁଙ୍ଗ୍ କୁହନ୍ତି, ଏପରି ଦୁଃଖଦ ଘଟଣା ପରେ ପରିବାର ଲୋକେ ଶୋକାକୁଳ ଅବସ୍ଥାରେ ଅଛନ୍ତି। ତେଣୁ ତଦନ୍ତ ଆଗକୁ ବଢ଼ିନାହିଁ। ପୋଲିସ ପକ୍ଷରୁ ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।


ବିସ୍ଫୋରଣ ପରେ ଘଟଣାସ୍ଥଳର ଦୃଶ୍ୟ।

### ମହିଳାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ଅଭିଯୋଗ

ଓଡ଼ାପଡ଼ା, ୬।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଅଚଳକୋଟ ଗ୍ରାମର ମଞ୍ଜୁ ଭୋଇଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେବା ସହ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିବା ବୁଧବାର ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ମଞ୍ଜୁଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ନଣ୍ଡେଇଲୋ ଗ୍ରାମର ମଞ୍ଜୁ ୧୫ବର୍ଷ ତଳେ ଅଚଳକୋଟ ଗ୍ରାମର ଭଗବାନ ଭୋଇଙ୍କ ପୁଅ ଭୁବନଙ୍କୁ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ ପୁଅ ଓ ୨ ଝିଅ ଅଛନ୍ତି। ଶାଶୂ ଘରେ ମଞ୍ଜୁଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିଲା। ବୁଧବାର ତାଙ୍କୁ ପୋଡ଼ି ମାରିଦେବା ପାଇଁ ଉଦ୍ୟମ କରାଯାଇଥିବା ମହିଳାଙ୍କ ଭାଇ ସାନନ୍ଦ ଭୋଇ କଣ୍ଟାବଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୩୦/୨୦, ଦଫା ୪୯୮(ଏ) ଓ ୩୦୭ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା ଚଳାଇଛି।

## ଆସିବେ ୨୭ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ

- କ୍ୱାରାଣ୍ଟାଇନ୍‌ରେ ବ୍ୟାପକ ବ୍ୟବସ୍ଥା
- ବିଶୃଙ୍ଖଳା କଲେ କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ ଅଫିସ, ୬।୫

ଢେଙ୍କାନାଳ ଜିଲାକୁ ଆସିବେ ୨୭ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ। ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିବାକୁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କୌଣସି ପରିସ୍ଥିତିରେ ପ୍ରବାସୀଙ୍କ ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି। ବିଶୃଙ୍ଖଳିତ ଆଚରଣ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଏ ନେଇ ଜିଲାପାଳ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମସ୍ତ ବିଡିଓ, ତହସିଲଦାର, ନୋଡାଲ ଅଫିସରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ଇତିମଧ୍ୟରେ ଜିଲାକୁ ୨୭ ହଜାର ପ୍ରବାସୀ ଓଡ଼ିଆ ଫେରିବାକୁ ନାମ ପଞ୍ଜୀକରଣ କରିସାରିଲେଣି। ପର୍ଯ୍ୟାୟକ୍ରମେ ସେମାନଙ୍କୁ ଅଣାଯିବ। ସେମାନେ ଆସିବା ପରେ ୧୪ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ପ୍ରବାସୀଙ୍କୁ ସୁଷମ ଖାଦ୍ୟ ଯୋଗାଇ ଦିଆଯିବ। ଆବଶ୍ୟକସ୍ଥଳେ ମନୋରଞ୍ଜନ ଲାଗି ଟେଲିଭିଜନ ସାଙ୍ଗକୁ ଅନ୍ୟାନ୍ୟ ସୁବିଧା କରାଯିବ। ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ପ୍ରମୁଖ ଦାୟିତ୍ୱ ହେବ। କେନ୍ଦ୍ର ପରିଚାଳନା ଦାୟିତ୍ୱଧାରୀ କର୍ମଚାରୀ କ୍ୱାରାଣ୍ଟାଇନ୍‌ରେ ଥିବା ପ୍ରବାସୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବେ। ପ୍ରବାସୀଙ୍କୁ ଶୃଙ୍ଖଳିତ କରିବା ଦିଗରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନେ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ଜିଲାପାଳ ନିବେଦନ କରିଛନ୍ତି।

ସଙ୍ଗରୋଧ କେନ୍ଦ୍ରରେ ବିଶୃଙ୍ଖଳା କଲେ ଅନ୍ୟ ସେଣ୍ଟରକୁ ସ୍ଥାନାନ୍ତର କରାଯିବ। ଲକ୍‌ଡାଉନ୍ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କ୍ୱାରାଣ୍ଟାଇନ୍ କେନ୍ଦ୍ରର ସୁରକ୍ଷା, ସୀମା ସିଲ୍ ଏବଂ ୧୨ ଘଣ୍ଟିଆ ୧୪୪ ଧାରା ବଳବତ୍ତର ଥିବାରୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ସେହିପରି ପଡ଼ୋଶୀ ଯାଜପୁର ଜିଲା ରେଡ୍‌ଜୋନ୍ ଘୋଷିତ ହୋଇଛି। ତେଣୁ ସୀମାନ୍ତ ଭୁବନ ଏବଂ ଗଁଦିଆ ଅଞ୍ଚଳବାସୀ ଉକ୍ତ ଅଞ୍ଚଳକୁ ପ୍ରଶାସନର ବିନା ଅନୁମତିରେ ଯାଇପାରିବେ ନାହିଁ। ଯାଜପୁର ଜିଲାବାସୀଙ୍କ ଲାଗି ମଧ୍ୟ ସମାନ କଟକଣା ଲାଗୁ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ମୁକାବିଲା ପାଇଁ ପ୍ରସ୍ତୁତ ରୁହ

- ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟି ବୈଠକ
- ପ୍ରତିଦିନ ରେକର୍ଡ ହେବ ବୃଷ୍ଟିପାତ ପରିମାଣ
- ବୁଡ଼ି ଅଞ୍ଚଳରେ ମୁତୟନ ହେବେ ଉଦ୍ଧାରକାରୀ ଦଳ

ଢେଙ୍କାନାଳ ଅଫିସ, ୬।୫

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ଭିଡିଓ କନଫରେନ୍ସିଂ ହଲ୍‌ରେ ମଙ୍ଗଳବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବର୍ଷା ଋତୁକୁ ଦୃଷ୍ଟିରେ ରଖି ଜୁନ୍ ପ୍ରଥମ ସପ୍ତାହ ମଧ୍ୟରେ ସମସ୍ତ ନାଳନର୍ଦ୍ଦମା ସଫା କରାଯିବ। ଦୁର୍ବଳ ନଦୀବନ୍ଧ ମରାମତି ଉପରେ ଗୁରୁତ୍ୱ ଦିଆଯିବ। ବର୍ଷା ବିପ୍ଳାତର ସଫଳ ମୁକାବିଲା ଲାଗି କଣ୍ଟ୍ରୋଲ ରୁମ୍‌ରେ ପ୍ରଶିକ୍ଷିତ କର୍ମଚାରୀ ନିୟୋଜିତ ରହିବେ। ଜିଲାରେ ପ୍ରତିଦିନ ବର୍ଷାର ପରିମାଣ ରେକର୍ଡ କରାଯିବ। ଦୁର୍ଗମ ଓ ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ଆବଶ୍ୟକ ଖାଦ୍ୟପଦାର୍ଥ ଏବଂ ଜରୁରୀ ସାମଗ୍ରୀ ମହଜୁଦ ରହିବ। ବୁଡ଼ି ଅଞ୍ଚଳରେ ଉଦ୍ଧାରକାରୀ ଦଳ ମୁତୟନ ହେବେ। କ୍ଷତିଗ୍ରସ୍ତ ଅଞ୍ଚଳରେ ପାନୀୟ ଜଳ ସହିତ ଜରୁରିକାଳୀନ ସେବା ଯୋଗାଇ ଦିଆଯିବ। ଆବଶ୍ୟକସ୍ଥଳେ ବିଭିନ୍ନ ଘାଟରେ ଅନୁମତିପ୍ରାପ୍ତ ବୋଟ୍ ରଖାଯିବ। ଜୁନ୍ ୧୦ ସୁଦ୍ଧା ବନ୍ୟାବାତ୍ୟା ଆଶ୍ରୟସ୍ଥଳୀରେ ପାଣି, ବିଜୁଳି, ଆନୁଷଙ୍ଗିକ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ଲାଗି ଜିଲାପାଳ ବିଡିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ଅଧିକାରୀମାନେ ପରସ୍ପର ମଧ୍ୟରେ ସମନ୍ୱୟ ରଖିବା ଏବଂ ଏଥିରେ ସ୍ୱେଚ୍ଛାସେବୀଙ୍କ ସହଯୋଗ ନେବାକୁ ପରାମର୍ଶ ଦିଆଯାଇଛି। ପୌରାଞ୍ଚଳ ପ୍ରମୁଖ ସ୍ଥାନରେ ଜମୁଥିବା ବର୍ଷାଜଳ ନିଷ୍କାସନ କରିବା, ଡ୍ରେନ୍‌ଗୁଡ଼ିକର ମରାମତି କରିବା ଲାଗି ଢେଙ୍କାନାଳ ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଜିଲାର ସମସ୍ତ ବହୁମୁଖୀ ଆଶ୍ରୟସ୍ଥଳରେ ଆବଶ୍ୟକ ସାମଗ୍ରୀ ମହଜୁଦ୍ ରଖିବାକୁ ପ୍ରସ୍ତାବ ଦେଇଥିଲେ। ବିଡିଓ ଏବଂ ଅଧିକାରୀମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନାରେ ସାମିଲ ହୋଇଥିଲେ।

ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ସୌଦାମିନୀ ସେଠୀ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଆପାତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଞ୍ଜନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ।

## ଅନ୍‌ଲାଇନ୍ ପାଠପଢ଼ା ପାଇଁ ଏସ୍‌ଓପି

ଢେଙ୍କାନାଳ ଅଫିସ, ୬।୫

ଲକ୍‌ଡାଉନ୍ ଯୋଗୁ ପାଠପଢ଼ା ବ୍ୟାହତ ହୋଇଛି। ଏପରି ସମୟରେ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢ଼ା ଜାରି ରଖିଛନ୍ତି ବିଭିନ୍ନ ଶିକ୍ଷାନୁଷ୍ଠାନ। ହେଲେ ଅନ୍‌ଲାଇନ୍ ଶିକ୍ଷାଦାନ ଅନେକଙ୍କ ପାଇଁ ନୂଆ ହୋଇଥିବାରୁ ପାଠପଢ଼ା ସମୟରେ ପରିଚାଳନାଗତ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନେଇ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପକ୍ଷରୁ ଇଂଲିଶ, ହିନ୍ଦୀ, ଓଡ଼ିଆ, ବଙ୍ଗଳା ଏବଂ ତେଲୁଗୁ ଭାଷାରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଉନ୍ମୋଚିତ ହୋଇଛି। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ ଏହାକୁ ଲୋକାର୍ପଣ କରିଥିଲେ। ଅନ୍‌ଲାଇନ୍ ପାଠପଢ଼ା ସମୟରେ କ'ଣ କରିବେ, କ'ଣ କରିବେ ନାହିଁ ସେ ଦିଗରେ ଏସ୍‌ଓପିରେ ସବିଶେଷ ତଥ୍ୟ ଉଲ୍ଲେଖ କରାଯାଇଛି । ଏହାକୁ ଛାତ୍ରୀଛାତ୍ର ଏବଂ ଶିକ୍ଷକ ଅନୁସରଣ କଲେ ଅନ୍‌ଲାଇନ୍ ଶିକ୍ଷାଦାନ ଫଳପ୍ରଦ ହୋଇପାରିବ। ପ୍ରଫେସର ଡ. ଜ୍ୟୋତିପ୍ରକାଶ ମହାପାତ୍ର, ପ୍ରଫେସର ସମିତ ପାଲ, ଏକାଡେମିକ୍ ଆସିଷ୍ଟାଣ୍ଟ ଦେବେନ୍ଦ୍ର ରଗୁଲାଲ, ଛାତ୍ରୀ ପ୍ରାଚୀ ରାଠୀ ଏସ୍‌ଓପି ପ୍ରସ୍ତୁତିରେ ସହାୟତା କରିଛନ୍ତି। ଉନ୍ମୋଚନ ସମୟରେ ସେକ୍ସନ ଅଫିସର କେଦାରନାଥ ଜେନା, ଗ୍ରନ୍ଥାଗାରିକ ଶୁଭଙ୍କରୀ ଦାସ, ଏକାଡେମିକ୍ ଆସିଷ୍ଟାଣ୍ଟ ପଦ୍ମଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଆଇଆଇଏମ୍‌ସିରେ ଅନ୍‌ଲାଇନ୍ ଶିକ୍ଷାଦାନ ପ୍ରଣାଳୀ ସମ୍ପର୍କିତ ଏସ୍‌ଓପି ଲୋକାର୍ପଣ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ମୃଣାଳ ଚଟ୍ଟାର୍ଜୀ, ସହାୟକ ପ୍ରଫେସରଙ୍କ ସମେତ ଅନ୍ୟମାନେ।

## କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ପରଜଙ୍ଗ, ୬।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ସ୍ୱେଚ୍ଛାସେବୀ ସଙ୍ଗଠନ 'ଯୁବଶକ୍ତି' ପକ୍ଷରୁ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କରୋନା ମହାମାରୀ ସମୟରେ ଜୀବନକୁ ବାଜି ଲଗାଇ ଲୋକଙ୍କୁ ସେବା ଯୋଗାଇ ଆସୁଥିବା ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ଖବରଦାତା, ସଫେଇ କର୍ମଚାରୀ, ସୁରକ୍ଷାକର୍ମୀଙ୍କୁ ବନ୍ଦାପନା କରାଯାଇ ସମ୍ମାନିତ କରାଯାଇଥିଲା।

ପରଜଙ୍ଗ ଡାକ୍ତରଖାନାର ଡାକ୍ତର ଅରୁଣ କୁମାର ସାହୁ, ଅଭିଷେକ ଦ୍ୱିବେଦୀ, ଶ୍ୟାମସ୍ୱସ୍ତିକ ସାହୁ କରୋନା ମୁକାବିଲାର ଉପାୟ ବତାଇଥିଲେ। ପରିବେଶକୁ ସଫା ରଖିବା, ସାମାଜିକ ଦୂରତା ରକ୍ଷା କରିବା, ବିନା ସଙ୍କୋଚରେ ଡାକ୍ତରଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟା ଜଣାଇବାକୁ ସେମାନେ ନିବେଦନ କରିଥିଲେ। ଏପରି ବିପତ୍ତି ସମୟରେ ମନୋବଳ ଦୃଢ଼ କରି ଲଢ଼େଇ କରିବାକୁ ଖବରଦାତା ଲକ୍ଷ୍ମୀଧର ନାୟକ, ପ୍ରଶାନ୍ତ ସାହୁ, ସୁବ୍ରତ ବିଶ୍ୱାଳ, ଦ୍ୱିତୀକୃଷ୍ଣ ସାହୁ ନିବେଦନ କରିଥିଲେ। ସଙ୍ଗଠନର ଅଧ୍ୟକ୍ଷ ହିମାଂଶୁ ଭୂଷଣ ବାରିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜ୍ଞାନରଞ୍ଜନ ସାହୁ, ଲିଙ୍କନ ନାୟକ, ଫାର୍ମାସିଷ୍ଟ ସୁବ୍ରତ ପଣ୍ଡା, ପୀତାମ୍ବର ପଣ୍ଡା, ଷ୍ଟାଫନର୍ସ ସ୍ମିତା ସାହୁ, ସୁକାନ୍ତି ସାହୁ, ଶୁଭଲକ୍ଷ୍ମୀ ଖୁଣ୍ଟିଆ, ଗାୟତ୍ରୀ ଦେହୁରୀ, ସୁରକ୍ଷା କର୍ମଚାରୀ ରଞ୍ଜନ ସାହୁ, ଶରତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରାଯାଉଛି।

## ଫଟୋରେ ଖବର...



ଢେଙ୍କାନାଳର ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍‌ପିଂ ହ୍ୟାଣ୍ଡ ଏସ୍-୨ ପକ୍ଷରୁ କରୋନା ଭୂତାଣୁ ସଂକ୍ରମଣ ପ୍ରତିହତ କରିବାକୁ କାମାକ୍ଷାନଗର ଅଞ୍ଚଳରେ ସାନିଟାଇଜେଶନ କରାଯାଉଛି।


ଢେଙ୍କାନାଳ ଟାଉନଥାନା ପୋଲିସ ବୁଧବାର ରାଉରକେଲା ବିଶ୍ରା ଅଞ୍ଚଳର ୫ ଶ୍ରମିକଙ୍କୁ ଉଦ୍ଧାର କରିଛି। ସମ୍ପୃକ୍ତ ଶ୍ରମିକମାନେ କେନ୍ଦ୍ରାପଡ଼ା ଜିଲାରୁ ନୂଆ ସାଇକେଲ କିଣି ଘରକୁ ଯାଉଥିଲେ।

**ଅନୁଗୋଳ ଜିଲାରେ ୧୨ ଘଣ୍ଟିଆ କର୍ଫ୍ୟୁ**

ଅନୁଗୋଳ ଅଫିସ, ୬।୫- କରୋନା ମ୍ୟାପ୍‌ରେ ଗ୍ରୀନ୍ ଜୋନ୍‌ରେ ଥିଲେ ମଧ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ୧୨ ଘଣ୍ଟିଆ କର୍ଫ୍ୟୁ ଜାରି କରାଯାଇଛି। ଏହି କଟକଣା ୧୭ ତାରିଖ ଯାଏ ରାତି ୭ଟାରୁ ସକାଳ ୭ଟା ଯାଏ ବଳବତ୍ତର ରହିବ। ରାଜ୍ୟରେ ବଢ଼ୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏପରି ଆଗୁଆ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ନାଲ୍‌କୋ ଏସ୍‌ଭିଏମ୍‌ର ସହାୟତା



ବଅାଁରପାଳ, ୬।୫(ଡି.ଏନ.ଏ.): ଅନୁଗୋଳ ଜିଲା ନାଲକୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ଏସ୍‌ଭିଏମ୍) ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସେମାନଙ୍କ ୨ ଦିନର ଦରମା ବାବଦ ୨ ଲକ୍ଷ ୮୦ ହଜାର ୩୭୫ ଟଙ୍କା ରିଲିଫ ଫଣ୍ଡକୁ ଦାନ କରିଛନ୍ତି। ଅନୁଗୋଳ ଜିଲାପାଳ ମନୋଜ ମହାନ୍ତିଙ୍କୁ ସ୍କୁଲ ଅଧକ୍ଷ ଡ. ଶତ୍ରୁଘନ ବେହେରା, ଉପାଧକ୍ଷ ଡ. ସିଦ୍ଧନାଥ ସାହୁ ଏହି ଚେକ ପ୍ରଦାନ କରିଛନ୍ତି। ନାଲ୍‌କୋ ଇଡି ମନସା ପ୍ରସାଦ ମିଶ୍ର, ସ୍କୁଲ କମିଟି ସଭାପତି ଅମୀୟ ସ୍ୱାଇଁ, ମହାପ୍ରବନ୍ଧକ ଏସ.ଏନ. ସାହୁ, ଏଜିଏମ ସୁନୀଲ ମହାପାତ୍ର, ସ୍କୁଲ କମିଟି ସମ୍ପାଦକ ପ୍ରଭାତ ଧର ପ୍ରମୁଖ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ମାନଜୋର ଜଳସେଚନ ପ୍ରକଳ୍ପ ଯାଞ୍ଚ



ଆଠମଲ୍ଲିକ, ୬।୫(ଡି.ଏନ.ଏ.): ଖରିଫ ଋତୁ ପୂର୍ବରୁ ଅନୁଗୋଳ ଜିଲା ଆଠମଲ୍ଲିକଠାରେ ଥିବା ମାନଜୋର ଜଳସେଚନ ପ୍ରକଳ୍ପକୁ ବୁଧବାର ଯାଞ୍ଚ କରାଯାଇଛି। ପ୍ରକଳ୍ପ ସ୍ପିଲ୍‌ୱେର ୮ଟି ଗେଟ୍ ଯାଞ୍ଚ ହୋଇଛି। ଏଥିସହ ଗ୍ରିସିଙ୍ଗ ଓ ଷ୍ଟାର୍ଟର ମରାମତି କାର୍ଯ୍ୟ ତୁରନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମଲସ୍ଥିତ ଚିଫ୍ ଇଞ୍ଜିନିୟର କାର୍ଯ୍ୟାଳୟର ଯାନ୍ତ୍ରିକ ବିଭାଗ ନିର୍ବାହୀ ଅଧିକାରୀ କିଶୋର କୁମାର ବେହେରା, ସହକାରୀ ନିର୍ବାହୀ ଅଧିକାରୀ ବିଭୁଦତ୍ତ ଭୂୟାଁ ପ୍ରମୁଖ ଏହି ଯାଞ୍ଚ କରିଥିଲେ। ମାନଜୋର ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

### ଅସହାୟଙ୍କୁ ଖାଦ୍ୟ ପ୍ରଦାନ



ତାଳଚେର,୬।୫(ନି.ପ୍ର.): ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁଣ୍ୟ ଉତ୍କଳ ଫାଉଣ୍ଡେଶନ ଅଧକ୍ଷ ମନୋରଞ୍ଜନ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଅନୁଗୋଳ ଶାଖା ପକ୍ଷରୁ ଉପଦେଷ୍ଟା ସୁମନ୍ତ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଅସହାୟଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ତାଳଚେର କୁଷ୍ଠ ଆଶ୍ରମରେ ଥିବା ଚାଳିଶ ପରିବାର ଓ ହାଣ୍ଡିଧୂଆ ହାଇସ୍କୁଲ ନିକଟରେ ଅଠରଟି ପରିବାରକୁ ଏହା ପ୍ରଦାନ କରାଯାଇଥିଲା। ସଭାପତି ଗୋଲାପ ନନ୍ଦ, ସହ ସମ୍ପାଦିକା ଅନୁପମା ପ୍ରଧାନ, ଅମର ନାୟକ, ରାଜେଶ ସାହୁ, ନିରଞ୍ଜନ ପ୍ରଧାନ, ବିନ୍ଧେଶ୍ୱର ସାହୁ, ଉଦୟନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

### କିଶୋରନଗରରେ କାଳବୈଶାଖୀ

ବଇଣ୍ଡା,୬।୫(ଡି.ଏନ୍.ଏ)- କିଶୋରନଗର ବ୍ଲକରେ କାଳବୈଶାଖୀ ଯୋଗୁ ଡାଳପକା ଗ୍ରାମର ରଘୁନାଥ ବେହେରାଙ୍କ ଘର ଆଜବେଷ୍ଟସ ଉଡି ଯାଇଛି। ଅଁଳାବେରେଣୀ ଗ୍ରାମର କୁମର ସାହୁଙ୍କ ୨ ବଖରା, ଅନାମ ସାହୁଙ୍କ ୨ ବଖରା, ଟକବା ଗ୍ରାମର କୁଞ୍ଜ ବେହେରାଙ୍କ ୨ ବଖରା ଚାଳ ଛପର ଉଡ଼ି ଯାଇଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଦାବି ହୋଇଛି।

### ରିଲିଫ ପାଣ୍ଠିକୁ ଦାନ



ବଇଣ୍ଡା, ୬।୫(ଡି.ଏନ୍.ଏ): କରୋନା ମୁକାବିଲା ପାଇଁ ବୁଧବାର କିଶୋରନଗର ବ୍ଲକ ୫ଟି ପଞ୍ଚାୟତର ଏମବିକେ ମହିଳା ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୬ ହଜାର ୩୦୦ ଟଙ୍କା ସହାୟତା ଯୋଗାଇ ଦିଆଯାଇଛି। ସରପଞ୍ଚ ଜଳଧର ସାହୁ, ଲିଲା ବିଶ୍ୱାଳ, ଗୀତାଞ୍ଜଳି ସାହୁ, ସସ୍ମିତା ଦେହୁରୀ, ଅମ୍ବୁଜାବାଳା ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଆକାଉଣ୍ଟରେ ଟଙ୍କା ଡିପୋଜିଟ କରି ରସିଦକୁ କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦାଙ୍କୁ ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟ ପ୍ରଦାନ କରିଛନ୍ତି।

# ଜୀବିକା ସହଜ ପାଇଁ ସହଯୋଗ କର

**ଅନୁଗୋଳ ଅଫିସ, ୬।୫**





ବ୍ୟାଙ୍କ ସମୂହଙ୍କ ସହ ଜିଲାପାଳ କରୁଥିବା ବୈଠକ।

**ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା କମିଟିର ସ୍ୱତନ୍ତ୍ର ବୈଠକ**

■ ଗ୍ରାହକଙ୍କ ପାଇଁ ଛାଉଣି ବ୍ୟବସ୍ଥା କରିବାକୁ ଜିଲାପାଳଙ୍କ ପରାମର୍ଶ

ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହ ଠାରେ ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା କମିଟିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ତାଲା ବନ୍ଦ ଯୋଗୁ ଜିଲାର ଅର୍ଥନୀତି ଲୋକଙ୍କ ଜୀବନ ଓ ଜୀବିକା ଉପରେ କିପରି ପ୍ରଭାବ ପକାଉଛି ସେ ସମ୍ପର୍କରେ ଜିଲାପାଳ ବୈଠକରେ ଅବଗତ କରିଥିଲେ। ତେଣୁ ସମସ୍ତ ବ୍ୟାଙ୍କ ଏହି ଲକ୍‌ଡାଉନ୍ ସମୟରେ ପ୍ରଭାବିତ ଚାଷୀ, ଶ୍ରମିକ, ସ୍ୱୟଂ ସହାୟକ ଗୋଷ୍ଠୀ, ଜନଧନ ହିତାଧିକାରୀ ଓ ଶିଳ୍ପଦ୍ୟୋଗୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଋଣ ସହଜରେ ଯୋଗାଇ ଦେବା ସହ ଅର୍ଥନୈତିକ କାର୍ଯ୍ୟ ପ୍ରକ୍ରିୟାର ପୁନଃ ଆରମ୍ଭ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ଗରିବ ଲୋକମାନେ ସେମାନଙ୍କ ଜୀବିକା ଅର୍ଜନ ଯେପରି ସହଜରେ କରିବା ପାଇଁ ସକ୍ଷମ ହେବେ ସେଥିପ୍ରତି ବ୍ୟାଙ୍କଗୁଡ଼ିକ ବିଶେଷ ଯତ୍ନବାନ ହେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବ୍ୟାଙ୍କ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହିବା ସହ ଖରାଦିନକୁ ଦୃଷ୍ଟିରେ ରଖି ଗ୍ରାହକଙ୍କ ପାଇଁ ଛାଉଣି ସହ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପଶୁ ସମ୍ପଦ ଆଦି ବିଭିନ୍ନ କ୍ଷେତ୍ରରେ ହିତାଧିକାରୀଙ୍କୁ ତୁରନ୍ତ ଋଣ ପ୍ରଦାନ କରି ଉପଲବ୍ଧ ଥିବା ରିହାତି ପାଇବାରେ ସହାୟତା କରିବାକୁ ଜିଲାପାଳ କହିଥିଲେ। ପ୍ରାରମ୍ଭରେ ଏଲ୍‌ଡିଏମ୍ ମହେଶ୍ୱର ଗୌଡ଼ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୂଲ୍ୟ କୁମାର ଚମ୍ପତିରାୟଙ୍କ ସମେତ ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ।

# ୩ ବସ୍‌ରେ ଗଲେ ୯୭ ଶ୍ରମିକ

**ଅନୁଗୋଳ ଅଫିସ, ୬।୫**

ଅନୁଗୋଳରେ ଅଟକି ରହିଥିବା ବାହାର ରାଜ୍ୟର ଶ୍ରମିକମାନଙ୍କ ମଧ୍ୟରୁ ଯେଉଁମାନଙ୍କ ୧୪ ଦିନିଆ ସଙ୍ଗରୋଧ ସମାପ୍ତ ହୋଇଛି ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ବସ୍ ଯୋଗେ ଘରକୁ ପଠାଇବା ପ୍ରକ୍ରିୟା ଜାରି ରହିଛି। ବୁଧବାର ପୂର୍ବାହ୍ନରେ ଛତିଶଗଡ଼ର ୭୮ ଜଣ, ମଧ୍ୟପ୍ରଦେଶର ୧୮ ଜଣ ଓ ବୌଦ୍ଧ ଜିଲାର ୩ ଜଣଙ୍କୁ ବସ୍ ଯୋଗେ ନିଜ ନିଜ ଅଞ୍ଚଳକୁ ଯାଇଥିବା ଜଣାପଡ଼ିଛି। ବସ୍‌ରେ ଯାତ୍ରା କରୁଥିବା ଶ୍ରମିକମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଖାଦ୍ୟ ପ୍ୟାକେଟ ମଧ ପ୍ରଦାନ କରାଯାଇଛି। ସମସ୍ତ ଶ୍ରମିକଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ସହ କ୍ଷମତାର ୫୦ ପ୍ରତିଶତ ସିଟ୍‌ରେ ଶ୍ରମିକଙ୍କୁ ସାମାଜିକ ଦୂରତ୍ୱ ଅବଲମ୍ବନ ପୂର୍ବକ ପଠାଯାଇଛି। ଜିଲା ସହକାରୀ ନୋଡାଲ ଅଧିକାରୀ ରତନ କୁମାର ଆଚାର୍ଯ୍ୟ, ଆସିଷ୍ଟାଣ୍ଟ କଲେକ୍ଟର ସୁବ୍ରତ କୁମାର ବେହେରା ଓ ଅନୁଗୋଳ ଅତିରିକ୍ତ ତହସିଲଦାର ସୁଦର୍ଶନ ଗୁରୁ ବସ୍ ଗୁଡ଼ିକୁ ବୁଧବାର ଆନୁଷ୍ଠାନିକ ଭାବେ ଜିଲା କାର୍ଯ୍ୟାଳୟ ପରିସରରୁ ଛତିଶଗଡ଼, ମଧ୍ୟପ୍ରଦେଶ ଓ ବୌଦ୍ଧ ଜିଲାକୁ ପଠାଇଥିଲେ।





ଅନ୍ୟ ରାଜ୍ୟର ଶ୍ରମିକଙ୍କୁ ଘରକୁ ପଠାଯାଉଛି।

# ଜିଲାପାଳ, ପୋଲିସକୁ ରିପୋର୍ଟ ଦେଲେ ଡିସିପିଓ

**ଅନୁଗୋଳ ଅଫିସ, ୬।୫**

**ନବଜାତ ଶିଶୁପୁତ୍ର ବିକ୍ରି ଅଭିଯୋଗ ଘଟଣା**

ଅନୁଗୋଳ ହୁଲୁରିସିଂହା ଅଞ୍ଚଳରେ ଘଟିଥିବା ନବଜାତ ଶିଶୁପୁତ୍ର ବିକ୍ରି ଅଭିଯୋଗ ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଗୌରୀ ଶଙ୍କର ବେହେରା ଅନୁଗୋଳ ଜିଲାପାଳ ଓ ପୋଲିସକୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହ ଶିଶୁପୁତ୍ରକୁ କିଣିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ଚିଠି ଲେଖାଯାଇଥିବା ଡିସିପିଓ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ହୁଲୁରିସିଂହାରେ ଭଡ଼ାରେ ରହୁଥିବା ଯାଜପୁର ଜିଲାର ଜଣେ ମହିଳାଙ୍କ ପୂର୍ବରୁ ଦୁଇଟି ସନ୍ତାନ ରହିଛନ୍ତି। ଗତ ସପ୍ତାହରେ ମହିଳା ଜଣକ ତୃତୀୟ ସନ୍ତାନ ପ୍ରସବ କରିଥିଲେ। କିନ୍ତୁ ଆର୍ଥିକ ଅନଟନ ଯୋଗୁ ସେ ଶିଶୁଟିକୁ ଅନ୍ୟଜଣଙ୍କୁ ୨୦ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଖବର ପାଇବା ପରେ ଡିସିପିଓ ବେହେରା ଶିଶୁଟିକୁ ଉଦ୍ଧାର କରିବା ସହ ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ସେ ମଙ୍ଗଳବାର ରାତିରେ ଫୋନ୍ ଯୋଗେ ଜିଲାପାଳଙ୍କୁ ଅବଗତ କରିଥିବା ବେଳେ ବୁଧବାର ଜିଲାପାଳଙ୍କୁ ଲିଖିତ ରିପୋର୍ଟ ପ୍ରଦାନ କରିଛନ୍ତି। ଚିକିତ୍ସାଧୀନ ଶିଶୁପୁତ୍ର ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଆଦୃତ ଶିଶୁ ସଦନରେ ରଖାଯିବ। ଏହାପରେ ଆଇନ ଅନୁଯାୟୀ ପରବର୍ତ୍ତୀ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଡିସିପିଓ ବେହେରା ପ୍ରକାଶ କରିଛନ୍ତି।

# କରୋନା ଭୟ: ମାରପିଟ୍, ୩ ଗିରଫ

**ଛେଣ୍ଡିପଦା, ୬।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ରାଇଝରଣ ପଞ୍ଚାୟତ ସିତରାସାହି ଓ କୋଡାସାହି ମଧ୍ୟରେ ଗଣ୍ଡଗୋଳ ହୋଇଛି। ଘଟଣାରେ ପୋଲିସ ଉଭୟ ପକ୍ଷରୁ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସିତରାସାହିର ଚିଲିକା ବେହେରା, ସୁନେଲି ବେହେରା ଓ କୋଡାସାହିର ବାବୁଲି ବେହେରା। ଘଟଣାରୁ ପ୍ରକାଶ, ସିତରାସାହିର ଜଣେ ଯୁବକ କନ୍ଧମାଳରୁ ଫେରିଛନ୍ତି। କରୋନା ସଂକ୍ରମଣ ଆଶଙ୍କାରେ ତାଙ୍କ ଚଳପ୍ରଚଳକୁ କୋଡାସାହି ଲୋକ ବିରୋଧ କରିଥିଲେ। ଏଥିଯୋଗୁ ଉଭୟ ସାହି ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଦୁଇ ସାହିର ରାସ୍ତାକୁ ବାଡ ଦେଇ ବନ୍ଦ କରିଦେବା ପରେ ଉଭୟ ସାହି ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ, ମାଡପିଟ୍ ତୀବ୍ର ହୋଇଥିଲା। ଏଥିରେ ସିତରାସାହିର ହାତୀ ବେହେରା ଓ କୋଡାସାହିର ଶାନ୍ତି ବେହେରାଙ୍କର ମୁଣ୍ଡ ଫାଟିଯାଇଥିଲା। ପରେ ଉଭୟ ପକ୍ଷରୁ ନିଶା ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ କରାଯାଇଥିଲା। ଏ ନେଇ ନଂ. ୮୯ ଓ ୯୦ରେ ଦୁଇଟି ମାମଲା ରୁଜୁ ହୋଇଛି।

# ନାବାଳକ ଅଭିଯୁକ୍ତଙ୍କୁ ନେଇ ମୁହାଁମୁହିଁ



ବାଳ ସୁଧାର ଗୃହ ସମ୍ମୁଖରେ ଠିଆ ହୋଇଥିବା ପୋଲିସ।

**ଅନୁଗୋଳ ଅଫିସ, ୬।୫**

କୋଭିଡ୍ ମ୍ୟାପ୍‌ରେ ଗ୍ରୀନ୍ ଜୋନରେ ଥିବା ଅନୁଗୋଳ ଜିଲାର ବାଳ ସୁଧାର ଗୃହକୁ ରେଡ୍‌ଜୋନ୍ ଭଦ୍ରକ ଜିଲାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଆସିଥିବା ଜଣେ ନାବାଳକ ଅଭିଯୁକ୍ତଙ୍କୁ ନେଇ ପୋଲିସ ଓ ବାଳ ସୁଧାର ଗୃହର ସୁପରିଣ୍ଟେଣ୍ଡେଣ୍ଟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଭଦ୍ରକ ଜିଲାର ସମ୍ପୃକ୍ତ ନାବାଳକ ଅଭିଯୁକ୍ତଙ୍କୁ ଅନୁଗୋଳ ବାଳ ସୁଧାର ଗୃହକୁ ଭଦ୍ରକ ପୋଲିସ ଧରି ଆସିଥିଲା। କିନ୍ତୁ ବାଳ ସୁଧାର ଗୃହର ସୁପରିଣ୍ଟେଣ୍ଡେଣ୍ଟ ନାବାଳକଙ୍କ କୋଭିଡ ପରୀକ୍ଷାର ପ୍ରମାଣପତ୍ର ଖୋଜିଥିଲେ। କିନ୍ତୁ ଭଦ୍ରକ ପୋଲିସ ନାବାଳକ ଜଣଙ୍କ ୧୪ ଦିନିଆ କ୍ୱାରାଣ୍ଟାଇନ୍ ଶେଷ କରିଥିବା କହିଥିଲେ। ହେଲେ ସୁପରିଣ୍ଟେଣ୍ଡେଣ୍ଟ ଭିତରକୁ ପ୍ରବେଶ ପାଇଁ ଅନୁମତି ପ୍ରଦାନ କରି ନ ଥିଲେ। ଖବରପାଇ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପହଞ୍ଚି ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ କଥା ହୋଇଥିଲେ। କିନ୍ତୁ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ କରୋନା ସମୟରେ ବାହାର ଜିଲାର ଅଭିଯୁକ୍ତଙ୍କୁ ବାଳ ସୁଧାର ଗୃହରେ ପୂରାଇ ନ ଦେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ସୁପରିଣ୍ଟେଣ୍ଡେଣ୍ଟ କହିଥିଲେ। ପରେ ନାବାଳକଙ୍କୁ ଧରି ଭଦ୍ରକ ଓ ଅନୁଗୋଳ ପୋଲିସ ଫେରି ଆସିଥିଲା। କିନ୍ତୁ ରାତି ଅଧରେ ପୁଣି ବାଳ ସୁଧାର ଗୃହର ସୁପରିଣ୍ଟେଣ୍ଡେଣ୍ଟଙ୍କ ଉପରେ ବିଭିନ୍ନ ମହଲରୁ ଚାପ ପକାଯାଇ ନାବାଳକ ଅଭିଯୁକ୍ତଙ୍କୁ ଭିତରେ ଛଡ଼ାଯାଇଥିବା ଚର୍ଚ୍ଚା ହେଉଛି। ସମ୍ପୃକ୍ତ ନାବଳକ ଅଭିଯୁକ୍ତଙ୍କୁ ସିକ୍ ରୁମ୍‌ରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଯୋଗାଯୋଗ ସମ୍ଭବ ନ ହେବାରୁ ଅନୁଗୋଳ ପୋଲିସର ମତାମତ ମିଳିପାରି ନାହିଁ।

# ୪୦ ୟୁନିଟ୍ ରକ୍ତ ସଂଗ୍ରହ

**ବଇଣ୍ଡା, ୬।୫(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ସଭାଗୃହ ପରିସରରେ ବୁଧବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ସାନହୁଲା ସରପଞ୍ଚ ବନିତା ବେହେରା, ସମିତିସଭ୍ୟା ସୁଲୋଚନା ବେହେରା, ପବିତ୍ର ପ୍ରଧାନ, ପ୍ରଦୀପ ବେହେରା, ବୃନ୍ଦାବନ ପ୍ରଧାନ, ଭରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁନୀଲ କୁମାର ପଣ୍ଡା ରକ୍ତଦାତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ଆଠମଲ୍ଲିକ ରକ୍ତଭଣ୍ଡାର କର୍ମଚାରୀମାନେ ସହଯୋଗ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ଫଟୋରେ ଖବର...



ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଜମିଥିବା ବର୍ଷା ପାଣିରେ କାର୍ଯ୍ୟାଳୟର ପ୍ରତିଛବି। (ଫଟୋ- ବୁବୁ)

# ମୃତ ଆଶାକର୍ମୀଙ୍କ ପରିବାରକୁ କ୍ଷତିପୂରଣ ଦାବି

**ଅନୁଗୋଳ ଅଫିସ, ୬।୫**

କରୋନା ଯୋଦ୍ଧା ସାଜିଥିବା କିଶୋରନଗର ବ୍ଲକ ଉରୁକୁଳା ଗ୍ରାମର ଆଶାକର୍ମୀ ଅବନ୍ତୀ ପ୍ରଧାନଙ୍କ ମୃତ୍ୟୁ ଘଟିଥିବାରୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ଏଆଇୟୁଟିୟୁସି ଜିଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ସମ୍ପାଦକ ବ୍ରଜବନ୍ଧୁ ସାହୁ, ଓଡ଼ିଶା ଆଶାକର୍ମୀ ୟୁନିୟନ ଜିଲା ଆବାହକ ତୀର୍ଥବାସୀ ଭୋଇ, ଅନୁସୂୟା ପ୍ରଧାନ ପ୍ରମୁଖ ଏହି ଦାବି କରିବା ସହ ଶୋକ ପ୍ରକାଶ କରିଛନ୍ତି।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ମିଳୁ

**ଅନୁଗୋଳ ଅଫିସ, ୬।୫**

କରୋନା ଜନିତ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସରକାର ସହାୟତା ପ୍ରଦାନ କରିବାକୁ ଅଲ୍‌ଇଣ୍ଡିଆ କିଶାନ କ୍ଷେତମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍) ସର୍ବଭାରତୀୟ କମିଟି ପକ୍ଷରୁ ଦାବି କରାଯାଇଛି। ଏ ନେଇ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ପ୍ରଦାନ କରାଯାଇଛି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଅନୁଗୋଳ ଜିଲାରେ ଥିବା ଚାଷୀଙ୍କ ପାଇଁ ବ୍ୟାଙ୍କ ଋଣ ଛାଡ କରିବା, ସୁଧ ମୁକ୍ତ ଋଣ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଓ ଗରିବ ଚାଷୀଙ୍କୁ ଯୋଗାଇଦେବା, ଉତ୍ପାଦନ ଖର୍ଚ୍ଚ ଭିତ୍ତିରେ ଫସଲର ମୂଲ୍ୟ ନିର୍ଦ୍ଧାରଣ ଆଦି ପାଇଁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଏଥିସହ କ୍ଷତିଗ୍ରସ୍ତ ପରିବା ଚାଷୀଙ୍କୁ ଏକର ପିଛା ୨୦ ହଜାର, ଦୁଗ୍ଧ ଚାଷୀଙ୍କୁ କ୍ଷତିପୂରଣ ଓ ଗୋ-ଖାଦ୍ୟ ବିନା ମୂଲ୍ୟରେ ଯୋଗାଇଦେବାକୁ ଏଇକେକେଏମ୍‌ଏସ୍ ପକ୍ଷରୁ କୁହାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା ସମ୍ପାଦକ ସୁବାସ ପ୍ରଧାନ, ସଙ୍ଗଠକ ସଞ୍ଜୟ ସାହୁ, କୁମର ସାହୁ, ନବକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସମ୍ମାନ ଦେଲା ସଙ୍ଗରୋଧ

**ଉଦାହରଣ ସାଜିଲେ ଜୟନ୍ତ ବେହେରା**

**(ଦିନେଶ ଦେହୁରୀ)**
**ବନ୍ତଳା, ୬।୫**

ବାହାର ରାଜ୍ୟ ଫେରନ୍ତାଙ୍କ ମଧ୍ୟରୁ ଅନେକେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏପରି କି କେତେଜଣ ଲୁଚି ପଳାଇ ଯାଇ ନିଜ ସହ ପରିବାର, ସମ୍ପର୍କୀୟଙ୍କ ପାଇଁ ବିପଦ ସାଜିବାର ସମ୍ଭାବନା ସୃଷ୍ଟି କରୁଛନ୍ତି। ସରକାରଙ୍କ ସଙ୍ଗରୋଧ ବ୍ୟବସ୍ଥା ଯେ ଜୀବନର ସୁରକ୍ଷା ସହ ସମ୍ମାନ ଦେଉଛି ଏହା ହୁଏତ ସେମାନେ ଜାଣିପାରୁ ନାହାନ୍ତି। କିନ୍ତୁ ଏପରି ବିଶୃଙ୍ଖଳାକାରୀ ବହିରାଗତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମର ଜୟନ୍ତ ବେହେରା(୪୦)। ଆନ୍ଧ୍ରପ୍ରଦେଶରୁ ଅନୁଗୋଳ ୮୫୦ କିମି ଦୂର ଚାଲି ଚାଲି ଘରକୁ ଆସିବା ସହ ସରକାରୀ ଭାବେ ନାମ ପଞ୍ଜୀକରଣ କରିବା ଓ ୧୪ ଦିନ ସଙ୍ଗରୋଧରେ ରହି ସେ ବୁଧବାର ଖୁସିର ସହ ଘରକୁ ଫେରିଛନ୍ତି। ଅଧିକ ୧୦ ଦିନ ନିଜକୁ ପରିବାରଠାରୁ ଅଲଗା ରଖିବାର ନିର୍ଦ୍ଦେଶ ମଧ ପାଳନ କରିବେ ବୋଲି ଜୟନ୍ତ ପ୍ରକାଶ କରିଛନ୍ତି।



ଘରକୁ ଫେରିବା ପୂର୍ବରୁ ସଙ୍ଗରୋଧ କେନ୍ଦ୍ରରେ ଏକା ବସିଛନ୍ତି ଜୟନ୍ତ ବେହେରା।

■ ଚାଲି ଚାଲି ଆସିଥିଲେ ୮୫୦ କିମି

■ କ୍ୱାରାଣ୍ଟାଇନ ପରେ ଖୁସିରେ ଘରକୁ ଗଲେ

ଜୟନ୍ତଙ୍କ କହିବା ମୁତାବକ, ସେ ଆନ୍ଧ୍ରପ୍ରଦେଶର ଏକ ଢାବାରେ କାମ କରୁଥିଲେ। ଲକ୍‌ଡାଉନ୍ ପରେ ଘରକୁ ଆସିବାକୁ ଗାଡ଼ିମୋଟର ସୁବିଧା ନ ପାଇବାରୁ ସେ ଏପ୍ରିଲ ୧୦ରେ ପୋକତୁଙ୍ଗା, ନାକଚି, ଠାକୁରଗଡ଼, ନରସିଂହପୁର ଅଞ୍ଚଳର ୧୦ ଜଣଙ୍କ ସହ ଚାଲି ଚାଲି ଆସିଥିଲେ। ଏଥିପାଇଁ ତାଙ୍କୁ ୧୩ ଦିନ ଲାଗିଥିଲା। ଶାରୀରିକ ପୀଡ଼ା ହେଉଥିଲେ ହେଁ ସେ ଘରକୁ ନ ଯାଇ ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରି ପୋକତୁଙ୍ଗା ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ତାଙ୍କ ଯୋଗୁ ପରିବାର କିମ୍ବା ଗ୍ରାମବାସୀ ଅସୁବିଧାରେ ନ ପଡନ୍ତୁ ତାହା ସେ ଚାହିଁଥିଲେ। ୧୪ ଦିନ ସେଠାରେ ରହିବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ସଙ୍ଗରୋଧ କେନ୍ଦ୍ରରୁ ସେ ସୁସ୍ଥ ଓ ସମ୍ମାନର ସହ ଫେରିଥିବା ଯୋଗୁ ବେଶ୍ ଖୁସି ଅନୁଭବ କରୁଥିବା ଜୟନ୍ତ କହିଛନ୍ତି। ଏ ବିଷୟରେ ପୋକତୁଙ୍ଗା ସରପଞ୍ଚ ରିନାରାଣୀ ପ୍ରଧାନ ଓ ଗ୍ରାମ ସମ୍ପାଦକ ପ୍ରଶାନ୍ତ ପ୍ରଧାନ କହିଛନ୍ତି, ଦୀର୍ଘ ରାସ୍ତା ପାଦରେ ଚାଲି ଆସିବା ପରେ ଜୟନ୍ତ ଫୋନ କରି କ୍ୱାରାଣ୍ଟାଇନରେ ରହିବାକୁ କହିଥିଲେ। ଘରକୁ ଫେରୁଥିବା ସମସ୍ତ ପ୍ରବାସୀ ଶ୍ରମିକ ତାଙ୍କ ଭଳି ସଚେତନ ନାଗରିକର କର୍ତ୍ତବ୍ୟ କରିବା ଉଚିତ ବୋଲି ସେମାନେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଡେପୁଟେଶନରେ ଗଲେ ଚନ୍ଦାହାଣ୍ଡି ସିଏଚସି ଭାରପ୍ରାପ୍ତ ଚିକିତ୍ସାଧିକାରୀ

ଚନ୍ଦାହାଣ୍ଡି,୬।୫(ଡି.ଏନ.ଏ)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ବିଜୟଲକ୍ଷ୍ମୀ ପ୍ରଧାନଙ୍କୁ ଖାତିଗୁଡା ଇନ୍ଦ୍ରାବତୀ ପ୍ରକଳ୍ପ ହସ୍ପିଟାଲକୁ ଡେପୁଟେଶନରେ ପଠାଯାଇଛି। ତାଙ୍କ ସ୍ଥାନରେ ଡାକ୍ତର କଳ୍ପେଶ କୁମାର ସୁନାଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୧୦ ତାରିଖ ସୁଦ୍ଧା ଡାକ୍ତର କଳ୍ପେଶ କୁମାର ସୁନାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଜିଲା ଚିକିତ୍ସାଧିକାରୀ ସନ୍ତୋଷ କୁମାର ସ୍ୱାଇଁ ଚିଠି ନଂ.୪୦୨୫ ତାରିଖ ୬।୫।୨୦ରେ ନିର୍ଦ୍ଦେଶ ଦେଇଛନ୍ତି।

### ଟିପ୍ପର ଧକ୍କାରେ ମହିଳା ମୃତ

କୋଷାଗୁମୁଡା,୬।୫(ଡି.ଏନ.ଏ)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ଉକିଆପାଲ୍ଲୀ ଗ୍ରାମ ନିକଟରେ ବୁଧବାର ଟିପ୍ପର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଉକିଆପାଲ୍ଲୀ ଗ୍ରାମର ମହାଦେବ ଭତରା ଏବଂ ତାଙ୍କ ସ୍ତ୍ରୀ ଦିଶା ଭତରା ଏକ ବାଇକ (ନଂ. ଓଡି୧୦ଏମ୨୯୬୯)ରେ ଯାଉଥିଲେ। ଏହି ସମୟରେ ଏକ ଟିପ୍ପର (ସିଜି୧୭ କେଏଲ୫୦୨୩)ରେ ପଥର ବୋଝେଇ ହୋଇ ଯାଉଥିବା ସମୟରେ ୨ ଗାଡି ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଦିଶାଙ୍କ ମୃତ୍ୟୁ ଘଟିଥିଲା। ଟିପ୍ପର ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିଲେ। ଏହି ଘଟଣା ପରେ ଲୋକମାନେ ପହଞ୍ଚି ଗାଡିକୁ ଜାଳି ଦେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ଏ ନେଇ କୋଷାଗୁମୁଡା ଥାନାରେ ନଂ ୬୩/୨୦ରେ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବଡଆମ୍ବଡା ଫାଣ୍ଡି ଅଧିକାରୀ ରାମଲାଲ ଦୁରିଆ ସୂଚନା ଦେଇଛନ୍ତି।

### ଚାଲିଚାଲି ଯାଉଥିବା ୧୬ ଶ୍ରମିକଙ୍କୁ ବସ୍‌ରେ ପଠାଇଲା ପ୍ରଶାସନ

କୋରୁକୋଣ୍ଡା, ୬।୫(ଡି.ଏନ୍.ଏ.) ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଜୋଡାଆମ୍ବରୁ ୧୬ ଜଣ ଶ୍ରମିକ ନବରଙ୍ଗପୁର ଚାଲିଚାଲି ଯାଉଥିବା ଖବର ପାଇ ବାଲିମେଳା ପୌର ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ବାଲିମେଳା ଛକ ନିକଟସ୍ଥ ଶିବମନ୍ଦିରଠାରେ ସେମାନଙ୍କୁ ଅଟକାଇ ବାଲିମେଳା ଆଣିଥିଲେ। ସେଠାରେ ସମସ୍ତ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ସେ ଏନେଇ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ଜିଲା ପ୍ରଶାସନ ରାଜ୍ୟ ସଡ଼କ ପରିବହନ ନିଗମର ଏକ ବସ୍ ଯୋଗେ ସେମାନଙ୍କୁ ନବରଙ୍ଗପୁର ଜିଲା ପ୍ରଶାସନକୁ ଅବଗତ କରାଇ ନବରଙ୍ଗପୁର ପଠାଇଛି ବୋଲି ରଥ କହିଛନ୍ତି।

### ବିଧାୟକ ଦେଲେ ୪୬ ଲକ୍ଷ ଟଙ୍କା ସହାୟତା

ମାଲକାନଗିରି,୬।୫ (ଡି.ଏନ୍.ଏ.)- କରୋନା ପରିସ୍ଥିତିର ମୁକାବିଲା ପାଇଁ ବୁଧବାର ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ବିଧାୟକ ପାଣ୍ଠିରୁ ୪୬ ଲକ୍ଷ ଟଙ୍କା ସହାୟତା ଦେଇଛନ୍ତି। କୋଭିଡ୍-୧୯ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଏହି ଅର୍ଥ ବିନିଯୋଗ କରିବାକୁ ସେ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ କହିଛନ୍ତି। ସେହିପରି ଗତ ୪ରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି ୨୧ ଲକ୍ଷ ଟଙ୍କାର ସହାୟତା ବିଧାୟକ ପାଣ୍ଠିରୁ ଦେଇଥିଲେ।

### ମନେ ପଡ଼ିଲେ କୃଷ୍ଣଚନ୍ଦ୍ର ବକ୍ସିପାତ୍ର

ରାୟଗଡ଼ା ଅଫିସ,୬।୫: ନୂତନ ରାୟଗଡ଼ା ସହର ଗଠନର ମୁଖ୍ୟ ପୁରୋଧା, ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ନଗରପାଳ କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ୯୪ତମ ଜନ୍ମ ଜୟନ୍ତୀ ବୁଧବାର ନିରାଡମ୍ବରରେ ପାଳିତ ହୋଇଛି। ଲକ୍‌ଡାଉନ୍ ଯୋଗୁ ସାମାଜିକ ଦୂରତା ରକ୍ଷି ପୌର ପରିଷଦ ପରିସରରେ ଥିବା ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ପୂର୍ବତନ ପୌର ଉପାଧ୍ୟକ୍ଷ ନୀରନ ବକ୍ସିପାତ୍ର, ଆଇନଜୀବୀ ଅରୁଣ ପାଣିଗ୍ରାହୀ, ଅବସର ପ୍ରାପ୍ତ ପ୍ରାଧାପକ ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ଖବରଦାତା ଏନ୍.ଏନ୍. ପାଢ଼ୀ ଯୋଗଦେଇ ବକ୍ସିପାତ୍ରଙ୍କୁ ମନେ ପକାଇଥିଲେ।

# ଲୁଚାଇବାକୁ ଚେଷ୍ଟାକରି ଧରାପଡ଼ିଲେ ଠିକାଦାର,ଯନ୍ତ୍ରୀ

- ଆହତ ଶ୍ରମିକଙ୍କୁ ଦେଇନାହାନ୍ତି କୌଣସି ସହାୟତା
- ଯନ୍ତ୍ରୀଙ୍କ ଉପସ୍ଥିତିରେ ହେଉଥିଲା ସ୍ଥଗିତ କାର୍ଯ୍ୟ
- ଦୋଷୀଙ୍କ ବିରୋଧରେ ହେଉ ଦୃଢ଼ କାର୍ଯ୍ୟାନୁଷ୍ଠାନ

କୋରୁକୋଣ୍ଡା, ୬।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପୋଟରେଲ ପଞ୍ଚାୟତ ଅନ୍ତର୍ଗତ ଚିତାପାରି ୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ସମୟରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରଥମେ ୨ଜଣ ଏବଂ ପରେ ଜଣେ ଶ୍ରମିକ ଆହତ ହୋଇଥିଲେ। ସର୍ବଶିକ୍ଷା ଅଭିଯାନ ପକ୍ଷରୁ ୨ବର୍ଷ ତଳେ ଏହି କାର୍ଯ୍ୟ ଠିକାଦାର ସମୀର ସରକାରଙ୍କୁ ମିଳିଥିଲା। କନିଷ୍ଠଯନ୍ତ୍ରୀ ଶରତ ଚର୍ଚ୍ଚି ବିଦ୍ୟାଳୟ ପରିସର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ତଳେ ଏହି ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଲେଆଉଟ ଦେଇଥିଲେ। ବର୍ଷେ ତଳେ ଶ୍ରମିକ ଗୁରୁବାରୀ ହଲାଣ(୨୦) ଓ ସନ୍ତୋଷୀ ବଡ଼ନାୟକ(୨୦) ବିଦ୍ୟାଳୟ ଗୃହ ନିର୍ମାଣ ସମୟରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ଏହି ୨ଶ୍ରମିକଙ୍କୁ ଚିକିତ୍ସା ଲାଗି ଠିକାଦାର ସେତେବେଳେ କୌଣସି ଆର୍ଥିକ ସହାୟତା ଦେଇ ନ ଥିଲେ। ପରେ ସମୀର ବର୍ଷେ ପର୍ଯ୍ୟନ୍ତ କାର୍ଯ୍ୟ ସ୍ଥଗିତ ରଖିଥିଲେ। ବର୍ତ୍ତମାନ ଲକ୍‌ଡାଉନର ସୁଯୋଗ ନେଇ ସେ ଗତ ୨୬ରେ ଅଧାପନ୍ତରିଆ କାମକୁ ଆରମ୍ଭକରି ଶେଷ କରିବାକୁ ଉଦ୍ୟମ କରୁଥିଲେ। ମାତ୍ର ପୁନର୍ବାର ସେଠାରେ କାମ କରୁଥିବା ମିସ୍ତ୍ରି ଶିବ କିର୍‌ସାନୀ(୨୫) ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଆହତ ହୋଇ ପ୍ରଥମେ ବାଲିମେଳା ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଆହତ ଶ୍ରମିକଙ୍କୁ କ୍ଷତିପୂରଣ ସହ ଏହାର ତଦନ୍ତକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଘଟଣାର ରଫାଦଫା ପାଇଁ ତାଙ୍କୁ ଭୟଭୀତ କରାଯାଉଥିବା ଠିକାଦାର ସମୀର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ୧୧ କେଭି ବିଦ୍ୟୁତ୍ ତାର ଲାଇନ ତଳେ ଗୃହ ନିର୍ମାଣ ଲାଗି ଜେଇ ଲେଆଉଟ୍ ଦେଇଥିଲେ। ସେହି ଅନୁସାରେ ତାଙ୍କୁ ସେଠାରେ କାର୍ଯ୍ୟ କରିବାକୁ କହିଥିଲେ ବୋଲି ସମୀର କହିଛନ୍ତି। ଏନେଇ ଯନ୍ତ୍ରୀ ଚର୍ଚ୍ଚିଙ୍କ ମତାମତ ନେବାକୁ ତାଙ୍କୁ ଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପକ୍ଷରୁ କୌଣସି ଉତ୍ତର ମିଳି ନ ଥିଲା। ସୂଚନାଯୋଗ୍ୟ ଯେ, କାର୍ଯ୍ୟ ଚାଲିଥିବା ସମୟରେ ଯନ୍ତ୍ରୀ ଚର୍ଚ୍ଚି ସେଠାରେ ଉପସ୍ଥିତ ଥିଲେ।

## ୨ ଦିନରେ ନିଜ ଅଞ୍ଚଳକୁ ଗଲେଣି ୧୩୦ ଶ୍ରମିକ



ଶ୍ରମିକମାନଙ୍କୁ ନିଜ ଅଞ୍ଚଳକୁ ପଠାଯାଉଛି ।

ଜୟପୁର,୬।୫(ଡି.ଏନ୍.ଏ.)

କୋରାପୁଟ ଜିଲାରେ ବାହାର ରାଜ୍ୟର ଫସି ରହିଥିବା ୭୨ ଜଣ ଏବଂ ରାଜ୍ୟ ଭିତରର ୫୮ଜଣଙ୍କୁ ଗତ ଦୁଇଦିନ ମଧ୍ୟରେ ଜିଲା ପ୍ରଶାସନ ସେମାନଙ୍କ ଅଞ୍ଚଳକୁ ବସ୍ ଏବଂ ବୋଲେରୋ ଯୋଗେ ପଠାଇଛି। ପ୍ରଥମ ପର୍ଯ୍ୟାୟରେ ରାଜସ୍ଥାନକୁ ଜିଲାରୁ ୩୯, ଦ୍ୱିତୀୟ ପର୍ଯ୍ୟାୟରେ ଝାଡ଼ଖଣ୍ଡକୁ ୩୧ ଏବଂ ଛତିଶଗଡ଼କୁ ୨ଜଣ ଏପରି ମୋଟ ୭୨ଜଣଙ୍କୁ ବସ୍ ଯୋଗେ ପଠାଯାଇଛି। ସେହିପରି ନବରଙ୍ଗପୁର ଜିଲାକୁ ୨୭ଜଣ, କଳାହାଣ୍ଡିକୁ ୯, ଗଜପତିକୁ ୧୭ ଏବଂ ଗଞ୍ଜାମକୁ ୫ ଜଣ ଏପରି ମୋଟ ୫୮ ଜଣଙ୍କୁ ସେମାନଙ୍କ ଅଞ୍ଚଳକୁ ପଠାଯାଇଛି। ରାଜସ୍ଥାନର ବାସିନ୍ଦାମାନେ ଆନ୍ଧ୍ରପ୍ରଦେଶରେ କାର୍ଯ୍ୟରତ ଥିଲେ। ନିଜ ରାଜ୍ୟକୁ ଫେରୁଥିବା ବେଳେ ଲକ୍‌ଡାଉନ ଯୋଗୁ ପଟ୍ଟାଙ୍ଗୀ ଆଶ୍ରୟସ୍ଥଳରେ ରହିଥିଲେ । ସେହିପରି ବାହାର ଜିଲାର ବାସିନ୍ଦା ଜୟପୁର କ୍ୱାରାଣ୍ଟାଇନ କେନ୍ଦ୍ରରେ ଗତ ୨୨ ଦିନ ରହିଛନ୍ତି। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶରେ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କ ସହ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ବାହାର ରାଜ୍ୟ ଓ ବିଭିନ୍ନ ଜିଲାର ବାସିନ୍ଦାଙ୍କୁ ପଠାଯାଇଛି।

# ଲକ୍‌ଡାଉନ୍ ଦେଲା ପୁଅ ଠିକଣା

**୧୫ ବର୍ଷ ତଳେ ନିଖୋଜ ଥିଲେ**

ନବରଙ୍ଗପୁର,୬।୫(ବି.ପ୍ର.)



ଭୁବନ ମାଝିଙ୍କ ସହ ତରୁଣ ଷଡଙ୍ଗୀ।

ଲକ୍‌ଡାଉନ୍ ସମୟରେ ମା' ବାପାଙ୍କୁ ମିଳିଲା ଖୁସି ଖବର। ୧୫ ବର୍ଷ ହେଲା ନିଖୋଜ ବୋଲି ଭାବୁଥିବା ପୁଅର ଠିକଣା ପାଇଛନ୍ତି। ପୁଅର ପତ୍ତା ପାଇବା ପରେ ମା', ବାପାଙ୍କ ମନରେ ଖୁସିର ଲହରି ଖେଳି ଯାଇଛି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଦଳବେଡା ଗାଁର ଧନବଳୀ ମାଝୀଙ୍କ ପୁଅ ଭୁବନ ଗତ ୧୫ ବର୍ଷ ତଳେ ୭ ଜଣ ସାଙ୍ଗଙ୍କ ସହ ଅହମଦାବାଦ ଯାଇଥିଲେ। ସାଙ୍ଗମାନେ ଗାଁକୁ ଫେରିଥିଲେ। କିନ୍ତୁ ଭୁବନ ଘରକୁ ଫେରି ନ ଥିଲେ । ଏପରିକି ପରିବାର ଲୋକଙ୍କ ସହ ମଧ୍ୟ ଯୋଗାଯୋଗ କରି ନ ଥିଲେ। ତେବେ ଦୀର୍ଘ ୧୫ ବର୍ଷ ପରେ ଏମପି ରମେଶ ଚନ୍ଦ୍ର ମାଝିଙ୍କ ମୋବାଇଲ ନମ୍ବର ପାଇ ଭୁବନ ଭିଡିଓ କଲିଂ ମାଧ୍ୟମରେ କଥା ହୋଇଥିଲେ। ଏହା ପରେ ପରିବାର ଲୋକ ତାଙ୍କ ଠିକଣା ଜାଣି ପାରିଥିଲେ । ଲକ୍‌ଡାଉନ ପରିସ୍ଥିତିରେ ଭୁବନ କିଭଳି ରହିଛନ୍ତି ତାହା ପରିବାର ଲୋକଙ୍କୁ ଚିନ୍ତା ଘାରିଥିଲା । ନବରଙ୍ଗପୁରର ତରୁଣ ଷଡଙ୍ଗୀ ଏକ ମଲ୍ଟିନ୍ୟାଶନାଲ ଫାର୍ମା କମ୍ପାନୀରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାମ କରି ଅହମଦାବାଦର ନୀଳମଣି ନଗର ସିଟିଏମରେ ରହୁଛନ୍ତି । ତାଙ୍କୁ ଭୁବନଙ୍କ ସମ୍ପର୍କରେ ଖବର ନେବା ପାଇଁ ଏମପି କହିଥିଲେ। ସେ ଭୁବନଙ୍କ ସହ ଯୋଗାଯୋଗ କରିଥିଲେ। ସିଟିଏମର ୫ କିମି ଦୂର ବଟୱା ଜିଆଇଡିସି ଠାରେ ଥିବା ଏକ କେମିକାଲ ଫାର୍ମରେ ଭୁବନ କାମ କରୁଥିବା ଜାଣିବାକୁ ପାଇଥିଲେ। କମ୍ପାନୀ ପକ୍ଷରୁ ରହିବା ଓ ଖାଇବା ବ୍ୟବସ୍ଥା ସହ ଦରମା ମିଳୁଥିବା ଭୁବନ କହିଥିଲେ। ସେ ଭଲରେ ଥିବା ତରୁଣ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତେବେ ଲକ୍‌ଡାଉନ୍ ପରେ ଘରକୁ ଯିବେ ବୋଲି ସେ କହିଥିଲେ। ଏବେ ଭୁବନ ପରିବାର ଲୋକଙ୍କ ମୋବାଇଲ ନମ୍ବର ପାଇବା ପରେ ନିୟମିତ ସେମାନଙ୍କ ସହ କଥାବାର୍ତ୍ତା ମଧ୍ୟ ହୋଇ ପାରୁଛନ୍ତି। ତେବେ ୧୫ ବର୍ଷ ତଳେ ଚନ୍ଦାହାଣ୍ଡିକୁ ମୋବାଇଲ ନେଟୱର୍କ ଓ ମୋବାଇଲ ପ୍ରଚଳନ ନ ଥିବାରୁ ସୁଦୂରରୁ ସେ ଆଉ କଥା ହୋଇ ପାରୁ ନ ଥିଲେ । ଏବେ ମା' ବାପାଙ୍କ ସହ ଭିଡିଓ କଲିଂ ମାଧ୍ୟମରେ କଥା ହୋଇ ବେଶ୍ ଖୁସିରେ ରହିଛନ୍ତି ।

## ଧରାପଡ଼ିଲେ କ୍ୱାରାଣ୍ଟାଇନରୁ ଫେରାର ବ୍ୟକ୍ତି

କୋରୁକୋଣ୍ଡା, ୬।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟରରୁ ସୋମବାର ପାଚେରି ଡେଇଁ ଫେରାର ହୋଇଯାଇଥିବା ଜଣେ ବ୍ୟକ୍ତି ବୁଧବାର ଧରାପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ବିଡିଓ ଦାଶରଥି ସରବୁ, ସାମାଜିକ ସୁରକ୍ଷା ଅଧିକାରୀ ସମ୍ପୃକ୍ତ ବ୍ୟକ୍ତିଙ୍କ ଗ୍ରାମ ଉପରେ ଚଢ଼ାଉ କରି ତାଙ୍କୁ ଧରିଛନ୍ତି। ପରେ ତାଙ୍କୁ ୨୮ ଦିନ ପାଇଁ ମାଲକାନଗିରିର କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଯାଇଛି। ତାଙ୍କ ପରିବାରକୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ପ୍ରଶାସନ ପରାମର୍ଶ ଦେଇଛି। ଫେରାର ନେଇ ତାଙ୍କ ନାମରେ ଥାନାରେ ଏତଲା ହୋଇଛି ବୋଲି ବିଡିଓ କହିଛନ୍ତି। ସୂଚନାଯୋଗ୍ୟ ଯେ, ଆନ୍ଧ୍ରରୁ ଫେରିଥିବା ୧୩ଶ୍ରମିକଙ୍କୁ ମାଲକାନଗିରିର ଏକ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ସୋମବାର ଏମ୍‌ଭି-୩୧ ଗ୍ରାମରୁ ଜଣେ ବ୍ୟକ୍ତି ତାଙ୍କ ସମ୍ପର୍କୀୟଙ୍କୁ ଭେଟିବା ପାଇଁ ଆସିଥିଲେ। ସମ୍ପର୍କୀୟଙ୍କ ଖଟରେ ସେ ବସି କଥାବାର୍ତ୍ତା ହୋଇ ନିୟମ ଉଲ୍ଲଂଘନ କରିଥିବାରୁ ବିଡିଓ ତାଙ୍କୁ ମଧ୍ୟ କ୍ୱାରାଣ୍ଟାଇନରେ ରଖିବାକୁ ପିଇଓ ବିରାରାମଭୂମିଆଁଙ୍କୁନିର୍ଦ୍ଦେଶଦେଇଥିଲେ।

# ସୀମାନ୍ତବର୍ତ୍ତୀ ଜିଲା ରାସ୍ତା ସିଲ୍

ବୈପାରିଗୁଡ଼ା,୬।୫ (ଡି.ଏନ୍.ଏ.)

ବାହାର ଅଞ୍ଚଳର ଗାଡ଼ିମୋଟରର ଅବାଧ ପ୍ରବେଶକୁ ରୋକିବା ଲାଗି କୋରାପୁଟ ଜିଲା ବୈପାରିଗୁଡ଼ା ପୋଲିସ ପକ୍ଷରୁ ବୁଧବାର ସୀମାନ୍ତବର୍ତ୍ତୀ ଜିଲା କୋରାପୁଟ ଓ ମାଲକାନଗିରି ଜିଲା ରାସ୍ତା ସିଲ୍ କରାଯାଇଛି। ସେହିପରି ଜୟପୁର-ମାଲକାନଗିରି ସଂଯୋଗ କରୁଥିବା ଜାତୀୟ ରାଜପଥର ବୈପାରିଗୁଡ଼ା ଥାନା ସମ୍ମୁଖରେ ୨୪ ଘଣ୍ଟିଆ ଯାଞ୍ଚ ଜାରି ରହିଛି । ଏଠାରେ ସଶସ୍ତ୍ର ବିଏସ୍ଏଫ୍ ସହ ପୋଲିସ ମୁତୟନ ହୋଇଛନ୍ତି। ମାଲକାନଗିରି ପଟୁ ଆସୁଥିବା ସମସ୍ତ ଗାଡ଼ିର କାଗଜପତ୍ର ଯାଞ୍ଚ କରାଯାଉଛି। ରାଜ୍ୟ ବାହାରର ଗାଡ଼ିଗୁଡିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦୀ କହିଛନ୍ତି।

# ବିହାର ଫେରୁଥିବା ୫ ଶ୍ରମିକ ଅଟକ

ଚିତ୍ରକୋଣ୍ଡା,୬।୫(ଡି.ଏନ୍.ଏ.):

ଚେନ୍ନାଇରୁ ସାଇକେଲ୍ ଯୋଗେ ବିହାର ଫେରୁଥିବା ୫ ଶ୍ରମିକଙ୍କୁ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଏସାର ଛକରେ ପୋଲିସ ଅଟକାଇଛି। ଏମାନଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରି ସମସ୍ତଙ୍କୁ ଚିତ୍ରକୋଣ୍ଡାସ୍ଥିତ ପ୍ରବାସୀ ଓଡ଼ିଆ କ୍ୟାମ୍ପକୁ ପଠାଇଛି। ବିଡିଓ ଲରିମନ୍ ଖରସେଲ୍ ଏବଂ ଉପସ୍ଥିତ ଅଧିକାରୀମାନେ ଶ୍ରମିକମାନଙ୍କୁ ସାନିଟାଇଜ୍ କରି ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। କ୍ୟାମ୍ପରେ ସେମାନଙ୍କ ସମସ୍ତ ସୁବିଧା କରାଯାଇଛି। ଏମାନେ ଯେପରି ନିଜ ରାଜ୍ୟକୁ ଫେରିବେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି।

# ଦିନକର ଦରମା ଦେଲେ ଶିକ୍ଷୟିତ୍ରୀ ଶିକ୍ଷକ

ମାଥିଲି,୬।୫

କରୋନା ଲଢ଼େଇରେ ନିଜକୁ ସାମିଲ କରିଛନ୍ତି ମାଲକାନଗିରି ଜିଲା ମାଥିଲି ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ। ବ୍ଲକ୍ ଶିକ୍ଷକ ସଂଘ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜର ଦିନକର ଦରମା ୪,୮୫,୭୯୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦେଇଛନ୍ତି। ବିଇଓ ହିମାଂଶୁ ଶେଖର ସମରଥଙ୍କୁ ଏବାବଦ ଚେକ୍ ପ୍ରଦାନ କରାଯାଇଛି। ଏହି ସମୟରେ ସଂଘ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଉମାକାନ୍ତ ଜେନା, ସମ୍ପାଦକ ନାଗଭୂଷଣ ପଟ୍ଟନାୟକ, ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ପାଦକ ଟି.ପି. ଦିଲୀପ ରାଜୁ, ନିତ୍ୟାନନ୍ଦ ମହାଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରିଲିଫ ପାଣ୍ଠିକୁ ସହାୟତା

ଚନ୍ଦ୍ରପୁର,୬।୫(ଡି.ଏନ୍.ଏ.):

କରୋନା ମୁକାବିଲା ପାଇଁ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ୬ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍‌ଜି)ର ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୯୫୦୦ ଟଙ୍କା ସହାୟତା ଦେଇଛନ୍ତି। ଏଥିରେ ମା' ଶାରଳା ଏସ୍ଏଚ୍‌ଜି, ମା' ତାରିଣୀ ଏସ୍ଏଚ୍‌ଜି ଏବଂ ମା' ଲକ୍ଷ୍ମୀ ଏସ୍ଏଚ୍‌ଜି ୨ହଜାର ଟଙ୍କା ଲେଖାଏ ସହାୟତା ଦେଇଥିବାବେଳେ ମା' ମହାସରୀ ଗୋଷ୍ଠୀ ୧୫ଶହ ଟଙ୍କା, ସିରି ସାଇ ଗୋଷ୍ଠୀ ୧ହଜାର ଟଙ୍କା ଏବଂ ମା' ଗୋଜବାୟାଣୀ ଗୋଷ୍ଠୀ ୧ହଜାର ଟଙ୍କା ଦେଇଛନ୍ତି।

## ନିଜ ରାଜ୍ୟକୁ ଫେରିଯିବାକୁ ପଞ୍ଜୀକରଣ କରିଛନ୍ତି ୩୨୯

ଜୟପୁର,୬।୫(ଡି.ଏନ୍.ଏ.)–

ପ୍ରଶାସନ ପକ୍ଷରୁ ନିଯୁକ୍ତ ୟୁଥ୍ ଫର୍ ହ୍ୟୁମାନ ରାଇଟ୍ସ ପକ୍ଷରୁ ପଞ୍ଜୀକୃତ ତଥ୍ୟ ଅନୁଯାୟୀ ୩୨୯ ଜଣ ନିଜ ରାଜ୍ୟକୁ ଫେରିଯିବାକୁ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶର ୩୯, ବିହାର ୩୯, ଛତିଶଗଡ଼ ୬, ଝାଡ଼ଖଣ୍ଡ ୪୯, ମଧ୍ୟପ୍ରଦେଶ ୬, ମହାରାଷ୍ଟ୍ର ୫, ପଣ୍ଡିଚେରୀ ୨, ରାଜସ୍ଥାନ ୨, ତାମିଲନାଡୁ ୩, ଉତ୍ତର ପ୍ରଦେଶ ୮୦, ପଶ୍ଚିମବଙ୍ଗ ୫୫, ତେଲଙ୍ଗାନା ୫, ଦିଲ୍ଲୀ ଓ ହରିୟାଣାର ଜଣେ ଲେଖାଏ ଶ୍ରମିକ ଅଛନ୍ତି।

# ଶିକ୍ଷକ ଦେଖାଇଲେ ମାନବିକତା



ଶିକ୍ଷକ ଆଦିବାସୀ ଲୋକଙ୍କୁ ସହାୟତା ଦେଉଛନ୍ତି ।

ମାଲକାନଗିରି,୬।୫ (ଡି.ଏନ୍.ଏ.)

କରୋନା ସମ୍ପର୍କରେ ପାହାଡ ଉପରେ ରହୁଥିବା ଆଦିବାସୀଙ୍କୁ ସଚେତନ କରିବା ପାଇଁ ଶିକ୍ଷକ ଶରତ ଚନ୍ଦ୍ର ପାତି ଦେଖାଇଛନ୍ତି ମାନବିକତା। ସେ ପାହାଡ ଚଢି ମାଲକାନଗିରି ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ପହଞ୍ଚି ଲୋକଙ୍କୁ ସଚେତନତ କରିବା ସହ ପ୍ରତ୍ୟେକ ପରିବାରକୁ ଯୋଗାଇ ଦେଇଛନ୍ତି ରାଶନ ସାମଗ୍ରୀ। ପାହାଡ ଉପରେ ଥିବା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତର ବାଲିଚୁଆ, ମହୁପଦର, ବନ୍ଧଗୁଡା ଗ୍ରାମରେ ପହଞ୍ଚି ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରିବା ସହ ଡାଲି, ଚାଉଳ, ତେଲ ଆଦି ରାଶନ ସାମଗ୍ରୀ ବଣ୍ଟନ କରିଛନ୍ତି।ତାଙ୍କର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ତନାଘନା

**ଜଙ୍ଗଲ ଭିତରୁ ଦୀନବନ୍ଧୁଙ୍କ ମୃତ ଦେହ ମିଳିବା ଘଟଣା**

କାଲିମେଳା,୬।୫(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମଭି-୭୯ ଥାନା ଅନ୍ତର୍ଗତ ଏମଭି-୭୨ ଗ୍ରାମର ଦୀନବନ୍ଧୁ ମଣ୍ଡଳଙ୍କ ମୃତଦେହ ଗୁରୁବାର ପିଣ୍ଡିକୋଣ୍ଡା ଝରଣା ନିକଟରୁ ମିଳିବା ଘଟଣାରେ ପରିବାର ଲୋକେ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଫଳରେ ଏସପିଙ୍କ ନିର୍ଦ୍ଦେଶରେ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ଏମଭି-୭୯ ପୋଲିସ। ଦୀନବନ୍ଧୁଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ ମଧ୍ୟ ଏମଭି-୭୯ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା । ଶେଷରେ ଦୀନବନ୍ଧୁଙ୍କ ମାଆ ପିପାସା ମଣ୍ଡଳ ଏବଂ ଭାଉଜ ପୁଷ୍ପରାଣୀ ମଣ୍ଡଳ ଗତ ମଙ୍ଗଳବାର ମାଲକାନଗିରି ଏସପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଦେବା ପାଇଁ ଅନୁରୋଧ କରିଥିଲେ। ଏ ନେଇ ଥାନାରେ ଏମଭି-୭୨ ଗ୍ରାମର କେତେକ ବ୍ୟକ୍ତିଙ୍କ ନାମରେ ଏତଲା ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରଦତ୍ତ ଏତଲାରେ ଦର୍ଶାଯାଇଛି ଯେ, ଗତ ୨୯।୪।୨୦୨୦ରେ ଦୀନବନ୍ଧୁ ଘରେ ଶୋଇଥିବା ସମୟରେ ରାତି ସାଢେ ଗୋଟାଏରେ ଏମଭି-୭୨ ଗ୍ରାମର ପରମେଶ ଗୋସ୍ୱାମୀ ଓ ବିକର୍ଣ୍ଣ ମଣ୍ଡଳ ଆସି ମାଆ ପିପାସା ଏବଂ ପୁଅ ଦୀନବନ୍ଧୁଙ୍କୁ ଡାକି ନେଇଥିଲେ। ସେଠାରେ କିଛି ସମୟ କଥାବାର୍ତ୍ତା ପରେ ସେମାନେ ଘରକୁ ଫେରିଥିଲେ । ସେହିଦିନ ରାତି ସାଢେ ୨ଟାରେ ପଣି ସ୍ୱପନ ମଣ୍ଡଳ,ତପନ ମଣ୍ଡଳ,ବିକର୍ଣ୍ଣ ମଣ୍ଡଳ ଆସି ଦୀନବନ୍ଧୁଙ୍କୁ ପରିବାର ଲୋକଙ୍କ ସମ୍ମୁଖରେ ତାଙ୍କୁ ଗାଳିଗୁଲଜ କରି ମାଡ ମାରି ଉଠାଇ ନେଇଥିଲେ। ପରେ ପରିବାର ଲୋକେ ବିଜୟ ମଣ୍ଡଳଙ୍କ ଘରକୁ ଯାଇ ପୁଅକୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ । ଶୁକ୍ରବାର ଅପରାହ୍ନ ୪ଟାରେ ପିଣ୍ଡିକୋଣ୍ଡା ଜଙ୍ଗଲ ଝରଣା ନିକଟରୁ ତାଙ୍କ ପୁଅର ମୃତଦେହ ରଶିରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ମୃତଦେହ ମାଟିକୁ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ପୁଅ ଦେହର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ଥିଲା। ପୁଅକୁ ହତ୍ୟା କରି ଆତ୍ମହତ୍ୟା ରୂପ ଦେବାକୁ ଅଭିଯୁକ୍ତମାନେ ତାକୁ ମାରି ରଶିରେ ଝୁଲାଇ ଦେଇଛନ୍ତି ବୋଲି ମା ପିପାସା ମଣ୍ଡଳ ଏତଲାରେ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ଏତଲାରେ ନାମ ଥିବା ବ୍ୟକ୍ତିଙ୍କୁ ପୋଲିସ ଉଠାଇନେଇଥିବା ଜଣାପଡିଛି। ତେବେ ଏ ନେଇ ଥାନା ଅଧିକାରୀଙ୍କୁ ତାଙ୍କ ଫୋନ ୬୩୭୧୭ ୪୦୯୫୫ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରିନାହିଁ । ସୂଚନାଯୋଗ୍ୟଯେ, ଅଭିଯୋଗ ହୋଇଥିବା ବ୍ୟକ୍ତିଙ୍କ ପରିବାରର ଜଣେ ଯୁବତୀ ସହ ଦୀନବନ୍ଧୁଙ୍କ ପ୍ରେମ ସମ୍ପର୍କକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ଉପୁଜିଥିଲା । ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ଏମଭି-୭୯ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ପୋଲିସ ତଦନ୍ତ କରୁଥିଲା। ଏପରି ସ୍ଥିତିରେ ଦୀନବନ୍ଧୁଙ୍କ ମୃତଦେହ ମିଳିଥିଲା।

# ନିର୍ବାଚନ ପରିବର୍ତ୍ତେ ୫ଜଣିଆ କର୍ମକର୍ତ୍ତା ମନୋନୀତ ହେବେ

**ଆଇନଜୀବୀ ସଂଘ**

ଜୟପୁର,୬।୫(ଡି.ଏନ.ଏ)

ସମସ୍ତ ଆଇନଜୀବୀ ସଂଘର ନିର୍ବାଚନ ମାର୍ଚ୍ଚ ୩୧ ତାରିଖରେ ଅନୁଷ୍ଠିତ ହେବା ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା। କିନ୍ତୁ କରୋନା ପାଇଁ ସାରା ଦେଶରେ ଲକଡାଉନ ଯୋଗୁ ଏହିନିର୍ବାଚନକୁଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । କିନ୍ତୁ ରାଜ୍ୟ ଆଇନଜୀବୀ ସଂଘ ପକ୍ଷରୁ ଏକ ବୈଠକର ନିଷ୍ପତ୍ତି କ୍ରମେ ରାଜ୍ୟର ସମସ୍ତ ଆଇନଜୀବୀ ସଂଘର ନିର୍ବାଚନ ବଦଳରେ ୫ ଜଣିଆ କର୍ମକର୍ତ୍ତା ମନୋନୀତ ହେବେ। ଆସନ୍ତା ୨୦ ତାରିଖ ସୁଦ୍ଧା କାର୍ଯ୍ୟକାରୀଣୀ କମିଟିର ବୈଠକ ମାଧ୍ୟମରେ ଜଣେ ଅଧ୍ୟକ୍ଷ,ଜଣେ ସମ୍ପାଦକ ଏବଂ ୩ଜଣ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ମନୋନୀତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଆସନ୍ତା ଶୁକ୍ରବାର ଏକ ବୈଠକ ନେଇ ନିର୍ବାଚନ ଅଧିକାରୀ ଶଶାନନ୍ଦ ମିଶ୍ର ଆହ୍ୱାନ କରିଛନ୍ତି। ଏହି ବୈଠକରେ ଉପରୋକ୍ତ ୫ କର୍ମକର୍ତ୍ତା ମନୋନୀତ କରିବା ନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ନିର୍ବାଚନ ଅଧିକାରୀ ଆଇନଜୀବୀ ମିଶ୍ର ପ୍ରକାଶ କରିଛନ୍ତି ।

# ପ୍ରାର୍ଥନା, ଯୋଗ କରିବାକୁ ପରାମର୍ଶ

ମାଲକାନଗିରି,୬।୫ (ଡି.ଏନ୍.ଏ.)

ଶ୍ରମିକଙ୍କୁ ବାହାର ରାଜ୍ୟରୁ ଫେରାଇ ଆଣିବା ନେଇ ରାଜ୍ୟ ସରକାର ବ୍ୟବସ୍ଥା କରିବା ପରେ ମାଲକାନଗିରି ଜିଲାକୁ ପ୍ରତ୍ୟେହ ହଜାର ହଜାର ଶ୍ରମିକ ଫେରୁଛନ୍ତି। ସେମାନଙ୍କୁ ସଙ୍ଗରୋଧ ଗୃହରେ ରଖିବା ବ୍ୟବସ୍ଥା ହୋଇଛି। ତେବେ କାଲିମେଳା ବ୍ଲକ ତେଲରାଇ ପଞ୍ଚାୟତ ଜବାନପାଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ନବକିଶୋର ମଲ୍ଲିକ ସଙ୍ଗରୋଧ କେନ୍ଦ୍ରରେ ସଙ୍ଗରୋଧକାରୀଙ୍କ ପାଇଁ ଭିନ୍ନ ପରିବେଶ ସୃଷ୍ଟି କରିଛନ୍ତି। ସକାଳ ଓ ସନ୍ଧ୍ୟାରେ ସାମାଜିକ ଦୂରତା ରକ୍ଷା କରି ପ୍ରାର୍ଥନା କରିବା, ଧାର୍ମିକ ଚର୍ଚ୍ଚା ସହ ଯୋଗ କରିବା ନେଇ ସେମାନଙ୍କୁ ବୁଝାଉଛନ୍ତି। ୧୦୯ ଜଣ ଶ୍ରମିକ ଏହି ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି। ପ୍ରଧାନଶିକ୍ଷକ ମଲ୍ଲିକ କହନ୍ତି ସମସ୍ତଙ୍କର ଗୋଟିଏ ପରିଚୟ। ଆମେ ମଣିଷ ଏବଂ ଗୋଟିଏ ମନ୍ତ୍ର ହେଉଛି ମାନବିକତା । ଏହି ଅସମୟରେ ପରଆପଣା ଭୁଲି ଆମକୁ ସମସ୍ତଙ୍କ ସହ ମିଶି କରୋନାକୁ ମୁକାବିଲା କରିବାର ଆବଶ୍ୟକତା ରହିଛି। ଫଳରେ ଏହି ସଙ୍ଗରୋଧ କେନ୍ଦ୍ରର ଶ୍ରମିକମାନେ ଯେପରି ୨ ସପ୍ତାହ ହସଖୁସିରେ ବିତାଇବେ, କେନ୍ଦ୍ରର ନୀତି ନିୟମ ମାନି ଚଳିବେ ସେଥିପ୍ରତି ସେ ଗୁରୁତ୍ୱ ଦେଉଛନ୍ତି।



କ୍ୱାରାଣ୍ଟାଇନରେ ଥିବା ସଙ୍ଗରୋଧକାରୀମାନେ ପ୍ରାର୍ଥନା କରୁଛନ୍ତି ।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ଆଲ୍‌କହଲ ହ୍ୟାଣ୍ଡ ସାନିଟାଇଜର ରପ୍ତାନି ବ୍ୟାନ୍



**ନୂଆଦିଲ୍ଲୀ,୬।୫:** ଆଲ୍‌କହଲ ଭିତ୍ତିକ ହ୍ୟାଣ୍ଡ ସାନିଟାଇଜର ରପ୍ତାନିକୁ ସରକାର ନିଷେଧ କରିଛନ୍ତି। ବର୍ତ୍ତମାନ କରୋନାର ପ୍ରକୋପ ବୃଦ୍ଧି ହେଉଥିବାରୁ ଉପଲବ୍ଧତା ବଢ଼ାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସରକାର କହିଛନ୍ତି। ବିଦେଶୀ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ପକ୍ଷରୁ ଏ ନେଇ ଏକ ନୋଟିସ ଜାରି କରାଯାଇଛି।

### ତ୍ୱରିତ ହେବ ପରିବେଶ ମଞ୍ଜୁରୀ

**ନୂଆଦିଲ୍ଲୀ,୬।୫:** ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଦେଶ ମଧ୍ୟରେ ପ୍ରକଳ୍ପ ମଞ୍ଜୁରୀକୁ ତ୍ୱରାନ୍ୱିତ କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଯୋଜନା ଅନ୍ତର୍ଗତ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ୧୦ ମିନିଟ୍‌ରେ ପ୍ରକଳ୍ପ ମଞ୍ଜୁରୀ ସୁବିଧା ପ୍ରଦାନ ନେଇ ବିଚାର କରାଯାଉଛି। ଖଣି, ଭିତ୍ତିଭୂମି ଏବଂ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଜଙ୍ଗଲ ଓ ପରିବେଶ ମଞ୍ଜୁରୀକୁ ତ୍ୱରିତ କରିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ବିଶେଷଜ୍ଞ କମିଟି ସହ ଆଲୋଚନା କରାଯାଇଛି। ଖୁବ୍ କମ୍ ସମୟ ମଧ୍ୟରେ ଏସବୁ କ୍ଷେତ୍ରରେ ମଞ୍ଜୁର ଦେବା ଲାଗି ବିଶେଷଜ୍ଞ କମିଟି ସୁପାରିସ କରିଛି। କେତେକ କ୍ଷେତ୍ରରେ ମଞ୍ଜୁରୀର ସମୟସୀମା ୧୦ମିନିଟ ରହିବାକୁ ନେଇ ସୁପାରିସରେ କୁହାଯାଇଛି। ଅର୍ଥ ବ୍ୟବସ୍ଥାକୁ ପୁଣି ଥରେ ଗତି ପ୍ରଦାନ କରିବା ଦିଗରେ ସରକାର ଏଭଳି ବିଭିନ୍ନ ପଦକ୍ଷେପ ହାତକୁ ନେଉଛନ୍ତି।

# ଶୀଘ୍ର ସ୍ୱାଭାବିକ ହେବ ପରିବହନ

**ନୂଆଦିଲ୍ଲୀ,୬।୫**



ଦେଶର ସାଧାରଣ ପରିବହନ ବ୍ୟବସ୍ଥା ଶୀଘ୍ର ସ୍ୱାଭାବିକ ହେବାକୁ ଯାଉଛି। ଅର୍ଥାତ୍ ବସ୍, ଟ୍ରେନ୍ ପୁଣି ଥରେ ପୂର୍ବବତ ପରିଚାଳିତ ହେବ ବୋଲି ସୂଚନା ରହିଛି। ସରକାର ବର୍ତ୍ତମାନ ଏ ଦିଗରେ ନୂଆ ଗାଇଡ୍‌ଲାଇନ ପ୍ରସ୍ତୁତ କରୁଛନ୍ତି। ଗମନାଗମନ ବେଳେ କିଭଳି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବ ସେ ଦିଗରେ ମଧ୍ୟ ବିଭିନ୍ନ ପ୍ରସଙ୍ଗକୁ ସରକାର ବିଚାର କରୁଛନ୍ତି। କରୋନା ଭାଇରସ୍ ଏହାର କାୟାବିସ୍ତାର କରି ଚାଲୁଥିବା ବେଳେ ଏହାକୁ ରୋକିବା ଦିଗରେ ସାମାଜିକ ଦୂରତ୍ୱ ନିୟମ ଯେଭଳି ଲାଗୁ ହେବ ତାକୁ ମଧ୍ୟ ଧ୍ୟାନରେ ରଖାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ନୀତିନ୍ ଗଡ୍‌କରୀ ମଙ୍ଗଳବାର ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ହ୍ୟାଣ୍ଡୱାସ୍, ସାନିଟାଇଜର, ଫେସ୍‌ୱାସ୍ ମାସ୍କ ଭଳି ସୁରକ୍ଷା ପଦକ୍ଷେପ ସହ ସାମାଜିକ ଦୂରତ୍ୱ ନିୟମକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ପରିବହନ ଶିଳ୍ପର ସମସ୍ୟା ସମ୍ପର୍କରେ ସରକାର ଅବଗତ ରହିଛନ୍ତି। ଏଥିଲାଗି ବିଭିନ୍ନ ସହାୟତା ମଧ୍ୟ ସରକାର ପ୍ରଦାନ କରିବେ। କୋଭିଡ୍-୧୯ ପ୍ରଭାବ ଯୋଗୁ ଅର୍ଥ ବ୍ୟବସ୍ଥା ଉପରେ ଆସିଥିବା ପ୍ରଭାବକୁ କମ୍ କରିବା ଦିଗରେ ସରକାର ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ଏ ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ନିର୍ମଳା ସୀତାରାମନଙ୍କ ସହ ସବୁବେଳେ ସମ୍ପର୍କରେ ରହିଥିବା ଗଡ୍‌କରୀ ପ୍ରକାଶ କରିଛନ୍ତି। ବିଶ୍ୱ ବଜାରରେ ଏକ ପ୍ରମୁଖ ଅଂଶୀଦାର ହେବା ନେଇ ସେ ଅଂଶୀଦାର ଏବଂ କମ୍ପାନୀଗୁଡ଼ିକୁ ଆହ୍ୱାନ ଜଣାଇଛନ୍ତି।

ଭାରତ ବଜାର ଉପରେ କରୋନା ପ୍ରଭାବକୁ କମ୍ କରିବା ଲାଗି ସବୁ ଅଂଶୀଦାର ମିଳିତ ହୋଇ କାମ କରିବାକୁ ଆହ୍ୱାନ ଜଣାଇଛନ୍ତି। ଚାଇନା ପ୍ରତି ବିଶ୍ୱ ସ୍ତରର ନିବେଶକଙ୍କ ମନରେ ଏକ ଆଶଙ୍କା ପ୍ରକାଶ ପାଇଛି। ଏହାର ଲାଭ ଭାରତ ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦେଶର ଶିଳ୍ପଜଗତ ମାନ୍ଦାବସ୍ଥା ଏବଂ କରୋନା ବିରୋଧରେ ଲଢ଼େଇ ଜାରି କରିବାକୁ ସେ କହିଛନ୍ତି।

# ରାଣା କପୁରଙ୍କ ବିରୋଧରେ ଇଡି ଚାର୍ଜଶିଟ୍



**ମୁମ୍ବାଇ,୬।୫:** ୟେସ୍ ବ୍ୟାଙ୍କର ସହ ପ୍ରତିଷ୍ଠାତା ରାଣା କପୁରଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚାର୍ଜଶିଟ୍ ଜାରି କରାଯାଇଛି। ତାଙ୍କ ବିରୋଧରେ ବେଆଇନ ଅର୍ଥ କାରବାର ମାମଲା ଜାରି ରହିଥିବା ବେଳେ ସ୍ୱତନ୍ତ୍ର କୋର୍ଟରେ ଶୁଣାଣି ହେଉଛି। ୟେସ୍ ବ୍ୟାଙ୍କର ପୂର୍ବତନ ସିଇଓ ଏବଂ ଏମ୍‌ଡି ଥିବା କପୁରଙ୍କୁ ଇଡି ମାର୍ଚ୍ଚ ୮ରେ ଗିରଫ କରିଥିଲା। କିଛି କମ୍ପାନୀକୁ ଅନୁକମ୍ପାମୂଳକ ଋଣ ପ୍ରଦାନ କରିଥିବା ରାଣାଙ୍କ ବିରୋଧରେ ଅଭିଯୋଗ ରହିଛି। ଏବେ ଦେବାଳିଆ ହୋଇଥିବା ଡିଏଚ୍‌ଏଫ୍‌ଏଲ୍ ଠାରୁ ରାଣାଙ୍କ ପରିବାରର କମ୍ପାନୀ ୬୦୦ କୋଟି ଟଙ୍କାର କାରବାର ଏବେ ତଦନ୍ତକାରୀ ଏଜେନ୍ସିଗୁଡ଼ିକର ନଜରରେ ରହିଛି। ବିଭିନ୍ନ ସୂତ୍ରରୁ ତାଙ୍କ ପରିବାର ପ୍ରାୟ ୩,୪୦୦ କୋଟି ଟଙ୍କା ଫାଇଦା ନେଇଥିବା ଅଭିଯୋଗ ରହିଛି। ଋଣ ନେବା ବେଳେ ଲାଞ୍ଚ କାରବାର ଏବଂ ବଡ଼ ବଡ଼ କର୍ପୋରେଟ୍‌କୁ ସେ ପ୍ରଦାନ କରିଥିବା ଋଣ ଏନ୍‌ପିଏ ହେବା ଯୋଗୁ ରାଣା ବିବାଦ ମଧ୍ୟକୁ ଟାଣି ହୋଇଯାଇଥିଲେ।

# ଜିଏସ୍‌ଟି ବାର୍ଷିକ ରିଟର୍ନ ଫାଇଲ ସୀମା ବଢ଼ିଲା



**ନୂଆଦିଲ୍ଲୀ, ୬।୫:** ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ସାମଗ୍ରୀ ଓ ସେବା ଟିକସ(ଜିଏସ୍ ଟି)ର ବାର୍ଷିକ ରିଟର୍ନ ଫାଇଲ କରିବା ଶେଷ ସୀମାକୁ ସରକାର ବଢ଼ାଇ ଦେଇଛନ୍ତି। ଏହା ଚଳିତ ବର୍ଷ ସେପ୍ଟେମ୍ବର ଶେଷ ଯାଏ ବୃଦ୍ଧି ହୋଇଥିବା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ ବୁଧବାର ଜାରି ବିଜ୍ଞପ୍ତିରେ କୁହାଯାଇଛି। ସେହିଭଳି ମାର୍ଚ୍ଚ ୨୪ ପୂର୍ବରୁ ଜେନେରେଟ ହୋଇଥିବା ଇୱେ ବିଲ୍ ଏବଂ ଯାହାର ସୀମା ମାର୍ଚ୍ଚ ୨୦ ଓ ଏପ୍ରିଲ ୧୫ ରହିଥିଲା ତା'ର ସୀମାକୁ ମେ ୩୧ ଯାଏ ବୃଦ୍ଧି କରାଯାଇଛି। ସରକାରଙ୍କ ଏଭଳି ପଦକ୍ଷେପ ଶିଳ୍ପଜଗତ ଲାଗି ଲାଭକାରୀ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

### ଡିଲରଶିପ୍ ପୁନଃ କାର୍ଯ୍ୟକ୍ଷମ କଲା ମାରୁତି ସୁଜୁକି

**ନୂଆଦିଲ୍ଲୀ,୬।୫:** କରୋନା ପାଇଁ ବନ୍ଦ ହୋଇଥିବା ୬୦୦ ଡିଲରଶିପ୍‌କୁ ପୁଣି ଥରେ ଶୁଭାରମ୍ଭ କରାଯାଇଥିବା ଦେଶର ପ୍ରମୁଖ ୪ ଚକିଆ ଯାନ ନିର୍ମାତା କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ସୂଚନା ରହିଛି। ଏହି ଡିଲରଶିପ୍‌ଗୁଡ଼ିକରୁ ଡେଲିଭରି ମଧ୍ୟ ଆରମ୍ଭ ହୋଇଛି। ଯାନ କ୍ରୟ ଲାଗି ଡିଜିଟାଲ ଭିତ୍ତିଭୂମି ସୁବିଧା ଏବଂ ଆଉଟଲେଟଗୁଡ଼ିକରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସେଜ୍ୟୁର(ଏସ୍‌ଓପି) ଲାଗୁ କରାଯାଇଛି ବୋଲି କମ୍ପାନୀ କହିଛି। ଗତ କିଛିଦିନ ମଧ୍ୟରେ ଏହି ଡିଲରଶିପଗୁଡ଼ିକୁ ଖୋଲାଯାଇଛି ବୋଲି କମ୍ପାନୀର ମାର୍କେଟିଂ ଏବଂ ସେଲ୍‌ସ ବିଭାଗ ବରିଷ୍ଠ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି।

# ପିଏମ୍‌ଜିକେପିରେ ୩୪,୮୦୦ କୋଟିର ସହାୟତା



**ମୁମ୍ବାଇ, ୬।୫:** ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ (ପିଏମ୍‌ଜିକେପି) ବାବଦକୁ ସରକାର ୩୪,୮୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ପ୍ରାୟ ୩୯ କୋଟି ହିତାଧିକାରୀଙ୍କୁ ଡିଜିଟାଲ ପେମେଣ୍ଟ ଭିତ୍ତିଭୂମିରେ ଏହି ସହାୟତା ଯୋଗାଇ ଦିଆଯାଇଛି। ଲକ୍‌ଡାଉନରେ ବର୍ତ୍ତମାନ ଗରିବ ଲୋକମାନେ ଫସି ରହିଥିବାରୁ ବିଭିନ୍ନ ଅସୁବିଧା ସାମ୍ନା କରୁଛନ୍ତି। ସରକାର ଘୋଷଣା କରିଥିବା ୧.୭୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଅନ୍ତର୍ଗତ ଏହି ଅର୍ଥ ରାଶି ରହିଛି। ମାର୍ଚ୍ଚ ୨୬ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହି ଆର୍ଥିକ ପ୍ୟାକେଜ ସମ୍ପର୍କରେ ଘୋଷଣା କରିଥିଲେ। ପ୍ୟାକେଜର ପରିଚାଳନା ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାର ନିୟମିତ ଭାବେ ସମୀକ୍ଷା କରୁଛନ୍ତି। ପିଏମ୍ କିଷାନର ପ୍ରଥମ କିସ୍ତି ଭାବେ ମେ ୫ରେ ସରକାର ୧୬,୩୯୪ କୋଟି ପ୍ରଦାନ କରିଥିଲେ। ଏଥିରେ ୮.୧୯ କୋଟି ହିତାଧିକାରୀଙ୍କୁ ସେମାନଙ୍କ ଆକାଉଣ୍ଟରେ ସିଧାସଳଖ ୨ ଟଙ୍କା ଲେଖାଏ ଦିଆଯାଇଥିଲା। ସେହିଭଳି ୨୦.୦୫ କୋଟି ମହିଳାଙ୍କ ଜନଧନ ଖାତାରେ ୧୦,୦୨୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଦ୍ୱିତୀୟ କିସ୍ତିରେ ୫.୫୭ କୋଟି ମହିଳାଙ୍କ ଜନଧନ ଖାତାରେ ୨୭୮୮ କୋଟି ଦିଆଯାଇଛି। ନ୍ୟାଶନାଲ ସୋସିଆଲ ଆସିଷ୍ଟାନ୍ସ ପ୍ରୋଗ୍ରାମରେ ୨.୮୨ କୋଟି ହିତାଧିକାରୀଙ୍କୁ ୧୪୦୦ କୋଟି ସହ ଅନ୍ୟ ବର୍ଗରେ ମଧ୍ୟ ବିଭିନ୍ନ ସହାୟତା ସରକାର ଯୋଗାଇ ଦେଇଛନ୍ତି।

## ଖେଳ ଖବର

### ନେସନ୍ସ କପ୍: ଚାଇନା ଅଗ୍ରଣୀ



**ଚେନ୍ନାଇ, ୬।୫:** ଫିଡେ ଚେସ୍ ଅନ୍‌ଲାଇନ୍ ନେସନ୍ସ କପ୍‌ର ପ୍ରଥମ ଦିବସ ଶେଷସୁଦ୍ଧା ଚାଇନା ଅଗ୍ରଣୀଲାଭ କରିଛି । ଚାଇନା ଏକମାତ୍ର ଦଳଭାବେ ପ୍ରଥମ ଦିବସର ୨ଟି ଯାକ ମ୍ୟାଚ ଜିତିଛି। ଟପ୍ ସିଡ୍‌ର ମାନ୍ୟତା ପାଇଥିବା ଚାଇନା ପ୍ରଥମ ମ୍ୟାଚରେ ଅବଶିଷ୍ଟ ବିଶ୍ୱ ଦଳ ଏବଂ ଦ୍ୱିତୀୟ ମ୍ୟାଚରେ ଟିମ୍ ୟୁରୋପକୁ ପରାସ୍ତ କରିଛି । ଗୋଟିଏ ବିଜୟ ଓ ଗୋଟିଏ ଡ୍ର ସହ ଆମେରିକା ଏକାକୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଦଳ ରୁଷିଆକୁ ହରାଇଥିବାବେଳେ ଭାରତ ସହ ମ୍ୟାଚ ଡ୍ର ରଖିଥିଲା। ଅବଶିଷ୍ଟ ବିଶ୍ୱ ଦଳ ୨ ମ୍ୟାଚ ପଏଣ୍ଟ ପାଇଥିବାବେଳେ ଭାରତ, ରୁଷିଆ ଓ ୟୁରୋପ ଗୋଟିଏ ଲେଖାଏ ମ୍ୟାଚ ପଏଣ୍ଟ ହାସଲ କରିଛନ୍ତି ।

# 'କୋହଲି ଜଣେ ଭାବପ୍ରବଣ ଅଧିନାୟକ'

**ନୂଆଦିଲ୍ଲୀ, ୬।୫**



ସାମ୍ପ୍ରତିକ ଭାରତୀୟ କ୍ରିକେଟ ଦଳରେ ବିରାଟ କୋହଲି ଜଣେ ଦକ୍ଷ ଖେଳାଳି, ଏଥିରେ ଦ୍ୱିମତ ନାହିଁ। ମାତ୍ର ଅଧିନାୟକଭାବେ ତାଙ୍କୁ ଆହୁରି ଅନେକ ବାଟ ଯିବାକୁ ଅଛି ବୋଲି ଅନୁଭବ କରୁଛନ୍ତି ପୂର୍ବତନ ଦ୍ରୁତ ବୋଲର ଆଶିଷ ନେହେରା। ''ଜଣେ ଖେଳାଳିଭାବେ କୋହଲିଙ୍କ ସମ୍ପର୍କରେ କିଛି କହିବା ଆବଶ୍ୟକ ନାହିଁ। ତାଙ୍କ କ୍ୟାରିୟର ଗ୍ରାଫ୍ ହିଁ ସବୁକଥା କହିଥାଏ। ମାତ୍ର ଜଣେ ଅଧିନାୟକ ପ୍ରସଙ୍ଗ ଉଠିଲେ ସେ ଆହୁରି ଅନେକ ବାଟ ଯିବାକୁ ଅଛି ବୋଲି ଅନୁଭବ ହୁଏ। ସେ ଜଣେ ଭାବପ୍ରବଣ ଅଧିନାୟକ'' ବୋଲି ନେହେରା ପ୍ରକାଶ କରିଛନ୍ତି। କ୍ୟାରିୟରରେ ୧୭ ଟେଷ୍ଟ, ୧୨୦ ଦିନିକିଆ ଓ ୨୭ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ନେହେରାଙ୍କ ମତରେ ୨୦୦୦ରେ ଖେଳୁଥିବା ଅଷ୍ଟ୍ରେଲିଆଠାରୁ ଭାରତୀୟ ଦଳ ବହୁତ ପଛରେ ଅଛି। ସେତେବେଳର ଅଷ୍ଟ୍ରେଲିଆ ଦଳ କ୍ରମାଗତ ୩ଟି ବିଶ୍ୱକପ ଜିତିବା ସହ ୧୯୯୬ ବିଶ୍ୱକପ ଫାଇନାଲ ଖେଳିଥିଲା। ଏହା ବ୍ୟତୀତ ଘରୋଇ ଏବଂ ବାହାର ପରିବେଶରେ ଏହି ଦଳ ୧୮-୧୯ ଟେଷ୍ଟ ମ୍ୟାଚ ମଧ୍ୟ ଜିତିଥିଲା । ''ଭାରତୀୟ ଦଳ ସେପରି ସଫଳତା ପାଇ ପାରିବନି ବୋଲି ମୁଁ କହୁନି। ତେବେ ଏଥିପାଇଁ ଏକ କୋର୍ ଗ୍ରୁପ ପ୍ରସ୍ତୁତ ହେବା ନିହାତି ଆବଶ୍ୟକ। ଖାଇବା ଟେବୁଲ ଉପରେ ଜଣେ ଅନେକ ପ୍ରକାର ଖାଦ୍ୟ ଦେଖି ଦ୍ୱନ୍ଦ୍ୱରେ ପଡ଼ିପାରେ। ତେଣୁ ଅଳ୍ପ ପ୍ରକାର ହେଉପଛେ ତାହା ସୁସ୍ୱାଦୁ ହେବା ଗୁରୁତ୍ୱପୂର୍ଣ୍ଣ'' ବୋଲି ନେହେରା କହିଛନ୍ତି।

### ପନ୍ତଙ୍କୁ ସମର୍ଥନ ଆବଶ୍ୟକ

କ୍ୟାରିୟର ଆରମ୍ଭରେ ରିଷଭ ପନ୍ତଙ୍କୁ ମହେନ୍ଦ୍ର ସିଂ ଧୋନୀଙ୍କ ଉତ୍ତରାଧିକାରୀ ବୋଲି ବିବେଚନା କରାଯାଉଥିଲା। ତେଣୁ ଏଥିପାଇଁ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଦୀର୍ଘଦିନଧରି ସମର୍ଥନ କରିବା ଆବଶ୍ୟକ। କେବଳ ତାଙ୍କୁ ନୁହେଁ ଅନ୍ୟ ପ୍ରତିଭାଧର ଖେଳାଳିଙ୍କୁ ମଧ୍ୟ କ୍ରମାଗତ ସମର୍ଥନର ଆବଶ୍ୟକତା ରହିଛି। ବର୍ତ୍ତମାନ ଭାରତୀୟ ଦଳର ୫ ଓ ୬ ନମ୍ବର ସ୍ଥାନରେ ବାରମ୍ବାର ପରିବର୍ତ୍ତନ ହେଉଛି। ଲୋକେଶ ରାହୁଲଙ୍କୁ ୫ ନମ୍ବର ସ୍ଥାନରେ ଖେଳାଯାଉଛି। ମାତ୍ର ଧୋନୀଙ୍କ ଉତ୍ତରାଧିକାରୀ କୁହା ଯାଉଥିବା ପନ୍ତ ପଡ଼ିଆକୁ ପାଣି ବୋହୁଛନ୍ତି। କରୋନା ଭାଇରସ୍ ସଂକ୍ରମଣ ପ୍ରଭାବ ଯୋଗୁ କ୍ରିକେଟ ବନ୍ଦ ହେବା ପୂର୍ବରୁ ପନ୍ତ ଭାରତୀୟ ଦଳରେ ନିଜ ସ୍ଥାନ ହରାଇଥିଲେ। ତାଙ୍କ ପ୍ରଦର୍ଶନରେ ସ୍ଥିରତା ନ ରହିବାରୁ ଟିମ୍ ମ୍ୟାନେଜମେଣ୍ଟ ରାହୁଲଙ୍କୁ ଉଇକେଟ କିପିଂ ଦାୟିତ୍ୱ ଅର୍ପଣ କରିଥିଲା। ପନ୍ତ ବହୁତ ସୁଯୋଗ ହାତଛଡ଼ା କରିଛନ୍ତି ଏଥିରେ ଦ୍ୱିମତ ନାହିଁ, ମାତ୍ର ଜଣେ ଯୁବ ଖେଳାଳି ହୋଇଥିବାରୁ ସେ ବହୁତ ଆଗକୁ ଯିବାର ଦକ୍ଷତା ରଖିଛନ୍ତି ବୋଲି ନେହେରା ପ୍ରକାଶ କରିଛନ୍ତି।



ଜନ୍ମଦିନ ଶୁଭେଚ୍ଛା
Ranjan Pradhan
ଦୂରରେ ଥାଇ କରୁଛି ମୁଁ ଆଜି ତୁମ ଜନ୍ମଦିନର ଅଭିନନ୍ଦନ, ଯେଉଁଠି ରୁହ ଖୁସିରେ ଥାଅ ତୁମେ ଚିରଦିନ, ଏତିକି ପ୍ରାର୍ଥନା କରୁଛି ବାବାଙ୍କ ଚରଣରେ ଫୁଲ ମୁଁ ଅଜାଡି ଦେଇ ମନ.....
Best Wishes From : Your Best Friend Forever
D-69265

### ଅଶୋକ ଦିୱାନ ଏବେ ସୁସ୍ଥ, ଆମେରିକାରୁ ଫେରିବେ



**ନୂଆଦିଲ୍ଲୀ, ୬।୫ (ପି.ଟି.):** ବିଶ୍ୱକପ୍ ବିଜେତା ପୂର୍ବତନ ହକି ଗୋଲକିପର ଅଶୋକ ଦିୱାନ ଏବେ ସୁସ୍ଥ ଅଛନ୍ତି। ସେ ଏବେ ଆମେରିକାରୁ ସ୍ୱଦେଶ ଫେରିବେ। କରୋନା ଭାଇରସ ମହାମାରୀ କାରଣରୁ ସେ ଆମେରିକାରେ ଫସି ରହିଥିଲେ ଓ ସ୍ୱାସ୍ଥ୍ୟାବସ୍ଥାରେ ଅବନତୀ ହେବା କାରଣରୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଫଳରେ ଗତମାସ ଆମେରିକାରୁ ଭାରତ ଫେରିବା ପାଇଁ ସେ ସାହାଯ୍ୟ ମାଗିଥିଲେ। ଭ୍ରମଣଜନିତ କଟକଣା ଯୋଗୁ ସେ ଆମେରିକାରେ ରହିଯାଇଥିଲେ। ତେବେ ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି ଓ ଖୁବ୍‌ଶୀଘ୍ର ଭାରତ ଫେରିବେ ବୋଲି ଦିୱାନ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ)କୁ ସୂଚନା ଦେଇଛନ୍ତି। ୬୫ ବର୍ଷୀୟ ଦିୱାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ସେ ଆମେରିକାରେ ଫସି ରହିଥିବା ବେଳେ ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରାଙ୍କୁ ସହାଯ୍ୟ ପାଇଁ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ଅନୁରୋଧ ଜଣାଇଥିଲେ।

### ରୋନାଲ୍‌ଡୋଙ୍କୁ ଅପେକ୍ଷା...

**ମିଲାନ, ୬।୫ (ଏଏଫ୍‌ପି):** ଜୁଭେଣ୍ଟସ୍ ଖେଳାଳିମାନେ ଟ୍ରେନିଂ ପାଇଁ ସେମାନଙ୍କ ଟିମ୍‌ର ସ୍ପୋର୍ଟ୍ସ ସେଣ୍ଟରକୁ ଫେରିଛନ୍ତି। ହେଲେ ଇଟାଲୀରେ ପହଞ୍ଚିଥିବା ପର୍ତ୍ତୁଗିଜ୍ ଫୁଟ୍‌ବଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋ ଦୁଇ ସପ୍ତାହ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ସେ ଫେରିବା ପରେ ଅଭ୍ୟାସ ଜୋର୍‌ଦାର ହେବ। ଅଧିନାୟକ ଜର୍ଜିଓ ଚେଲିନଙ୍କ ନେତୃତ୍ୱରେ ଟ୍ରେନିଂ ଆରମ୍ଭ ହୋଇଛି। ସମସ୍ତେ କଳା ମୁଖା ଲଗାଇଛନ୍ତି। ଉପସ୍ଥିତଥିବା ପ୍ରମୁଖ ଖେଳାଳିମାନେ ହେଲେ ଇଟାଲୀ ଡିଫେଣ୍ଡର ଲିଓର୍ଡୋ ବୋନୁସି, ମିଡ୍ ଫିଲ୍ଡର ଆରୋନ୍ ରାମ୍‌ସେ, ଜୁଆନ୍ କୁଆଡାଡ୍ରୋ, ମାଟିଆ ଡି' ସ୍କିଗ୍ଲିଓ, ଫେଡେରିକୋ ବର୍ନାଡେସ୍କି ଏବଂ ଡାନିଲି ରୁଗାନି । ଇଟାଲୀର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ଅଭ୍ୟାସ ଅନୁମତି ଦେଇଥିବାରୁ ସିରି ଏ' ଚାମ୍ପିୟନ ଜୁଭେଣ୍ଟସ୍ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ହେଲେ କରୋନା ଭାଇରସ୍ ପାଇଁ ଟ୍ରେନିଂ ବେଳେ ସାମାଜିକ ଦୂରତ୍ୱ ଓ ଅନ୍ୟାନ୍ୟ ନିୟମ ମାନିବାକୁ କୁହାଯାଇଛି। ଜୁଭେଣ୍ଟସ ଖେଳାଳିମାନେ କଣ୍ଟିନାସା ଟ୍ରେନିଂ ସେଣ୍ଟରରେ ଅଭ୍ୟାସ ଆରମ୍ଭ କରିବା ପୂର୍ବରୁ ସେମାନଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା।

# ଏମ୍‌ସିସିର ପୁଣି ସଭାପତି ହେବେ ସଙ୍ଗକାରା

**ଲଣ୍ଡନ, ୬।୫ (ପି.ଟି.):** କୁମାର ସଙ୍ଗକାରା ଦ୍ୱିତୀୟ ଥର ପାଇଁ ମେରିଲ୍‌ବୋନ କ୍ରିକେଟ କ୍ଲବ (ଏମ୍‌ସିସି)ର ସଭାପତି ହେବେ। ଏଥିପାଇଁ ତାଙ୍କ ନାମ ସୁପାରିସ କରାଯିବ ବୋଲି କ୍ଲବ ତରଫରୁ ବୁଧବାର ପ୍ରକାଶ କରାଯାଇଛି। ଶ୍ରୀଲଙ୍କାର ପୂର୍ବତନ ଉଇକେଟକିପର ବ୍ୟାଟ୍ସମ୍ୟାନ ଗତବର୍ଷ ଅକ୍ଟୋବର ୧ରେ କ୍ଲବର ପ୍ରଥମ ଅଣ-ବ୍ରିଟିଶ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କୋଭିଡ୍-୧୯ ଯୋଗୁ ସମଗ୍ର ବିଶ୍ୱରେ କ୍ରିକେଟ ଖେଳ ବାଧାପ୍ରାପ୍ତ ହୋଇଛି। ଏହିପରିପ୍ରେକ୍ଷୀରେ କମିଟି ସଙ୍ଗକାରାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ବିଚାର କରିଛି। ୨୦୨୧ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ପୁନର୍ବାର କ୍ଲବର ସଭାପତି ଦାୟିତ୍ୱ ବହନ କରିବା ଲାଗି ପୂର୍ବତନ ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନଙ୍କୁ ଆମନ୍ତ୍ରଣ କରିବ। ତେବେ ସଙ୍ଗକାରାଙ୍କ କାର୍ଯ୍ୟକାଳ ବୃଦ୍ଧି ସଂକ୍ରାନ୍ତ ସୁପାରିସ କ୍ଲବର ସଦସ୍ୟମାନଙ୍କ ବାର୍ଷିକ ସାଧାରଣ ବୈଠକରେ ଗୃହୀତ ହେବା ଆବଶ୍ୟକ। ଏହି ବୈଠକ ଜୁନ୍ ୨୪ରେ ବସିବାର କାର୍ଯ୍ୟକ୍ରମ ରହିଛି। ଏମ୍‌ସିସି ସଭାପତିଙ୍କ କାର୍ଯ୍ୟକାଳ ସାଧାରଣତଃ ୧୨ମାସ ହୋଇଥାଏ। ମାତ୍ର ଅତୀତରେ ବିଶେଷ କ୍ଷେତ୍ରରେ ଏହାର ମିଆଦ ବୃଦ୍ଧି କରାଯାଇଛି। ଅତୀତରେ ଦୁଇଟି ବିଶ୍ୱଯୁଦ୍ଧ ସମୟରେ ଲର୍ଡ ହକ୍ (୧୯୧୪-୧୮) ଓ ଷ୍ଟାନ୍‌ଲି ଖ୍ରିଷ୍ଟୋଫରସନ (୧୯୩୯-୪୫) ଏକ ବର୍ଷରୁ ଅଧିକ ସମୟ ଧରି ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଜୁଲାଇ ୧ ପର୍ଯ୍ୟନ୍ତ ସମସ୍ତ ପ୍ରକାର ପ୍ରଫେସନାଲ କ୍ରିକେଟକୁ ସସ୍‌ପେଣ୍ଡ କରିଛି।



# ଜୋକୋଭିଚ୍‌ଙ୍କ ପାଇଁ କ୍ଷମା ମାଗିଲା ସ୍ପାନିଶ କ୍ଲବ

**ମାଡ୍ରିଡ୍, ୬।୫ (ଏପି)**



କରୋନା ଭାଇରସ୍ ପାଇଁ ଚାଲିଥିବା ଲକ୍‌ଡାଉନ୍ ନିୟମର ଉଲ୍ଲଂଘନ କରି ବିଶ୍ୱର ନମ୍ବର ୱାନ ଟେନିସ ଖେଳାଳି ନୋଭାକ୍ ଜୋକୋଭିଚ୍ ଚର୍ଚ୍ଚାରେ ଥିବାବେଳେ ତାଙ୍କର ଏହି ଭୁଲ କାର୍ଯ୍ୟପାଇଁ ସ୍ପାନିଶ ଟେନିସ କ୍ଲବ ନିଜକୁ ଦାୟୀ କରିଛି। ସର୍ବୀୟ ଖେଳାଳି ଜୋକୋଭିଚ୍ ଲକଡାଉନ୍ ଯୋଗୁ ଏବେ ସ୍ପେନରେ ଅଛନ୍ତି। କଟକଣା ସତ୍ତ୍ୱେ ସେ ବର୍ବେଲା ଉପକୂଳବର୍ତ୍ତୀ ସହରରେ ଥିବା ଏକ ଟେନିସ କ୍ଲବର କୋର୍ଟ ବ୍ୟବହାର କରିଥିଲେ। ''କ୍ଲେ କୋର୍ଟରେ ଖେଳି ମୁଁ ବହୁତ ଖୁସି'' ବୋଲି ଲେଖି ସୋସିଆଲ ମିଡିଆରେ ଶେୟାର କରିଥିଲେ। ଏହା ବ୍ୟତୀତ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଛାଡ଼ିଛନ୍ତି, ଯେଉଁଥିରେ ସେ ପାର୍ଟନରଙ୍କ ସହ ଶଟ୍ ବିନିମୟ କରୁଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ସ୍ପେନ୍ ଲକ୍‌ଡାଉନ୍ ସମୟରେ କେତେକ କ୍ଷେତ୍ରରେ କୋହଳ କରିଛି। କିନ୍ତୁ ଅଧିକାଂଶ ଟ୍ରେନିଂ ସେଣ୍ଟର ଏବଂ କ୍ରୀଡ଼ା ପ୍ରତିଷ୍ଠାନ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ବନ୍ଦ ରହିବ। ପୁଣ୍ଟେ ରୋମାନୋ ମାର୍ବେଲା ଟେନିସ୍ କ୍ଲବ ତରଫରୁ ଏକ ବିବୃତିରେ କୁହାଯାଇଛି ଯେ, ବୁଝାମଣାରେ ତ୍ରୁଟି ଯୋଗୁ ଜୋକୋଭିଚ୍‌ଙ୍କୁ ଆମେ ଅଭ୍ୟାସ ପାଇଁ ଅନୁମତି ଦେଇଥିଲୁ ସେଥିପାଇଁ ଆମେ କ୍ଷମା ପ୍ରାର୍ଥନ କରୁଛୁ। ଆସନ୍ତା ସପ୍ତାହରୁ ଟ୍ରେନିଂ ପାଇଁ ଅନୁମତି ମିଳିବ ବୋଲି ସ୍ପାନିଶ ଟେନିସ ଫେଡେରେଶନ ପ୍ରକାଶ କରିଛି। ଟେନିସ୍ ଷ୍ଟାର ରାଫାଲ ନାଡାଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ସରକାରଙ୍କ ନିୟମ ସ୍ପଷ୍ଟ ନ ଥିବାରୁ ଚଳିତ ସପ୍ତାହରେ ସେ ଏକ ଘରୋଇ ଟେନିସ୍ କୋର୍ଟରେ ଅଭ୍ୟାସ କରିଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ